


ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-47 ◆SUNDAY ◆10 AUGUST 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୪୭ ◆ରବିବାର ◆୧୦ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦ (ସିନ୍ଦୂରା ସହ)


## ଏକାସଙ୍ଗେ ଯା'ଆସ ଟିକଟ ବୁକିଂରେ ୨୦% ରିଆତି

■ **ନୂଆଦିଲ୍ଲୀ, ୯।୮ (ଏଜେନ୍ସି):** ଦୀପାବଳି ଏବଂ ଅନ୍ୟ ପାର୍ବଣ ଋତୁକୁ ଧ୍ୟାନରେ ରଖି ଭାରତୀୟ ରେଳବାଇ ଏକ ନୂଆ ଯୋଜନା ଆରମ୍ଭ କରିଛି। ଏକାସଙ୍ଗେ ଯିବା ଏବଂ ଆସିବା ଟିକଟ ବୁକିଂ କଲେ ୨୦ ପ୍ରତିଶତ ରିଆତି ମିଳିବ ବୋଲି ଘୋଷଣା କରାଯାଇଛି। ତେବେ ଏହି ରିଆତି କେବଳ ରିଟର୍ଣ୍ଣ ଟିକଟ ଉପରେ ଦିଆଯିବ। ଘରକୁ ଯାଇ ପୁଣି ଟ୍ରେନରେ ଫେରିବାକୁ ଚାହୁଁଥିବା ଲୋକେ ଏହି ଯୋଜନାରେ ବେଶ୍ ଉପକୃତ ହେବେ। ପାର୍ବଣ ଋତୁରେ ଟିକଟ ପାଇଁ ଭିଡ଼ ଏବଂ ଲୋକଙ୍କ ସମସ୍ୟାକୁ ଦେଖି ପରୀକ୍ଷାମୂଳକ ଭାବେ ଏହି ନିଷ୍ପତ୍ତି ନିଆଯାଇଛି।




### ରେଳବାଇର ପାର୍ବଣ ଯୋଜନା

ଯଦି କେହି ଅହମଦାବାଦ ଏକ୍ସପ୍ରେସରେ ପାଟନା ଯାଆନ୍ତି ଏବଂ ଏହି ଯୋଜନାର ଲାଭ ଉଠାଇବାକୁ ଚାହାନ୍ତି, ତେବେ ସେଠାରୁ ଫେରୁଥିବା ଏହି ଟ୍ରେନରେ ଟିକଟ କାଟିବାକୁ ହେବ। ସେହିପରି ଟିକଟରେ ଦିଆଯାଇଥିବା ସବୁ ସୂଚନା ମଧ୍ୟ ସମାନ ହେବା ଉଚିତ। ଅର୍ଥାତ୍ କେଉଁଠାରୁ କେଉଁଠିକୁ ଯିବେ, ଯାତ୍ରୀଙ୍କ ନାମ, ବୟସ ଏବଂ କେଉଁ ଶ୍ରେଣୀ ଆଦି ଟିକଟରେ ସମାନ ହେବା ଉଚିତ। ରେଳବାଇ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଅକ୍ଟୋବର ୧୩ରୁ ଅକ୍ଟୋବର ୨୬ ପର୍ଯ୍ୟନ୍ତ କରାଯାଉଥିବା ଟିକଟ ଏବଂ ଫେରିବା ପାଇଁ ନଭେମ୍ବର ୧୭ରୁ ଡିସେମ୍ବର ୧ ପର୍ଯ୍ୟନ୍ତ ଟିକଟ ବୁକିଂ କରିବାକୁ ହେବ। ଏଥିପାଇଁ ଅଗଷ୍ଟ ୧୪ରୁ ବୁକିଂ ଆରମ୍ଭ ହେବ।

## ପ୍ରଥମ ଥର କଶ୍ମୀରରେ ଗଡ଼ିଲା ମାଲବାହୀ ଟ୍ରେନ୍

■ **ନୂଆଦିଲ୍ଲୀ, ୯।୮ (ଏଜେନ୍ସି):** ଭାରତୀୟ ରେଳବାଇ ପୁଣି ଏକ ସଫଳତା ହାସଲ କରିଛି। ପ୍ରଥମ ଥର ପାଇଁ ଶନିବାର ଏକ ମାଲବାହୀ ଟ୍ରେନ କଶ୍ମୀର ଘାଟୀରେ ପହଞ୍ଚିଛି। ଏହା ସହିତ କଶ୍ମୀର ଘାଟୀରେ ଲଜିଷ୍ଟିକ ଏବଂ ଆର୍ଥିକ ବିକାଶର ନୂଆ ଅଧ୍ୟାୟ ଆରମ୍ଭ ହୋଇଯାଇଛି। ଏହି ମାଲବାହୀ ଟ୍ରେନ ପଞ୍ଜାବର ରୁପନଗରରୁ ସିମେଣ୍ଟ ନେଇ କଶ୍ମୀରର ଅନନ୍ତନାଗ ଗୁଡ୍ସ ସେଡ୍‌ରେ ପହଞ୍ଚିଛି। ଏହି ଐତିହାସିକ ପଦକ୍ଷେପ ଦ୍ୱାରା କଶ୍ମୀର କ୍ଷେତ୍ର ରାଷ୍ଟ୍ରୀୟ ମାଲ ପରିବହନ ନେଟୱର୍କ ସହ ଯୋଡ଼ି ହୋଇଛି। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ସୂଚନା ଦେଇ ଏହାର ଭିଡିଓକୁ ସାମାଜିକ ଗଣମାଧ୍ୟମରେ ସେୟାର କରିଛନ୍ତି। ଏହି ମୁହୂର୍ତ୍ତ ବହୁତ ଖାସ୍ ଥିଲା ବୋଲି ସେ କହିଛନ୍ତି। ଟ୍ରେନ୍‌ରେ ସାମଗ୍ରୀ ପଠାଇବା ଦ୍ୱାରା କଶ୍ମୀର ବାସିନ୍ଦାଙ୍କ ଖର୍ଚ୍ଚ କମ୍ ହେବ। ଏହାର ଲାଭ ଲୋକଙ୍କୁ ମିଳିବ। ରେଳ ନେଟୱର୍କ ଦ୍ୱାରା ପରିବହନ ଶସ୍ତା ହେବ।



୨୧ ବିସିଏନ ୱାଗନରେ ସିମେଣ୍ଟ ନେଇ ଯାଉଥିବା ଏହି ଟ୍ରେନ ୬୦୦ କିଲୋମିଟର ଯାତ୍ରା କରିବା ପାଇଁ ୧୮ ଘଣ୍ଟା ସମୟ ନେଇଥିଲା। ଏହା ଅନନ୍ତନାଗରେ ପହଞ୍ଚି ଥିଲା। ଘାଟୀରେ ସଡ଼କ, ପୋଲ, ସାର୍ବଜନୀନ ଭିତ୍ତିଭୂମି ଏବଂ ଭବନ ନିର୍ମାଣ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ଏହାକୁ ବ୍ୟବହାର କରାଯିବ। ଏହାଦ୍ୱାରା ବିକାଶକୁ ଗତି ମିଳିବ। ଲୋକଙ୍କ ଜୀବନଧାରଣ ମାନ ଉନ୍ନତ ହେବ ବୋଲି ମନ୍ତ୍ରୀ କହିଛନ୍ତି।

## ଦିଲ୍ଲୀରେ ବର୍ଷା ବିପ୍ଳାତ
# ଘର ଭୁଶୁଡ଼ି ୮ ମୃତ

### ୩୦୦ ବିମାନ ଉଡ଼ାଣ ବିଳମ୍ବିତ, ୧୦୦ ବାତିଲ

■ **ନୂଆଦିଲ୍ଲୀ, ୯।୮ (ଏଜେନ୍ସି):** ପ୍ରବଳ ବର୍ଷା ଯୋଗୁଁ ରାଜଧାନୀ ଦିଲ୍ଲୀ ଏବଂ ଏହାର ଆଖପାଖ ଅଞ୍ଚଳରେ ସ୍ଥିତି ବେହାଲ ହୋଇପଡ଼ିଛି। ଗତକାଲି ରାତିରୁ ଲଗାତାର ବର୍ଷା ଯୋଗୁଁ ଏକ ପାଚେରି ଘର ଉପରେ ଭୁଶୁଡ଼ି ପଡ଼ିବାରୁ ୮ ଜଣ ପ୍ରାଣ ହରାଇଛନ୍ତି। ଇନ୍ଦିରା ଗାନ୍ଧୀ ବିମାନ ବନ୍ଦରରେ ୩୦୦ରୁ ଅଧିକ ବିମାନ ଉଡ଼ାଣ ବିଳମ୍ବିତ ହୋଇଛି। ସେଥିମଧ୍ୟରୁ ୧୦୦ଟି ବିମାନ ସେବା ବାତିଲ ହୋଇଥିବା ଜଣାପଡ଼ିଛି। ବିଭିନ୍ନ ଅଞ୍ଚଳରେ ବର୍ଷା ପାଣି ଜମି ରହିଥିବାରୁ ସ୍ୱାଭାବିକ ଜୀବନଯାତ୍ରା ବ୍ୟାହତ ହୋଇଛି।

### ବିପଦ ସଙ୍କେତ ଛୁଇଁବ ଯମୁନା, ଦିଲ୍ଲୀକୁ ବିପଦ

ଦିଲ୍ଲୀ-ଏନ୍‌ସିଆରରେ ଶୁକ୍ରବାର ରାତିରୁ ପ୍ରବଳ ବର୍ଷା ଜାରି ରହିଛି। ଦିଲ୍ଲୀର ଜେଟ୍‌ପୁର ଥାନା ଇଲାକାରେ ଆଜି ସକାଳେ ଏକ ପାଚେରି ଭୁଶୁଡ଼ି କୁଡ଼ିଆ ଘର ଉପରେ ପଡ଼ିଥିଲା। ଫଳରେ ଘର ଭିତରେ ଥିବା ୮ ଜଣଙ୍କ ମୃତ୍ୟୁ ହୋଇଥିଲା। ଏମାନଙ୍କ ମଧ୍ୟରେ ୪ଜଣ ପୁରୁଷ, ୨ଜଣ ମହିଳା ଓ ୨ ଜଣ ଛୋଟ ପିଲା ଥିବା ଜଣାପଡ଼ିଛି। ଏହାସହିତ ବିଭିନ୍ନ ଅଞ୍ଚଳରେ ପାଣି ଜମି ▸ପୃଷ୍ଠା-୭



### ଆମେରିକାର ପୂର୍ବତନ ଏନ୍‌ଏସ୍‌ଏଙ୍କ ସମାଲୋଚନା
## ଦେଶକୁ ବର୍‌ବାଦ କରୁଛନ୍ତି ଟ୍ରମ୍ପ

■ **ୱାସିଂଟନ, ୯।୮ (ଏଜେନ୍ସି):** ଜବାବୀ ଶୁଳ୍କ ଲଗାଇ ବିଶ୍ୱରେ ଅର୍ଥନୈତିକ କମ୍ପନ ସୃଷ୍ଟି କରିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜ ଦେଶରେ ଘୋର ବିରୋଧର ସମ୍ମୁଖୀନ ହୋଇଛନ୍ତି। ନାଗରିକଙ୍କଠାରୁ ପୂର୍ବତନ କୂଟନୈତିଜ୍ଞ ତଥା ବହୁ ବୁଦ୍ଧିଜୀବୀ ପର୍ଯ୍ୟନ୍ତ ଟ୍ରମ୍ପଙ୍କ 'ଟାରିଫ୍ ନୀତି'କୁ ତୀବ୍ର ସମାଲୋଚନା କରୁଛନ୍ତି। କାରଣ ଆମେରିକା ରାଷ୍ଟ୍ରପତିଙ୍କ ମନମୁଖୀ କାର୍ଯ୍ୟ ପାଇଁ ଦେଶବାସୀ ହନ୍ତସନ୍ତ ହେଉଛନ୍ତି। ମୁଦ୍ରାସ୍ଫୀତି ବଢ଼ିବା ସହିତ ନିଯୁକ୍ତି ସୁଯୋଗ ହ୍ରାସ ପାଇବାରେ ଲାଗିଛି। ନାଗରିକଙ୍କ ଉପରେ ଟ୍ରମ୍ପ ଆର୍ଥିକ ବୋଝ ବଢ଼ାଇ ଚାଲିଛନ୍ତି।

- ଟ୍ରମ୍ପଙ୍କ ଶୁଳ୍କ ନୀତି 'ବଡ଼ ଭୁଲ୍': ବୋଲ୍‌ଟନ୍
- ଜବାବୀ ଶୁଳ୍କର ପଡୁଛି ବିପରୀତ ପ୍ରଭାବ
- ଚୀନ୍ ଓ ରୁଷ୍‌ର ନିକଟତର ହେଉଛି ଭାରତ

ରାଷ୍ଟ୍ରପତି ଟ୍ରମ୍ପଙ୍କ ଏଭଳି ଏକଚାଟିଆ ଆଭିମୁଖ୍ୟକୁ ଆମେରିକାର ପୂର୍ବତନ ରାଷ୍ଟ୍ରୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଜନ୍ ବୋଲ୍ଟନ ତୀବ୍ର ସମାଲୋଚନା କରିଛନ୍ତି। ବୋଲ୍ଟନ୍ ଟ୍ରମ୍ପଙ୍କ ଟାରିଫ ନୀତିକୁ 'ବଡ଼ ଭୁଲ' ବୋଲି କହିଛନ୍ତି। ରାଷ୍ଟ୍ରପତି ଟ୍ରମ୍ପ ଦେଶକୁ ବର୍‌ବାଦ କରୁଛନ୍ତି। ଟ୍ରମ୍ପଙ୍କ ନୀତି ଯୋଗୁଁ ଆମେରିକାଠାରୁ ଭାରତ ଦୂରେଇ ଯିବାରେ ଲାଗିଛି। ଜାତୀୟ ଗଣମାଧ୍ୟମକୁ ଏକ ସାକ୍ଷାତକାରରେ ବୋଲ୍ଟନ କହିଛନ୍ତି, ରୁଷ୍ ଏବଂ ଚୀନ୍‌ଠାରୁ ଭାରତକୁ ଦୂରେଇ ରଖିବା ପାଇଁ ଆମେରିକା ଦୀର୍ଘ ବର୍ଷ ହେଲା ପ୍ରୟାସ କରୁଥିଲା; ମାତ୍ର ଏବେ ଏହି ପ୍ରୟାସ ଦୁର୍ବଳ ହୋଇଯାଇଛି। ରୁଷ୍‌କୁ ଦୁର୍ବଳ କରିବା ପାଇଁ ଭାରତ ଉପରେ ଅତିରିକ୍ତ ଶୁଳ୍କ ଲଗାଯାଇଛି। ଏହାର ଓଲଟା ପ୍ରଭାବ ଆମେରିକା ଉପରେ ପଡ଼ିପାରେ। ଏହାଦ୍ୱାରା ଭାରତ, ରୁଷ୍ ଏବଂ ଚୀନ୍ ନିକଟତର ହୋଇପାରନ୍ତି।

ବୋଲ୍ଟନ୍ କହିଛନ୍ତି, ରୁଷର ଆର୍ଥିକ କ୍ଷତି ପାଇଁ ଏହି କଟକଣା ଲଗାଯାଇଥିଲା; ମାତ୍ର ଭାରତ, ରୁଷ୍ ଏବଂ ଚୀନ୍ ଏକାଠି ହୋଇ ଏହି ଶୁଳ୍କକୁ ବିରୋଧ କରିପାରନ୍ତି। ଭାରତ ଉପରେ ଅତିରିକ୍ତ ଶୁଳ୍କ ଲଗାଯାଇଥିବା ବେଳେ ଚୀନ୍ ସହ ଏପରି କରାଯାଇ ନାହିଁ। ଚୀନ୍ ସହ କିଛି ସମୟ ପାଇଁ ▸ପୃଷ୍ଠା-୭

## ପୁଣି ଘୁଞ୍ଚିଲା ନିଗମ, ବୋର୍ଡ ନିଯୁକ୍ତି

### ୨୦ ତାରିଖ ପରେ ହୋଇପାରେ ନିଯୁକ୍ତି: ମନମୋହନ

■ **ଭୁବନେଶ୍ୱର, ୯।୮ (ସମିସ):** ରାଜ୍ୟରେ ବିଜେପି ସରକାରକୁ ୧୪ ମାସ ପୂରିବାକୁ ବସିଥିଲେ ହେଁ ଏଯାବତ୍ ନିଗମ, ବୋର୍ଡ ନିଯୁକ୍ତି ହୋଇପାରିଲା ନାହିଁ। ଗତ ୫ ତାରିଖରେ ରାଜ୍ୟ ସରକାର ମହିଳା କମିଶନ ଏବଂ ଶିଶୁ ସୁରକ୍ଷା କମିଶନରେ ଅଧ୍ୟକ୍ଷା ଏବଂ ସଦସ୍ୟାଙ୍କୁ ନିଯୁକ୍ତି ଦେବା ପରେ ନିଗମ ଅଙ୍କ ଛିଡ଼ିବା ନେଇ ସାଧାରଣରେ ଉତ୍କଣ୍ଠା ପ୍ରକାଶ ପାଇଥିଲା। ତେବେ ଦିଲ୍ଲୀ ଗସ୍ତ ସାରି ଭୁବନେଶ୍ୱର ଫେରିବା ପରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଏନେଇ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ରଖିଛନ୍ତି। ଆସନ୍ତା ୧୫ କିମ୍ବା୨୦ ତାରିଖ ପରେ ଦଳୀୟ ନେତୃତ୍ୱଙ୍କ ସହ ଆଲୋଚନା କରାଯାଇ ନିଗମ, ବୋର୍ଡରେ ନିଯୁକ୍ତି କରାଯିବ ବୋଲି ସେ ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇଛନ୍ତି। ଦଳ ପ୍ରତି ଆନୁଗତ୍ୟ, ଦକ୍ଷତା ଓ ବରିଷ୍ଠତା ଭିତ୍ତିରେ ବୋର୍ଡ ଓ ନିଗମରେ ନିଯୁକ୍ତି ଦିଆଯିବ। କେଉଁମାନେ ଦଳୀୟ ସଂଗଠନ ସମ୍ଭାଳିବେ ଆଉ କେଉଁମାନେ ସରକାରରେ ରହିବେ, ତାହା ଏକପ୍ରକାର ସ୍ଥିର ହୋଇଥିବା କୁହାଯାଉଛି। ତେବେ ଓଡ଼ିଶା ଖଣି ନିଗମ, ଓସାକ୍, ଓଏସ୍‌ଆଇସି, ଓଟିଡିସି, ଓପିଜିସି, ଇଡ୍‌କଲ୍, ଯୋଗାଣ ନିଗମ, ମଦ ନିଗମ ଏବଂ ଓମ୍‌ଫେଡ୍ ଭଳି ଗୁରୁତ୍ୱପୂର୍ଣ୍ଣ ତଥା ଲାଭଦାୟକ ସଂସ୍ଥାର ଅଧ୍ୟକ୍ଷ ପଦ ଉପରେ ଆଶାୟୀ ଦଳୀୟ ନେତାଙ୍କ ଆଖି ରହିଥିବା ଚର୍ଚ୍ଚା ଜୋର୍ ଧରିଛି।

ସୂଚନାଯୋଗ୍ୟ ଯେ ବିଜେପି ନେତୃତ୍ୱ ସ୍ତରରେ ବ୍ୟାପକ କସରତ ସତ୍ତ୍ୱେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣକୁ ଚୂଡ଼ାନ୍ତ ରୂପ ଦିଆଯାଇ ପାରୁନାହିଁ। ସମାନ ଭାବେ ନିଗମ, ବୋର୍ଡ, ଅକାଦେମୀ ଏବଂ କେତେକ କମିଶନରେ ମଧ୍ୟ ନିଯୁକ୍ତି ପ୍ରକ୍ରିୟା ବିଳମ୍ବ ହେବାରେ ଲାଗିଛି। ଦିଲ୍ଲୀରେ ତାଲିକା ପ୍ରସ୍ତୁତିରେ ବିଳମ୍ବ ହେଉଛି କି ପ୍ରଶ୍ନରେ ଶ୍ରୀ ସାମଲ କହିଛନ୍ତି ଯେ ଦିଲ୍ଲୀରେ ନୁହେଁ; ସବୁ ତାଲିକା ଓଡ଼ିଶାରେ ପ୍ରସ୍ତୁତ ହେବ। ଦିଲ୍ଲୀରେ ଆମେ କେନ୍ଦ୍ରୀୟ ନେତୃତ୍ୱଙ୍କ ସହ ସ୍ୱାଭାବିକ ଭାବେ ଆଲୋଚନା କରିବାକୁ ଯାଇଥିଲୁ। ସେଠାରେ ଦଳୀୟ ସାଂସଦଙ୍କ ସହ ମୁଖ୍ୟମନ୍ତ୍ରୀ, ରାଜ୍ୟ ପ୍ରଭାରୀ ଏବଂ ମୁଁ ବିଭିନ୍ନ ପ୍ରସଙ୍ଗରେ ରୁଟିନ୍ ବୈଠକ ଅନୁଯାୟୀ ଏକାଠି ହୋଇଥିଲୁ ବୋଲି ଶ୍ରୀ ସାମଲ କହିଛନ୍ତି।

### ପୁଲିସ ନିଷ୍କ୍ରିୟତାର ଆଉ ଏକ ନମୁନା
## ଏମ୍‌ସରେ ଆଖି ବୁଜିଲେ ନବରଙ୍ଗପୁର ନର୍ସିଂ ଛାତ୍ରୀ

■ **ଭୁବନେଶ୍ୱର/ନବରଙ୍ଗପୁର, ୯।୮ (ସମିସ):** ନାରୀ ନିର୍ଯାତନାର କଳଙ୍କରେ ଓଡ଼ିଶାରେ ଯୋଡ଼ିହୋଇଛି ଆଉ ଏକ ଫର୍ଦ୍ଦ। ଦୁର୍ବୃତ୍ତଙ୍କ ଉତ୍ପାତ ସହିତ ପୁଲିସ ପ୍ରଶାସନର ଉଦାସୀନତା ନେଇଛି ଆଜି ଆଉ ଜଣେ ଛାତ୍ରୀଙ୍କ ଜୀବନ। ଛାତ୍ରୀ ଜଣକ ହେଲେ ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଡୁମୁରୀମୁଣ୍ଡା ଗ୍ରାମର ନର୍ସିଂ ଛାତ୍ରୀ କଳ୍ପନା ରାୟ। ଏକତରଫା ପ୍ରେମ କରି ଜଣେ ଯୁବକ ତାଙ୍କୁ ମାଡ଼ ମାରିବା ସହ ଫଟୋ ଭାଇରାଲ କରିଥିଲା। ଲୋକଲଜ୍ଜା ଭୟରେ ଛାତ୍ରୀଜଣକ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଭୁବନେଶ୍ୱର ଏମ୍‌ସରେ ଆଜି ତାଙ୍କର ପରଲୋକ ଘଟିଛି।

**ଯୁବକ ନିର୍ଯାତନା ଅସହ୍ୟ ହେବାରୁ ବିଷ ପିଇଥିଲେ**

**ଅଭିଯୋଗ ସତ୍ତ୍ୱେ ନିରବ ଥିଲା ପୁଲିସ**

ସୂଚନା ଅନୁସାରେ, ଡୁମୁରିମୁଣ୍ଡା ଗ୍ରାମର କଳ୍ପନା ରାୟଙ୍କୁ ଗୁରୁସିଙ୍ଗା ଗ୍ରାମର ସତ୍ୟଜିତ ସରକାର ଏକତରଫା ପ୍ରେମ କରୁଥିଲେ। କଳ୍ପନା ଜୟପୁରର ଏକ ନର୍ସିଂ କଲେଜରେ ଛାତ୍ରୀ। ସତ୍ୟଜିତ ଭୁବନେଶ୍ୱରର ଏକ କଲେଜରେ କୃଷି ବିଭାଗର ଛାତ୍ର। ▸ପୃଷ୍ଠା-୭

## 'ଉତ୍କଳ'ରେ ଅଧ୍ୟାପକ ମରୁଡ଼ି

■ **ଭୁବନେଶ୍ୱର, ୯।୮ (ସମିସ):** ଉତ୍କଳ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଘାରିଲାଣି ଉପସ୍ଥାନ ଚିନ୍ତା। ଶିକ୍ଷାବର୍ଷ ଆରମ୍ଭରୁ ଉପସ୍ଥାନ ପାଇଁ ଛାତ୍ରଛାତ୍ରୀଙ୍କୁ ତାଗିଦ୍ କଲେଣି। ହେଲେ ଛାତ୍ରଛାତ୍ରୀ ଆସିବାକୁ ଅମଙ୍ଗ। ପଢ଼ାଇବାକୁ କେହି ନାହାନ୍ତି, ଗଲେ କରିବୁ କ'ଣ ବୋଲି ରୋକଠୋକ୍ କହୁଛନ୍ତି। ବିଶ୍ୱବିଦ୍ୟାଳୟ ଆଇନ ବିଭାଗରେ କେହି ଅଧ୍ୟାପକ ନଥିବାରୁ ଏପରି ସ୍ଥିତି ସୃଷ୍ଟି ହୋଇଥବା କୁହାଯାଉଛି।

ସୂଚନାନୁଯାୟୀ, ବିଶ୍ୱବିଦ୍ୟାଳୟ ଆଇନ ବିଭାଗର ଉଭୟ ପ୍ରଥମ ଓ ଦ୍ୱିତୀୟ ବର୍ଷରେ ମୋଟ୍ ୮୦ ଜଣ ଛାତ୍ରଛାତ୍ରୀ ନାମ ଲେଖାଇଛନ୍ତି। ତନ୍ମଧ୍ୟରୁ ପ୍ରଥମ ବର୍ଷର ୨୩ ଜଣ ପିଲା ଏବଂ ଦ୍ୱିତୀୟ ବର୍ଷର ୧୫ ଜଣ ପିଲା ନିୟମିତ ଭାବେ ଆସୁନାହାନ୍ତି। ସେମାନଙ୍କ ଉପସ୍ଥାନ ୭୫ପ୍ରତିଶତରୁ କମ୍ ରହିଛି। ଉପସ୍ଥାନ କମ୍ ଥିବା ପିଲାମାନଙ୍କ ତାଲିକା ଜାରି କରିବା ସହ ପରୀକ୍ଷା ଦେବାକୁ ଅତି କମରେ ୭୫ ପ୍ରତିଶତ

### ଆଇନ ବିଭାଗ ଖାଁ ଖାଁ

**୭୫ପ୍ରତିଶତ ଉପସ୍ଥାନ ନେଇ ବିଭାଗର ତାଗିଦ**

**ୱେବସାଇଟ୍‌ରେ ଅଛନ୍ତି ଅଧ୍ୟାପକ, ବାସ୍ତବରେ ଶୂନ**




ଉପସ୍ଥାନ ରଖିବାକୁ ବିଭାଗ ପକ୍ଷରୁ ତାଗିଦ କରାଯାଇଛି। ଅପରପକ୍ଷରେ, ବିଭାଗରେ ଶୈକ୍ଷିକ ସଙ୍କଟ ଦେଖାଦେଇଛି। ପାଠ ପଢ଼ାଇବାକୁ କେହି ଅଧ୍ୟାପକ ନାହାନ୍ତି। ବିଭାଗୀୟ ମୁଖ୍ୟ ମାସେ ତଳୁ ଅବସର ନେଇସାରିଛନ୍ତି। ଜଣେ ସଂଯୋଜକରେ ବିଭାଗ ଚାଲୁଛି। ନିୟମିତ ଭାବେ ପାଠପଢ଼ା ହେଉନାହିଁ। ତେଣୁ କାହିଁକି ନିୟମିତ ଯିବେ ବୋଲି ଛାତ୍ରଛାତ୍ରୀମାନେ ପ୍ରଶ୍ନ କରୁଛନ୍ତି।

ଜଣେ ପ୍ରଥମବର୍ଷ ଛାତ୍ରୀଙ୍କ କହିବା କଥା, ସେ ନାମ ଲେଖାଇବା ବେଳେ ଆବଶ୍ୟକ ଅଧ୍ୟାପକ ଥିବେ ବୋଲି ନିଶ୍ଚିତ ହୋଇଥିଲେ। କାରଣ ବିଶ୍ୱବିଦ୍ୟାଳୟ ୱେବସାଇଟ୍‌ରେ ବିଭାଗୀୟ ମୁଖ୍ୟଙ୍କ ସମେତ ପ୍ରାୟ ୩ଜଣ ଅଧ୍ୟାପକ କାର୍ଯ୍ୟରତ ଥିବା ଦର୍ଶାଯାଇଛି। ଯାହାକୁ ଦେଖି ସେ ବିଭାଗରେ ନାମ ଲେଖାଇଥିଲେ। ହେଲେ ବାସ୍ତବତା ପୂରା ଭିନ୍ନ। ▸ପୃଷ୍ଠା-୭

## ରାଜ୍ୟବ୍ୟାପୀ ନକଲି ସାର ର୍ୟାକେଟ୍ ସକ୍ରିୟ

### ସରକାର ଉଦାସୀନ; ଫାଇଦା ଉଠାଉଛନ୍ତି ବ୍ୟବସାୟୀ

■ **ଭୁବନେଶ୍ୱର, ୯।୮ (ସମିସ):** ଚାଷୀର ଆବଶ୍ୟକତା ଅନୁସାରେ ସରକାରୀ ଭାବେ ସାର ମିଳୁନି। ବାଧ୍ୟହୋଇ ଚାଷୀମାନେ ବାହାର ଡିଲର୍‌ଙ୍କଠାରୁ ସାର କିଣୁଛନ୍ତି। ଡିଲରମାନେ ଏହାର ଭରପୂର ଫାଇଦା ଉଠାଉଛନ୍ତି। ଚାଷୀଙ୍କଠାରୁ ମୋଟା ଅଙ୍କର ମୁନାଫା କମାଇବା ସହ ନକଲି ସାରକୁ ଅସଲି ବୋଲି କହି ବିକ୍ରି କରୁଥିବା ଅଭିଯୋଗ ହେଉଛି। ବର୍ତ୍ତମାନ ସମୟରେ କୃଷି ବିଭାଗ ଚାହିଦା ଥିବା କମ୍ପ୍ଲେକ୍ସ ସାର ଯୋଗାଇପାରୁନି। ଯେଉଁଠି ୧୦ ଟନ୍ ଆବଶ୍ୟକ ସେଠିକୁ ୭ ଟନ୍ ଦେଉଛି। ଏହାର ଫାଇଦା ନେଇ ନକଲି ସାର କାରବାର କରୁଥିବା ର୍ୟାକେଟ୍ ସକ୍ରିୟ ହୋଇ ଉଠିଛନ୍ତି। ରାଜ୍ୟ ବାହାରୁ ବେପାରୀମାନେ ଆସି ଓଡ଼ିଶାର ବିଭିନ୍ନ ବଡ଼ ବଡ଼ ମାର୍କେଟ୍‌ରେ ଡେରା ପକାଇଛନ୍ତି। ଯେଉଁଠି ଚାଷୀଙ୍କର ଅଧିକ ଆବଶ୍ୟକତା ଓ ସରକାରୀ ଉଦାସୀନତା ଦେଖୁଛନ୍ତି, ସେଠି ବ୍ୟାପକ ନକଲି ସାର ବିକ୍ରି କରାଯାଉଛି। ବିଶେଷକରି ଅନୁନ୍ନତ ବ୍ଲକ୍ ଓ ପଛୁଆ ଜିଲ୍ଲାଗୁଡ଼ିକୁ ଏମାନେ ଏବେ ଟାର୍ଗେଟ୍ କରିଥିବା ଜଣାପଡ଼ିଛି।

### କୃଷି ବିଭାଗର ଚଢ଼ଉ ନାହିଁ କି କାର୍ଯ୍ୟାନୁଷ୍ଠାନ ବି ନାହିଁ

### ମାଟିରେ ମିଶିପାରୁନି ନକଲି ସାର; ବଢୁଛି ପ୍ରଦୂଷଣ ଭୟ

ରାଜ୍ୟ ବାହାର ବେପାରୀମାନେ ଡିଲରମାନଙ୍କୁ ବିଭିନ୍ନ ବ୍ରାଣ୍ଡର ନକଲି ସାର ଶସ୍ତାରେ ବିକ୍ରି କରୁଛନ୍ତି। ଏହି ସାର ର୍ୟାକେଟ୍ ବିଶେଷକରି ପଶ୍ଚିମ ଓଡ଼ିଶାକୁ ଟାର୍ଗେଟ୍ କରୁଛନ୍ତି। ନୂଆପଡ଼ା, ବରଗଡ଼, ବୌଦ୍ଧ ଆଦି ଜିଲ୍ଲାକୁ ଛତିଶଗଡ଼ ଅଞ୍ଚଳରୁ ସାର ଆସୁଛି। ସେଠିକାର ଏଜେଣ୍ଟ ପ୍ରଥମେ ଆସି ମାର୍କେଟ୍ ସର୍ଭେ କରୁଛନ୍ତି। ବ୍ୟବସାୟୀମାନଙ୍କୁ ମୋଟା ▸ପୃଷ୍ଠା-୭

### ଲୁହରେ ଭିଜିଲା ରାକ୍ଷୀ
## ଦୁର୍ଘଟଣାରେ ଗଲା ୩ ଜୀବନ

### ଚଢ଼ିଗଲା ଥାର୍; ଭଉଣୀ ମୃତ

■ **ଭୁବନେଶ୍ୱର, ୯।୮ (ସମିସ):** ରକ୍ଷାବନ୍ଧନରେ ଭାଇ ଆଖି ଆଗରେ ଚାଲିଗଲା ଭଉଣୀର ଜୀବନ। ଭୁବନେଶ୍ୱର ପାତ୍ରପଡ଼ାରେ ଆଜି ଏଭଳି ଏକ ଦୁଃଖଦ ଘଟଣା ଘଟିଛି। ରାସ୍ତା ପାର୍ ବେଳେ ଏକ କାର୍ ଧକ୍କା ଦେବାରୁ ଏହି ଅଘଟଣ ଘଟିଛି। ମୃତକ ହେଲେ, ଫୁଲେଶ୍ୱରୀ ବସ୍ତିର ରେଶମା ରାଉଳ(୮)। ଏଥିରେ ମାଆ ରେବତୀ ରାଉଳ ଓ ଭାଇ ମାହି ରାଉଳ(୨) ମଧ୍ୟ ଗୁରୁତର ହୋଇଛନ୍ତି।

**ମା'-ପୁଅ ଗୁରୁତର**

ସୂଚନାନୁସାରେ, କମିସନରେଟ୍ ପୁଲିସରେ ଗୃହରକ୍ଷୀ ଡ୍ରାଇଭର ଭାବେ କାର୍ଯ୍ୟରତ ମାନସ ରାଉଳ ତାଙ୍କ ପତ୍ନୀ ରେବତୀ, ଝିଅ ରେଶମା ଓ ପୁଅ ମାହି ସହ ଫୁଲେଶ୍ୱରୀ ବସ୍ତିରେ ରୁହନ୍ତି। ରେବତୀଙ୍କ ଭାଇ ରାଜସ୍ୱ ନିରୀକ୍ଷକ ହୋଇଥିବା ବେଳେ ପଟିଆ ଅଞ୍ଚଳରେ ରୁହନ୍ତି। ଆଜି ପୂର୍ବାହ୍ନରେ ରେବତୀ ତାଙ୍କ ଝିଅ ରେଶମା ଓ ପୁଅ ମାହିକୁ ସାଙ୍ଗରେ ଧରି ପଟିଆ ଅଞ୍ଚଳରେ ରହୁଥିବା ତାଙ୍କ ଭାଇଙ୍କ ପାଖକୁ ରାକ୍ଷୀ ବାନ୍ଧିବାକୁ ଯାଇଥିଲେ। ଭାଇଭଉଣୀ ହସଖୁସିରେ ମାମୁ ଘରକୁ ଯାଇଥିଲେ। ଅପରାହ୍ଣରେ ମାଆ, ପୁଅ ଓ ଝିଅ ବସ୍ ଯୋଗେ ଘରକୁ ଫେରୁଥିଲେ। ପାତ୍ରପଡ଼ା ନିକଟରେ ବସରୁ ଓହ୍ଲାଇଥିଲେ। ସେହି ସମୟରେ ଥାର୍ ଓ ସ୍କର୍ପିଓ କାର୍ ଦ୍ରୁତ ଗତିରେ ରେସିଂ କରି ଖୋର୍ଦ୍ଧା ଆଡ଼କୁ ଯାଉଥିଲେ। ସପରିବାର ଆରପଟେ ଥିବା ଫୁଲେଶ୍ୱରୀ ବସ୍ତିକୁ ଯିବାକୁ ▸ପୃଷ୍ଠା-୭

### ଟ୍ରକ୍ ତଳେ ଚାଲିଗଲା ଭାଇର ଜୀବନ

■ **ଆଠଗଡ଼/ହିନ୍ଦୋଳ, ୯।୮ (ସମିସ):** ଅଧୁରା ରହିଗଲା ରକ୍ଷା ବନ୍ଧନ। ଭଉଣୀ ହାତରୁ ରାକ୍ଷୀ ବାନ୍ଧିବାକୁ ଘରକୁ ଆସୁଥିବା ବେଳେ ଦୁର୍ଘଟଣାରେ ଚାଲିଗଲା ଯୁବକଙ୍କ ଜୀବନ। ମୃତକ ହେଲେ, ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ରାସୋଳ ଥାନା ନୂଆପାଟଣା ଗାଁର ସୁଦାମ ସାହୁ। କଟକ ଜିଲ୍ଲା ଆଠଗଡ଼ ଥାନା ବନଖଣ୍ଡିସ୍ଥିତ ଲଞ୍ଚ ଲ୍ୟାଣ୍ଡ ହୋଟେଲ ସମ୍ମୁଖରେ ପଥର ବୋଝେଇ ଟ୍ରକ ଧକ୍କାରେ ସୁଦାମଙ୍କ ମୃତ୍ୟୁ ହୋଇଥିବା ବେଳେ ▸ପୃଷ୍ଠା-୭

### ବାଇକ୍ ଧକ୍କାରେ ଆଖି ବୁଜିଲେ ଭଉଣୀ

■ **ବଡ଼ମ୍ବା, ୯।୮ (ସମିସ):** ଭାଇ ହାତରେ ରାକ୍ଷୀ ବାନ୍ଧି ଫେରିବା ବାଟରେ ଦୁର୍ଘଟଣା ନେଇଗଲା ଜୀବନ। ମୃତକ ହେଲେ, ବଡ଼ମ୍ବା ବ୍ଲକ୍ ବଡ଼ବାରସିଂହ ପଞ୍ଚାୟତ ଜଗନ୍ନାଥପୁର ଗ୍ରାମର ସନ୍ତୋଷ ବେହେରାଙ୍କ ପତ୍ନୀ ଲକି ବେହେରା (୨୯)। ରାକ୍ଷୀ ପୂର୍ଣ୍ଣିମା ଅବସରରେ ସେ ଆଜି ସ୍ୱାମୀଙ୍କ ସହ ବିଦାଣିମା ଗ୍ରାମସ୍ଥିତ ବାପଘରକୁ ଯାଇଥିଲେ। ସେଠାରେ ଭାଇ ହାତରେ ▸ପୃଷ୍ଠା-୭

# ପାକିସ୍ତାନର ୬ଟି ଯୁଦ୍ଧ ବିମାନକୁ ଖସାଇଥିଲା ଭାରତ



## ଆକ୍ରମଣରେ ଆମେରିକା ନିର୍ମିତ ଏଫ୍-୧୬ ବି କ୍ଷତିଗ୍ରସ୍ତ

ନୂଆଦିଲ୍ଲୀ, ୯।୮ (ଏଜେନ୍ସି): ପହଲଗାମର ଆକ୍ରମଣର ପ୍ରତିଶୋଧ ପାଇଁ ଭାରତ ଆରମ୍ଭ କରିଥଇବା 'ଅପରେସନ ସିନ୍ଦୂର'କୁ ନେଇ ଭାରତୀୟ ବାୟୁସେନା ମୁଖ୍ୟ ତଥା ଏୟାର ଚିଫ୍ ମାର୍ଶାଲ ଏପି ସିଂହ ବଡ଼ ସୂଚନା ଦେଇଛନ୍ତି। ଆମେରିକାର କିଛି ଏଫ-୧୬ ସହିତ ପାକିସ୍ତାନର ୬ଟି ଲଢୁଆ ବିମାନକୁ ଭାରତ ଧ୍ୱଂସ କରିଦେଇଛି ବୋଲି ସେ କହିଛନ୍ତି। ଏଗୁଡ଼ିକ ମଧ୍ୟରେ ୫ଟି ଲଢୁଆ ବିମାନ ଏବଂ ଗୋଟିଏ ବଡ଼ ବିମାନ ଏଇଡବ୍ଲ୍ୟୁଆଣ୍ଡସି (ଏୟାରବର୍ଣ୍ଣ ଆର୍ଲି ୱାର୍ଣ୍ଣି ଆଣ୍ଡ କଣ୍ଟ୍ରୋଲ ସିଷ୍ଟମ) ସାମିଲ ରହିଛି। ଏହା ପାକିସ୍ତାନ ପାଇଁ ବଡ଼ ଝଟ୍‌କା ସାବ୍ୟସ୍ତ ହୋଇଥିଲା। ସବୁ ଲଢୁଆ ବିମାନକୁ ମଝି ଆକାଶରୁ ଖସାଇ ଦିଆଯାଇଥିଲା। ଗୋଟିଏ ବଡ଼ ବିମାନକୁ ତିନି ଶହ କିମି ଦୂରରୁ ଖସା ଯାଇଥିଲା। ଏହା ଇଏଲଆଇଏନ୍‌ଟି କିମ୍ବା ଏଇଡବ୍ଲ୍ୟୁଆଣ୍ଡସି ହୋଇ ଥାଇପାରେ। ପ୍ରଥମ ଥର ପାଇଁ ତିନି ଶହ କିମି ଦୂରରୁ କୌଣସି ବିମାନକୁ ଖସା ଯାଇଛି। ଏହା ବିଶ୍ୱ ରେକର୍ଡ ସୃଷ୍ଟି କରିଛି। ପାକିସ୍ତାନର ଭୋଲାରି ଏବଂ ଜାକୋବାଦ ସ୍ଥିତ ହ୍ୟାଙ୍ଗରରେ ଭାରତୀୟ ବାୟୁସେନା ଆକ୍ରମଣ କରିଥିଲା। ରକ୍ଷଣାବେକ୍ଷଣ ଲାଗି ସେଠାରେ କିଛି ଏଫ-୧୬ ଲଢୁଆ ବିମାନ ଥିଲା। ଏ ସବୁକୁ ଧ୍ୱଂସ କରିଦିଆଯାଇଥିଲା। ବେଙ୍ଗାଲୁରୁରେ ଅନୁଷ୍ଠିତ '୧୬ତମ ଏୟାର ଚିଫ୍ ମାର୍ଶାଲ ଏଲଏମ କାଟରେ ଲେକ୍ଚର'ରେ ସାମିଲ ହୋଇ ବାୟୁସେନା ମୁଖ୍ୟ ଏହି ସୂଚନା ଦେଇଛନ୍ତି।

ଏୟାର ଚିଫ୍ ମାର୍ଶାଲ କହିଛନ୍ତି ଯେ ଚଳିତ ଥର ବାଲାକୋଟ ଭୂତକୁ ଛଡ଼ାଇ ଦେଇଛୁ। ୨୦୧୯ର ବାଲାକୋଟ ଷ୍ଟ୍ରାଇକ ସମୟରେ ଆମେ ପ୍ରମାଣ ସଂଗ୍ରହ କରିପାରି ନ ଥିଲୁ। ସେତେବେଳେ କିଛି ଲୋକ ପ୍ରମାଣ ମାଗିଥିଲେ, କିନ୍ତୁ ଅପରେସନ ସିନ୍ଦୂରକୁ ନେଇ କେହି ଭାରତକୁ ପ୍ରମାଣ ମାଗିନାହାନ୍ତି। ଭାରତର ଜବାବୀ ଆକ୍ରମଣରେ ପାକିସ୍ତାନର ହୋଇଥିବା ବିପୁଳ କ୍ଷୟକ୍ଷତି ସମ୍ପର୍କରେ ପାକିସ୍ତାନୀ ଗଣମାଧ୍ୟମ ହିଁ ଦେଖାଇଛି। ପୂର୍ବରୁ ଏବଂ ଭାରତ ଆକ୍ରମଣ ପରର ପାକିସ୍ତାନ ସାମରିକ ଘାଟିର ଦୃଶ୍ୟ ସବୁଠି ଉପଲବ୍ଧ ରହିଛି। ଭାରତ କ'ଣ ହାସଲ କରିଛି ତାହା ବିଶ୍ୱ ଦେଖିଛି। ବାହାବଲପୁର ସ୍ଥିତ ଆତଙ୍କବାଦୀ ଠିକଣା ବି ଧ୍ୱସ୍ତସ୍ତୁପରେ ପରିଣତ ହୋଇଯାଇଛି।

'ଅପରେସନ ସିନ୍ଦୂର'କୁ ନେଇ ବାୟୁସେନା ମୁଖ୍ୟଙ୍କ ଘୋଷଣା

ଧ୍ୱଂସ କରିଛୁ ପାକିସ୍ତାନର ୬ ଲଢୁଆ ବିମାନ

ବାଲାକୋଟ ଭୂତ ଛାଡ଼ିଗଲା

ଗେମ୍ ଚେଞ୍ଜର ସାବ୍ୟସ୍ତ ହୋଇଥିଲା ଏସ୍-୪୦୦



ବାୟୁସେନା ମୁଖ୍ୟଙ୍କ ଅନୁଯାୟୀ 'ଅପରେସନ ସିନ୍ଦୂର'ରେ 'ଏୟାର ଡିଫେନ୍ସ ସିଷ୍ଟମ' ବହୁତ ଭଲ କାମ କରିଥିଲା। ପାକିସ୍ତାନ ଭାରତର ଏୟାର ଡିଫେନ୍ସକୁ ଭେଦ କରିପାରି ନ ଥିଲା। ଏଥିରେ ଏସ-୪୦୦ ଗେମ୍ ଚେଞ୍ଜର ସାବ୍ୟସ୍ତ ହୋଇଥିଲା। ଦୀର୍ଘ ଦୂରଗାମୀ ଗ୍ଲାଇଡେଡ ବୋମା ଥିଲେ ବି ପାକିସ୍ତାନ ଏହାକୁ ବ୍ୟବହାର କରିପାରି ନ ଥିଲା। ରାଜନୈତିକ ଇଚ୍ଛାଶକ୍ତି ଯୋଗୁଁ ଏହି ସଫଳତା ମିଳିଥିଲା। ସେନା ଉପରେ କୌଣସି କଟକଣା ନ ଥିଲା। ଭାବିଚିନ୍ତି ଆକ୍ରମଣ କରାଯାଇଥିଲା। ଯୋଜନା କରି ତାହାକୁ କାର୍ଯ୍ୟକାରୀ କରିବାକୁ ପୂର୍ଣ୍ଣ ସ୍ୱାଧୀନତା ମିଳିଥିଲା। ସେନାର ସବୁ ଶାଖାକୁ ଏକାଠି କରିବାରେ ସିଡିଏସ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଏହା ଏକ ହାଇଟେକ୍ ଯୁଦ୍ଧ ଥିଲା। ୮୦ରୁ ୯୦ ଘଣ୍ଟିଆ ଏହି ଯୁଦ୍ଧ ଏତେ କ୍ଷତି ହୋଇଥିଲା ଯେ ଜାରି ରହିଲେ ବହୁମୂଲ୍ୟ ଦେବାକୁ ପଡ଼ିବ ଭାବି ପାକିସ୍ତାନ ଡିଜିଏମଓ ଅସ୍ତ୍ରବିରତି ପାଇଁ ଅନୁରୋଧ କରିଥିଲେ। ଭାରତ ମଧ୍ୟ ଏହାକୁ ସ୍ୱୀକାର କରିଥିଲେ। ଏହି ଯୁଦ୍ଧକୁ ନେଇ ଲୋକେ ଅହଙ୍କାରୀ ହୋଇ ଯାଇଥିଲେ। ଲକ୍ଷ୍ୟ ହାସଲ ପରେ ଏହାକୁ ବନ୍ଦ କରିବା ପାଇଁ ସୁଯୋଗ ଖୋଜିବା ଉଚିତ। କିନ୍ତୁ ମୋର କିଛି ଘନିଷ୍ଠ ଆହୁରି ଅଧିକ ମାରିବା ପାଇଁ କହୁଥିଲେ। କିନ୍ତୁ ଯୁଦ୍ଧ ଜାରି ରଖିବା ଠିକ୍ ନ ଥିଲା। ଭାରତ ଏକ ଭଲ ନିଷ୍ପତ୍ତି ନେଇଥିଲା ବୋଲି ବାୟୁସେନା ମୁଖ୍ୟ କହିଛନ୍ତି। ଅବସର ପୂର୍ବରୁ ପାକିସ୍ତାନ ଯିବାକୁ ସମସ୍ତେ ସୁଯୋଗ ଖୋଜିଥାନ୍ତି। ଏହି ଲକ୍ଷ୍ୟ ରଖି ଆମେ ବାୟୁସେନାରେ ବଡ଼ ହୋଇଛୁ। ସଂଯୋଗବଶତଃ ଅବସର ପୂର୍ବରୁ ମୋତେ ଏହି ସୁଯୋଗ ମିଳିଗଲା ବୋଲି ବାୟୁସେନା ମୁଖ୍ୟ ଉଲ୍ଲେଖ କରିଛନ୍ତି। ସେ ଏହି ଟିପ୍ପଣୀ ଦେବା ସମୟରେ ପାକିସ୍ତାନର ସରଗୋଧା ଘାଟୀକୁ ବାୟୁସେନା ନିଶାଣ କରିଥିଲା ବୋଲି କହିଛନ୍ତି।



ନୂଆଦିଲ୍ଲୀରେ ରକ୍ଷାବନ୍ଧନ ଉତ୍ସବ ଅବସରରେ ସ୍କୁଲ ପିଲାଙ୍କ ସହିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

## କୁଲଗାମ ଏନକାଉଣ୍ଟର: ୨ ଯବାନ ସହିଦ

କୁଲଗାମ୍, ୯।୮ (ଏଜେନ୍ସି): ଜମ୍ମୁ-କଶ୍ମୀର କୁଲଗାମରେ ଅଖିଲ ଜଙ୍ଗଲରେ ଆତଙ୍କବାଦୀମାନଙ୍କ ବିରୋଧରେ ଚାଲିଥିବା ଏନ୍‌କାଉଣ୍ଟରରେ ଶୁକ୍ରବାର ଭାରତର ଦୁଇଜଣ ଯବାନ ଶହୀଦ ହୋଇଛନ୍ତି। ଏଥିରେ ୪ ଜଣ ଯବାନ ଆହତ ହୋଇଛନ୍ତି। ଲାନ୍ସ ନାୟକ ପ୍ରିତପାଲ ସିଂହ ଓ ହରମିନ୍ଦର ସିଂହ ଚିକିତ୍ସାଧୀନ ଅବସ୍ଥା।ରେ ପ୍ରାଣ ହରାଇଛନ୍ତି। ଶନିବାର ସକାଳେ ଏ ନେଇ ସୂଚନା ପ୍ରଦାନ କରାଯାଇଥିଲା। ଅଗଷ୍ଟ ୧ରୁ ଅପରେସନ ଅଖିଲ ଜାରି ରହିଛି ଓ ଶନିବାର ଏହି ଅପରେସନ ୯ମ ଦିନରେ ପହଞ୍ଚିଛି। ଗତ ୨ ତାରିଖରେ ଦୁଇଜଣ ଆତଙ୍କବାଦୀ ନିହତ ହୋଇଥିଲେ। ଏପର୍ଯ୍ୟନ୍ତ ୯ ଜଣ ଜବାନ ଏହି ଏନ୍‌କାଉଣ୍ଟରେ ଆହତ ହୋଇଛନ୍ତି ଓ ଏମାନଙ୍କ ମଧ୍ୟରୁ ୨ ଜଣ ମୃତ୍ୟୁବରଣ କରିଛନ୍ତି। ଅଖିଲ ଜଙ୍ଗଲ୍‌ରେ ଏବେ ମଧ୍ୟ କେତେକ ଆତଙ୍କବାଦୀ ଲୁଚି ରହିଥିବା ସନ୍ଦେହ କରାଯାଉଛି। ଏହି ଅପରେସନରେ ଜମ୍ମୁ-କଶ୍ମୀର ପୁଲିସ, ସେନା ଓ ସିଆରପିଏଫ୍ କାର୍ଯ୍ୟକାରୀ କରୁଛନ୍ତି। ଏବେ ଦୁଇପଟୁ ଗୁଳି ବିନିମୟ ଚାଲିଛି। ଅଗଷ୍ଟ ୨ରେ ନିହତ ହୋଇଥିବା ଆତଙ୍କବାଦୀ ହେଉଛି ପୁଲବାମାର ହାରିସ ନାଜିର ଦାର। ସେ ସି- ବର୍ଗର ଆତଙ୍କବାଦୀ ଥିଲା। ପହଲଗାମ ଆକ୍ରମଣ ପରେ ଏପ୍ରିଲ ୨୬ରେ ଜାରି କରାଯାଇଥିବା ୧୪ଜଣିଆ ସ୍ଥାନୀୟ ଆତଙ୍କବାଦୀଙ୍କ ତାଲିକା ଜାରି କରାଯାଇଥିଲା। ଏଥିରେ ନାଜିର ସାମିଲ ରହିଥିଲା। ତା ପାଖରେ ଏକେ-୪୭ ରାଇଫଲ, ମ୍ୟାଗାଜିନ ଓ ଗୋଳାବାରୁଦ ଜବତ କରାଯାଇଥିଲା। ଏହି ୧୪ ଜଣଙ୍କ ମଧ୍ୟରୁ ୭ ଜଣ ସେନା ଗୁଳିରେ ପ୍ରାଣ ହରାଇଥିବା ବେଳେ ୭ ଜଣଙ୍କ ତଲାସ ଜାରି ରହିଛି।

## ଅମରନାଥ ଯାତ୍ରା ସମ୍ପନ୍ନ

ନୂଆଦିଲ୍ଲୀ, ୯।୮ (ଏଜେନ୍ସି): ଶନିବାର ରାକ୍ଷୀପୂର୍ଣ୍ଣିମା ଅବସରରେ ପବିତ୍ର ଅମରନାଥ ଯାତ୍ରା ସମାପନ ହୋଇଛି। ଛଡି ମୁବାରକ ପବିତ୍ର ଗୁମ୍ଫା ନିକଟରେ ପହଞ୍ଚିବା ପରେ ଏହି ଯାତ୍ରା ଆନୁଷ୍ଠାନିକ ଭାବେ ସମ୍ପୂର୍ଣ୍ଣ ହୋଇଛି। ଏଥିପାଇଁ ପାରମ୍ପରିକ ରୀତିନୀତିରେ ମହନ୍ତ ଦୀପେନ୍ଦ୍ର ଗିରିଙ୍କ ତତ୍ତ୍ୱାବଧାନରେ ଶହେରୁ ଅଧିକ ସାଧୁଙ୍କ ସହ ପୂଜା ଅର୍ଚ୍ଚନା କରାଯାଇଥିଲା। ଏହାପରେ ଭକ୍ତମାନଙ୍କୁ ବର୍ଷର ଅନ୍ତିମ ଦର୍ଶନ କରିବାରୁ ସୁଯୋଗ ମିଳିଥିଲା। ଜୁଲାଇ ୩ରୁ ଏହି ଯାତ୍ରା ଆରମ୍ଭ ହୋଇଥିଲା। କିନ୍ତୁ ପ୍ରବଳ ବର୍ଷା କାରଣରୁ ରାସ୍ତା ଖରାପ ହେବା ଯୋଗୁଁ ଅଗଷ୍ଟ ୩ରେ ଏହି ଯାତ୍ରାକୁ ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏବର୍ଷ ମୋଟ୍ ୪ ଲକ୍ଷ ୧୦ ଶ୍ରଦ୍ଧାଳୁ ଅମରନାଥ ଦର୍ଶନ କରିଥିଲେ। କିନ୍ତୁ ଗତବର୍ଷ ୫ ଲକ୍ଷ ୧୦ ହଜାର ଭକ୍ତ ଅମରନାଥ ଦର୍ଶନ କରିଥିଲେ। ଏଥର ଯାତ୍ରା ଅବସରରେ ଏକାଧିକ ଅଘଟଣା ମଧ୍ୟ ଘଟିଥିଲା। ଜୁଲାଇ ୫ରେ କେତୋଟି ବସ ପରସ୍ପରକୁ ଧକ୍କା ଦେବା ଫଳରେ ୩୬ ଶ୍ରଦ୍ଧାଳୁ ଆହତ ହୋଇଥିଲେ।

## ଆମେରିକାରେ ୫ଟି ମନ୍ଦିର ଉପରେ ଆକ୍ରମଣ ହୋଇଛି

ନୂଆଦିଲ୍ଲୀ, ୯।୮ (ଏଜେନ୍ସି): ବୈଦେଶିକ ରାଷ୍ଟ୍ରମନ୍ତ୍ରୀ କାର୍ତ୍ତିବର୍ଦ୍ଧନ ସିଂ ରାଜ୍ୟସଭାରେ ଶନିବାର ଶିବସେନା (ୟୁବିଟି) ସାଂସଦ ଅନୀଲ ଦେଶାଇଙ୍କ ଏକ ପ୍ରଶ୍ନର ଉତ୍ତର ଦେଇ ହିନ୍ଦୁଙ୍କ ଉପରେ ହୋଇଥିବା ଅତ୍ୟାଚାର ତଥା ଆକ୍ରମଣ ନେଇ ତଥ୍ୟ ଉପସ୍ଥାପନା କରିଥିଲେ। ବାଂଲାଦେଶରେ ଗତ ୫ ବର୍ଷ ମଧ୍ୟରେ ହିନ୍ଦୁଙ୍କ ଉପରେ ୩, ୫୮୨ ଆକ୍ରମଣ ହୋଇଥିବା ସେ ସୂଚନା ଦେଇଛନ୍ତି। ରଙ୍ଗପୁର ଓ ଚଟ୍ଟଗ୍ରାମ ଭଳି ଜିଲ୍ଲାରେ ଅଳ୍ପସଂଖ୍ୟକଙ୍କ ଉପରେ ହିଂସା ଜାରି ରହିଛି ବୋଲି ସେ କହିଛନ୍ତି। ସେହିପରି ପାକିସ୍ତାନରେ ଅଳ୍ପସଂଖ୍ୟାକ ବିରୋଧରେ ୩୩୪ଟି ହିଂସାର ମାମଲା ହୋଇଛି ଓ ଏ ନେଇ ଭାରତ ପାକିସ୍ତାନ ସମ୍ମୁଖରେ ପ୍ରଶ୍ନ ଉଠାଇଛି। ସେହିପରି ଆମେରିକାର, କାନାଡା, ବ୍ରିଟେନ ଭଳି ପାଶ୍ଚାତ୍ୟ ତଥା ଉନ୍ନତ ଦେଶଗୁଡ଼ିକରେ ମଧ୍ୟ ହିନ୍ଦୁଙ୍କ ଉପରେ ବର୍ଣ୍ଣବୈଷମ୍ୟ ଆକ୍ଷେପ ହୋଇଛି। ଏହି ଦେଶଗୁଡ଼ିକରେ ହିନ୍ଦୁ ମନ୍ଦିର ଉପରେ ଏକାଧିକ ଆକ୍ରମଣ ହୋଇଛି। ଆମେରିକାରେ ୫ ଓ କାନାଡାରେ ୪ଟି ହିନ୍ଦୁ ମନ୍ଦିରରେ ଭଙ୍ଗାରୁଜା କରାଯାଥିଲା ବୋଲି ସେ କହିଛନ୍ତି।

## କର୍ଣ୍ଣାଟକରେ ମହିଳାଙ୍କ କଟାମୁଣ୍ଡ

ବେଙ୍ଗାଲୁରୁ, ୯।୮ (ଏଜେନ୍ସି): କର୍ଣ୍ଣାଟକର ଟୁମକୁର ଜିଲ୍ଲାରେ ଜଣେ ୪୨ ବର୍ଷୀୟ ମହିଳାଙ୍କ ଶରୀରର ୧୦ଟି ଅଲଗା ଅଲଗା ଅଂଶ ଭିନ୍ନ ଭିନ୍ନ ସ୍ଥାନରୁ ମିଳିଛି। ଶୁକ୍ରବାର ସିଦ୍ଧାରବେତ୍ତାରେ ତାଙ୍କ କଟା ମୁଣ୍ଡ ମିଳିଥିଲା। ଶନିବାର ଗୋଟିଏ କୁକୁର ମହିଳାଙ୍କ କଟା ହାତ ଟାଣୁଥିବାର ଦେଖି ଲିଙ୍ଗପୁରା ଗ୍ରାମର ଲୋକେ ପୁଲିସକୁ ସୂଚନା ଦେଇଥିଲେ। ପୁଲିସ ଏହାର ଆଖପାଖ ଅଞ୍ଚଳରେ ଆଉ ଏକ ହାତକୁ ଖୋଜି ପାଇଥିଲା। ଏହାପରେ ପୁଲିସ ସର୍ଚ୍ଚ ଅପରେସନ ଆରମ୍ଭ କରି ଶରୀର ଅନ୍ୟ ଅଂଶ ଖୋଜି ପାଇଥିଲା। ଏହି ମହିଳା ଜଣକ ଗତ ୪ ତାରିଖରୁ ନିଖୋଜ ଥିଲେ। ହାତର ଟାଟୁ ଓ ମୁହଁର ଆକୃତିକୁ ନେଇ ପୁଲିସ ତଦନ୍ତ କରିଥିଲା ଓ ଏହା ଲକ୍ଷ୍ମୀଦେବମ୍ମାଙ୍କ ମୃତଦେହ ବୋଲି ଜାଣିବାକୁ ପାଇଥିଲା। ଟୁମକୁରୁ ତାଲୁକସ୍ଥିତ ବେଲ୍ଲାଭି ଗାଁ ମହିଳା ଜଣକ ରହୁଥିଲେ। ମହିଳାଙ୍କ ସ୍ୱାମୀ ବାସଭାରାଜୁ ପତ୍ନୀ ନିଖୋଜ ହେବା ନେଇ ପୁଲିସରେ ଅଭିଯୋଗ କରିଥିଲେ। ସେ ତାଙ୍କ ଝିଅଙ୍କୁ ଭେଟିବାକୁ ଯିବା ପରେ ଫେରି ନଥିଲେ।

### ଆରଜି କର ହସ୍ପିଟାଲ ଦୁଷ୍କର୍ମ ମାମଲାକୁ ବର୍ଷେ

# ପୁଲିସ-ବିକ୍ଷୋଭକାରୀ ମୁହାଁମୁହିଁ



କୋଲକାତା, ୯।୮ (ଏଜେନ୍ସି): କୋଲକାତାର ଆରଜି କର ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ମହିଳା ଡାକ୍ତରଙ୍କ ଦୁଷ୍କର୍ମ ଓ ହତ୍ୟା ମାମଲାକୁ ଏକ ବର୍ଷ ପୂରଣ ହୋଇଛି। ଏଥିପାଇଁ ପୀଡିତାଙ୍କ ପରିବାର ଶନିବାର ପଶ୍ଚିମବଙ୍ଗ ସଚିବାଳୟ (ନବନ୍ନା) ଚଲୋ ଅଭିଯାନର ଆହ୍ୱାନ ଦେଇଥିଲେ। ଏଥିପାଇଁ ଏହି ରାଲିରେ ପୀଡିତାଙ୍କ ପରିବାର ସଦସ୍ୟଙ୍କ ସହିତ ବିଜେପିର କେତେଜଣ ବରିଷ୍ଠ ନେତା ଯୋଗ ଦେଇଥିଲେ। କିନ୍ତୁ ଏମାନଙ୍କ ଉପରେ ଶନିବାର କୋଲକାତା ପୁଲିସ ଲାଠି ଚାର୍ଜ କରିଥିଲା। ପୁଲିସର ଲାଠିମାଡରେ ପୀଡିତାଙ୍କ ମାତାପିତା ଆହତ ହୋଇଛନ୍ତି। ଏହି ଘଟଣାକୁ ଗୋଟିଏ ବର୍ଷ ପୁରଣ ହୋଇଥିବାରୁ ବିଜେପି ବିଧାୟକ ତଥା ବିଧାନସଭା ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀ ମାର୍ଚ୍ଚରେ ସାମିଲ ହୋଇଥିଲେ। ପୁଲିସର ଏହି ବର୍ବରାତାକୁ ବିରୋଧ କରି ଶୁଭେନ୍ଦୁ କୋଲକାତା ପାର୍କ ଷ୍ଟ୍ରିଟ୍‌ରେ ଧାରଣାରେ ବସିଥିଲେ।

ମୃତ ମହିଳା ଡାକ୍ତରଙ୍କ ମାତାପିତା ଏହି ମାର୍ଚ୍ଚର ଆହ୍ୱାନ ଦେଇଥିଲେ। କିନ୍ତୁ ନବନ୍ନା ପରିସରରେ ପ୍ରଥମରୁ ଧାରା ୧୬୩ ଲାଗୁ କରାଯାଇଥିଲା। ଫଳରେ ସେଠାରେ କୌଣସି ପ୍ରକାର ଆନ୍ଦୋଳନକୁ ବାରଣ କରାଯାଇଥିଲା। କୋଲକାତା ପୁଲିସ ପ୍ରଥମରୁ ଚେତାବନୀ ଜାରି କରିଥିଲା। ଏହା ସତ୍ତ୍ୱେ ବ୍ୟାରିକେଡ ଭାଙ୍ଗି ଆନ୍ଦୋଳନକାରୀ ଭିତରେ ପ୍ରବେଶ କରିବାକୁ ଚେଷ୍ଟା କରିଥିଲେ। ଏହି ମାର୍ଚ୍ଚ ଆଗକୁ ଯାଉଥିବା ବେଳେ କୋଲକାତାର ପାର୍କ ଷ୍ଟ୍ରିଟ୍‌ରୁ ଡୋରିନା କ୍ରସିଂ ଏବଂ ହାଓଡା ମେଇଦାନରୁ ସନ୍ତରାଗାଛି ପର୍ଯ୍ୟନ୍ତ ଉତ୍ତେଜନା ସୃଷ୍ଟି ହୋଇଥିଲା। ଆନ୍ଦୋଳନକାରୀମାନେ ବ୍ୟାରିଡେକ ଭାଙ୍ଗି ଆଗକୁ ବଢ଼ିବା ବେଳେ ପୁଲିସ ଲାଠି ଚାର୍ଜ କରିଥିଲା। ଶୁଭେନ୍ଦୁଙ୍କୁ ରୋକିବା ଫଳରେ ପାର୍କ ଷ୍ଟ୍ରିଟ୍‌ରେ ହଙ୍ଗାମା ହୋଇଥିଲା। ଫଳରେ ସେ ଧାରଣାରେ ବସିଥିଲେ। ପୁଲିସ ଲାଠିମାଡରେ ମୁଣ୍ଡରେ ଆଘାତ ଲାଗିଛି ଓ ହାତର ଶଙ୍ଖା ଭାଙ୍ଗିଯାଇଛି ବୋଲି ମୃତକଙ୍କ ମା ଅଭିଯୋଗ କରିଛନ୍ତି।

ପୁଲିସର ଲାଠିମାଡ଼: ପୀଡିତାଙ୍କ ମାତାପିତା ମଧ୍ୟ ଆହତ

## ନିର୍ବାଚନ ପୂର୍ବରୁ ୧୬୦ ସିଟ୍ ଅଫର ମିଳିଥିଲା: ପାୱାର

ନାଗପୁର, ୯।୮ (ଏଜେନ୍ସି): ଏନ୍‌ସିପି (ଏସ୍‌ପି) ସୁପ୍ରିମୋ ଶରଦ ପାୱାର ୨୦୨୪ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ନେଇ ଏକ ବଡ଼ ଖୁଲାସା କରିଛନ୍ତି। ସେ କହିଛନ୍ତି ଯେ ନିର୍ବାଚନ ପୂର୍ବରୁ ଦିଲ୍ଲୀରେ ଦୁଇଜଣ ବ୍ୟକ୍ତି ତାଙ୍କ ପାଖକୁ ଆସିଥିଲେ ଓ ମହା ବିକାଶ ଅଘାଡି (ଏମ୍‌ଭିଏ) ୨୮୮ରୁ ୧୬୦ ସିଟ୍ ଜିତିବା ନେଇ ଗ୍ୟାରେଣ୍ଟି ଦେଇଥିଲେ। ସେ ଏହି ଦୁଇ ଲୋକଙ୍କୁ ରାହୁଲ ଗାନ୍ଧୀଙ୍କ ପାଖକୁ ପଠାଇଥିଲେ। ସେମାନେ ରାହୁଲଙ୍କୁ ମଧ୍ୟ ଏହି ପ୍ରସ୍ତାବ ଦେଇଥିଲେ। ତେବେ ଆମେ ଏହି ପ୍ରସ୍ତାବକୁ ଗ୍ରହଣ କରି ନଥିଲୁ। ଆମେ ଲୋକଙ୍କ ପାଖକୁ ଯାଇ ନିର୍ବାଚନ ଲଢିବାକୁ ନିଷ୍ପତ୍ତି ନେଇଥିଲୁ। ପାୱାର କିନ୍ତୁ ଏହି ଦୁଇ ଲୋକଙ୍କ ପରିଚୟ ପ୍ରକାଶ କରି ନାହାନ୍ତି। ତେବେ ସେ କହିଛନ୍ତି ଯେ ଏଥିରୁ ଜଣାପଡୁଛି ଯେ ନିର୍ବାଚନରେ ଜାଲିଆତି ହୋଇଛି। ପାୱାର କହିଲେ ଯେ ରାହୁଲ ଗାନ୍ଧୀ ଯେଉଁ ପ୍ରଶ୍ନ ଉଠାଉଛନ୍ତି, ନିର୍ବାଚନ କମିସନ ତାର ଜବାବ ଦିଅନ୍ତୁ। କମିସନ ବଦଳରେ ବିଜେପି କାହିଁକି ପ୍ରତିକ୍ରିୟା ଦେଉଛି ବୋଲି ପାୱାର ପ୍ରଶ୍ନ କରିଛନ୍ତି।

ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନଭୀସ କହିଛନ୍ତି ଯେ ପାୱାର ପୂର୍ବରୁ ଏହା କହିନଥିଲେ। ବୋଧେ ସେ ରାହୁଲ ଗାନ୍ଧୀଙ୍କ ପ୍ରଭାବରୁ ଏପରି କହୁଛନ୍ତି। ନିର୍ବାଚନର ଏତେ ଦିନ ପରେ ପାୱାରଙ୍କୁ ଏହି କଥା କିଭଳି ମନେ ପଡ଼ିଲା ବୋଲି ସେ ପ୍ରଶ୍ନ କରିଛନ୍ତି। ରାହୁଲ ପ୍ରତିଦିନ ମନଗଢ଼ା କାହାଣୀ କହୁଛନ୍ତି। ରାହୁଲଙ୍କ ଭଳି ପାୱାର ମଧ୍ୟ ଏଭଳି କହିବା ଆରମ୍ଭ କଲେଣି। ଏହାପୂର୍ବରୁ ରାହୁଲ ଦିଲ୍ଲୀରେ ଏକ ସାମ୍ବାଦିକ ସମ୍ମିଳନୀରେ ଭୋଟର ତାଲିକାରେ ଜାଲିଆତି ହେବା ଓ ମହାରାଷ୍ଟ୍ର, କର୍ଣ୍ଣାଟକ ଓ ହରିୟାଣା ବିଧାନସଭା ନିର୍ବାଚନରେ ଭୋଟଚୋରି ହେବା ନେଇ ଅଭିଯୋଗ କରିଥିଲେ।



## ଝାଡ଼ଖଣ୍ଡରେ ଦୁଇ ମାଲ୍‌ଗାଡି ଧକ୍କା, ରେଳ ଚଳାଚଳ ବାଧାପ୍ରାପ୍ତ


ରାଞ୍ଚି, ୯।୮ (ଏଜେନ୍ସି): ଝାଡଖଣ୍ଡର ଜାମସେଦପୁର ନିକଟସ୍ଥ ଚାନ୍ଦିଲ୍‌ରେ ଶନିବାର ସକାଳ ୪.୧୫ରେ ଦୁଇଟି ମାଲଗାଡି ପରସ୍ପରକୁ ଧକ୍କା ଦେଇଥିଲେ। ଗାଡିର ଏକାଧିକ ଡବା ରେଳ ଲାଇନ ବାହାରକୁ ଚାଲିଯାଇଥିଲା। ଫଳରେ ଏହି ରୁଟ୍‌ରେ ସବୁ ରେଳ ଚଳାଚଳକୁ ବନ୍ଦ କରିଦିଆଯାଇଛି। ଦୁର୍ଘଟଣା ପରେ ରେଳ ଲାଇନ ଉପରେ ଆବର୍ଜନା ବିଛାଡି ହୋଇ ପଡ଼ିଥିଲା। ମିଳିଥିବା ସୂଚନା ମୁତାବିକ ଗୋଟିଏ ମାଲଗାଡି ଟାଟାନଗରରୁ ବୋକାରୋ ଯାଉଥିଲା। ଅନ୍ୟ ଗାଡିଟି ବୋକାରୋରୁ ଟାଟାନଗର ଆସିଥିଲା। ସିଗ୍‌ନାଲ ସିଷ୍ଟମ୍‌ରେ ବୈଷୟିକ ତ୍ରୁଟି କାରଣରୁ ଦୁର୍ଘଟଣା ଘଟିଥିବା ଆଶଙ୍କା କରାଯାଉଛି। ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ ଏକ ମାଲଗାଡି ଟାଟା ନଗରରୁ ପୁରୁଲିଆକୁ ଯାଉଥିଲା। ଚାନ୍ଦିଲ ଷ୍ଟେସନ ପାର କରିବା ପରେ ଏହି ଗାଡି ଲାଇନଚ୍ୟୁତ ହୋଇଥିଲା ଓ ଏହି ଗାଡିର ଏକାଧିକ ବଗି ସାମ୍ନା ପଟୁ ଆସିଥିବା ଟ୍ରାକ୍ ଉପରେ ପଡ଼ିଥିଲା। ସାମ୍ନା ପଟୁ ଆସୁଥିବା ଗାଡି ଏହି ବଗିଗୁଡ଼ିକୁ ଧକ୍କା ଦେଇଥିଲା। ଫଳରେ ଦ୍ୱିତୀୟ ମାଲଗାଡିର ବଗିଗୁଡ଼ିକ ମଧ୍ୟ ଲାଇନଚ୍ୟୁତ ହୋଇଥିଲା। ଏହି ଦୁର୍ଘଟଣା ପିତକୀ ଗେଟ୍ ଓ ଚାଣ୍ଡିଲ ଷ୍ଟେସନ ମଧ୍ୟରେ ହୋଇଛି।

## ୧୫ରେ ଆଲାସ୍କାରେ ପୁତିନଙ୍କୁ ଭେଟିବେ ଟ୍ରମ୍ପ

ୱାସିଂଟନ, ୯।୮ (ଏଜେନ୍ସି): ଆଲାସ୍କାରେ ଅଗଷ୍ଟ ୧୫ରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ରୁଷିଆର ରାଷ୍ଟ୍ରପତି ଭ୍ଲାଦିମିର ପୁତିନଙ୍କ ମଧ୍ୟରେ ଶିଖର ବୈଠକ ହେବ। ଟ୍ରମ୍ପ ଶୁକ୍ରବାର ରାତିରେ ଏ ନେଇ ସୋସିଆଲ ମିଡିଆରେ ସୂଚନା ଦେଇଛନ୍ତି। ଖୁବଶୀଘ୍ର ଏହି ବୈଠକ ସହିତ ଜଡିତ ବିଭିନ୍ନ ସୂଚନା ସାର୍ବଜନୀନ କରାଯିବ ବୋଲି ସେ କହିଛନ୍ତି। ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ଚାଲିଥିବା ଯୁଦ୍ଧ ରୋକିବା ନେଇ ଏହି ବୈଠକରେ ଆଲୋଚନା ହେବ ବୋଲି ଆଶା କରାଯାଉଛି। ଅନ୍ୟପଟେ ରୁଷିଆ ଆମ ଅଞ୍ଚଳ ଉପରେ କବ୍‌ଜା କରିଛି ଓ ଏହାକୁ ଆମେ କେବେବି ଦେବୁନାହୁଁ ବୋଲି ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି କହିଛନ୍ତି। ଶାନ୍ତି ପାଇଁ ଯୁଦ୍ଧ ରୋକିବାକୁ ଆମେ ପ୍ରସ୍ତୁତ ବୋଲି ଜେଲେନସ୍କି କହିଛନ୍ତି।

## 'ଫ୍ୟାଟ୍‌ମ୍ୟାନ୍' ପ୍ରଳୟକୁ ପୂରିଲା ୮୦: ପ୍ରିୟଜନଙ୍କୁ ଶ୍ରଦ୍ଧାଞ୍ଜଳି ଦେଲେ 'ହିବାକୁଶା'

ଟୋକିଓ, ୯।୮ (ଏଜେନ୍ସି): ଜାପାନର ନାଗାସାକିରେ ୧୯୪୫ରେ ହୋଇଥିବା ପରମାଣୁ ବୋମା ଆକ୍ରମଣକୁ ଶନିବାର ୮୦ ବର୍ଷ ପୂରିଛି। ଆମେରିକା ଅଗଷ୍ଟ ୯ରେ ସକାଳ ୧୧ଟାରେ ହିଁ ଜାପାନର ଏହି ସହରରେ ପରମାଣୁ ବୋମା ମାଡ କରିଥିଲା ଓ ଏହାପରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଶେଷ ହୋଇଥିଲା। ବିଶ୍ୱରେ ଶେଷଥର ପାଇଁ ନାଗାସାକିରେ ପରମାଣୁ ବୋମା ପଡ଼ିଥିଲା। ଏହି ବୋମାର ନାମ ଥିଲା 'ଫ୍ୟାଟମ୍ୟାନ'। ଏହି ଆକ୍ରମଣରେ ୭୦ ହଜାର ଲୋକ ପ୍ରାଣ ହରାଇଥିଲେ। ଏହାର ୩ ଦିନ ପୂର୍ବରୁ ଅର୍ଥାତ ଅଗଷ୍ଟ ୬ରେ ହିରୋସିମାରେ ଆମେରିକା ପ୍ରଥମ ପରମାଣୁ ବୋମା ମାଡ କରିଥିଲା ଓ ଏହାର ନାମ 'ଲିଟିଲ ବଏ' ଥିଲା। ଏହି ଆକ୍ରମଣରେ ୧ ଲକ୍ଷ ୪୦ ହଜାର ଲୋକ ମୃତ୍ୟୁବରଣ କରିଥିଲେ। ଏହି ଦୁଇଟି ପରମାଣୁ ବୋମା ମାଡ଼ ପରେ ଜାପାନ ୧୯୪୫ ଅଗଷ୍ଟ ୧୫ରେ ଆତ୍ମ ସମର୍ପଣ କରିଥିଲା ଓ ଏଥିସହ ଦ୍ୱିତୀୟ ବିଶ୍ୱଯୁଦ୍ଧ ଶେଷ ହୋଇଥିଲା। ଏହି ଦୁଇଟି ପରମାଣୁ ବୋମା ବିଭୀଷିକାରୁ ବର୍ତ୍ତିଯାଇଥିବା ୯୯ ହଜାର ୧୩୦ ଜଣ ଲୋକ ଏବେ ଜୀବିତ ଅଛନ୍ତି। ଏହି ଲୋକମାନଙ୍କୁ ହିବାକୁଶା କୁହାଯାଉଛି। ଏମାନଙ୍କ ହାରିହାରି ବୟସ ହେଉଛି ୮୬ ବର୍ଷ। ପରମାଣୁ ବୋମା ଆକ୍ରମଣରେ ମୃତାହତ ଲୋକଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ଏହି ଶ୍ରଦ୍ଧାଞ୍ଜଳି ସମାରୋହରେ ଯୋଗ ଦେବାକୁ ନାକାସାକି ପ୍ରଶାସନ ସବୁଦେଶକୁ ନିମନ୍ତ୍ରଣ କରିଥିଲା। କିନ୍ତୁ ଚୀନ୍ ଏହି ନିମନ୍ତ୍ରଣକୁ ଗ୍ରହଣ କରିନାହିଁ। ନାଗାସାକିର ପିସ୍ ପାର୍କରେ ଆୟୋଜିତ ଏହି ଶ୍ରଦ୍ଧାଞ୍ଜଳି ସମାରୋହରେ ୯୫ଟି ଦେଶର ପ୍ରତିନିଧି ଯୋଗ ଦେଇଥିଲେ। ଏଥିରେ ଜାପାନ ପ୍ରଧାନମନ୍ତ୍ରୀ ଶିଗେରୁ ଇଶିବା ଓ ନାଗାସାକି ମେୟର ଶିରୋ ସୁଜୁକି ଯୋଗ ଦେଇଥିଲେ।



୧୯୪୫ରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଶେଷ ହେବାକୁ ଯାଉଥିବା ବେଳେ ଆମେରିକା ଓ ଜାପାନ ମଧ୍ୟରେ ସମ୍ପର୍କ ଖରାପ ହେବାରେ ଲାଗିଥିଲା। ଜାପାନ ଇଷ୍ଟ- ଇଣ୍ଡିଜ କ୍ଷେତ୍ରକୁ ଅକ୍ତିଆର କରିବାକୁ ନିଜ ସେନାକୁ ଆଗକୁ ବଢ଼ାଇଥିଲା। ଜାପାନକୁ ଆତ୍ମସମର୍ପଣ କରାଇବା ପାଇଁ ଆମେରିକାର ରାଷ୍ଟ୍ରପତି ହ୍ୟାରୀ ଟ୍ରୁମ୍ୟାନ ଏହି ପରମାଣୁ ବୋମା ଆକ୍ରମଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜାପାନ ଆତ୍ମସମର୍ପଣ କରୁ କିମ୍ବା ସମ୍ପୂର୍ଣ୍ଣ ଭାବେ ବିନାଶ ହେବାକୁ ପ୍ରସ୍ତୁତ ରହୁ ବୋଲି ଟ୍ରୁମ୍ୟାନ ସେତେବେଳେ ଚେତାବନୀ ଦେଇଥିଲେ।

# ‘ସୁଭଦ୍ରା’ ତୃତୀୟ କିସ୍ତି ପ୍ରଦାନ କଲେ ମୁଖ୍ୟମନ୍ତ୍ରୀ

**ଜୟପୁର, ୯ ।୮ (ସମିସ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଜୟପୁରଠାରେ ‘ସୁଭଦ୍ରା’ ଯୋଜନାର ତୃତୀୟ କିସ୍ତି ତଥା ନୂତନ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ବଣ୍ଟନ କରିଛନ୍ତି। ବାଙ୍କବିଜସ୍ଥିତ ରେଳଷ୍ଟେସନ୍ ନିକଟସ୍ଥ ପଡ଼ିଆରେ ଏନେଇ ଆୟୋଜିତ

- ■ ଜୟପୁର-ଭୁବନେଶ୍ୱର ମଧ୍ୟରେ ଖୁବ୍‌ଶୀଘ୍ର ‘ବନ୍ଦେ ଭାରତ’
- ■ ୭୬୨ କୋଟି ମୂଲ୍ୟର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ

ଏକ ସ୍ୱତନ୍ତ୍ର ସଭାରେ ମୁଖ୍ୟମନ୍ତ୍ରୀ ଏହାର ଶୁଭାରମ୍ଭ କରିଛନ୍ତି। ଏହି ଅର୍ଥ ସିଧାସଳଖ ହିତାଧିକାରୀମାନଙ୍କ ଆକାଉଣ୍ଟକୁ ଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ମହିଳାମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବା ପାଇଁ ‘ସୁଭଦ୍ରା’ ସହାୟତା ପ୍ରଦାନ କରାଯାଇଛି। ଏହାଦ୍ୱାରା ମହିଳାମାନଙ୍କ ଜୀବନରେ ପ୍ରଗତି ଓ ପରିବର୍ତ୍ତନର ନୂଆ ଅଧ୍ୟାୟ ସୃଷ୍ଟି ହେବ। ପରିବାରର ଆର୍ଥିକ ଶକ୍ତି ବୃଦ୍ଧିରେ ମଧ୍ୟ ଏହା ସହାୟକ ହେବ।

ଆଜି ପୂର୍ବାହ୍ନରେ ଏକ ସ୍ୱତନ୍ତ୍ର ବିମାନରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଜୟପୁର ବିମାନବନ୍ଦରରେ ପହଞ୍ଚିବା ପରେ ଅରବିନ୍ଦନଗର ସରସ୍ୱତୀ ଶିଶୁ




ବିଦ୍ୟାମନ୍ଦିରରେ ରକ୍ଷାବନ୍ଧନ ପୂଜାର୍ଚ୍ଚନା ଏବଂ ଗୋ-ପୂଜନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସେଠାରେ ବିଦ୍ୟାଳୟର ଛାତ୍ରୀମାନେ ମୁଖ୍ୟମନ୍ତ୍ରୀଙ୍କୁ ରାକ୍ଷୀ ବାନ୍ଧିଥିଲେ। ପରେ ଶ୍ରୀରାମନଗର ପାର୍କଠାରେ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ହରିଶ୍ଚନ୍ଦ୍ର ବକ୍ସିପାତ୍ରଙ୍କ ନୂତନ ପ୍ରତିମୂର୍ତ୍ତିକୁ ମୁଖ୍ୟମନ୍ତ୍ରୀ ଉନ୍ମୋଚନ କରିଥିଲେ। ଏହାପରେ ବାଙ୍କବିଜସ୍ଥିତ ରେଳ ଷ୍ଟେସନ୍ ନିକଟ ପଡ଼ିଆରେ ଆୟୋଜିତ ସଭାରେ ଉଦ୍‌ବୋଧନ ଦେବା ସହ ସୁଭଦ୍ରା ସହାୟତା ପ୍ରଦାନ କରିଥିଲେ। ଏଥିରେ ଜିଲ୍ଲାର ବିବାଦୀୟ କୋଟିଆ ପଞ୍ଚାୟତରେ ବସବାସ କରୁଥିବା ୧୭୯୭ ମହିଳା ପ୍ରଥମ କିସ୍ତି ଓ ୧୭୯୫ଜଣ ଦ୍ୱିତୀୟ କିସ୍ତି ଅର୍ଥ ପାଇଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କୋରାପୁଟ ଜିଲ୍ଲାରେ ୭୬୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମୂଲ୍ୟର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଏଥିରେ ଶିକ୍ଷା, ସ୍ୱାସ୍ଥ୍ୟ, ପୋଲ, ସଡ଼କ, ପର୍ଯ୍ୟଟନ ଭଳି ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଉନ୍ନୟନମୂଳକ ପ୍ରକଳ୍ପ ରହିଛି। ସେହିପରି, ଜିଲ୍ଲାରେ ୪୫୨କୋଟି ଟଙ୍କାରୁ ଊର୍ଦ୍ଧ୍ୱ ୪୩୬ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଜୟପୁର-ଭୁବନେଶ୍ୱର ମଧ୍ୟରେ ଖୁବ୍‌ଶୀଘ୍ର ‘ବନ୍ଦେ ଭାରତ’ ଟ୍ରେନ୍ ଚଳାଚଳ ବ୍ୟବସ୍ଥା କରାଯିବ ଏବଂ ଏଥିପାଇଁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେହିପରି ସ୍ଥାନୀୟ ସେବା ପେପର୍ ମିଲ ପୁନର୍ବାର ଚାଲୁ ଏବଂ ଜୟପୁରଠାରେ ଏକ ନୂତନ ମହାବିଦ୍ୟାଳୟ ସ୍ଥାପନ ହେବ ବୋଲି ଘୋଷଣା କରିଥିଲେ।

କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ କହିଥିଲେ, ‘ସୁଭଦ୍ରା’ ସହାୟତା ବ୍ୟବହାର କରି ଆଜି ରାଜ୍ୟର ଲକ୍ଷ ଲକ୍ଷ ମା’-ଭଉଣୀମାନେ ଛୋଟବଡ଼ ବ୍ୟବସାୟ ଆରମ୍ଭ କରି ପରିବାରର ଆର୍ଥିକ ସ୍ଥିତିକୁ ବଦଳାଇ ପାରିଛନ୍ତି। ସେହିପରି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଥିଲେ, ‘ସୁଭଦ୍ରା’ ମାଧ୍ୟମରେ ସରକାର ମହିଳାମାନଙ୍କ ଜୀବନର ଏକାଧିକ ଦିଗରୁ ଉନ୍ନତ କରିବାର ଲକ୍ଷ୍ୟ ରଖିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ମନ୍ତ୍ରୀ ବିଭୂତି ଭୂଷଣ ନାୟକ, ନବରଙ୍ଗପୁର ସାଂସଦ ବଳଭଦ୍ର ମାଝି, ବିଧାୟକ ତାରାପ୍ରସାଦ ବାହିନୀପତି, ବିଧାୟକ ରଘୁରାମ ମାଛ, ବିଧାୟକ ରୂପୁ ଭତ୍ରା, ବିଧାୟକ ନରସିଂହ ମାଡକାମି, ବିଧାୟକ ଗୌରୀଶଙ୍କର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଶାରେ ବି ଭୋଟ୍ ଚୋରି

## ନିର୍ବାଚନ କମିଶନଙ୍କ ଉପରେ ବର୍ଷିଲେ ଭକ୍ତ

**ଭୁବନେଶ୍ୱର, ୯।୮ (ସମିସ):** କର୍ଣ୍ଣାଟକରେ ଭୋଟ ଚୋରି ନେଇ ସଂସଦରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଗୁରୁତର ଅଭିଯୋଗ ଆଣିବା ପରେ ଏହାକୁ ନେଇ ରାଜ୍ୟ ରାଜନୀତି ଉଷ୍ମ ହୋଇଛି। ଗତ ସାଧାରଣନିର୍ବାଚନରେଓଡ଼ିଶାରେମଧ୍ୟଭୋଟଚୋରିହୋଇଥିବାନେଇ ଅଭିଯୋଗ କରିଛନ୍ତି କଂଗ୍ରେସ ଓ ବିଜେଡି। ପୂର୍ବରୁ ବିଜେଡି ଏନେଇ ଭାରତୀୟ ନିର୍ବାଚନ ଆୟୋଗଙ୍କ ନିକଟରେ ବିଧିବଦ୍ଧ ଅଭିଯୋଗ

- ରାଜ୍ୟରେ ପଡ଼ିଛି ଅଧିକ ୪୨ ଲକ୍ଷ ଭୋଟ
- ଭୋଟଚୋରି ପାଇଁ ବିଜେପିରୁ ୨୦ ସାଂସଦ
- ବିଜେଡି ଦୋହରାଇଲା ସମାନ ଅଭିଯୋଗ; ୧୯ରେ ନିର୍ବାଚନ ଆୟୋଗଙ୍କ ଦ୍ୱାରସ୍ଥ ହେବ

କରିଥିବା ବେଳେ ଶନିବାର ପିସିସି ସଭାପତି ଭକ୍ତଚରଣ ଦାସ କେନ୍ଦ୍ର ସରକାର ଏବଂ ନିର୍ବାଚନ ଆୟୋଗଙ୍କୁ ଏନେଇ ନିଶାଣ କରିଛନ୍ତି। ରାଜ୍ୟରେ ୨୧ ଲୋକସଭା ଆସନରେ ୪୨ ଲକ୍ଷ ଅଧିକ ଭୋଟ ପଡ଼ିଛି।

ଅପରପକ୍ଷେ ୫୧ ବିଧାନସଭା ଆସନରେ ବିଜେଡି ଜିତିଥିବା ବେଳେ ଗୋଟେ ହେଲେ ବି ଲୋକସଭା ଆସନ ଜିଣିପାରିଲା ନାହିଁ। ସେହିପରି କଳାହାଣ୍ଡି ଓ କେନ୍ଦ୍ରାପଡ଼ା ଲୋକସଭା ଆସନରେ ମାତ୍ର ଗୋଟିଏ ଲେଖାଁଏ ବିଧାନସଭା ଆସନ ଜିତି ବିଜେପି ଲୋକସଭା ଆସନ କିଭଳି ଜିତିଲା ବୋଲି ଶ୍ରୀ ଦାସ ପ୍ରଶ୍ନ କରିଛନ୍ତି।

ଶନିବାର କଂଗ୍ରେସ ଭବନରେ ଶ୍ରୀ ଦାସ ଗଣମାଧ୍ୟମକୁ ସମ୍ବୋଧନ କରି କହିଛନ୍ତି ଯେ ନିର୍ବାଚନ କମିଶନ ଓ ଶାସକ ଦଳ ହାତ ମିଶାଇ ଭୋଟ ଚୋରି କରିଛନ୍ତି। ସେଥିପାଇଁ ରାହୁଲ ଗାନ୍ଧୀ ବାରମ୍ବାର ମାଗିବା ସତ୍ତ୍ୱେ ନିର୍ବାଚନ କମିଶନ ଭୋଟରଙ୍କ ତଥ୍ୟ କିମ୍ବା ମତଦାନ ବେଳର ତଥ୍ୟ ଦେଲେନାହିଁ। ଗତ ନିର୍ବାଚନ ନିରପେକ୍ଷ ଭାବେ ହୋଇଥିଲେ ରାଜ୍ୟରେ କଂଗ୍ରେସ ୩୫-୪୦ ବିଧାନସଭା ଆସନ ହାସଲ କରିପାରିଥାନ୍ତା। ମହାରାଷ୍ଟ୍ର ଓ ଅନ୍ୟ



ରାଜ୍ୟ ପରି ଓଡ଼ିଶାରେ ମଧ୍ୟ ଭୋଟ ଚୋରି ହେବାରୁ ବିଜେପିର ୨୦ ସାଂସଦ ଜିତିବାରେ ସକ୍ଷମ ହେଲେ। ଆସନ୍ତା ସୋମବାରରୁ ଏ ନେଇ ଲୋକଙ୍କୁ ସଚେତନ କରାଯିବ ବୋଲି ଶ୍ରୀ ଦାସ ସୂଚନା ଦେଇଛନ୍ତି।

କଂଗ୍ରେସରଭୋଟଚୋରିପ୍ରସଙ୍ଗକୁବିଜେଡିମଧ୍ୟବଳଯୋଗାଇଛି। ଅନୁରୂପ ଅଭିଯୋଗ ଆଣି ଦଳର ମୁଖପାତ୍ର ଡ. ଲେନିନ ମହାନ୍ତି କହିଛନ୍ତି ଯେ ଦଳର ବରିଷ୍ଠ ନେତା ଅମର ପଟ୍ଟନାୟକ ରାଜ୍ୟରେ ଭୋଟ ଜାଲିଆତି ନେଇ ପୂର୍ବରୁ କହିଥିଲେ। ଫର୍ମ-୧୭ ସି ଏଯାଏଁ ବିଜେଡିକୁ ଦିଆଗଲା ନାହିଁ। ଆସନ୍ତା ୧୯ ତାରିଖରେ ପୁଣି ବିଜେଡି ଭାରତୀୟ ନିର୍ବାଚନ ଆୟୋଗଙ୍କ ନିକଟକୁ ଯିବ ବୋଲି ସେ ସୂଚନା ଦେଇଛନ୍ତି।

**ଅସହ୍ୟ ହେଲା ପ୍ରଧାନ ଶିକ୍ଷୟିତ୍ରୀଙ୍କ ନିର୍ଯାତନା**

# ୩ ମହଲା କୋଠାରୁ ଡେଇଁପଡ଼ିଲେ ଛାତ୍ରୀ

**ବେତନଟୀ, ୯ ।୮ (ସମିସ):** ପ୍ରଧାନ ଶିକ୍ଷୟିତ୍ରୀଙ୍କ ନିର୍ଯାତନା ଅସହ୍ୟ ହେବାରୁ ୩ ମହଲା ହଷ୍ଟେଲ ଛାତରୁ ଡେଇଁ ଛାତ୍ରୀଙ୍କ ଆତ୍ମହତ୍ୟା ଉଦ୍ୟମ। ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ୍ ଏସ୍. ଏସ୍ ନହଣ୍ଡାଶୋଳ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ (କେଜିବିଭି)ରେ ଏପରି ଏକ ଘଟଣା ଘଟିଛି। ୪ ଦିନ ତଳେ ଏହି ଘଟଣା ଘଟିଥିଲେ ହେଁ ଛାତ୍ରୀଙ୍କ ବାପା ଆଜି ଅଭିଯୋଗ କରିବା ପରେ ଘଟଣା ପଦାକୁ ଆସିଛି। ଗୁରୁତର ଛାତ୍ରୀଜଣଙ୍କ ହେଲେ, ବେତନଟୀ ବ୍ଲକ୍ ଅଧୀନ କଳମା ପଞ୍ଚାୟତ ଗୋବିନ୍ଦରାୟପୁର ଗ୍ରାମର ସାଇନା ଖାତୁନ। ତାଙ୍କୁ ସଂକଟାପନ୍ନ ଅବସ୍ଥାରେ ପ୍ରଥମେ ବେତନଟୀ ଡାକ୍ତରଖାନା ଓ ପରେ ବାଲେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତାଙ୍କର ମେରୁଦଣ୍ଡ ହାଡ଼ ଭାଙ୍ଗି ଯାଇଥିବା ବେଳେ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଛି। ଅପରପକ୍ଷେ, ଛାତ୍ରୀଙ୍କ ବାପା ସେକ ମେଜବୁଲଙ୍କ ଅଭିଯୋଗ ଆଧାରରେ ପୁଲିସ୍ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ



କରିଛି। ସେହିପରି ପ୍ରଧାନଶିକ୍ଷୟିତ୍ରୀ କାଞ୍ଚନବାଳା କରଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଛି।

ସୂଚନାନୁଯାୟୀ, ସାଇନା ଅଷ୍ଟମ ବାର୍ଷିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ପ୍ରଥମ ସ୍ଥାନ ପାଇବା ପାଇଁ ଯୋଗ୍ୟଥିବା ବେଳେ ପ୍ରଧାନଶିକ୍ଷୟିତ୍ରୀ କାଞ୍ଚନବାଳା ତାଙ୍କୁ କମ ନମ୍ବର ଦେଇଥିଲେ। ଏହାର ସେ ପ୍ରତିବାଦ କରିଥିଲେ। ଏନେଇ ସେ ବାରମ୍ବାର ପ୍ରଶ୍ନ କରିବାରୁ ଗତ ମାର୍ଚ୍ଚରୁ ଜୁଲାଇ ମଧ୍ୟରେ

- ■ ଭାଙ୍ଗିଛି ମେରୁଦଣ୍ଡ ହାଡ଼; ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ
- ■ ପ୍ରଧାନ ଶିକ୍ଷୟିତ୍ରୀ ନିଲମ୍ବିତ

ବିଭିନ୍ନ ସମୟରେ ପ୍ରଧାନଶିକ୍ଷୟିତ୍ରୀ ରାଗ ରଖି ଛାତ୍ରୀଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇଆସୁଥିଲେ। ଏପରିକି, ବିନା କାରଣରେ ଗାଳିଗୁଲଜ କରି ପ୍ରବଳ ମାଡ଼ ମାରୁଥିଲେ। ଏ ସଂପର୍କରେ ଛାତ୍ରୀଙ୍କ ବାପା ଜାଣିବା ପରେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ମଧ୍ୟ ବହୁବାର ଅଭିଯୋଗ କରିଛନ୍ତି।

ଗତ ରବିବାର ସାଇନା ସଜ ହେଉଥିବା ବେଳେ ପ୍ରଧାନ ଶିକ୍ଷୟିତ୍ରୀ ତାଙ୍କୁ କଟୁ ମନ୍ତବ୍ୟ ଦେଇ ଅପମାନିତ କରିଥିଲେ। ଏହା ସହି ନପାରି ସାଇନା ଏକ ସୁଇସାଇଡ ନୋଟ୍ ଲେଖି ୩ ମହଲା ଛାତରୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଗୁରୁବାର ଥାନାରେ ଅଭିଯୋଗ ପରେ ଶୁକ୍ରବାର ବେତନଟୀ ବ୍ଲକ ଶିକ୍ଷା ଅଧିକାରୀ ବିପ୍ଳବ କର ଓ ଆଇଆଇସି ସସ୍ମିତା ମହାନ୍ତ, ବିଡିଓ ସୁଶାନ୍ତ ସୂତାର ଛାତ୍ରୀନିବାସ ଓ ବିଦ୍ୟାଳୟରେ ପହଞ୍ଚି ଘଟଣା ସମ୍ପର୍କରେ ତଦନ୍ତ କରିଛନ୍ତି। ବ୍ଲକ୍ ଶିକ୍ଷା ଅଧିକାରୀ ଶ୍ରୀ କର ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଛାତ୍ରୀଙ୍କ ବୟାନ ନେବା ପରେ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ କରଙ୍କୁ ଚାକିରିରୁ ନିଲମ୍ବିତ କରିଛନ୍ତି।



ପବିତ୍ର ରକ୍ଷା ବନ୍ଧନ ଅବସରରେ ଛାତ୍ରୀମାନେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ରାକ୍ଷୀ ବାନ୍ଧୁଛନ୍ତି

**ଆଇଜର୍‌ର ସମାବର୍ତ୍ତନ ଉତ୍ସବ**

# ଶିକ୍ଷାକୁ ପରିବେଶ ଓ ସମାଜ ପରିବର୍ତ୍ତନରେ ବିନିଯୋଗ କର: ରାଜ୍ୟପାଳ

**ବ୍ରହ୍ମପୁର/ରଙ୍ଗେଇଲୁଣ୍ଡା, ୯ ।୮ (ସମିସ):** ଭାରତୀୟ ବିଜ୍ଞାନ ଶିକ୍ଷା ଏବଂ ଅନୁସନ୍ଧାନ ସଂସ୍ଥାନ ବ୍ରହ୍ମପୁର (ଆଇଜର)ର ୫ମ ସମାବର୍ତ୍ତନ ଉତ୍ସବ ନିର୍ଦ୍ଦେଶକ ପ୍ରଫେସର ଅଶୋକ କୁମାର ଗାଙ୍ଗୁଲିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଯୋଗଦେଇ ଶିକ୍ଷାକୁ କେବଳ ଡିଗ୍ରୀରେ ସୀମିତ ନ ରଖି ସମାଜ ପରିବର୍ତ୍ତନରେ ଲଗାଇବା ସହ ପରିବେଶ ଓ ସମାଜ କଲ୍ୟାଣରେ ବିନିଯୋଗ କରିବାକୁ ବିଦ୍ୟାର୍ଥୀଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ସେ ଜାତୀୟ ଶିକ୍ଷାନୀତିକୁ ପ୍ରଶଂସା କରିଥିଲେ।

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଥିଲେ, ୨୦୧୬ରେ ଭାରତ ସରକାରଙ୍କ ପକ୍ଷରୁ ଆରମ୍ଭ




ହୋଇଥିବା ଏହି ଅନୁଷ୍ଠାନ ପୂର୍ଣ୍ଣାଙ୍ଗ ଜ୍ଞାନମନ୍ଦିର ଭାବେ ପରିଗଣିତ ହୋଇଛି। ଏହା ଦେଶ ପାଇଁ ଗୌରବର ବିଷୟ। ଆଗାମୀ ଦିନରେ ଏଠାକାର ଅନୁସନ୍ଧାନ ବିକଶିତ ଭାରତର କାମରେ ଆସିବ। ଏହି ଅନୁଷ୍ଠାନ ରାଷ୍ଟ୍ରୀୟ ଆବଶ୍ୟକତା ପୂରଣ କରିବ। ନବଅନୁସନ୍ଧାନରେ ଏଠାକାର ପିଲାମାନେ ମଞ୍ଜି ପୋତିବେ। ଏଣୁ ଚାକିରି ପଛରେ ନ ପଡ଼ି ରୋଜଗାର ତିଆରି କରିବାକୁ ସେ ଛାତ୍ରଛାତ୍ରୀଙ୍କୁ ସେ ଆହ୍ୱାନ ଦେଇଥିଲେ।

ଅନ୍ୟତମ ଅତିଥିଭାବେ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଆସିକା ସାଂସଦ ଅନୀତା ଶୁଭଦର୍ଶିନୀ, ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ବିଧାୟକ ପ୍ରତାପ ନାୟକ, ଆଇଜର ଗଭର୍ଣ୍ଣିଙ୍ଗ ବଡ଼ି ଚେୟାରପର୍ସନ ଅରବିନ୍ଦ ଅନନ୍ତ ନାଟୁ, ଡିନ୍ ପ୍ରଫେସର୍ ପ୍ରସନଜିତ ମଣ୍ଡଳ, ରେଜିଷ୍ଟ୍ରାର୍ ପ୍ରଦୀପ କୁମାର ରାୟଙ୍କ ସମେତ ବୋଡର୍‌ର ଅନ୍ୟ ସଦସ୍ୟମାନେ ମଞ୍ଚାସୀନ ଥିଲେ। ଏହି ଅବସରରେ ବିଏସ-ଏମଏସ ବର୍ଗରେ ୧୩୬ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଥିବା ବେଳେ ଜଣଙ୍କୁ ଏମଏଏସ୍ ଡିଗ୍ରୀ ଓ ୨୨ଜଣଙ୍କୁ ପିଏଚ୍‌ଡି ପ୍ରଦାନ କରାଯାଇଥିଲା। ଏହି ଅବସରରେ ଅତିଥିଙ୍କ ଦ୍ୱାରା ଆଇଜର ପରିସରରେ ଚାରାରୋପଣ କରାଯାଇଥିବା ବେଳେ ୭୮୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ଦକ୍ଷିଣାଞ୍ଚଳ ଆଇଜି ନୀତିଶେଖର, ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ, ବ୍ରହ୍ମପୁର ଏସ୍‌ପି ଡ଼ା ସର୍ବଣା ବିବେକ ଏମ, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# ସୁବର୍ଣ୍ଣରେଖାରେ ଭାସିଗଲେ ୨ ଭଉଣୀ

## ଶୈବପୀଠରେ ଜଳଲାଗି ପାଇଁ ପାଣି ଉଠାଉଥିଲେ

**ଜଳେଶ୍ୱର, ୯।୮ (ସମିସ):** ମହାଦେବଙ୍କୁ ଜଳଲାଗି ପାଇଁ ପାଣି ଉଠାଇବାକୁ ଆସିଥିବା ଦୁଇ ଭଉଣୀ ସୁବର୍ଣ୍ଣରେଖା ନଦୀରେ ଭାସି ନିଖୋଜ ହୋଇଯାଇଛନ୍ତି। ସେମାନେ ହେଲେ, ଜଳେଶ୍ୱର ବ୍ଲକ ଶିଖରପୁର ଗାଁର କାହ୍ନୁ ଦାସଙ୍କ ଦୁଇ ଝିଅ ନନ୍ଦିତା (୧୪) ଓ ନନ୍ଦିନୀ (୧୨)। ସାଙ୍ଗମାନଙ୍କ ସହ ଦୁହେଁ ପାଣି ଉଠାଇବାକୁ ଶିଖରପୁର ପୋଲ ନିକଟ ଘାଟକୁ ଯାଇଥିଲେ। ନଦୀର ପ୍ରଖର ସ୍ରୋତରେ ନିୟନ୍ତ୍ରଣ ହରାଇ ୪ଜଣ ଭାସି ଯାଇଥିଲେ। ପାଖରେ ଥିବା କାଉଡ଼ିଆମାନେ ଜ୍ୟୋତିପ୍ରକାଶ ଦାସ, ଚାନ୍ଦିନୀ ଦାସକୁ ଉଦ୍ଧାର କରିଥିଲେ। ହେଲେ ନନ୍ଦିତା ଓ ନନ୍ଦିନୀ ଦୂରକୁ ଭାସିଯିବାରୁ ସେମାନଙ୍କୁ ଉଦ୍ଧାର ସମ୍ଭବ ହୋଇପାରିନଥିଲା। ଖବର ପ୍ରଘଟ ହେବା ପରେ ଗ୍ରାମବାସୀ ଓ ପରିବାରଲୋକେ ନଦୀକୂଳରେ ଖୋଜାଖୋଜି କରିଥିଲେ। ଖବର ପାଇ ଜଳେଶ୍ୱର ଓ ବାଲିଆପାଳରୁ ୨ଟି ଓଡ୍ରାଫ୍ ଟିମ୍, ଦମକଳବାହିନୀ ଖୋଜାଖୋଜି କରିଥିଲେ ମଧ୍ୟ ଖବର ଲେଖା ହେବା ପର୍ଯ୍ୟନ୍ତ ସେମାନଙ୍କୁ ଉଦ୍ଧାର କରାଯାଇପାରିନାହିଁ। ପରିସ୍ଥିତି ସଂପର୍କରେ ଏସ୍‌ଡିପିଓ ସୁବ୍ରତ ବେହେରାଙ୍କ ସହ ଜଳେଶ୍ୱର ପୁଲିସ ନଜର ରଖିଥିବା ଜଣାଯାଇଛି।

**ଡକାୟତି ଯୋଜନା ପଣ୍ଡ**

# ପୁଲିସ୍ ପଞ୍ଝାରେ ଡକାୟତ ଗ୍ୟାଙ୍ଗ

**ଅନୁଗୋଳ, ୯ ।୮ (ସମିସ):** ଅନୁଗୋଳ ପୁଲିସ୍ ଏକ ବଡ଼ଧରଣର ଡକାୟତି ଯୋଜନା ପଣ୍ଡ କରିବା ସହ ୮ ଡାକୟତଙ୍କୁ ଗିରଫ କରିଛି। ସେମାନେ ହେଲେ, ଅନୁଗୋଳ ସଦର ଥାନା ଅନ୍ତର୍ଗତ ଅଙ୍ଗାରବନ୍ଧ ଗାଁର ପାର୍ଥସାରଥି ପ୍ରଧାନ(୨୫), ବବୁଲୁ ପ୍ରଧାନ (୧୮), ଦିଲୀପ ସାହୁ (୨୨), ଅନୁଗୋଳ ଟାଉନ ଥାନା ଅନ୍ତର୍ଗତ ହୁଲସୁରିଙ୍ଗା ଘାସିସାହିର ସୁଜାଲ ଓରଫ ବୁଦ୍ଧ ମୁଖୀ (୧୯), ଘୁଞ୍ଚାପାଳ ଗାଁର ସୌମ୍ୟ ଓରଫ ସମୟ ନାଏକ (୨୨), ବନ୍ତଳା ଥାନା

- ■ ୮ ଡକାୟତ ଗିରଫ
- ■ ଦୁଇ କାର୍, ୪ ପିସ୍ତଲ ଜବତ

କଲେଇପଦା ଗାଁର ତନ୍ମୟ ନାଏକ ଓରଫ ମଣ୍ଟୁ (୨୧), ମାଣପୁରର ସିଲୁ ଓରଫ ଜଗନ ନାଏକ (୧୯), ଢେଙ୍କାନାଳ ଜିଲ୍ଲା ମୋଟଙ୍ଗା ଥାନା ପୋଡ଼ାପଡ଼ାର ମିଲନ୍ ଓରଫ ରୁଦ୍ରନାରାୟଣ ଭୁତିଆ (୨୫)। ଏନେଇ ଅନୁଗୋଳ ପୁଲିସ୍ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ଅପରାହ୍ଣରେ ଏକ ସାମ୍ବାଦିକ ସମ୍ମିଳନୀରେ ଏସ୍‌ଡିପିଓ ମହାଳିକ ସୂଚନା ଦେଇଛନ୍ତି। ପୁଲିସ ସେମାନଙ୍କ ନିକଟରୁ ଦୁଇଟି କାର୍, ୪ଟି ଦେଶୀ ପିସ୍ତଲ, ୭ଟି ମୋବାଇଲ ଓ ୭ ହଜାର ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି।

ଏମାନେ ଜାତୀୟ ରାଜପଥରେ ଡକାୟତି ଉଦ୍ଦେଶ୍ୟରେ ଏକ ଧଳା ରଙ୍ଗର ସ୍କର୍ପିଓ ଓ ଥାର୍‌ରେ ବୁଲୁଥିବା ଖବର ପାଇ




ପୁଲିସ୍‌ର ଏକ ପାଟ୍ରୋଲିଂ ଟିମ୍ ଅନୁଗୋଳ ଟାଉନ୍ ଅଞ୍ଚଳରେ ସେମାନଙ୍କୁ ଖୋଜାଖୋଜି କରି ହେମସୁରପଡ଼ା ଛକରେ ଠାବ କରିଥିଲା। ପୁଲିସକୁ ଦେଖି ଦୁର୍ବୃତ୍ତମାନେ ରାଜ୍ ହୋଟେଲ ଛକ ଦେଇ ଖସିଯିବାକୁ ଉଦ୍ୟମ କରିଥିଲେ। କିନ୍ତୁ ପୁଲିସ ସେମାନଙ୍କୁ ପିଛା କରି ଶନିବାର ଭୋର୍ ୪ଟାରେ ହାଟଛକ ନିକଟ ଅନୁଗୋଳର ପୁରୁଣା ଗୋରୁ ହାଟ ଭିତରୁ ଧରିବାରେ ସଫଳ ହୋଇଥିଲା। ଯାଞ୍ଚ ସମୟରେ ଅଭିଯୁକ୍ତମାନେ ଅନେକ ମାମଲାରେ ଜଡ଼ିତ ଏବଂ ସଂଗଠିତ ଭାବେ ଅସାମାଜିକ କାର୍ଯ୍ୟକଳାପ କରୁଥିବା ଜଣାପଡ଼ିଥିଲା। ଏହି ଡକାୟତ ଗ୍ୟାଙ୍ଗକୁ ଧରିବାରେ ଆଇଆଇସି ଧୀରେଶ ଦାସ, ଏସଆଇ ଆଶିଷ କୁମାର ସ୍ୱାଇଁ, ଗୋବିନ୍ଦ ଚନ୍ଦ୍ର ସାହୁ, ଆଦିତ୍ୟ କୁମାର ପଟ୍ଟନାୟକ, ଏଏସଆଇ ଚିତ୍ରସେନ ବିଶୋଇଙ୍କ ସମେତ କର୍ମଚାରୀ ମହେଶ ନାୟକ, ଲିଙ୍ଗରାଜ ବେହେରା, ନୀଳାମ୍ବର ଦଳବେହେରା, ସଂଗ୍ରାମ କେଶରୀ ମହାପାତ୍ର, ସୁଶୀଲ ସୁହୁଲା, ସାଗର ବୋଇତା, ବଳରାମ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ।

**ବିଶ୍ୱ ଆଦିବାସୀ ଦିବସରେ ବର୍ଷିଲା ବିଜେଡି**

# ଆଦିବାସୀଙ୍କ ସ୍ୱାର୍ଥକୁ ଭୁଲି ସରକାର ଗପ ଶୁଣାଉଛନ୍ତି

**ଭୁବନେଶ୍ୱର, ୯।୮ (ସମିସ):** ରାଜ୍ୟ ସରକାର ଗତ ୧୩ ମାସର ଶାସନରେ ଆଦିବାସୀମାନଙ୍କ ସ୍ୱାର୍ଥକୁ ଅଣଦେଖା କରିଛନ୍ତି। ଯେଉଁଥିପାଇଁ ଆଦିବାସୀ ଭାଇଭଉଣୀମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆଦିବାସୀମାନେ ଚରମ ଅବହେଳାର ସମ୍ମୁଖୀନ ହେଉଥିବା ବେଳେ ସରକାର କେବଳ ଗପ ଶୁଣାଇବାରେ ବ୍ୟସ୍ତ ରହୁଛନ୍ତି ବୋଲି ଅଭିଯୋଗ କରିଛି ବିଜେଡି। ଶନିବାର ଶଙ୍ଖ ଭବନରେ ବିଜେଡି ଆଦିବାସୀ ସେଲର ଆବାହକତ୍ୱରେ ରାଜ୍ୟସ୍ତରୀୟ ବିଶ୍ୱ ଆଦିବାସୀ ଦିବସ ପାଳନ ଅବସରରେ ଆଦିବାସୀଙ୍କ ମନ୍ଥର ବିକାଶକୁ ନେଇ କ୍ଷୋଭ ପ୍ରକାଶ ପାଇଛି।

ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଆଦିବାସୀ ସେଲର ଆବାହକ ମଙ୍ଗଳା କିଷାନ, ପୂର୍ବତନ ମନ୍ତ୍ରୀ ସୁଦାମ ମାର୍ଣ୍ଡି ଓ ମିଡିଆ ସଂଯୋଜକ ଡ. ପ୍ରିୟବ୍ରତ ମାଝୀ ସରକାରଙ୍କ ଆଦିବାସୀ ମାରଣା ନୀତି ବିରୋଧରେ ବର୍ଷିଥିଲେ। ଶ୍ରୀ କିଷାନ କହିଥିଲେ ଯେ ଜଣେ ଆଦିବାସୀ ମୁଖ୍ୟମନ୍ତ୍ରୀଙ୍କ ସମୟରେ ରାଜ୍ୟରେ ଆଦିବାସୀମାନେ ଚରମ ଅବହେଳାର




ସମ୍ମୁଖୀନ ହେଉଛନ୍ତି। ମାତ୍ର ସରକାର କେବଳ ଗପ ଶୁଣାଇବାରେ ବ୍ୟସ୍ତ ରହୁଛନ୍ତି। ସରକାର ଆଦିବାସୀଙ୍କ ଆର୍ଥିକ ଓ ସାମାଜିକ ଉନ୍ନତି ନିମନ୍ତେ ଦେଇଥିବା ପ୍ରତିଶ୍ରୁତିକୁ

- ■ ଆଦିବାସୀ ଛାତ୍ରଛାତ୍ରୀଙ୍କ ବର୍ଦ୍ଧିତ ବୃତ୍ତିରାଶି କାଟି ଦିଆଯାଇଛି
- ■ ଆଭିମୁଖ୍ୟରେ ପରିବର୍ତ୍ତନ ନ ହେଲେ ଆନ୍ଦୋଳନ ଚେତାବନୀ
- ■ ହୋ, ମୁଣ୍ଡାରି, ଭୂମିଜ, କୁଇ ଓ ସଉରା ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କରନ୍ତୁ ଡବଲ ଇଞ୍ଜିନ ସରକାର

ଭୁଲିଯାଇ ଆଦିବାସୀ କଲ୍ୟାଣ ବିଭାଗର ବଜେଟ୍ କାଟ୍, ଆଦିବାସୀ ଛାତ୍ରଛାତ୍ରୀଙ୍କ ଷ୍ଟାଇପେଣ୍ଡ ବନ୍ଦ ଭଳି ଆଦିବାସୀ ବିରୋଧୀ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ସରକାର ଏହି ଆଭିମୁଖ୍ୟରେ ପରିବର୍ତ୍ତନ ନଆଣିଲେ ଆଗାମୀ ଦିନରେ ଭୟଙ୍କର ଆନ୍ଦୋଳନ ହେବ। ଶ୍ରୀ ମାର୍ଣ୍ଡି କହିଥିଲେ ଯେ ଆଦିବାସୀଙ୍କ ସଂସ୍କୃତି ଓ ପରମ୍ପରାକୁ ଆଗକୁ ନେବା ସହ ଆଦିବାସୀମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ପ୍ରତିବର୍ଷ ଆଜିର ଦିନରେ ବିଶ୍ୱ ଆଦିବାସୀ ଦିବସ ପାଳନ କରାଯାଉଥିବା ବେଳେ ରାଜ୍ୟ ସରକାର ଏହି ଦିବସକୁ ଭୁଲିଗଲେଣି। ଜଣେ ଆଦିବାସୀ ଭାଇ ମୁଖ୍ୟମନ୍ତ୍ରୀ ଆସନରେ ବସିଥିଲେ ମଧ୍ୟ ଆଜିର ଦିନରେ ଆଦିବାସୀ ସମାଜ ପାଇଁ ଗୋଟିଏ ବାର୍ତ୍ତା ନ ଦେବା ଦୁର୍ଭାଗ୍ୟର ବିଷୟ। ରାଜ୍ୟରେ ପ୍ରତିଦିନ ଆଦିବାସୀ ମହିଳା ଓ ଛାତ୍ରୀମାନେ ଦୁଷ୍କର୍ମର ଶିକାର ହେଉଥିବା ବେଳେ ସରକାରୀ ଛାତ୍ରାବାସରେ ଆଦିବାସୀ ଛାତ୍ରୀମାନେ ଗର୍ଭବତୀ ହେବା ଖବର ରାଜ୍ୟବାସୀଙ୍କୁ ବ୍ୟଥିତ କରିଛି। ଡ. ମାଝୀ କହିଥିଲେ ଯେ ଆଦିବାସୀ ଛାତ୍ରଛାତ୍ରୀମାନଙ୍କୁ ବୈଷୟିକ ଶିକ୍ଷାରେ ୩୮.୫ ପ୍ରତିଶତ ସଂରକ୍ଷଣ ମିଳୁ। ହୋ, ମୁଣ୍ଡାରୀ, ଭୂମିଜ, କୁଇ ଓ ସଉରା ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିବା ସହିତ ୧୩୫ ଆଦିବାସୀ ସମ୍ପ୍ରଦାୟକୁ ଆଦିବାସୀ ଜନଜାତିରେ ସାମିଲ କରିବା ପାଇଁ ଡବଲ ଇଞ୍ଜିନ ସରକାର ପଦକ୍ଷେପ ନିଅନ୍ତୁ। ଭୁବନେଶ୍ୱର ମହାନଗର ନିଗମର କର୍ପୋରେଟର ଭାରତୀ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

# ଝୁଲଣ କୁଞ୍ଜରେ ରାଧାକୃଷ୍ଣ



ବଲଙ୍ଗା,୯।୮(ସମିସ): ଭାର୍ଗବୀ ନଦୀ ନିକଟସ୍ଥ ବଲଙ୍ଗା ରାଧାଗୋବିନ୍ଦ, ରାଧାକାନ୍ତ, ଗୋପୀନାଥ,ରାସ ବିହାରୀ ପ୍ରଭୃତି ଥାନା ଅଧୀନ ସମସ୍ତମଠରେ ପାରମ୍ପରିକ ଝୁଲଣ ଯାତ୍ରା ଆରମ୍ଭ ହୋଇଛି। ପ୍ରତ୍ୟେହ ସନ୍ଧ୍ୟା ଆଳତି ପରେ ରାଧା କୃଷ୍ଣଙ୍କର ଯୁଗଳ ମୂର୍ତ୍ତି କୁଞ୍ଜରେ ଉପବିଷ୍ଟ ହୋଇ ଭକ୍ତମାନଙ୍କୁ ଦର୍ଶନ ଦେଇଥାନ୍ତି। କୁଞ୍ଜଗୁଡ଼ିକ ନିକଟରେ ସଙ୍କୀର୍ତ୍ତନ, ଗୋଟିପୁଅ ନୃତ୍ୟ, ପାଲା ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏହି ଯାତ୍ରା ୭ ଦିନ ଅନୁଷ୍ଠିତ ହେବାନେଇ ମଠାଧୀଶ ବୈଷ୍ଣବ ଚରଣ ଦାସ ମହାରାଜାଙ୍କ ଠାରୁ ସୂଚନା ମିଳିଛି।

# ବିଶ୍ୱ ସଂସ୍କୃତ ଦିବସରେ ପଣ୍ଡିତ ତ୍ରିଲୋଚନ ମିଶ୍ର ସମ୍ବର୍ଦ୍ଧିତ



ଚାରିଛକ,୯।୮(ସମିସ): ସଂସ୍କୃତ ଭାରତର ଆତ୍ମା ସଦୃଶ। ୧୯୬୯ ରଷି ପୂର୍ଣ୍ଣିମା ଠାରୁ ଏ ଯାବତ ସାରା ପୃଥିବୀ ବିଶ୍ୱ ସଂସ୍କୃତ ଦିବସ ପାଳନ କରୁଛି। ପ୍ରାଚୀ ତଟରେ ଜନ୍ମିତ ଭକ୍ତକବି ଜୟଦେବଙ୍କ ରଚିତ ବିଶ୍ୱ ପ୍ରଶିଦ୍ଧ ଭକ୍ତ ଭାବଭରା ସଂସ୍କୃତ କାବ୍ୟ ଶ୍ରୀଗୀତ ଗୋବିନ୍ଦର ପଦ ପୂରଣ ନିଜେ ମହାପ୍ରଭୁ ଶ୍ରୀ ଜଗନ୍ନାଥ କରିବା ସହ ନିଜ ନିତ୍ୟ ସେବାରେ ଶ୍ରୀ ଶ୍ରୀ ଗୀତଗୋବିନ୍ଦ ସେବାକୁ ସାମିଲ କରାଇଛନ୍ତି। ପ୍ରାଚୀ ତଟ ୫୬ଗଡ଼ ସାମନ୍ତଙ୍କ ପ୍ରତିନିଧିଭାବେ ରୁପାସ ଗଡ଼ର ମୁରବି ଅଜୟ କୁମାର ପାତ୍ର ଉପସ୍ଥିତରହି ଭକ୍ତ ଜୟଦେବଙ୍କ ବଂଶଦ ପ୍ରକୃତି ବନ୍ଧୁ ପଣ୍ଡିତ ତ୍ରିଲୋଚନ ମିଶ୍ରଙ୍କୁ ଗୀତଗୋବିନ୍ଦ ଖଣ୍ଡୁଆ ଅର୍ପଣକରି ସମ୍ବର୍ଦ୍ଧିତ କରିଛନ୍ତି। ସଂଯୋଜକ ଲଲାଟେନ୍ଦୁ ମିଶ୍ର ପରିଚାଳନା କରିଥିଲେ।

# ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ରକ୍ଷା ବନ୍ଧନ



ଚାରିଛକ,୯।୮(ସମିସ): ଚାରିଛକ ଠାରେ ଥିବା ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଛି। ଚାରିଛକ ଉପ-କେନ୍ଦ୍ରର ମୁଖ୍ୟ ସଞ୍ଚାଳିକା ବ୍ରହ୍ମାକୁମାରୀ ମଞ୍ଜୁମଣି ସ୍ଥାନୀୟ ସେବାକେନ୍ଦ୍ରରେ ଉପସ୍ଥିତ ଭାଇ ଭଉଣୀଙ୍କ ହାତରେ ରାକ୍ଷୀ ବାନ୍ଧିଥିଲେ। ଚାରିଛକ ଥାନା ଅଧିକାରୀ ମମତା ବିଶ୍ୱାଳ,ଏସଆଇ କୃଷ୍ଣଚନ୍ଦ୍ର ପୃଷ୍ଟିଙ୍କ ସମେତ ସମସ୍ତ କର୍ମଚାରୀମାନଙ୍କ ହାତରେ ରାଖି ବାନ୍ଧିଥିଲେ। କାର୍ଯ୍ୟକ୍ରମରେ ସେବାକେନ୍ଦ୍ରର ବିକେ. ନିରଞ୍ଜନ, ବି.କେ. ନାରାୟଣ , ବି.କେ. କୁଳମଣି , ବି.କେ. କେଦାର, ବି.କେ. ସୁକାନ୍ତ ସମେତ ସମସ୍ତ ଭାଇଭଉଣୀ ମାନେ ସହଯୋଗ କରିଥିଲେ।

# ଅଲାରନାଥଙ୍କ ପୀଠରେ ରକ୍ଷା ବନ୍ଧନ



ବ୍ରହ୍ମଗିରି,୯।୮(ସମିସ): ପବିତ୍ର ରକ୍ଷା ବନ୍ଧନ ଅବସରରେ ଶ୍ରୀ ଅଲାରନାଥଙ୍କ ପୀଠରେ ସ୍ୱତନ୍ତ୍ର ଭାବରେ ଏହି ରକ୍ଷା ବନ୍ଧନ ନୀତି ଅନୁଷ୍ଠିତ ହୋଇଛି। ଭୋର ଚାରିଟାରେ ମନ୍ଦିର ଫିଟା ଯିବା ପରେ ମଙ୍ଗଳ ଆଳତୀ, ଅବକାଶ, ବେଶ, ଚନ୍ଦନ ତୁଳସୀ ଲାଗି, ଦ୍ୱାରପାଳ ପୂଜା, ଗୋପାଳ ବଲ୍ଲଭ ଉଠି ସକାଳ ୬ଟାରେ ସର୍ବସାଧାରଣ ଦର୍ଶନ ହୋଇଥିଲା। ସୂର୍ଯ୍ୟପୂଜା, ରୋଷହୋମ ନୀତି ସକାଳ ୭ଟା ସୁଦ୍ଧା ବଢିବା ମଧ୍ୟାହ୍ନ ୧୨ଟାରେ ସକାଳ ପିଠା ଧୂପ, ଗୋଟାଏରେ ଦ୍ୱିପ୍ରହର ଧୂପ ନୀତି ବଢି ଅପରାହ୍ନ ୨ଟାରେ ରକ୍ଷା ବନ୍ଧନ ଅନୁଷ୍ଠିତ ହୋଇଥିଲା। ଶ୍ରୀଜିଉଙ୍କୁ ରାକ୍ଷୀ ଲାଗି ହେବାପରେ ଏଣ୍ଡୁରି ପିଠା ଦ୍ୱିପ୍ରହର ନୀତିଧୂପରେ ଭୋଗ ହୋଇଥିଲା। ସନ୍ଧ୍ୟା ଆଳତି, ମଇଲମ ନୀତି ବଢ଼ି ଶ୍ରୀଜିଉଙ୍କ ବିଜୟ ବିଗ୍ରହ ସେବାୟତ ଗାଁ ଗୋପକୁ ବିଜେ କରିଥିଲେ। ସେଠାରେ ଗହ୍ମା ବେଦିକୁ ବିଜେ କରିବା ପରେ ସ୍ୱତନ୍ତ୍ର ଭାବରେ ପନ୍ତି ଭୋଗ ଲାଗ ହୋଇ ଲାଖବିନ୍ଧା ନୀତି ସମ୍ପନ୍ନ ହୋଇଥିଲା। ରାତି ଦଶଟା ସୁଦ୍ଧା ବିଜୟ ବିଗ୍ରହ ମୁଖ୍ୟ ମନ୍ଦିରକୁ ଫେରିବା ପରେ ବଡ଼ସିଂହାର ବେଶ ଓ ଧୂପ ନୀତି ବଢ଼ିବ ପରେ ପହଡ଼ ହୋଇଥିଲା।

## ୨୦୦ ଯବାନଙ୍କୁ ବଞ୍ଚାଇବାକୁ ଯାଇ ଜୀବନ ହାରିଲେ ସ୍ୱରାଜ

# ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ

ଅସ୍ତରଙ୍ଗ,୯।୮(ସମିସ):

ପବିତ୍ର ରକ୍ଷାବନ୍ଧନ ଅବସରରେ ଅସ୍ତରଙ୍ଗ ମାଟିରେ ଶୁଭୁଛି କାନ୍ଦ ବୋବାଳି। ଶୋକାକୁଳ ପରିବେଶରେ ଶୁଭୁଛି ତୋପ ସଲାମୀର ଶବ୍ଦ। ଅସ୍ତରଙ୍ଗ ବ୍ଲକ୍ ପାଟଳଦା ପଞ୍ଚାୟତ ସୁନ୍ଦର ଗ୍ରାମରୁ ଭାସି ଆସୁଛି ଏହିଶବ୍ଦ। ଏହିଶବ୍ଦରେ ଲୁଚିଛି ଜଣେ ବୀର ଯୋଦ୍ଧାର ଅନ୍ତିମ କାହାଣୀ। ସୁନ୍ଦର ଗ୍ରାମର ହିନ୍ଦୀ ଶିକ୍ଷକ ଅଚ୍ୟୁତାନନ୍ଦ ସାହୁଙ୍କ ପୁତ୍ର ସ୍ୱରାଜ୍ୟ ସାହୁ ଗତ ୭ ତାରିଖ ସହିଦ ହୋଇଛନ୍ତି। ଭାରତ ମାତାର ବୀର ପୁଅ ସ୍ୱରାଜ୍ୟ ଥିଲେ ଭାରତୀୟ ବାୟୁ ସେନାର ଜଣେ ସର୍ଜେଣ୍ଟ। ଡ୍ୟୁଟିରେ ଥିବାବେଳେ ଆଗ୍ରା କ୍ୟାମ୍ପରେ ଜୁନ୍ ୪ ତାରିଖ ରେ ଅକସ୍ମାତ ଏକ ଅଗ୍ନିକାଣ୍ଡ ଘଟିଥିଲା। ସେହି କ୍ୟାମ୍ପରେ ବାୟୁସେନାର ପାଖାପାଖି ୨୦୦ ସେନା କର୍ମୀଥିଲେ। କାଳେ ନିଆଁ ଚାରିଆଡ଼େ ବ୍ୟାପିବ ତେଣୁ ସେମାନଙ୍କୁ ରକ୍ଷା କରିବା ପାଇଁ ସ୍ୱରାଜ୍ୟ ଅଗ୍ନିକୁ ଆୟତ୍ତ କରିବା ପାଇଁ ଅଗ୍ନିନିର୍ବାପକ ସିଲିଣ୍ଡର ବ୍ୟବହାର କରିଥିଲେ। ହେଲେ ସମସ୍ତ ସେନା ରକ୍ଷା ପାଇଗଲେ ସତ କିନ୍ତୁ ସ୍ୱରାଜ୍ୟ ସେଇ ଧୂଆଁରେ ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ସଙ୍ଗେସଙ୍ଗେ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ମାତ୍ର ଦୀର୍ଘ ୨ ମାସ ଜୀବନ ସହିତ ଲଢେଇ କରି ଗତ ୭ ତାରିଖ ସହିଦ ହୋଇଥିଲେ। ଶନିବାର ତାଙ୍କ ମରଶରୀରକୁ ବାୟୁ ସେନାର ସ୍ୱତନ୍ତ୍ର ଟିମ୍ ଆଣି ଅସ୍ତରଙ୍ଗ ଉକୁଳେଇ ସ୍ଥିତ ପୂର୍ବତନ ସେନା ସଙ୍ଘ କାର୍ଯ୍ୟାଳୟ ସାମ୍ନା ରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବାପରେ ବିରାଟ ଶୋଭାଯାତ୍ରାରେ ତାଙ୍କୁ ଅସ୍ତରଙ୍ଗ ବଜାର, ସୁନ୍ଦର ସ୍ଥିତ ତାଙ୍କ ସ୍କୁଲ ର ଶ୍ରଦ୍ଧାଞ୍ଜଳି ଦେବାପରେ ବାସଭବନକୁ ଅଣାଯାଇଥିଲା। ସେନା ପକ୍ଷରୁ ରାଷ୍ଟ୍ରୀୟ ମର୍ଯ୍ୟାଦା ଦିଆଯିବା ପରେ ତାଙ୍କ ଗ୍ରାମ ଶ୍ମଶାନକୁ ନିଆଯାଇଥିଲା। ସେଠାରେ ଭାରତୀୟ ବାୟୁ ସେନା ତରଫରୁ ରାଷ୍ଟ୍ରୀୟ ତୋପ ସଲାମୀ ଦିଆଯାଇ ତାଙ୍କ ଶେଷ କୃତ୍ୟ ସମ୍ପନ୍ନ କରାଯାଇଥିଲା। ଅସ୍ତରଙ୍ଗ ଅଞ୍ଚଳରୁ ସହିଦଙ୍କ ଶେଷଦର୍ଶନ ପାଇଁ ଶହ ଶହ ଲୋକଙ୍କ ସହିତ, ସ୍ୱାଧୀନ କୁମାର ନାୟକ, ସୁବ୍ରତ ଛାଟୋଇ, ଦିବାକର ଛାଟୋଇ, ବାଇଧର ମଲ୍ଲିକ, ସତ୍ୟବ୍ରତ ଲେଙ୍କାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।



# ବାଇକ୍-ସ୍କୁଟି ଦୁର୍ଘଟଣା; ୭ ଆହତ

ନିମାପଡ଼ା,୯।୮(ସମିସ): ନିଶା ସେବନକରି ବାଇକ୍ ଚଳାଇବା ଚାରିଜଣ ଯୁବକଙ୍କୁ ମହଙ୍ଗା ପଡ଼ିଛି। ନିଶାସେବନ କରି ଗାଡ଼ି ଚଳାଉଥିବାବେଳେ ଏକ ସ୍କୁଟି ସହ ଧକ୍କା ହେବାରୁ ୭ଜଣ ଆହତ ହୋଇଛନ୍ତି। ଚାରିଜଣ ଯୁବକଙ୍କ ମଧ୍ୟରୁ ତିନିଜଣଙ୍କ ଅବସ୍ଥା ସଂକଟାପନ୍ନ ଥିବାବେଳେ ଅଧିକ ଚିକିତ୍ସା ପାଇଁ କ୍ୟାପିଟାଲ୍ ହସ୍ପିଟାଲକୁ ପଠାଯାଇଛି। ପୁଲିସ ପହଞ୍ଚି ବାଇକ୍‌ଟିକୁ ଜବତ କରି ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ଶନିବାର ସନ୍ଧ୍ୟା ସମୟରେ ନିମାପଡ଼ା ଥାନା ଧୀରପୁର ଗ୍ରାମର ଅନୀଲ ବେଠିଆ (୨୪), ସୁନୀଲ ବେଠିଆ (୨୨), ମିଥୁନ ବେହେରା (୨୩), ପିପିଲି ଥାନା ଭଗବାନପୁର ଗ୍ରାମର ଦୀପକ ବେହେରା (୨୫) ଏକ ବାଇକ୍‌ରେ ପିପିଲି ଅଭିମୁଖେ ଯାଉଥିବା ବେଳେ ତଳଅଣ୍ଡିଆ ପୋଲ ନିକଟରେ ସମ୍ମୁଖ ପାଖରୁ ଆସୁଥିବା ଏକ ସ୍କୁଟିକୁ ଧକ୍କା ଦେଇଥିଲେ । ସ୍କୁଟିରେ ଥିବା ସ୍ୱାମୀ, ସ୍ତ୍ରୀ ଓ ଶିଶୁ ପୁତ୍ର ସାମାନ୍ୟ ଆହତ ହୋଇଥିବାବେଳେ ବାଇକରେ ଥିବା ଚାରିଜଣ ଯୁବକ ରାସ୍ତାରେ ପଡ଼ି ଛିଟିକି ଯାଇଥିଲେ।

# ଗୋପାଳ ଯାଦବ ସଂଘ ପକ୍ଷରୁ ରକ୍ଷା ବନ୍ଧନ



ଗମ୍ଭାରୀପଦା,୯।୮(ସମିସ): ପବିତ୍ର ଗହ୍ମା ପୂର୍ଣ୍ଣିମାରେ ରକ୍ଷାବନ୍ଧନ ଉତ୍ସବ ମଙ୍ଗଳପୁର ନିକଟସ୍ଥ ରାଧାକୃଷ୍ଣମନ୍ଦିର ପ୍ରାଙ୍ଗଣରେ ଗୋପାଳ ଯାଦବ ସଂଘ ପକ୍ଷରୁ ପାଳନ କରାଯାଇଛି। ସଭାପତି ଲକ୍ଷ୍ମୀଧର ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ପୁରୀ ଜିଲ୍ଲା ବିଜେପି ସଂଗଠନର ଉପସଭାପତି ରତିକାନ୍ତ ବେହେରା, ମୁଖ୍ୟବକ୍ତା କାକଟପୁର ମଣ୍ଡଳ ସଭାପତି କାଳନ୍ଦୀ ଦିକ୍ଷୀତ, ସମ୍ମାନିତ ଅତିଥି ବରିଷ୍ଠ ସାମ୍ବାଦିକ ତଥା ମା ମଙ୍ଗଳା ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ କ୍ଷେତ୍ରମୋହନ ଦାଶ, ସାମ୍ବାଦିକ ଅକ୍ଷୟକୁମାର ରାଉତ, ମାନସ କୁମାର ଶାସମଲ ପ୍ରମୁଖ ଯୋଗଦେଇ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୁରୁଷୋତ୍ତମ ମଠିଆ, ନାଥ ପୋଲେଇ, ଦୈତାରୀ ବେହେରା, ରବି ବେହେରା, ବସୁଧା, ଯୋଗମାୟା, ତ୍ରିନାଥ ଓ ଦକ୍ଷିଣଚଣ୍ଡୀ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନଙ୍କ ସମେତ ଶତାଧିକ ଯୁବକ/ଯୁବତୀ ଏବଂ କୁନି କୁନି ପିଲାମାନେ ଯୋଗଦେଇ ଭାଇମାନଙ୍କ ହାତରେ ରାଖି ବାନ୍ଧିଥିଲେ। ଅନ୍ୟପକ୍ଷରେ ପୌରାଣିକ ପ୍ରାଚୀ ନଦୀ ଅବବାହିକାରେ ଅବସ୍ଥିତ ବିଶ୍ୱାମିତ୍ର ଆଶ୍ରମ ପରିସରରେ କାକଟପୁର ନିଶାନିବାରଣ ମଞ୍ଚର ସଂଯୋଜକ ବିପିନି ବିହାରୀ ମହାନ୍ତିଙ୍କ ଦ୍ୱାରା ଆୟୋଜିତ ରକ୍ଷା ବନ୍ଧନ ଉତ୍ସବରେ ବନବିହାରୀ ଗ୍ରହାଚାର୍ଯ୍ୟ, ପ୍ରଧାପକ ସଂଗ୍ରାମ ଛାଟୋଇ, ଶିକ୍ଷୟିତ୍ରୀ ଦିପ୍ତି ମହାନ୍ତି, ମା ମଙ୍ଗଳା ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ଦାଶଙ୍କ ଉପସ୍ଥିତିରେ ଭଉଣୀ ମାନେ ଭାଇମାନଙ୍କ ହାତରେ ରାଖି ବାନ୍ଧି ନିଶା ସେବନ ନ କରିବା ପାଇଁ ସଚେତନ କରାଇଥିଲେ।

# ସତ୍ୟସାଇ ବାବାଙ୍କ ଦିବ୍ୟ ପାଦୁକାଯାତ୍ରା

ସାକ୍ଷୀଗୋପାଳ,୯।୮(ସମିସ): ସତ୍ୟସାଇ ଭଜନ ମଣ୍ଡଳୀ, ବୀର ରାମଚନ୍ଦ୍ରପୁର ତରଫରୁ ସତ୍ୟସାଇ ବାବାଙ୍କ ପାଦୁକା ଯାତ୍ରା ଅନୁଷ୍ଠିତ ହୋଇଛି। ଦିବ୍ୟ ପାଦୁକା ଯାତ୍ରା ନିର୍ମଳାରୁ ଆସି ବୀରରାମଚନ୍ଦ୍ରପୁର ଭଜନ ମଣ୍ଡଳୀର ଚଉଦବାଟିଆ ଠାରେ ପହଞ୍ଚି ଗ୍ରାମ ପରିକ୍ରମା କରିଥିଲା। ଗ୍ରାମବାସୀ ଦିବ୍ୟ ପାଦୁକା ଦର୍ଶନ କରି ଆନନ୍ଦ ଲାଭ କରିଥିଲେ। ଚନ୍ଦନପୁର, ବୀର ରାମଚନ୍ଦ୍ର ପୁର ଏବଂ ସାତଶଙ୍ଖ ଭଜନ ମଣ୍ଡଳୀର ସମସ୍ତ ଭାଇ ଭଉଣୀ ଯୋଗ ଦେଇଥିଲେ। ଜିଲ୍ଲା ସଭାପତି ବଂଶୀଧର ମହାପାତ୍ର, ସୂର୍ଯ୍ୟନାରାୟଣ ମହାପାତ୍ର, ଲକ୍ଷ୍ମୀ ପ୍ରସାଦ ପାଣି, କାଳନ୍ଦୀ ସାହୁ, ସଞ୍ଜୀବ ମିଶ୍ର, ବିଭୂତିଭୂଷଣ ରଥ, ପ୍ରଶାନ୍ତ ସେନାପତି, ଶରତ କୁମାର ବେହେରା, ନିରଞ୍ଜନ ପ୍ରଧାନ, ଦିଲୀପ ଜେନା ପ୍ରମୁଖଙ୍କ ସମେତ ଅନ୍ୟମାନେ ଯୋଗ ଦେଇଥିଲେ।

# ଗୁଆମାଳ ରାକ୍ଷୀ ପିନ୍ଧିଲେ ସାକ୍ଷୀଗୋପାଳ

ସାକ୍ଷୀଗୋପାଳ,୯।୮(ସମିସ): ସାକ୍ଷୀଗୋପାଳ ମନ୍ଦିରରେ ଗହ୍ମାପୂର୍ଣ୍ଣମୀ ପର୍ବ ପାଳିତ ହୋଇଯାଇଛି। ଦୈନନ୍ଦିନ ଦେବନୀତି ସହିତ ଦ୍ୱିପ୍ରହର ଧୂପରେ ଠାକୁରଙ୍କୁ ନୂତନ ବସ୍ତ୍ର ଲାଗି, ଆଳତି, ଉପଚାର ଓ ଜାତଭୋଗରେ ଗହମ ଓ ନଡିଆପୁରରେ ପ୍ରସ୍ତୁତ ମଣ୍ଡାପିଠା ଲାଗି କରାଯାଇଥିଲା। ଏହି ଅବସରରେ ସାକ୍ଷୀଗୋପାଳ ଓ ଶ୍ରୀରାଧା ଗୁଆମାଳ ରାକ୍ଷୀ ପରିଧାନ କରିଥିଲେ। ସନ୍ଧ୍ୟାରେ ଠାକୁରଙ୍କ ବିଜେ ପ୍ରତିମା ମଦନମୋହନ ଗହ୍ମାବେଦିକୁ ବିଜେ କରିଥିଲେ। ଝୁଲଣ କୁଞ୍ଜରେ ଠାକୁରଙ୍କୁ ଝୁଲାଇବା ସହ ଗୋଟିପୁଅ ନୃତ୍ୟ ଦେଖିବାକୁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିଲା।

**● ନୟାହାଟରେ ସ୍ୱାସ୍ଥସେବା ବିପର୍ଯ୍ୟସ୍ତ**

# ୭ ମାସ ହେଲା ନାହାନ୍ତି ଡାକ୍ତର

ନୟାହାଟ,୯।୮(ସମିସ): ରାଜ୍ୟ ସରକାର ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱ ଦେଉଥିବା ବେଳେ ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରରେ କେଉଁଠି ଡାକ୍ତର ଅଛନ୍ତି ତ କେଉଁଠି ନାହାଁନ୍ତି ଯେଉଁଠି ଅଛନ୍ତି ସେଠାରେ ଦୀର୍ଘଦିନ ହେଲା ଛୁଟିରେ ଅଛନ୍ତି। ପୁରୀ ଜିଲ୍ଲା ଗୋପ ଗୋଷ୍ଠୀ ସ୍ୱାସ୍ଥକେନ୍ଦ୍ର ଅଧୀନରେ ଥିବା ନୟାହାଟ ଉପସ୍ୱାସ୍ଥକେନ୍ଦ୍ରରେ ନିଯୁକ୍ତି ପାଇଥିବା ଡାକ୍ତର ୭ମାସ ହେଲା ଛୁଟିରେ ଥିବାରୁ ନୟାହାଟ ଅଞ୍ଚଳରେ ସ୍ୱାସ୍ଥ୍ୟାସେବା ବିପର୍ଯ୍ୟସ୍ତ ହୋଇ ପଡ଼ିଛି। ଉପସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଚିକିତ୍ସା ପାଇଁ ନିର୍ଭର କରୁଥିବା ଧୂମାଳ, ଜଙ୍ଗଲବୋରି, ଦେସ୍ଥଳି, ଇସାଣପୁର, ବାଉଲାଙ୍ଗ ଓ ସୋରଭା ପଞ୍ଚାୟତର ୬୦ ହଜାର ଜନସାଧାରଣ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଚିକିତ୍ସା ପାଇଁ ନିର୍ଭର କରୁଥିବା ବେଳେ ଏଠାରେ ଡାକ୍ତର ନ ଥିବାରୁ ଚିକିତ୍ସା ପାଇଁ ଆସୁଥିବା ଲୋକମାନେ ନିରାଶ ହୋଇ ଫେରୁଛନ୍ତି। ଚରିଛକ, ଗୋପ, ନିଆଳି ଅଞ୍ଚଳରୁ ଖର୍ଚ୍ଚାନ୍ତ ହୋଇ ଚିକିତ୍ସା ପାଇଁ ଯାଉଥିବା ଦେଖିବାକୁ ମିଳୁଛି। ଯଦି ଏଠାରେ ତୁରନ୍ତ ଡାକ୍ତର ନିଯୁକ୍ତି ନ କରାଯାଏ ଧୂମାଳ ସରପଞ୍ଚ ମୋନାଲିସା ସିଂହ, ସୋରଭା ସରପଞ୍ଚ କିଶୋର ଚନ୍ଦ୍ର ସେଠୀ, ସରପଞ୍ଚ ରିଷ୍ମା ସ୍ୱାଇଁ ,ଜଙ୍ଗଲବୋରୀ ସରପଞ୍ଚ ପ୍ରତିମା ସାହୁ ପ୍ରମୁଖ ଆନ୍ଦୋଳନର ଚେତାବନୀ ଦେଇଛନ୍ତି।

# ବଲଙ୍ଗା ବିଜେପିର ସାଂଗଠନିକ ବୈଠକ

ବଲଙ୍ଗା,୯।୮(ସମିସ): ବଲଙ୍ଗା ମଣ୍ଡଳ ବିଜେପିର ସାଙ୍ଗଠନିକ ବୈଠକ ସହ ହରଘର ତ୍ରିରଙ୍ଗା ଓ ତ୍ରିରଙ୍ଗା ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ମଣ୍ଡଳ ସମ୍ପାଦକ ପ୍ରଭାକର ନାୟକଙ୍କ ଅଧକ୍ଷତାରେ ମଣ୍ଡଳ ସଭାପତି ତଥା ସାଇଁଶ ପଞ୍ଚାୟତ ସରପଞ୍ଚ ଦେବାଶିଷ ଆଚାର୍ଯ୍ୟ, ପୂର୍ବତନ ମଣ୍ଡଳ ସଭାପତି ପ୍ରସନ୍ନ କୁମାର ଦାଶ, ସମିତିସଭ୍ୟା ସନ୍ଧ୍ୟାରାଣୀ ରଥ, ସମିତିସଭ୍ୟ ରଞ୍ଜିତ ରାଉତରାୟ, ଜିଲ୍ଲା କୃଷକ ମୋର୍ଚ୍ଚା ଉପସଭାପତି ଅର୍ଜୁନ ବରାଳ, ବିଜେପି ନେତା ସୁକାନ୍ତ ବରାଳ, ନାରୀନେତ୍ରୀ ତିଳୋତ୍ତମା ବାରିକ ପ୍ରମୁଖ ଯୋଗଦେଇ ଥିଲେ। ମଣ୍ଡଳ ଅଧୀନରେ ଥିବା ପ୍ରତ୍ୟେକ ପଞ୍ଚାୟତର ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନାରୁ କୌଣସି ଯୋଗ୍ୟ ହିତାଧିକାରୀ ଯେମିତି ବାଦ ନ ପଡ଼ିବେ ସେଥିପ୍ରତି ଦୃଷ୍ଟି ଦେଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ।

# ଗୋପବନ୍ଧୁ ସ୍ୱର୍ଣ୍ଣକାର ସଂଘ ପକ୍ଷରୁ କ୍ରାନ୍ତି ଦିବସ



ଚାରିଛକ,୯।୮(ସମିସ): ଗୋପବନ୍ଧୁ ସ୍ୱର୍ଣ୍ଣକାର ସଂଘ ପକ୍ଷରୁ ଅଗଷ୍ଟ ୯ ତାରିଖକୁ କ୍ରାନ୍ତୀ ଦିବସ ଭାବେ ପାଳନ କରାଯାଇଛି। ସକାଳୁ ସଂଘର ସମସ୍ତ ସଭ୍ୟ ଏକତ୍ର ହୋଇ ବଜାରରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସଂଘର ସଭାପତି ବ୍ରହ୍ମାନନ୍ଦ ସେନାପତି ସଂଘୀୟ ପତାକା ଉତ୍ତୋଳନ କରିଥିଲେ। ଉପସଭାପତି ଅଜୟ କୁମାର ସାହୁ, ସମ୍ପାଦକ ରାଜେଶ କୁମାର ସାହୁ, ସହ ସମ୍ପାଦକ ବିଜୟ କୁମାର ସେନାପତି, କୋଷାଧ୍ୟକ୍ଷ ପର୍ଶୁରାମ ସାହୁ, ମାଧବ ମହାପାତ୍ର, ବିଜୟ ସେନାପତି, ମନୋଜ ସାହୁ, ଅରୁଣ ସାହୁ, ଦିଲୀପ ସାହୁ, ପ୍ରମୋଦ ସାହୁ, ମଦନ ମୋହନ ସେନାପତି, ବସନ୍ତ ସାହୁ, ନରେନ୍ଦ୍ର ସାହୁ, କାହ୍ନା ସାହୁଙ୍କ ସମେତ ସମସ୍ତ ସଭ୍ୟ ଯୋଗଦେଇ ଥିଲେ। ମାଧବ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# 'ନୟା ସବେରା ୟୁଥ୍ ଟ୍ରଷ୍ଟ'ର ଚତୁର୍ଥ ସାହିତ୍ୟ ସମ୍ମିଳନୀ





ନିମାପଡ଼ା,୯।୮(ସମିସ): ନିମାପଡ଼ା ନୟା ସବେରା ୟୁଥ୍ ଟ୍ରଷ୍ଟ ଦ୍ୱାରା ଆୟୋଜିତ ପବିତ୍ର ରକ୍ଷା ବନ୍ଧନ ଉପଲକ୍ଷେ ଚତୁର୍ଥ ରାଜ୍ୟସ୍ତରୀୟ ସାହିତ୍ୟ ସମିଳନୀ ଅନୁଷ୍ଠିତ ହୋଇଛି। ଏଥିରେ ରାଜ୍ୟର ୩୦ଟି ଜିଲ୍ଲାରୁ ୧୫୦ ଜଣ କବି ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ଉପଦେଷ୍ଟା ପ୍ରତାପ ଚନ୍ଦ୍ର ସାବୁତ, ଜୀବନ ଜ୍ୟୋତି ଶତପଥି, ବିଚିତ୍ରା ନନ୍ଦ ପାତ୍ର, ସମ୍ପାଦକ ନିର୍ମଳ ପରିଜା, ତାପସ ସାହୁ, ସୋମିତା ଭାଟିଆ, ବନିତା ଜେନା, ଶ୍ରଦ୍ଧାଞ୍ଜଳି ଓଝା, ସୁବାଶିଷ ସ୍ୱାଇଁ, ଅକ୍ଷୟ କୁମାର ମଲିକ, ପ୍ରଦୀପ ପତି, ସୌମ୍ୟରାଜନ ଜେନା, ପୁର୍ଣ୍ଣଚନ୍ଦ୍ର ପାଲ, ଅମିତ ପରିଜା, ରାନୀ ପ୍ରିୟଦର୍ଶନି ପତି, ସୋନାଲିଶା ଦାସ, ସୁବ୍ରତ ରଶ୍ମିରେଖା ଜେନାଙ୍କ ସମେତ ୪୦ରୁ ଉର୍ଦ୍ଧ୍ୱ ସଦସ୍ୟ ଯୋଗ ଦେଇଥିଲେ। ଏହାବ୍ୟତୀତ ନିମାପଡ଼ା ପୌରାଞ୍ଚଳରେ ସମସ୍ତ ଗୋ ମାତାକୁ ପୂଜା କରାଯାଇଥିଲା। ପରେ ରାଜ୍ୟସ୍ତରୀୟ ସାହିତ୍ୟ ସମିଳନୀ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ନିମାପଡା ଥାନା ଅଧିକାରୀ ବାମଦେବ ସ୍ୱାଇଁ, ମୁଖ୍ୟ ବକ୍ତା ଶଶଧର ପଣ୍ଡା, ଉଦ୍‌ଘାଟକ ଡ. ନେତ୍ରାନନ୍ଦ ଭୋଇ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ ସମ୍ପଦ ରଥ ରକ୍ଷକ ନାୟକ, ଦିଲୀପ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ସାକ୍ଷୀଗୋପାଳରେ ପାରମ୍ପରିକ ନଡ଼ିଆ ଲଢ଼େଇ ପ୍ରତିଯୋଗିତା

ସାକ୍ଷୀଗୋପାଳ,୯।୮(ସମିସ): ଗହ୍ମାପୁର୍ଣ୍ଣମୀ ଉପଲକ୍ଷେ ରବିବାର ସାକ୍ଷୀଗୋପାଳ ଅଞ୍ଚଳର ବିଭିନ୍ନ ସ୍ଥାନରେ ପାରମ୍ପରିକ ନଡ଼ିଆ ଲଢେଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ନଡ଼ିଆ ବହୁଳ ଅଞ୍ଚଳ ସାକ୍ଷୀଗୋପାଳରେ ନଡ଼ିଆ ଲଢେଇ ପରମ୍ପରା ଶହଶହ ବର୍ଷ ଧରି ହୋଇଆସୁଛି। ସାକ୍ଷୀଗୋପାଳ ମନ୍ଦିର ଦୋଳବେଦୀ ଛକ, ବସଷ୍ଟାଣ୍ଡ, ବନପୁର, ଅଳଗୁମ, କାଦୁଆ, ପଟ୍ଟନାୟିକିଆ, ବାଲିସାହି, ହରିଆବୁଡ଼ା ମନ୍ଦିର, ବରାଳ ବାଲୁଙ୍କେଶ୍ୱର ମନ୍ଦିର, ବଳପୁର, ଆନନ୍ଦପୁର, ସାରଙ୍ଗଯୋଡ଼ି, ଗବକୁଣ୍ଡ ଆଦି ବିଭିନ୍ନ ଗ୍ରାମ ବଜାର ଛକରେ ନଡ଼ିଆ ଲଢେଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବାବେଳେ ସାକ୍ଷୀଗୋପାଳ ମନ୍ଦିର ସମ୍ମୁଖରେ ପ୍ରତିଯୋଗୀଙ୍କ ସହିତ ଦର୍ଶକ ମାନଙ୍କର ବେଶ ଭିଡ଼ ଜମିଥିବା ଦେଖାଯାଇଥିଲା। ହାତରେ ରାକ୍ଷୀ ବାନ୍ଧି ଯୁବକ ମାନେ ଲଢେଇ ନଡ଼ିଆ ସହ ପ୍ରତିଯୋଗିତାରେ ସାମିଲ ହୋଇଥିଲେ। ଏହି ପ୍ରତିଯୋଗିତା ପାଇଁ ସ୍ୱତନ୍ତ୍ର ନଡ଼ିଆ ଚୟନ କରାଯାଥାଏ। ମୋଟା ଓ ଟାଣ ସଢେଇ ନଡ଼ିଆ ଗୁଡିକ ଏକାଧିକ ନଡିଆ ଭାଙ୍ଗିବାରେ ସକ୍ଷମ ହୋଇଥାନ୍ତି। ଆଖି ପାଖରୁ କିଛି ଅଂଶର ସଢେଇ ଟାଣ ଥାଏ। ଯାହା ଫଳରେ ଉକ୍ତ ନଡିଆକୁ ମାଡ଼ ଦେଲେ ମଧ ନଡିଆଟି ଭାଙ୍ଗେ ନାହିଁ। ଆଗ୍ରହୀ ଯୁବକମାନେ ବିଭିନ୍ନ ଅଞ୍ଚଳରୁ ଲଢ଼େଇ ନଡିଆ ସଂଗ୍ରହ କରିଥାନ୍ତି। ଏହି ନଡ଼ିଆଗୁଡିକ ଅନ୍ୟ ସାଧାରଣ ନଡିଆ ଅପେକ୍ଷା ଅଧିକ ଦର ହୋଇଥାଏ। ମୁଖ୍ୟତଃ ଦୁଇଜଣ ଲେଖାଏଁ ପ୍ରତିଯୋଗୀ ଲଢେଇ କରନ୍ତି। କେଉଁଠି କେଉଁଠି ନଡିଆ ହାତରେ ଧରି ମାଡ଼ କରୁଥିବାବେଳେ ଅନ୍ୟ କେତେକ ସ୍ଥାନରେ ଅଳ୍ପଦୁରରୁ ଗୋଟିଏ ନଡିଆକୁ ଲକ୍ଷ୍ୟକରି ଅନ୍ୟ ନଡ଼ିଆ ଟି ଫିଙ୍ଗା ଯାଇଥାଏ। ନଡିଆକୁ ନଡିଆ ମାଡ ହୋଇ ଯେଉଁ ନଡ଼ିଆ ଭାଙ୍ଗି ଯାଇଯାଏ ସେହି ନଡ଼ିଆ ଟି ଭାଙ୍ଗିଥିବା ପ୍ରତିଯୋଗୀ ଙ୍କ ପ୍ରାପ୍ୟ ହୋଇଥାଏ। ରୋଗ ପୋକ, ଝଡ଼ ତୋଫାନ ଓ ବାତ୍ୟାରେ ଅନେକ ନଡ଼ିଆ ଗଛ ଭାଙ୍ଗିଯାଇ ନଡ଼ିଆ ଅଭାବ ସୃଷ୍ଟି ହୋଇଥିଲେ ଏହି ଅନନ୍ୟ ପରମ୍ପରା ବଞ୍ଚାଇ ରଖିବାକୁ ଯୁବପିଢି ମାନେ ଉଦ୍ୟମ ଚଳାଇଛନ୍ତି।





୯/୮/୨୦୨୫ (ଶନିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୬,୧୦,୫୫୯/- ସୁନା: ୦୬.୦୦୦ ଗ୍ରାମ୍ ରୁପା: ୧୬.୫୦୦ ଗ୍ରାମ୍





● ଶ୍ରୀମନ୍ଦିରରେ ରାକ୍ଷୀ ଲାଗି, ବଳଭଦ୍ର ଜନ୍ମ ନୀତି

## ରାକ୍ଷୀ ପିନ୍ଧିଲେ ମହାପ୍ରଭୁ



ପୁରୀ, ୯।୮ (ସମିସ): ଶ୍ରୀମନ୍ଦିରରେ ଶନିବାର ବଳଭଦ୍ର ଜନ୍ମ ଏବଂ ରାକ୍ଷୀ ଲାଗି ନୀତି ସମ୍ପନ୍ନ ହୋଇଛି। ଦୁଇଭାଇ ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ବଡ଼ଠାକୁର ଶ୍ରୀବଳଭଦ୍ରଙ୍କ ଶ୍ରୀଭୂଜରେ ପାଟରାକ୍ଷୀ ଏବଂ ଗୁଆମାଳ ପିନ୍ଧିଛନ୍ତି। ଶ୍ରୀମନ୍ଦିରରେ ଏହି ବିଶେଷ ନୀତି ଦର୍ଶନ କରିଛନ୍ତି ହଜାର ହଜାର ଭକ୍ତ। ଦ୍ୱିପହର ଧୂପ ବେଶରେ ମହାପ୍ରଭୁ ଦକ୍ଷିଣ ଭୂଜରେ ଗୋଟିଏ ଏବଂ ଉତ୍ତର ଭୂଜରେ ୨ଟି ଆଜ୍ଞାମାଳ ଲାଗି ହୋଇଥିଲେ। ଏହାପରେ ପାଟରା ବିଶୋଇ ସେବକଙ୍କ ଦ୍ୱାରା ବାସୁଙ୍ଗା ପାଟରେ ପ୍ରସ୍ତୁତ ୪ଟି ରାକ୍ଷୀ ଏବଂ ୪ଟି ଗୁଆମାଳକୁ ଶ୍ରୀଜଗନ୍ନାଥ ଏବଂ ଶ୍ରୀବଳଭଦ୍ରଙ୍କ ଶ୍ରୀଭୂଜରେ ପୁଷ୍ପାଳକ ସେବକ ଲାଗି କରାଇଥିଲେ। ରତ୍ନସିଂହାସନ ତଳେ ବଡ଼ଠାକୁରଙ୍କ ସମ୍ମୁଖରେ ଷଷ୍ଠୀ, ମାର୍କଣ୍ଡି ଓ ବରୁଣ ପୂଜା ହୋଇଥିଲା। ପରେ ଦ୍ୱିପହର ଧୂପ ଏବଂ ଯାତ୍ରାଙ୍ଗୀ ଭୋଗ ବଢି ଆଳତି ହୋଇଥିଲା। ଭୋଗ ଉଠିଲା ପରେ ଭିତରେ ପାଣି ପଡ଼ି ଧୋପଖାଳ (ସଫା) କରାଯାଇଥିଲା। ଶୁଦ୍ଧସୁଆର ଗୋଟିଏ ପିତଳ ଥାଳିରେ ପାତ୍ରିସଜ ଏବଂ ଗିନାମାନଙ୍କରେ ମଙ୍ଗଳାର୍ପଣ ସାମଗ୍ରୀ ରଖିବା ପରେ ବଡ଼ ବାଡରେ ମଙ୍ଗଳାର୍ପଣ ନୀତି ଅନୁଷ୍ଠିତ ହୋଇଥିଲା। ପୂଜାପଣ୍ଡା, ପତିମହାପାତ୍ର ଏବଂ ମୁଦିରସ୍ତ ତିନିବାଡ଼ରେ ବନ୍ଦାପନା କରିଥିଲେ। ମହାଜନ ସେବକମାନେ ମଦନମୋହନଙ୍କୁ ଦକ୍ଷିଣୀ ଘରୁ ରତ୍ନସିଂହାସନକୁ ବିଜେ କରାଇଥିଲେ। ମଦନମୋହନ, ଶ୍ରୀଦେବୀ, ଭୂଦେବୀ ଆଜ୍ଞାମାଳ ପାଇବା ପରେ ଝୁଲଣ ମଣ୍ଡପକୁ ବିଜେ ହୋଇଥିଲେ। ଚକ୍ରରାଜ ଶ୍ରୀସୁଦର୍ଶନ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ପାଇବା ପରେ ଦଇତାପତିମାନେ ସୁଦର୍ଶନଙ୍କୁ ଜଗମୋହନସ୍ଥିତ ଚଉଦୋଳକୁ ବିଜେ କରାଇଥିଲେ। ସୁଦର୍ଶନଙ୍କୁ ପାଟ ପତନି ଏବଂ ଚୁଳ ଲାଗି କରାଯାଇଥିଲା। ଏହାପରେ ବିମାନବଡୁମାନେ ଚଉଦୋଳରେ ସୁଦର୍ଶନଙ୍କୁ ନେଇ ଝୁଲଣ ମଣ୍ଡପରେ ବିଜେ କରାଇଥିଲେ। ସେଠାରେ ସୁଦର୍ଶନଙ୍କୁ ସୁବର୍ଣ୍ଣ ଓଢ଼ିଆଣୀ ଏବଂ ସୁନା ହରିଡ଼ାମାଳି ଲାଗି କରାଯାଇଥିଲା। ବିମାନବଡୁମାନେ ସୁଦର୍ଶନଙ୍କୁ ମାର୍କଣ୍ଡ ପୁଷ୍କରିଣୀକୁ ନେଇ ମଣ୍ଡପରେ ବିଜେ କରାଇଥିଲେ। କୁମ୍ଭାର ବିଶୋଇ ଦେଇଥିବା ଚିକିଟା ମାଟିରେ ଶୁଦ୍ଧସୁଆର ବଳଭଦ୍ରଙ୍କ ମୂର୍ତ୍ତି ନିର୍ମାଣ କରିଥିଲେ। ପୂଜାପଣ୍ଡା ତାହାକୁ ଜୀବନ୍ୟାସ ଦେଇ ଜାତ କର୍ମ କରିଥିଲେ। ମୁଦିରସ୍ତ ପ୍ରସାଦ ଲାଗି କରିବା ପରେ ପୂଜାପଣ୍ଡା ପଞ୍ଚୋପଚାରରେ ପୂଜା କରି ଶୀତଳ ମଣୋହି କରିଥିଲେ। ଏହାପରେ ବନ୍ଦାପନା ହୋଇ ବଳଭଦ୍ରଙ୍କ ପିତୁଳାକୁ ଜଳରେ ବିସର୍ଜନ କରାଯାଇଥିଲା। ପରେ ଶ୍ରୀସୁଦର୍ଶନ ଚାରି ଆଶ୍ରମ (ମାର୍କଣ୍ଡେୟ, ଅଙ୍ଗିରା, କଣ୍ଡୁ ଏବଂ ଭୃଗୁ) ପରିକ୍ରମା କରି ସିଂହଦ୍ୱାରରେ ପହଞ୍ଚିଥିଲେ। ବନ୍ଦାପନା ପରେ ଚକ୍ରରାଜ ସୁଦର୍ଶନ ଶ୍ରୀମନ୍ଦିରରେ ପ୍ରବେଶ କରିଥିଲେ। ଏହାପରେ ମହାପ୍ରଭୁଙ୍କ ମହାସ୍ନାନ ହୋଇ ଅନ୍ୟାନ୍ୟ ନୀତି ବଢିଥିଲା।

# ଲଜ୍‌ରେ ଯୁବତୀଙ୍କୁ ଦୁଷ୍କର୍ମ, ଅଭିଯୁକ୍ତ ଗିରଫ

ପୁରୀ, ୯।୮ (ସମିସ)

ରାଜ୍ୟରେ ନାରୀ ନିର୍ଯାତନା ବଢିଚାଲିଛି। ତଦନ୍ତରେ ସ୍ୱଚ୍ଛତା ରହୁ ନ ଥିବାରୁ ଅଭିଯୁକ୍ତମାନେ ଉପରମୁହାଁ ହୋଇଛି। ଫଳସ୍ୱରୂପ ପ୍ରତିଦିନ ବିଭିନ୍ନ ଅଞ୍ଚଳରୁ ଦୁଷ୍କର୍ମ, ଗଣଦୁଷ୍କର୍ମ, ମହିଳା ନିର୍ଯାତନା ଭଳି ସଙ୍ଗୀନ ଅଭିଯୋଗ ଆସୁଛି। ଏପରି କି, କେତେକ ଘଟଣାରେ ନ୍ୟାୟ ନ ପାଇ ପୀଡ଼ିତା ଆତ୍ମହତ୍ୟା ମଧ୍ୟ କରୁଛନ୍ତି। ନିକଟରେ ବଳଙ୍ଗା ପୀଡ଼ିତାଙ୍କୁ ନେଇ ଚର୍ଚ୍ଚାରେ ଥିବା ପୁରୀରେ ବି ଏଭଳି ଘଟଣା ଉପରେ ସମ୍ପୂର୍ଣ୍ଣ ବ୍ରେକ୍ ଲାଗିପାରୁ ନାହିଁ। ଜଣେ ଯୁବତୀଙ୍କୁ ଲଜ୍‌ରେ ଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୁଲିସ ଅଭିଯୁକ୍ତଙ୍କୁ ବାନ୍ଧି ଅଧିକ ତଦନ୍ତ ଚଳାଇଛି।

ଶ୍ରୀକ୍ଷେତ୍ରରେ ଲଜ୍। ହୋଟେଲରେ ଚାକିରୀ କରିବା ପାଇଁ ଆସିଥିବା ଜଣେ ଯୁବତୀଙ୍କୁ ଲଜ୍‌ରେ ଦୁଷ୍କର୍ମ କରାଯାଇଛି। ଅଭିଯୋଗ ଅନୁଯାୟୀ, ସମ୍ପୃକ୍ତା ଯୁବତୀ ହୋଟେଲରେ ଚାକିରୀ କରିବାକୁ ଆସି ଶୁକ୍ରବାର ପୁରୀ ବସ୍‌ଷ୍ଟାଣ୍ଡରେ ପହଞ୍ଚିଥିଲେ।

### ପୀଡ଼ିତାଙ୍କ ଡାକ୍ତରୀ ପରୀକ୍ଷା ସହ ବୟାନ ରେକର୍ଡ କଲା ପୁଲିସ

ଏହି ସମୟରେ ତାଙ୍କ ନିକଟରେ ପହଞ୍ଚିଥିଲେ ମାର୍କଣ୍ଡେଶ୍ୱର ସାହିର ପ୍ରୀତିରଞ୍ଜନ ଦାସ। ତାଙ୍କୁ ପ୍ରଲୋଭନ ଦେଖାଇ ଚିନ୍ମୟ ଲଜ୍‌କୁ ନେଇ ଯାଇଥିଲେ। କୋଠରୀ ଭିତରେ ତାଙ୍କ ସହ ଜବରଦସ୍ତି କରିଥିଲେ। ଏପରି କି, ସେ ବାରଣ କରୁଥିବା ବେଳେ ଜୋର୍ ଜବରଦସ୍ତ ତାଙ୍କୁ ଯୌନ ନିର୍ଯାତନା ଦେଇଥିଲେ ପ୍ରୀତିରଞ୍ଜନ। ଏଥିସହ ତାଙ୍କ ଗାଲକୁ ମଧ୍ୟ କାମୁଡ଼ି ଦେଇଥିଲେ। ସୌଭାଗ୍ୟବଶତଃ ପୀଡ଼ିତା ଜଣଙ୍କ କୌଶଳକ୍ରମେ ସେଠାରୁ ଖସି ଆସି ପୁଲିସ ନିକଟରେ ଅଭିଯୋଗ କରିଥିଲେ।

ପୁଲିସ ପୀଡ଼ିତାଙ୍କ ଅଭିଯୋଗ ଆଧାରରେ ତଦନ୍ତ ଚଳାଇଛି। ଏହି ତଦନ୍ତ ବେଳେ ପୁଲିସ ପୀଡ଼ିତାଙ୍କ ବୟାନ ରେକର୍ଡ କରିଛି। ପୁଲିସ ଘଟଣାସ୍ଥଳ ପରିଦର୍ଶନ କରିବା ସହ ତାଙ୍କର ଡାକ୍ତରୀ ପରୀକ୍ଷା କରାଇଛି।

ଇଣ୍ଡିଆ-ଜାପାନ ଫ୍ରେଣ୍ଡଶିପ୍ ସେଣ୍ଟରରେ ରକ୍ଷାବନ୍ଧନ ଉତ୍ସବ

## ରାକ୍ଷୀ ବାନ୍ଧିଲେ ବିଦେଶୀ ମହିଳା

ପୁରୀ, ୯।୮ (ସମିସ)

ସମ୍ପର୍କର ପବିତ୍ର ଉତ୍ସବ ରକ୍ଷାବନ୍ଧନ ପୁରପଲ୍ଲୀରେ ବେଶ୍ ଧୂମ୍‌ଧାମରେ ଅନୁଷ୍ଠିତ ହୋଇଯାଇଛି। ଭାଇ ହାତରେ ରାକ୍ଷୀ ବାନ୍ଧି ଭଉଣୀ ତା'ର ଶୁଭ ମନାସୀଛି। ଅପରପକ୍ଷେ ଭଉଣୀକୁ ସୁରକ୍ଷା ଦେବାର ଏହି ରାକ୍ଷୀ ପୂର୍ଣ୍ଣିମା ପର୍ବ ସ୍ଥାନୀୟ ଇଣ୍ଡିଆ ଜାପାନ ଫ୍ରେଣ୍ଡଶିପ୍ ସେଣ୍ଟରରେ ମଧ୍ୟ ପାଳିତ ହୋଇଛି। ଜାପାନର ମହିଳାମାନେ ସେଣ୍ଟର ସଭାପତି ଶ୍ରୀମନ୍ତ କୁମାର ଦାଶଙ୍କ ହାତରେ ରାକ୍ଷୀ ବାନ୍ଧିଥିଲେ। ଏହି ଅବସରରେ ଶ୍ରୀ ଦାଶ ବିଦେଶୀ ମହିଳାମାନଙ୍କୁ ରକ୍ଷାବନ୍ଧନ ପର୍ବର ପରମ୍ପରା ସମ୍ପର୍କରେ ଜାପାନୀ ଭାଷାରେ ଅନୁବାଦ କରି ଅବଗତ କରାଇଥିଲେ। ଏହି ପର୍ବ ପଛରେ ଥିବା ଭାଇ ଭଉଣୀଙ୍କ ସ୍ନେହ ଓ ଭଲପାଇବା ଶୁଣିବା ପରେ ସେମାନେ ଖୁସି ହୋଇଥିଲେ। ଏହି ଅବସରରେ ସେଣ୍ଟରରେ ରହିଥିବା ସମସ୍ତ ସଦସ୍ୟଙ୍କ ହସ୍ତରେ ରାକ୍ଷୀ ବାନ୍ଧିଥିଲେ। ଅନ୍ୟପକ୍ଷରେ ଓଡ଼ିଶାର ଐତିହ୍ୟ, କଳା ଓ ସଂସ୍କୃତି ପ୍ରତି ଆକର୍ଷିତ ହୋଇ ଜାପାନରୁ ଆସିଥିବା ଦମ୍ପତି ତାଙ୍କ ଦୁଇ ସନ୍ତାନ (ଭାଇ ଓ ଭଉଣୀ) ପବିତ୍ର ବନ୍ଧନର ସାକ୍ଷୀ ରାକ୍ଷୀ ପୂର୍ଣ୍ଣିମା। ସୁଦୂର ଜାପାନରୁ ଆସି ପର୍ଯ୍ୟଟକମାନେ ଏହି ପର୍ବରେ ସାମିଲ ହୋଇ ଭାଇ ଓ ଭଉଣୀ ମଧ୍ୟରେ ରହିଥିବା ଭଲ ପାଇବା ଦେଖି ବହୁତ ଖୁସି ପ୍ରକଟ କରିଥିବା ସେଣ୍ଟର ସଭାପତି ଶ୍ରୀ ଦାଶ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।



## ରାଷ୍ଟ୍ର ସେବା ଟ୍ରଷ୍ଟ ପକ୍ଷରୁ ରକ୍ଷାବନ୍ଧନ

ପୁରୀ, ୯।୮ (ସମିସ): ରାଷ୍ଟ୍ର ସେବା ଟ୍ରଷ୍ଟ ପକ୍ଷରୁ ରକ୍ଷା ବନ୍ଧନ ପର୍ବ ପାଳିତ ହୋଇଛି। ଟ୍ରଷ୍ଟର ଅଧ୍ୟକ୍ଷା ରଞ୍ଜିତା ପାଢୀ ସାଂସଦ ସମ୍ବିତ ପାତ୍ର, ବିଧାୟକ ଓମ୍‌ପ୍ରକାଶ ମିଶ୍ର, ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡ଼ା, ଜିଲ୍ଲା ବିଜେପି ସଭାପତି ଦେବେନ୍ଦ୍ର ତରାଇ, ଜିଲ୍ଲା ସାଧାରଣ ସମ୍ପାଦକ ଉମା ନାୟକ, ଉପସଭାପତି ଦିଗ୍‌ଦର୍ଶନ ପଟ୍ଟନାୟକଙ୍କ ସମେତ ପ୍ରଶାସନିକ ଅଧିକାରୀବୃନ୍ଦ ଏବଂ ସାମାଜିକ ସଙ୍ଗଠନ କମକର୍ତ୍ତାଙ୍କୁ ରାକ୍ଷୀ ବାନ୍ଧି ରାଷ୍ଟ୍ର ଗଠନ ଏବଂ ମହିଳାଙ୍କ ସୁରକ୍ଷା ପାଇଁ ନିବେଦନ କରିଥିଲେ। ଅନୁଷ୍ଠାନର ସଦସ୍ୟାବୃନ୍ଦ ବିଭିନ୍ନ ସ୍ଥାନକୁ ଯାଇ ରାକ୍ଷୀ ବାନ୍ଧିଥିଲେ।

## ରାକ୍ଷୀ ମାଧ୍ୟମରେ ସଚେତନତା ବାର୍ତ୍ତା

ପୁରୀ, ୯।୮ (ସମିସ): ଉତ୍କଳ ବାଳାଶ୍ରମର ଅନ୍ତେବାସୀମାନେ ଶନିବାର ଖୁବ୍ ଧୁମଧାମରେ ପାଳନ କରିଥିଲେ ରକ୍ଷାବନ୍ଧନ ଉତ୍ସବ। ସମସ୍ତ ଶିଶୁ ଏହି ରକ୍ଷା ବନ୍ଧନ ଉତ୍ସବର ସାମିଲ ହୋଇଥିଲେ। ରାକ୍ଷୀ ଉପରେ ଚାଇଲ୍ଡ ହେଲ୍ପଲାଇନ ନମ୍ବର ୧୦୯୮, ମହିଳା ସୁରକ୍ଷା ନମ୍ବର ୧୮୨ ପୋଲିସ ବା ଜରୁରୀକାଳୀନ ନମ୍ବର ୧୧୨ ଲେଖି ସୁରକ୍ଷାର ବାର୍ତ୍ତା ବାଣ୍ଟିଥିଲେ। ପିଲାମାନଙ୍କର ଏହି ଅଭିନବ ପଦକ୍ଷେପକୁ ସମସ୍ତେ ପ୍ରଶଂସା କରିଥିଲେ। ଆଗକୁ ଏହିପରି ଭବରେ ରକ୍ଷାବନ୍ଧନ ଉତ୍ସବ ଅନୁଷ୍ଠିତ ହେବ ବୋଲି କହିଛନ୍ତି ବାଳାଶ୍ରମର ଅଧ୍ୟକ୍ଷ।

ସୁଭଦ୍ରା ଯୋଜନାର ତୃତୀୟ କିସ୍ତି ପ୍ରଦାନ

## ଜିଲ୍ଲାର ୪,୦୭,୨୦୩ ମହିଳାଙ୍କୁ ମିଳିଲା ୨୦୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା

ପୁରୀ, ୯।୮ (ସମିସ): ପୁରୀ ଜିଲ୍ଲାର ୪,୦୭,୨୦୩ ଜଣ ହିତାଧିକାରୀଙ୍କ ଆକାଉଣ୍ଟକୁ ୨୦୩,୬୦,୧୫୦୦୦ ଟଙ୍କା ସୁଭଦ୍ରା ଯୋଜନାର ତୃତୀୟ କିସ୍ତି ଅର୍ଥ ପ୍ରଦାନ କରାଯାଇଛି। କୋରାପୁଟର ଜୟପୁରରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନ୍‌ଲାଇନ ମାଧ୍ୟମରେ ଓଡ଼ିଶାର ୧ କୋଟି ହିତାଧିକାରୀଙ୍କୁ ଏହି ଅର୍ଥ ପ୍ରଦାନ କରିଥିଲେ। ପୁରୀ ଟାଉନ ହଲ୍‌ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୁରୀ ଲୋକସଭା ସାଂସଦ ଡା. ସମ୍ବିତ ପାତ୍ର ଯୋଗଦେଇ କହିଥିଲେ, କୌଣସି ଅର୍ଥ ଛୋଟ ନୁହେଁ। ଏହାକୁ ଉପଯୋଗ କରିବାର ମାନସିକତା ହିଁ ଏହାକୁ ଶ୍ରେଷ୍ଠ କରେ। ଲିଜତ ପାମ୍ପଡର ଉଦାହରଣ ଦେଇ ଏହାର ପ୍ରୟାସ ମଧ୍ୟ ଏକ କ୍ଷୁଦ୍ର ଅନୁଦାନରୁ ଆରମ୍ଭ ହୋଇଥିଲା ବୋଲି କହିଥିଲେ। କିନ୍ତୁ ଦୃଢ ସଂକଳ୍ପ, ନିଷ୍ଠା ଓ ପରିଶ୍ରମର ଫଳ ସବୁ ବେଳେ ମଧୁର ଓ ଶ୍ରେଷ୍ଠ ହୋଇଥାଏ। ସୁଭଦ୍ରା ଅର୍ଥ ପାଉଥିବା ସମସ୍ତ ହିତାଧିକାରୀ ଏହାର ସଦୁପଯୋଗ କରି ସମାଜ ପାଇଁ ଆଦର୍ଶ ଓ ପ୍ରେରଣା ସୃଷ୍ଟି କରନ୍ତୁ ବୋଲି ଡା. ପାତ୍ର କହିଥିଲେ। ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର ଓ ପୁରୀ ସଦର ବିଧାୟକ ସୁନିଲ କୁମାର ମହାନ୍ତି ସୁଭଦ୍ରା ଯୋଜନା ମହିଳାଙ୍କ ଆର୍ଥିକ ଅଭିବୃଦ୍ଧି ସହ ଆତ୍ମବିଶ୍ୱାସ ସୃଷ୍ଟିରେ ସହାୟକ ହୋଇପାରିଛି। ତୃତୀୟ କିସ୍ତି ଅର୍ଥର ସଫଳ ବିନିଯୋଗ ପାଇଁ ସେମାନେ ଅନୁରୋଧ କରିଥିଲେ। ଜିଲ୍ଲାପାଳ ଦିବ୍ୟ ଜ୍ୟୋତି



ପରିଡ଼ା ସମସ୍ତଙ୍କୁ ସ୍ୱାଗତ କରିବା ସହ ସୁଭଦ୍ରା ହିତାଧିକାରୀମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସୁଭଦ୍ରା ଯୋଜନାର ସଫଳ ହିତାଧିକାରୀ କଣାସ ବ୍ଲକର ସୁଭଦ୍ରା ଜେନା ଓ ପିପିଲି ବ୍ଲକର ଲିଲି ଖଟୋଇ ନିଜ ସଫଳତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଉପ ଜିଲ୍ଲାପାଳ ରାଜକିଶୋର ଜେନା ପ୍ରମୁଖ ଯୋଗଦେଇଥିଲେ। ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ହର୍‌ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ମାଧ୍ୟମରେ ଅତିଥିମାନଙ୍କ ହାତରେ ରାକ୍ଷୀ ବନ୍ଧା ଯାଇଥିବା ବେଳେ ସମସ୍ତେ ଜାତୀୟ ପତାକା ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ପ୍ରୋଗ୍ରାମ ଅଫିସର ସୁହାଗୀ ହେମ୍ବ୍ରମ, ଚନ୍ଦ୍ରପ୍ରଭା ଦେଇ, ମମତାର ଡିପିସି ପ୍ରଣତି ମହାନ୍ତି, ମିଶନ ଶକ୍ତିର ଡିପିସି ସ୍ୱାଗତିକା ପରିଡ଼ା, ପୋଷଣ ଡିସି ସସ୍ମିତା କର୍ମକାର, ସୁପରଭାଇଜର ବାଲ୍ୟବତୀ ମହାନ୍ତି, ସମାଜ କଲ୍ୟାଣ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## 'ଗଙ୍ଗାଧର ମେହେରଙ୍କ କାବ୍ୟ-କବିତା କାଳଜୟୀ'

ପୁରୀ, ୯।୮ (ସମିସ)




ଶ୍ରୀକ୍ଷେତ୍ର ଶିଶୁ ସାହିତ୍ୟ ସଂସଦର ୩୩ତମ ସ୍ୱନକ୍ଷତ୍ର ଦିବସ ଅବସରରେ ପବିତ୍ର ରକ୍ଷା ବନ୍ଧନ ଉତ୍ସବ ତଥା ସ୍ୱଭାବ କବି ଗଙ୍ଗାଧର ମେହେର ଜୟନ୍ତୀ ଅଠରନଳାସ୍ଥିତ ଭଗବତୀ ବିଦ୍ୟାନିକେତନରେ ଅନୁଷ୍ଠିତ ହୋଇଯାଇଛି। ସଂସଦର ଉପସଭାପତି ରମେଶ ଚନ୍ଦ୍ର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବକୁ ଉଦ୍‌ଘାଟନ କରିଥିଲେ ବିଶିଷ୍ଟ ଭାଷାବିତ ଡ. କୈଳାସ ଚନ୍ଦ୍ର ଟିକାୟତରାୟ। ଅନ୍ୟମାନଙ୍କ ମଧ୍ୟରେ ପୁରୀ ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚ ସଭାପତି ଡ. କାର୍ତ୍ତିକ କୁମାର ଦାସ, ମୁଖ୍ୟଅତିଥି, "ଶ୍ରୀ ପର୍ଣ୍ଣା'ର ସମ୍ପାଦକ କବି ଉମାକାନ୍ତ ମହାପାତ୍ର ସମ୍ମାନିତ ଅତିଥି ରୂପେ ମଞ୍ଚାସୀନ ଥିଲେ। ସଂସଦର ସମ୍ପାଦକ ମହେନ୍ଦ୍ର ବିଶୋଇ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଅତିଥି ପରିଚୟ ଏବଂ ସ୍ୱାଗତ ଭାଷଣ ଦେଇଥିଲେ କବି କ୍ରିଷ୍ଣା ମହାପାତ୍ର। ଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ କଣ୍ଠଶିଳ୍ପୀ ପ୍ରୀତିଶା ମହାପାତ୍ର। ଅନ୍ୟମାନଙ୍କ ମଧ୍ୟରେ ସତ୍ୟ ନାରାୟଣ ମିଶ୍ର, ଡ. ହେମନ୍ତ ଛୋଟରାୟ, ରବୀନ୍ଦ୍ର ପଟ୍ଟନାୟକ, ପ୍ରଭାତ ଚନ୍ଦ୍ର ରଥ, ବିଜୟ କୁମାର ପଣ୍ଡା, ରାଇ କିଶୋର ମହାନ୍ତି, ଶ୍ୟାମ ପ୍ରକାଶ ସେନାପତି, ଅନ୍ନପୂର୍ଣ୍ଣା ଦେବୀ, ମୌସୁମୀ ମିଶ୍ର, ଦୀପାଞ୍ଜଳି ପଣ୍ଡା, ଅନନ୍ୟା ମହାରଣା, ବର୍ଷା ପ୍ରିୟଦର୍ଶିନୀ ସେଠୀ ପ୍ରମୁଖ ଉଦ୍‌ବୋଧନ ଦେଇ ସ୍ୱଭାବ କବି ଗଙ୍ଗାଧରଙ୍କ କାଳଜୟୀ ସାହିତ୍ୟ ଉପରେ ଆଲୋକପାତ କରିଥିଲେ। ଓଡ଼ିଆ ଭାଷା ଆନ୍ଦୋଳନର ଅନ୍ୟତମ କର୍ଣ୍ଣଧାର କବି ଗଙ୍ଗାଧର ମେହେର କାବ୍ୟ କବିତା କାଳଜୟୀ ଏବଂ ଓଡ଼ିଆ ଅସ୍ମିତାର ସର୍ବୋତ୍ତମ ପ୍ରତୀକ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଉପସ୍ଥିତ ସମସ୍ତ ସାରସ୍ୱତ ସାଧକଙ୍କ ହାତରେ ରାଖୀ ବନ୍ଧା ଯାଇଥିଲା। କବି ମୀନକେତନ ପଟ୍ଟଯୋଶୀ, ଦୁର୍ଗାବତୀ ପ୍ରଧାନ, ପର୍ଶୁରାମ ପାତ୍ର, ମହେନ୍ଦ୍ର କୁମାର ଦାଶ, କଳ୍ପନା ମିଶ୍ର, ରଶ୍ମୀ ବେହେରା, ଦେବସ୍ମିତା ପ୍ରଧାନ, ତ୍ରିନାଥ ଦାସ ପ୍ରମୁଖ କବିତା ପାଠ କରିଥିଲେ। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଲକ୍ଷ୍ମୀଧର ମାଝୀ। ଜଳନ୍ଧର ବିଶୋଇ, ସତ୍ୟଭାମା ଓଝା ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## ଯୁବକଙ୍କୁ ହତ୍ୟା ଅଭିଯୋଗ

ପୁରୀ, ୯।୮ (ସମିସ): ଟାଉନ ଥାନା ଅନ୍ତର୍ଗତ ହରଚଣ୍ଡୀ ସାହି ଢିପ ଉପର ସାହିରେ ରହୁଥିବା ବ୍ରହ୍ମଗିରି ବିଜିପୁର ଅଞ୍ଚଳର ଦୀପକ ପଟ୍ଟନାୟକ (୩୫)ଙ୍କ ଝୁଲନ୍ତା ମୃତଦେହ ଜବତ କରିଛି ପୁଲିସ। ଫ୍ୟାନ୍‌ରେ ଗାମୁଛା ବାନ୍ଧି ଝୁଲୁଥିବା ଅବସ୍ଥାରେ ଉଦ୍ଧାର କରାଯାଇଥିବା ବେଳେ ତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି ସମ୍ପୃକ୍ତ ଯୁବକଙ୍କ ଭଉଣୀ ଓ ଭିଣୋଇ। ଏ ନେଇ ଟାଉନ ଥାନାରେ ଏକ ହତ୍ୟା ମାମଲା ରୁଜୁ କରାଯାଇ ପୁଲିସ ଏହାର ତଦନ୍ତ କରୁଛି। ଆଇଆଇସି ଗୋକୁଳ ରଞ୍ଜନ ଦାସଙ୍କ ସୂଚନା ଅନୁଯାୟୀ, ଶୁକ୍ରବାର ରାତିରେ ଦୀପକ ବେକରେ ଗାମୁଛା ବାନ୍ଧି ଫ୍ୟାନରେ ଝୁଲି ପଡିଥିବା ଖବର ମିଳିଥିଲା। ପୁଲିସ ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଘଟଣାସ୍ଥଳରେ ଛାନ୍‌ବିନ କରିଥିଲା। କେଉଁ ପରିସ୍ଥିତିରେ ତାଙ୍କର ମୃତ୍ୟୁ ଘଟିଛି, ହତ୍ୟା ନା ଆତ୍ମହତ୍ୟା ଏ ସବୁ ଦିଗକୁ ନେଇ ଅନୁଧ୍ୟାନ କରିଥିଲା ପୁଲିସ। ମୃତ ଯୁବକ ଦୀପକ ପୂର୍ବରୁ ବିବାହ କରିଥିଲେ। ପତ୍ନୀଙ୍କ ସହିତ ମନୋମାଳିନ୍ୟକୁ ନେଇ ସେ ଅଲଗା ରୁହନ୍ତି। ତେବେ ଅନ୍ୟଜଣେ ସ୍ୱାମୀ ପରିତ୍ୟକ୍ତା ମହିଳାଙ୍କ ସହ ତାଙ୍କର ସମ୍ପର୍କ ବଢିଥିଲା। ହେଲେ ଶୁକ୍ରବାର ରାତିରେ ଦୀପକ ଫ୍ୟାନରେ ଗାମୁଛା ବାନ୍ଧି ଝୁଲୁଥିବା ଅବସ୍ଥାରେ ପୁଲିସ ଖବର ପାଇ ପହଞ୍ଚିଥିଲା। ଶନିବାର ମୃତ ଯୁବକଙ୍କର ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ ବେଳେ ତାଙ୍କ ଭଉଣୀ ଓ ଭିଣୋଇ ହତ୍ୟା ଅଭିଯୋଗ କରିଥିଲେ। ସମ୍ପୃକ୍ତା ମହିଳା ଏବଂ ତାଙ୍କ ପୁଅ ଷଡ଼ଯନ୍ତ୍ର କରି ଦୀପକଙ୍କୁ ହତ୍ୟା କରିଥିବା ତାଙ୍କ ଭଉଣୀ ଓ ଭିଣୋଇ ଅଭିଯୋଗ କରିଛନ୍ତି। ଏ ନେଇ ଏକ ହତ୍ୟା ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି ବୋଲି କହିଛନ୍ତି ଆଇଆଇସି ଶ୍ରୀ ଦାସ।

## ବୃଦ୍ଧାଶ୍ରମରେ ରାକ୍ଷୀ ପୂର୍ଣ୍ଣିମା ପାଳିତ

ପୁରୀ, ୯।୮ (ସମିସ): ରାକ୍ଷୀ କେବଳ ଗୋଟିଏ ସୂତା ନୁହେଁ ଏହା ଏକ ଅତୁଟ ସମ୍ପର୍କର ଡୋରି। ଏଥିରେ ଭାଇ, ଭଉଣୀ ପ୍ରତି ଭଲ ପାଇବା ସହିତ ହୃଦୟରୁ ଆନ୍ତରିକ ପ୍ରତି ଭରଷା ଓ ବିଶ୍ୱାସ ଭରି ରହିଥାଏ। ଟିକିଏ ସ୍ନେହ ଓ ମମତାର ଡୋରିରେ ବନ୍ଧା ହୋଇଥାଏ। ଏ ସମ୍ପର୍କ ହେଉଛି ଏକ ପବିତ୍ର ସମ୍ପର୍କ। ଏହି ପରିପ୍ରେକ୍ଷୀରେ ପବିତ୍ର ରକ୍ଷାବନ୍ଧନ ଅବସରରେ ଶନିବାର ହୋପ୍ ଇଜ୍ ଲାଇଫ ବୃଦ୍ଧାଶ୍ରମରେ ରାକ୍ଷୀ ପୂର୍ଣ୍ଣିମା ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ହୋପ୍ ଇଜ୍ ଲାଇଫ ଅନୁଷ୍ଠାନର ସଦସ୍ୟ ସନ୍ଧ୍ୟାରାଣୀ କାଠୁଆ, ମାନସ ମହାନ୍ତି, ପ୍ରଶାନ୍ତ ଜେନା, ଚିନ୍ମୟୀ ନନ୍ଦ, ସୁଶାନ୍ତ ମହାପାତ୍ର, ରଜନୀକାନ୍ତ ପଟ୍ଟନାୟକ, କୁଲୁ ବେହେରା, ଆଶିଷ ଶର୍ମା, ବୈକୁଣ୍ଠ ପ୍ରଧାନ, ସୁରେଶ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

## ରାକ୍ଷୀ ପୂର୍ଣ୍ଣିମାରେ ଭାର୍ଗବୀ ଆଳତି

ପୁରୀ, ୯।୮ (ସମିସ): ପୂଣ୍ୟତୋୟା ଭାର୍ଗବୀ ଆଳତି ପ୍ରତିମାସ ପୂର୍ଣ୍ଣିମାରେ ମାଆ ପଞ୍ଚମୁଖୀ ଘାଟ କପିଳେଶ୍ୱରପୁରଠାରେ ଅନୁଷ୍ଠିତ ହେଉଛି। ଏହି କ୍ରମରେ ଶଶନିବାର ପବିତ୍ର ରାକ୍ଷୀ ପୂର୍ଣ୍ଣିମାରେ ପଣ୍ଡିତ ଶୁଭାଶିଷ କରଙ୍କ ଦ୍ୱାରା ଆଳତି ସମ୍ପାଦନ ହୋଇଛି। ବିଶାଳ ପଟୁଆରରେ ଆଜ୍ଞାମାଳ ଯାଇ ଭାର୍ଗବୀ ନଦୀରେ ଖୀର ମହାପ୍ରସାଦ ଲାଗି କରାଯାଇଥିଲା। ଏହାପରେ ହୁଳ ହୁଳି ହରିବୋଲ ଭିତରେ ଆଳତି କରାଯାଇଥିଲା। ସଭାରେ ଅନ୍ତର୍ଯ୍ୟାମୀ ପଟ୍ଟନାୟକ, ଦ୍ୱାରିକାନାଥ ବିଶ୍ୱାଳ, ରବି ନାରାୟଣ ପ୍ରଧାନ, ରଙ୍ଗାଧର କ. ଗୋପାଳ କର, ବିରଞ୍ଚି ମିଶ୍ର, ଭବାନୀ ଶଙ୍କର ତ୍ରିପାଠୀ, ତ୍ରିଲୋଚନ ଦଳାଇ, ସୁଶାନ୍ତ ଜେନା, ଶରତ ଦେଓ, ସତ୍ୟ ସୁନ୍ଦର କର, ବାନାମ୍ବର ପରିଡ଼ା, ଶ୍ରୀନିବାସ ପତି, ଗଣେଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଶାନ୍ତ କୁମାର ମଞ୍ଚ ପରିଚାଳନା କରିଥିଲେ। ପ୍ରତିମାସର ପୂର୍ଣ୍ଣିମାରେ ଏହି ଆଳତି ଅନୁଷ୍ଠିତ ହେବ ବୋଲି ପରିଚାଳନା କମିଟି ସଭାର ଉପଦେଷ୍ଟା ବଦ୍ରି ମିଶ୍ର ଜଣାଇଛନ୍ତି।


# ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମରେ ରକ୍ଷା ବନ୍ଧନ




ପୁରୀ, ୯।୮ (ସମିସ)

ହର୍‌ଘର ତ୍ରିରଙ୍ଗା ୨୦୨୫ ଅବସରରେ ଶନିବାର ରକ୍ଷା ବନ୍ଧନ ଅନୁଷ୍ଠିତ ହୋଇଥିଲା। ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ଟାଉନ ହଲ୍‌ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୁରୀ ସାଂସଦ ଡା. ସମ୍ବିତ ପାତ୍ର, ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି, ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନଙ୍କୁ ଉପସ୍ଥିତ ମହିଳା ଓ ଛାତ୍ରଛାତ୍ରୀ ରାକ୍ଷୀ ପିନ୍ଧାଇ ଥିଲେ। ପରେ ଅତିଥିମାନଙ୍କ ସହ ଉପସ୍ଥିତ ବ୍ୟକ୍ତିବିଶେଷ ତ୍ରିରଙ୍ଗା ପ୍ରଦର୍ଶନ ସହ ବନ୍ଦେ ମାତରମ ଓ ଭାରତ ମାତାକି ଜୟ ଧ୍ୱନି ଦେଇ ଦେଶପ୍ରେମର ବାର୍ତ୍ତା ବାଣ୍ଟିଥିଲେ।

# ପାଗଳା



ଅଞ୍ଜନ ଚାନ୍ଦ



ମଡ଼ିକାକା ସବୁବେଳେ ହସୁଥିଲେ । ସେଥିପାଇଁ ବୋଧେ ସମସ୍ତେ ତାଙ୍କୁ ପାଗଳା ବୋଲି କହୁଥିଲେ ।

ଗାଁରେ ମଡ଼ିକାକାଙ୍କର ନିଜଘର ଥିଲା । ଜମିବାଡ଼ି ଥିଲା । ତାଙ୍କ ଭାଇମାନେ ଚାଷ କରୁଥିଲେ । ପରିବାର ସହିତ ସ୍ୱଚ୍ଛଳ ଜୀବନ ଯାପନ କରୁଥିଲେ । ସେ କିନ୍ତୁ ଘରେ ନରହି ଚଇନ ଦାଦା ଘରେ ବାରମାସୀ ଭାତିଆ ହୋଇ ରହିଥିଲେ ।

ସେତେବେଳେ ଆମ ଗାଁରେ ଗୋଟିଏ ମାତ୍ର ପକ୍କାଘର ଏବଂ ସେଇଟା ଚଇନ ଦାଦାଙ୍କର । ଆଗରୁ ଜମିଦାରୀ ଥିଲା । ଏବେ ବି ଭୁଆବିଲରେ ନାଳକୂଳିଆ ଭଲ ଜମି ସବୁ ତାଙ୍କର । ଖଳା ବାଡ଼ିରେ ବଡ଼ ବଡ଼ କଳେଇଗଦା । ଧାନ ଅମାରରେ ଏତେ ଧାନ, ଗାଁ ଯାକ ସମସ୍ତେ ଖାଇଲେ ବି ସରିବନି । ଖଳାବାଡ଼ିକୁ ଲାଗି ଗୁହାଳଘର । ଗୁହାଳରେ ଗୁହାଳେ ଗୋରୁ,ଗାଈ । ସାନ ବଡ଼ ହୋଇ ପଲେ ବାଛୁରୀ । ସେତେ ବଡ଼ ଗୁହାଳ ଆଉ ଗୋରୁଗାଈ ଆମ ଅଞ୍ଚଳରେ କେଉଁଠି ନଥାଏ । ମଡ଼ିକାକା ଥିଲେ ସେଇ ଗୁହାଳ ଘରର ଅଧିକାରୀ । ସକାଳରୁ ରାତିଯାଏ କେତେ କାମରେ ଲାଗିଥା'ନ୍ତି । ଗୋରୁଗାଈଙ୍କୁ କୁଟା, କୁଣ୍ଡା, ପାଣି, ତୋରାଣି ଖୁଆଇବା, ପଡ଼ିଆକୁ ଚରାଇ ନେବା, ରୋଗ ବୈରାଗରେ ଔଷଧ, ସେବା ଶୁଶ୍ରୂଷା, ଗୁହାଳଘର ସଫା, ଆଉକାମ କରିବାକୁ ତାଙ୍କୁ ଡର ନଥାଏ । ଗୁହାଳକୁ ଲାଗିଥିବା ଅମାର ଘରର ପିଣ୍ଡାରେ ସେ ରୁହନ୍ତି । ଖଣ୍ଡେ ସପ, ତେଲଚିକିଟା ତକିଆ, ଦୁଇଟା ନାଲିରଙ୍ଗର ଖୋର୍ଦ୍ଧା ଗାମୁଛା, ଏତିକି ମାତ୍ର ସମ୍ବଳ ସହିତ ଦିନକୁ ଦୁଇ ବକ୍ତ ପଖାଳଭାତ ଖାଇ ଯିଏ ସବୁବେଳେ ହସିପାରୁଛି ସେ ଯେ ନିହାତି ଗୋଟେ ପାଗଳା ଏଥିରେ ଗାଁ ଲୋକଙ୍କର ସନ୍ଦେହ ନଥାଏ ।

ଗାଁରୁ ବାହାରିଲେ ବିଶାଳ ମଶାଣିପଦା ଓ ଗୋଚରଭୂଇଁ ନଈକୂଳକୁ ଲମ୍ବିଥାଏ । ମଡ଼ିକାକା ସବୁଦିନ ସେଠାରେ ଗୋରୁ ଗାଈଗୁଡ଼ିକକୁ ଛାଡ଼ିଦେଇ ବରଗଛ ମୂଳରେ ବସନ୍ତି । ମନକୁ ମନ କଥା ହୁଅନ୍ତି ଆଉ ହିଁ ହିଁ ହୋଇ ହସନ୍ତି । ଦିନେ ମୋତେ ପାଖକୁ ଡାକି ପଚାରିଲେ - କିରେ ଛୁଆ, ମୁହଁ ଶୁକେଇଚୁ କେନେ ?

ମୁଁ କହିଲି - କାକା, ମୋ ପାଠପଢ଼ା ବନ୍ଦ ହେଇଗଲା ।

- ବାଃ, ବଢ଼ିଆ ହେଲା । ତୁ ତ ଖାଲି ଖେଳିବୁ । ମଟର ଟାୟାର ପଛରେ ଧାଇଁବୁ ।

- ନା ନା, ମୁଁ ପଢ଼ିବି ।

- ପଢ଼, କିଏ ମନା କଲା !

- ବହି ଖାତା କିଣିବାକୁ ପଇସା ନାହିଁ ।

ମଡ଼ିକାକା ଏଣେତେଣେ ଚାହିଁ ହୁରି ଛାଡ଼ିଲା - ଏ "ଛୁଆଧରା ବାବୁ, ଏଠିକି ଟିକେ ଆସ ।"

ମଶାଣି ପାଖ ଦେଇ ଗୋଟେ ଧସରା ବାଲି ରାସ୍ତା ହାଟକୁ ପଡ଼ିଥାଏ । ସେଇ ରାସ୍ତାରେ ଯାଉଥିଲେ ଟୋଲବାଡ଼ିର କିରାଣି । ଟୋଲରେ ପଢ଼ିବାକୁ ପିଲା ହେଉ ନଥିବାରୁ ସେ ପ୍ରତିବର୍ଷ ଘର ଘର ବୁଲି ଛୁଆ ଖୋଜନ୍ତି । ସମସ୍ତେ କୁହନ୍ତି, ହେଇ ଆଇଲେ ଛୁଆଧରା ବାବୁ । ମଡ଼ିକାକାଙ୍କ ଡାକ ଶୁଣି ସେ ଆସିଲେ । ମୋତେ ସାଥିରେ ନେଇ ବାପାଙ୍କୁ ଦେଖା କଲେ । ମାଗଣା ବହି ଖାତା ସହିତ ମାସକୁ ଦଶଟଙ୍କା ବୃତ୍ତି ମିଳିବ ଶୁଣି ବାପା ତାଙ୍କ କଥାରେ ରାଜି ହୋଇଗଲେ ।

ଯେ କି ଯୁଗ ହେଲାରେ ! ଶୁଦ୍ରର ଘର ଛୁଆ ସଂସ୍କୃତ ପଢ଼ିବ ! ବଡ଼ ହେଇ କିସ ମନ୍ଦିରରେ ପୂଜାପାଠ କରିବ !

ମୋ' ମନ ପୁଣି ଖରାପ ହୋଇଗଲା । ବରଗଛ ମୂଳରେ ମଡ଼ିକାକାଙ୍କୁ ପଚାରିଲି - ସଂସ୍କୃତ ପଢ଼ି କି କାମ କରିବି ?

ସେ କହିଲେ - ପାଠ ପଢ଼ିବୁ, ଶିଖିବୁ । କିସ କରିବୁ ଭାବୁଚୁ କେନେ ?

ମୁଁ ସଂସ୍କୃତ ପଢ଼ିଲି । ଟୋଲ ପାଠ ସାରି କଲେଜ, ତାପରେ ୟୁନିଭର୍ସିଟିରେ ଆଚାର୍ଯ୍ୟ ପାସ କଲି । ସହରରେ ଗୋଟେ କଲେଜରେ ଅଧ୍ୟାପକ ଭାବରେ ନିଯୁକ୍ତି ପାଇଲି । ଛୁଟିରେ ଗାଁକୁ ଆସିଲି । ଦେଖିଲି ଏଇ ସମୟ ଭିତରେ ଅନେକ କିଛି ପରିବର୍ତ୍ତନ ହୋଇଯାଇଛି । ମଶାଣିଭୂଇଁ ଓ ଗୋଚର ଜାଗାରୁ ଅଧାଅଧି ସରକାର ଓ ସାଧାରଣ ଲୋକ ମାଡ଼ି ବସିଛନ୍ତି । ଗୋଟେ ଇଲେକ୍ଟ୍ରି ଷ୍ଟ୍ରକ୍ଚର, ପୋଲିସ୍ ଫାଣ୍ଡି, ପାଣିଟାଙ୍କି ଓ ପମ୍ପ ହାଉସ୍ । ରାତିରେ ଉଜ୍ଜ୍ୱଳ ବିଜୁଳିବତିରେ ଝଙ୍କା ବରଗଛଗୁଡ଼ିକ ସେମାନଙ୍କ ଅନ୍ଧାରି ରହସ୍ୟ ହରାଇ ବସିଛନ୍ତି । ଧସରା ବାଲିରାସ୍ତା ଏବେ ପିଚୁ ସଡ଼କ । ଛକ ଜାଗାରେ ଦୋକାନ ବଜାର । ମୋ ବାଲିବନ୍ତ ମଫସଲ ଗାଁଟି ଏବେ କୁନି ସହର ହୋଇଯାଇଛି ।

ବରଗଛ ମୂଳରେ ମଡ଼ିକାକା ଆଉ ତାଙ୍କର ଗୋରୁଗୋଠକୁ ଦେଖିଲି ନାହିଁ ।

ବୋଉ କହିଲା - "ସେ ଆଉ ନାହିଁରେ । ବଞ୍ଚିଥିବାବେଳେ ଯେମିତି ହସୁଥିଲା, ସେମିତି ହସହସ ମୁହଁରେ ମରି ଯାଇଛି । ମରିବା ଦିନ ରାତିରେ ଯେଉଁ କାମଟି କରିଯାଇଛି ତୁ ଶୁଣିଲେ ଆଶ୍ଚର୍ଯ୍ୟ ହେବୁ ।"

- କ'ଣ ?

- ଭଲମନ୍ଦରେ ଚଇନ ତାକୁ ଖର୍ଚ୍ଚ କରିବାକୁ ଯେଉଁ ଟଙ୍କା ଦେଉଥିଲା ସେ ତାକୁ ସବୁ ସଞ୍ଚି ରଖିଥିଲା । ଗୋଟିଏ ନାଲି କନାରେ ବାନ୍ଧି ମୁଣ୍ଡତଳେ ରଖି ଶୋଉଥିଲା । ସେ ମରିଯିବା ପରେ ସେଇଟା ମିଳିଲା । ତା' ଭିତରେ ଖଣ୍ଡେ କାଗଜରେ ଅଙ୍କାବଙ୍କା ଅକ୍ଷରରେ ଲେଖିଥିଲା – ସ୍କୁଲ ପିଲାଙ୍କ ପାଇଁ ରଖିଛି ।

- କେତେ ଟଙ୍କା ଥିଲା ?

- ମୁଁ ଜାଣିନି । ସ୍କୁଲ ଆଗରେ ପିଲାଙ୍କ ପାଇଁ ଯେଉଁ ଖେଳ ବଗିଚା ଅଛି, ସେଇଟା ସେଇ ଟଙ୍କାରେ ତିଆରି ହୋଇଛି ।

ମୋ' ଆଖିଆଗରେ ମଡ଼ିକାକାଙ୍କ ହସହସ ମୁହଁଟି ସ୍ପଷ୍ଟ ଦିଶିଲା । ଯିଏ ଗୋଟେ ଛୋଟ ବାକ୍ୟରେ ମୋ' ଭାଗ୍ୟ ବଦଳାଇ ଦେଇଥିଲେ । ଘର ପରିବାର ନଥାଇ ବି ଗାଁଯାକର ପିଲାଙ୍କ ଖୁସି ପାଇଁ ଟଙ୍କା ସଞ୍ଚୁଥିଲେ । ବଳଦ ପରି ନିରବରେ ଖଟୁଥିଲେ ଅଥଚ ଉଦାସ ନହୋଇ ଅନାବିଳ ହସଟିଏ ସବୁବେଳେ ମୁହଁରେ ଧରିରଖିଥିଲେ ।


ମଡ଼ିକାକା ସତରେ ପାଗଳା ଥିଲେ ।

ବିକାଶନଗର, ଅଙ୍ଗାରଗଡ଼ିଆ
ବାଲେଶ୍ୱର
ମୋ: ୬୩୭୦୬୬୧୧୪୭

# ପୁସ୍ତକ ପରିଚୟ

## ଚିତ୍ରମୟ ପିଲାଦିନ

### ଡକ୍ଟର ମନୋରମା ବିଶ୍ୱାଳ ମହାପାତ୍ର






ବନଫୁଲ
ଭି.ଏସ୍.ଏସ୍. ନଗର
ଭୁବନେଶ୍ୱର-୭୫୧୦୧୩
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୨୧୦ ଟଙ୍କା

ପିଲାଦିନର ସ୍ମୃତି ଅପାସୋରା । ଗାଁର ମନୋରମ ପ୍ରାକୃତିକ ପରିବେଶ, ପର୍ବପର୍ବାଣିର ଆନନ୍ଦ, ସାଙ୍ଗସାଥୀଙ୍କ ନିଷ୍କପଟ ଭଲ ପାଇବା କୈଶୋର କାଳକୁ କରିଦିଏ ମଧୁମୟ । ଏଭଳି ନିଜର ପିଲାଦିନର ସ୍ମୃତିକୁ ଅତି ଚମତ୍କାର ଭାବେ ବର୍ଣ୍ଣନା କରିଛନ୍ତି ଡକ୍ଟର ମନୋରମା ବିଶ୍ୱାଳ ମହାପାତ୍ର 'ଚିତ୍ରମୟ ପିଲାଦିନ' ପୁସ୍ତକରେ । ବାଲେଶ୍ୱର ଜିଲ୍ଲାର ସମୁଦ୍ରକୂଳବର୍ତ୍ତୀ ଗାଁ ଜଗାଇ ଲେଖିକାଙ୍କ ଜନ୍ମଭୂମି । ଜନ୍ମମାଟିର ବାସ୍ନା ଏବେ ମଧ ତାଙ୍କୁ ଭାବବିଭୋର କରେ । ଗ୍ରାମ୍ୟ ପରିବେଶ, ସରଳ ଗ୍ରାମ୍ୟ ମଣିଷ, ପରିବାର,ସାଙ୍ଗସାଥୀଙ୍କ ଅକପଟ ଭଲ ପାଇବା, ସ୍କୁଲ ଜୀବନର ଅଭୁଲା ସ୍ମୃତିକୁ ଅତି ହୃଦୟସ୍ପର୍ଶୀ ଭାବେ ସେ ଏହି ପୁସ୍ତକରେ ଲିପିବଦ୍ଧ କରିଛନ୍ତି । 'ଚିତ୍ରମୟ ପିଲାଦିନ', 'ପିଲାଦିନ,ଲତାଗିରି ବନଗିରି', 'ପୋଖରୀ ଆଡ଼ିରେ ଗଇଶ ଫୁଲର ଘର', 'କ୍ଷୀରପା ସହ ଯାତ୍ରା ଦେଖା', 'ଶୈଶବର ସୁଗନ୍ଧ ଭିତରେ ଅପାସୋରା ମାମୁଁ ଘର ଗାଁ', 'ମକର ସଂକ୍ରାନ୍ତି ମେଳା ଏବଂ କ୍ଷୀରପା', 'ସ୍ମୃତିର ସିନ୍ଦୂର ଭିତରେ', 'ମୋର ପ୍ରଥମ ଗୀତ ଶିଖିବାର ଦିନ', 'ପ୍ରିୟ ବାନ୍ଧବୀ ସାଳନ୍ଦୀ' ଆଦି ଲେଖାଗୁଡ଼ିକରେ ଲେଖିକା ପିଲାଦିନର ମଧୁର ସ୍ମୃତିଚାରଣ କରିଛନ୍ତି । ମାମୁଁ ଘର ଗାଁ, ସାଳନ୍ଦୀ ନଦୀ, ପୋଖରୀ ପାଣିରେ କଇଁଫୁଲ ତୋଳିବାର ମଜା, ଗଇଶ ଫୁଲର ସୌନ୍ଦର୍ଯ୍ୟ, ଅଜଣା ପକ୍ଷୀଙ୍କ କଳରବ ପିଲାଦିନେ ଲେଖିକାଙ୍କୁ ତନ୍ମୟ କରିଥିଲା । 'ଚିତ୍ରମୟ ପିଲାଦିନ' ପୁସ୍ତକଟି ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ ।

# ବର୍ଷା

ଇନ୍ଦିରା ଦାଶ





ଅରଣ୍ୟର ସୀମା ଡେଇଁ
ପର୍ବତର ଚୂଳ ଛୁଇଁ
ଝରି ପଡ଼ ଝରଝର ହୋଇ
ଆକାଶର ଆଚ୍ଛନ୍ନ ସୀମାନ୍ତେ ।

ବଳାକାର ରୂପ ନେଇ
ଭାସି ଚାଲ ଚାରି ମେଘ ହୋଇ
ପକ୍ଷୀର ଆର୍ଦ୍ର ଡେଣାରୁ ସ୍ନେହର
ସନ୍ତକ ହୋଇ ମାଟି ଅଗଣାକୁ ।

କଳା ବଉଦର ଶାଢ଼ି ପିନ୍ଧି
କାଦମ୍ବରୀ ପିଆଲା ଧରି
ଗଭାରେ କଦମ୍ବ ଖୋସି ବିସ୍ତରି ଯାଅ
ଚେତନାର ମୃଣ୍ମୟୀ ସଂଜରେ ।

ପୂର୍ଣ୍ଣଗର୍ଭା କରିବାକୁ
ଶୁଖିଲା ନଈକୁ, ମିଶି ଯାଅ
ଅମୁହାଁ ମୁହାଣର ନିର୍ଜନ ସୈକତର
ଅନ୍ଧାରି ଛାତିରେ ।

ଧୂ ଧୂ ନିଦାଘ କ୍ଷେତରେ
ରଚିଦିଅ ସବୁଜ ଶୃଙ୍ଗାର
ତୃପ୍ତ କର ଦେହ ମନ, ପ୍ରାଣ
ନିଖିଳ ନିଃସର୍ଗ ।


ବର୍ଷା କ'ଣ ଏକ ସମ୍ମୋହନ
ସମ୍ଭୋଗର ଋତୁ
ମିଳନର ଅପେକ୍ଷାରେ
ବଂଶୀର ବିଳାପ
ଅବା ଯନ୍ତ୍ରଣାର ଆଦିମ ରୂପକ
ଦୁଃଖକୁ ଭୋଗି ଭୋଗି
ଲୁହ ପିଇ ଯାଇ ଥିବା ଦୁଇ ଓଠ ।

ରହସ୍ୟମୟୀ ନାରୀ ଭଳି
ପ୍ରେମ ଦିଅ, ଶକ୍ତି ଦିଅ
ଧ୍ୱଂସର ଆବର୍ତ୍ତ ଭିତରୁ ଶୁଣାଅ
ସର୍ଜନାର ଗୋପନ ସଂକଳ୍ପ ।

ଅନୁଗୋଳ ବଜାର, ଅନୁଗୋଳ

# ଅଜଣା ପକ୍ଷୀ

ତ୍ରିନାଥ ସିଂହ



ନିଘୋଡ଼ ରାତିରେ ଆଚ୍‌କା ଭାଙ୍ଗିଯାଏ
ନିଦ ।

ମନେହୁଏ ଯେମିତି
ଏବେ ଏବେ କେହିଜଣେ ଏଇଠି ଥିଲା
ଓ ଛୁଇଁଦେଲା ଖୁବ୍ ସନ୍ତର୍ପଣରେ ମୋର ନିଦ୍ରିତ ଦେହ ।

ରାତ୍ରୀର ନୀରବତାକୁ ଆଡ଼େଇ
ଝର୍କା ସେପାଖର କୋଉ ଗଛଡହାଳରୁ
ରହି ରହି ଶୁଭିବ ଗୋଟେ ଅଜଣା ପକ୍ଷୀର ଉଚ୍ଛନ୍ନ ରାବ
ଧୀରେ ଧୀରେ ଯାହା ମୋହାଚ୍ଛନ୍ନ କରିଦେବ ମତେ
ଓ କ୍ରମଶଃ ଶୁଭିବ ମୋର ନାଆଁ ଭଳି...

ଯେମିତି ନିହାତି ଚିହ୍ନାଜଣା କେହିଜଣେ
ମତେ ଡାକପାରୁଛି ଥରକୁ ଥର ।

ସେଇ ଆଚ୍ଛନ୍ନତା ଭିତରେ ହିଁ ମୁଁ ଉଠିବସିବି
କର୍ତ୍ତୃତ୍ୱହୀନ
ଓ କେହିଜଣେ ବଶୀଭୂତ କରିନେଉଥିବା ପରି
ବାହାରି ଆସିବି ବାହାରକୁ ।

ଖଇ ବୁଣିଯିବା ପରି ଚିତ୍ରିତ ଆକାଶରେ ଏଣେତେଣେ ଜିକ୍‌ଜିକ୍ କରୁଥିବା
ଓ ନିଜ ଭିତରେ ନିଜେ ଜଳୁଥିବା ତାରାମାନେ
ନିର୍ବାକ କାନେଇଥିବେ ପକ୍ଷୀକୁ...

ଯାହା ସେତେବେଳ ଯାଏଁ
ଅଭିମନ୍ତ୍ରିତ କରିସାରିଥିବ ନିରୀହ ନୀରବତାକୁ ଆଖପାଖର ।

ରାତିର ଅନ୍ଧାରରେ ଉତ୍ତରପାଖର ପାହାଡ଼
ଯାହା ଅତ୍ୟତ ବୃଦ୍ଧ, ଜୀର୍ଣ୍ଣଶୀର୍ଣ୍ଣ ଓ ଏବକୁ ଲୋପପାଇ ଯାଇଥିବା
କୋଉ ପ୍ରାଗୈତିହାସିକ ଜୀବଜନ୍ତୁଙ୍କ କଙ୍କାଳ ପରି ପ୍ରତେ ହେଉଥିବ...

ପକ୍ଷୀର ପ୍ରତି ଡାକର ବ୍ୟବଧାନରେ
ବାରିହେଇ ପଡୁଥିବା ତା'ର କୁହୁଣୀ ଓ ଭଙ୍ଗାଭଙ୍ଗା ଛାଇ
ବେଳୁବେଳ ଆହୁରି କ୍ଷୀଣ ଓ ଦୁର୍ବଳ ଲାଗୁଥିବ ।


ମୋ' ନାଆଁ ଭଳି
ଓ ନିହାତି ଚିହ୍ନାଜଣା ଲୋକର ସ୍ୱର ପରି ଶୁଭୁଥିବା
ପକ୍ଷୀର ଡାକ
ଆଉ ଗଛ ଡହାଳରୁ ଶୁଭିବନି ଏଥର...
ଗୁମୁରି ଗୁମୁରି ଆସୁଥିବ
କୋଉ ଯୋଜନ ଯୋଜନ ବର୍ଷ ଦୂର
ଗୋଟେ ସଂକୀର୍ଣ୍ଣ ଓ ଆବଦ୍ଧ ଗମ୍ଭୀରା ଭିତରୁ
ଡେଇଁଡାଇଁ ଅରମା, ବଣ, ପାହାଡ଼, ଶ୍ମଶାନ ଓ ଜନ୍ମଜନ୍ମାନ୍ତର ।

ଅଚାନକ ମୁକୁଳି ଆସିବା ବେଳକୁ
ସେଇ ଅତିନ୍ଦ୍ରୀୟ ଆଲୋକର ନିଗୂଢ଼ ଆଚ୍ଛାଦନରୁ,
ମୁଁ ଚମତ୍କୃତ ହେଇଯିବି...
ଯେତେବେଳେ ମୁଁ ଅନୁଭବ କରିବି ଯେ'
ସେଇ ଅଜଣା ପକ୍ଷୀର କୁହାଟ
ମୋ'ରି ନିକଟରୁ ହିଁ ଶୁଭୁଛି କୋଉଠୁ...
ହୁଏତ ମୋ'ରି ଭିତରୁ..!!

ଭବିଷ୍ୟନିଧି କାର୍ଯ୍ୟାଳୟ
ପାନପୋଷ ମାର୍ଗ, ରାଉରକେଲା - ୭୬୯୦୧୨
ମୋ: ୮୮୯୫୦ ୯୯୪୬୪

## ପବନର ଦେହ

### ସେନାପତି ପ୍ରଦ୍ୟୁମ୍ନକେଶରୀ





ଟାଇମ୍ ପାସ୍
ନୀଳକଣ୍ଠ ମାର୍ଗ, ବରମୁଣ୍ଡା
ଭୁବନେଶ୍ୱର-୭୫୧୦୦୩
ପ୍ରଥମ ସଂସ୍କରଣ: ୨୦୨୪
ମୂଲ୍ୟ: ୧୯୫ ଟଙ୍କା

'ପ୍ରେମର କ୍ଷେତବାଡ଼ି/ ସମ୍ପର୍କର ହାଣ୍ଡିଠେକି/ ବିଶ୍ୱାସର ଘରଡିହ/ ଭରସାର କୂଅମୂଳ/ ଏସବୁ ଭିତରେ ବୋଉ ସୁଖ ପାଏ ।' (ବୋଉର ଖାଲି ବିଛଣା) ଅତୁଳନୀୟ ମା'ର ତ୍ୟାଗ ଓ ତିତିକ୍ଷା । ସବୁ ଦୁଃଖ,କଷ୍ଟ, ଯନ୍ତ୍ରଣା ଭିତରେ ମଧ ସେ ପାଏ ଅପାର ସୁଖ । ଜୀବନକୁ ତିଳ ତିଳ କରି ଜାଳି ଦେବାରେ ହିଁ ତା'ର ଆନନ୍ଦ । ଏହି ମାନବୀୟ ଭାବାବେଗ ଫୁଟି ଉଠିଛି ସେନାପତି ପ୍ରଦ୍ୟୁମ୍ନକେଶରୀଙ୍କ 'ପବନର ଦେହ' ପୁସ୍ତକର କବିତାଗୁଡ଼ିକରେ । ଏହି ପୁସ୍ତକରେ ପଇଁଚାଳିଶଟି ମନଛୁଆଁ କବିତା ସଂକଳିତ ହୋଇଛି । କବି କେଉଁଠି ପ୍ରକୃତିର ସୌନ୍ଦର୍ଯ୍ୟରେ ବିଭୋର ହୋଇଉଠିଛନ୍ତି, ପୁଣି କେଉଁଠି ମଣିଷର ଦୁଃଖ, ଯନ୍ତ୍ରଣାରେ ବିଳପି ଉଠିଛି ତାଙ୍କ ହୃଦୟ । ଆଉ କେବେ ଜୀବନବାଦର ସଙ୍ଗୀତ ଗାନ କରିଛନ୍ତି ସେ ତଲ୍ଲୀନ ହୋଇ । ଏହି ପୁସ୍ତକର 'ବର୍ଷାରାତିରେ', 'ଆକାଶ ପୂଜା', 'ପଦ୍ମତୋଳା', 'ବୁଢ଼ାର ଲାଠି', 'ନିର୍ବୋଧ ଦର୍ପଣ', 'ନଗଡ଼ା କଥା', 'କାଳ ଅକାଳ', 'ସେଇ ଚାଦରଖଣ୍ଡକ', 'ବୋଉର ଖାଲି ବିଛଣା', 'କାଲି ରାତିର ଅନ୍ଧାର', 'ଅଭିନ୍ନ ଛାଇ', 'ବର୍ଷା ଋତୁରେ ନଈ', 'ଯେଉଁଠି ସରିଯାଏ ସମ୍ବାଦ', 'ଅଚିହ୍ନା ପ୍ରାଣୀ', 'ଦୀପ ଜଳିଲେ', 'ଘର' ପ୍ରଭୃତି କବିତା ହୃଦୟସ୍ପର୍ଶୀ ହୋଇଛି । ପ୍ରତିଟି କବିତାର ଭାବ ଓ ସମ୍ମୋହନ ସ୍ୱତନ୍ତ୍ର । ଏହି ପୁସ୍ତକର କବିତାଗୁଡ଼ିକ ପାଠକମାନଙ୍କ ଦ୍ୱାରା ଆଦୃତି ଲାଭ କରିବ ବୋଲି ଆଶା କରାଯାଏ ।

# ମୁଁ ତ ଅମୃତ ସାଗର ବିନ୍ଦୁ ...

ପ୍ରଦୀପ୍ତ ଶ୍ରୀଚନ୍ଦନ



ଏ ମାଟିର ମହାକବି ରଙ୍ଗାଜୀବ ଗଙ୍ଗାଧର ସାରସ୍ୱତ ସାଧନା ଆଉ ଉପାସନା ସହ ଶବ୍ଦ ଶବ୍ଦ ମଧ୍ୟରେ ନିର୍ମାଣ କରିଛନ୍ତି ଶବ୍ଦମୟ ଜଗତ । ତାଙ୍କ କାବ୍ୟକୃତି ପାଠକର ଚେତନାକୁ, ଭକ୍ତି ଭାବନା ଓ ଜୀବନ ଦର୍ଶନକୁ, ମାନବିକ ଓ ସାମାଜିକ ମୂଲ୍ୟବୋଧକୁ ରଞ୍ଜିତ ତଥା ଉଦ୍‌ବେଳିତ କରି ପାରିଛି । ପୁନଶ୍ଚ ଏହି ମହାନ୍ ଋଷିକବି ଗଙ୍ଗାଧର ମେହେରଙ୍କ ସାହିତ୍ୟ ଶିଳ୍ପ ସତ୍ୟ, ଶିବ ଓ ସୁନ୍ଦରର ପ୍ରତ୍ୟକ୍ଷ ଚିତ୍ରଣ କରି ତା'ର ପ୍ରତିଷ୍ଠା କରିଯାଇଛି । ତେଣୁ ସ୍ୱଭାବ କବିଙ୍କ ସାହିତ୍ୟ କୃତି ମଧ୍ୟରେ ଦିବ୍ୟ ଆଲୋକର ମହନୀୟ ବିଭା ଓ ସୁନ୍ଦରର ସ୍ପନ୍ଦନ ସତତ ଅନୁରଣିତ । ସେଇଥିପାଇଁ ଡକ୍ଟର ହରେକୃଷ୍ଣ ମହତାବ ତାଙ୍କର କବି ଗଙ୍ଗାଧର ପ୍ରବନ୍ଧର ଆରମ୍ଭରେ ଲେଖିଛନ୍ତି, "ସାହିତ୍ୟରେ କବିତାର ସ୍ଥାନ ଓ ସମାଜରେ କବିର ସ୍ଥାନ ବିଷୟରେ ଧାରଣା କ୍ରମଶଃ ବଦଳି ଯାଉଛି । ସାହିତ୍ୟ କ୍ଷେତ୍ରରେ ଏକଦା କବିତାର ସ୍ଥାନ ଥିଲା ସର୍ବଶ୍ରେଷ୍ଠ । ସେହିପରି ସମାଜରେ କବି ଥିଲେ ସର୍ବଶ୍ରେଷ୍ଠ ବ୍ୟକ୍ତି । ଐଶୀଶକ୍ତି ବିନା କବି ହେବା ଅସମ୍ଭବ ବୋଲି ଏକ ସମୟରେ ବିଶ୍ୱାସ ଥିଲା । କବି କହିଲେ ସିଦ୍ଧପୁରୁଷ ବୋଲି ବୁଝାଉଥିଲା । ସାଧନା କରି ଯେଉଁ ସମୟରେ କବିର ପ୍ରତିଷ୍ଠା ଅତି ଅଳ୍ପ ଲୋକେ ଲାଭ କରୁଥିଲେ, ସେତେବେଳେ କବି ଜଣେ ଦାର୍ଶନିକ, ଜଣେ ସମାଜ ବିଧାୟକ, ଜଣେ ଦୂରଦର୍ଶୀ ଓ ଜଣେ ଈଶ୍ୱରଙ୍କର ନିକଟତମ ବ୍ୟକ୍ତି ବୋଲି ସମାଜ ବିଚାରୁ ଥିଲା" । ତେଣୁ ଡକ୍ଟର ମହତାବଙ୍କ ବିଚାରରେ ସ୍ୱଭାବ କବି ଗଙ୍ଗାଧର ମେହେର ଥିଲେ ସେହି ଅର୍ଥବୋଧର କବି । ସ୍ୱଚ୍ଛ ହୃଦୟ,ସ୍ୱଚ୍ଛଳ ଭାବାବେଶ, ଭାଷା ଉପରେ ଭାବର ପ୍ରାଧାନ୍ୟ ଓ ସର୍ବୋପରି ଈଶ୍ୱରାଭିମୁଖୀନତା ଏହା ହିଁ ଗଙ୍ଗାଧରଙ୍କର କାବ୍ୟ-କବିତାରେ ପରିସ୍ଫୁଟ ଆଉ ସେଇଥିପାଇଁ ସେ ସମାଜର ସର୍ବଶ୍ରେଷ୍ଠ ବ୍ୟକ୍ତି – କବି ।

ଗଙ୍ଗାଧରଙ୍କର ଏ ଅନନ୍ୟ ପ୍ରତିଭା ଖାଲି ସ୍ୱଭାବଜାତ ନୁହେଁ, ଜୀବନ ଓ ପ୍ରକୃତିର ଗଭୀର ଅନୁଶୀଳନ, ଅଧ୍ୟବସାୟ ଓ ଅଧ୍ୟୟନ ଯୋଗୁଁ ତାହା ଯେତିକି ପରିମାର୍ଜିତ ଆଉ ସ୍ୱଚ୍ଛ ସେତିକି ସଂଯତ ହୋଇ ତାଙ୍କୁ ଆମର ସାଂସ୍କୃତିକ ପ୍ରତୀକ ଭାବରେ ମର୍ଯ୍ୟାଦା ପ୍ରଦାନ କରିଛି । କବି-ରାଧାନାଥଙ୍କ ପରବର୍ତ୍ତୀ ଓଡ଼ିଆ ସାହିତ୍ୟର ସର୍ବାଧିକ ପ୍ରତିଭାଶାଳୀ କବି କେବଳ ନୁହନ୍ତି, ତାଙ୍କର ବ୍ୟକ୍ତିତ୍ୱ ଓ ଜୀବନାଦର୍ଶ ମଧ୍ୟ ଜନସାଧାରଣରେ ସର୍ବାଧିକ ଆଦୃତ । ସେ ସଂଖ୍ୟାଧିକ ସାଧାରଣ ଜନତାଙ୍କ ଅନ୍ତଃସ୍ୱରବାହୀ ସାହିତ୍ୟ ସାଧକ । ଋଷିପ୍ରାଣ ଗଙ୍ଗାଧରଙ୍କ ବ୍ୟକ୍ତିତ୍ୱର ମୂଳଦୁଆ, ତାଙ୍କ ବଞ୍ଚିବାର ଅସଲ ଆଧାର ଈଶ୍ୱର ସମର୍ପିତ ଜୀବନଧାରଣ ଯାହା ଏ ଭୂଖଣ୍ଡର ଅଗଣିତ ଜନତାଙ୍କ ପାଇଁ ସଦୈବ ଜୀବନର ମୂଳଧାର । କବି ମେହେର ବାଲ୍ୟକାଳରୁ ଥିଲେ ଈଶ୍ୱରବିଶ୍ୱାସୀ । ମାନବ ଜୀବନର ଶାଶ୍ୱତ ଅଭିଳାଷ ଭଗବତ୍ ଭାବନା ଦ୍ୱାରା ଅନୁପ୍ରାଣିତ ହୋଇ କବି ବିଶ୍ୱର ବିଚିତ୍ର ଲୀଳାକୁ ଅନୁଧ୍ୟାନ କରିଛନ୍ତି । ସନାତନ ଆର୍ଯ୍ୟବାଣୀ ତାଙ୍କ ପ୍ରାଣରେ ତୋଳିଥିଲା ସାତ୍ତ୍ୱିକ ମୂର୍ଚ୍ଛନା । ସୁଖ ଦୁଃଖର ସଂସାର ବନ୍ଧନରେ ବାନ୍ଧି ହୋଇବି ସେ ଈଶ୍ୱରଙ୍କ ଆଶୀର୍ବାଦକୁ ସଦାସର୍ବଦା ସ୍ମରଣ କରିଛନ୍ତି । ପାପତାପରେ ସନ୍ତୁଳିତ ମଣିଷର ବିଭୁକୃପା ବିନା ଅନ୍ୟ ଗତି ବା କାହିଁ? ସାଂସାରିକ ଜଞ୍ଜାଳ, ଦୁଃଖ, ବ୍ୟଥା ଆଦିକୁ ଅତିକ୍ରମ କରି ସେଇ ପରମ କାରୁଣିକଙ୍କର ପାଦରେ ଶରଣ ପଶି କରୁଣା ଭିକ୍ଷା କଲେ ଆତ୍ମାଲାଭର ଆନନ୍ଦ ମିଳେ । ତେଣୁ ସେ ଲେଖିଲେ, "ମନ ଭ୍ରମୁଛୁ କାହିଁକିରେ ନିଜ ଧନେ କରି ହେଳା ।" କବିଙ୍କର କାବ୍ୟ କବିତାର ଅନ୍ୟ ଏକ ଦୃଷ୍ଟିଭଙ୍ଗୀ ହେଉଛି ନୀତିକଥା । ମାନବର କର୍ମର ଉଚିତ୍ ଅନୁଚିତ ବିଚାର କରିବା ନୀତିଶାସ୍ତ୍ରର ଲକ୍ଷ୍ୟ । ଏହି ଦୃଷ୍ଟିକୋଣରୁ ତର୍ଜମା କଲେ କବି ଅତ୍ୟନ୍ତ ସରଳ ଓ ପ୍ରାଣସ୍ପର୍ଶୀ ଢଙ୍ଗରେ ଜୀବନରେ କର୍ମ ଆଉ ପରମ୍ପରାର ନିୟନ୍ତ୍ରଣ ନିମନ୍ତେ ପାଠକ ସମ୍ମୁଖରେ ନୀତିବଚନ ବାଢ଼ି ବସିଛନ୍ତି । ଯେମିତି ତାଙ୍କ ରଚିତ କବିତା 'ମହିମା' । କବିଙ୍କର ସାହିତ୍ୟ ଶିଳ୍ପ, ସତ୍ୟ, ଶିବ ଓ ସୁନ୍ଦରର ପ୍ରତ୍ୟକ୍ଷ ଚିତ୍ରଣ କରି ତା'ର ପ୍ରତିଷ୍ଠା କରିଯାଇଛି । ସ୍ୱଭାବ କବିଙ୍କ ସାହିତ୍ୟ କୃତି ମଧ୍ୟରେ ଦିବ୍ୟ ଆଲୋକର ମହନୀୟ ବିଭା ଆଉ ସୁନ୍ଦରର ସ୍ପନ୍ଦନ ସତତ ଅନୁରଣିତ ।


'ମଧୁବାତା ଋତାୟନ୍ତେ, ମଧୁକ୍ଷରନ୍ତି ସିନ୍ଧବଃ'- ଏହି ବେଦବାଣୀରେ ଉଦ୍‌ବୁଦ୍ଧ ହୋଇ କବି ଏ ସୃଷ୍ଟିକୁ ମଧୁମୟ ଆଉ ନିଜକୁ ଅମୃତସାଗରର ବିନ୍ଦୁ ଭାବରେ ଚିତ୍ରଣ କରିଛନ୍ତି । ସେଇଥିପାଇଁ ଅମୃତମୟ କବିଙ୍କର ସୌନ୍ଦର୍ଯ୍ୟ ଦୃଷ୍ଟିରେ ପ୍ରକୃତିର ତମୋମୟ ଓ ରଜୋମୟ ରୂପ ଶାନ୍ତପୂତ, ସତ୍ୱମୟ ରୂପରେ ପୂର୍ଣ୍ଣତା ଲାଭ କରିଛି । ଏ ସମଗ୍ର ବିଶ୍ୱ ମଧୁମୟ । ସେହି ମଧୁମୟ ଭୂମାର ସୃଷ୍ଟି ଅତୀବ ବିଚିତ୍ର । ସୂର୍ଯ୍ୟ ଚନ୍ଦ୍ର, ଗ୍ରହ, ତାରା, ଅଚଳ, ଅନୀଳ, କୋଇଲିର କୁହୁତାନ-ସର୍ବତ୍ର ସେହି ମହିମାମୟ, ମଧୁମୟଙ୍କର ଆବାସସ୍ଥଳୀ । ପୁଷ୍ପିତ କାନନ, ଶିଶୁର ମୁଖମଣ୍ଡଳ, ନଦୀ, ଝରଣା,ତଡ଼ାଗ, ସମୁଦ୍ର-ସବୁରି ମଧ୍ୟରେ ସେଇ ମଧୁମୟଙ୍କର ସାଧୁ ସତ୍ତା କବିଙ୍କର କବିତାରେ ଉପଲବ୍ଧ ।

କବିଙ୍କ ରଚିତ କବିତାଗୁଡ଼ିକରେ ସେ କାଳରେ ଘଟି ଯାଉଥିବା ମୁଖ୍ୟ ଘଟଣାଗୁଡ଼ିକର ପ୍ରତିଫଳନ ଅତ୍ୟନ୍ତ ସ୍ପଷ୍ଟ । ତେଣୁ ସମୟ ସ୍ପନ୍ଦନ ସହିତ ଆଶା, ଆଶଙ୍କା ଆଉ ସୁଖ ଦୁଃଖର ପ୍ରତିବିମ୍ବ ବହନ କରି ଏମାନେ ମେହେରଙ୍କ ସ୍ପନ୍ଦନଶୀଳ ଅନ୍ତରର ସୂଚକ ହେବା ସହିତ ସମକାଳୀନ ଯୁଗ ଚେତନା ଓ ଯୁଗ ଯନ୍ତ୍ରଣାର ବାର୍ତ୍ତାବହ ରୂପେ ଇତିହାସର ଧାରା ଦର୍ଶାଇବାରେ ସହାୟକ ହୋଇଛନ୍ତି । ତେଣୁ ଗବେଷକମାନଙ୍କ ମତରେ ଗଙ୍ଗାଧରଙ୍କ ବ୍ୟକ୍ତିତ୍ୱ ପରମ୍ପରା ଓ ଆଧୁନିକତାର, ଗତାନୁଗତିକତା ଓ ମୌଳିକ ଚିନ୍ତନ ଶକ୍ତିର, ପରିଶୁଦ୍ଧ ଆଦର୍ଶ ଓ ଗ୍ରାମୀଣ ବାସ୍ତବତାର, ସଚେତନ ଶିଳ୍ପୀତ୍ୱ ଓ ଭାବପ୍ରବଣ କବିତ୍ୱର, ବିନମ୍ର ମାନବ ଓ ଅକୁତୋଭୟ ଆଦର୍ଶ ଋଷିଗତିକର ସଂହତ ଚାରିତ୍ରିକ ବୈଶିଷ୍ଟ୍ୟର ପ୍ରାକୃତିକ ସମାବେଶ । ଏଇଥିରେ ହିଁ ନିହିତ ତାଙ୍କର ଜନପ୍ରିୟତା ଆଉ ଅମରତ୍ୱର ଅସଲ ରହସ୍ୟ । ତେଣୁ ଡକ୍ଟର ମହତାବଙ୍କ ଭାଷାରେ- "ଗଙ୍ଗାଧର ସାହିତ୍ୟର ସମାଲୋଚନା ନାନା ଦିଗରୁ ନାନା ପଣ୍ଡିତମାନେ କରିଲେଣି, କରୁଛନ୍ତି, କରିବେ ମଧ୍ୟ । ସମାଜର ପରିବର୍ତ୍ତନ ସଙ୍ଗେ ସଙ୍ଗେ ସାହିତ୍ୟ ପ୍ରତି ଧାରଣା ମଧ୍ୟ ପରିବର୍ତ୍ତିତ ହୋଇଯିବ । କିନ୍ତୁ ଗଙ୍ଗାଧରଙ୍କ ବ୍ୟକ୍ତିତ୍ୱ, ଯାହା ତାଙ୍କର ସାହିତ୍ୟରେ ଫୁଟି ଉଠିଛି, ତାହାହିଁ ରହିଯିବ ଚିରକାଳ ପ୍ରତ୍ୟେକ ଲେଖକର ଅନୁକରଣୀୟ ଆଦର୍ଶ ହୋଇ ।"

ଅବସରପ୍ରାପ୍ତ ନିର୍ଦ୍ଦେଶକ
ପ୍ରସାର ଭାରତୀ
ପଟିଆ, ଭୁବନେଶ୍ୱର

## ଚାଇଲ୍ଡ ଇସ୍ୟୁସ୍: ପେରେଣ୍ଟସ୍ ବିୱେର୍

### ସତ୍ୟବ୍ରତ ପାତ୍ର





ଧାରା ଶ୍ରୀରାଧା ଟ୍ରଷ୍ଟ
ମାତୃ ବିହାର, ରଘୁନାଥପୁର
ଭୁବନେଶ୍ୱର-୭୫୧୦୨୪
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ ୩୭୫ ଟଙ୍କା

ଶିଶୁମାନଙ୍କ ଭବିଷ୍ୟତ ଗଠନ କରିବାରେ ଅଭିଭାବକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ବାଲ୍ୟ ସମୟରୁ ଯଦି ଉପଯୁକ୍ତ ପରାମର୍ଶ ଦିଆଯାଏ, ତେବେ ଭବିଷ୍ୟତରେ ସେମାନେ ଜଣେ ଜଣେ ଉତ୍ତମ ନାଗରିକ ହୋଇପାରିବେ । ଶିଶୁମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ କ'ଣ କ'ଣ ପଦକ୍ଷେପ ନିଆଯିବା ଉଚିତ, ତାହା ପ୍ରକାଶ ପାଇଛି ସତ୍ୟବ୍ରତ ପାତ୍ରଙ୍କ 'ଚାଇଲ୍ଡ ଇସ୍ୟୁସ୍: ପେରେଣ୍ଟସ୍ ବିୱେର୍' ପୁସ୍ତକରେ । ଇଂରାଜୀ ଭାଷାରେ ରଚିତ ଏହି ପୁସ୍ତକରେ ଶିଶୁମାନଙ୍କ ବ୍ୟବହାର, ଚରିତ୍ର ଗଠନ, ଶିକ୍ଷା, ଯୌନ ଶିକ୍ଷା ପ୍ରଦାନର ଆବଶ୍ୟକତା ଆଦି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯାଇଛି । ବ୍ୟକ୍ତି ଚରିତ୍ର ଉପରେ ସର୍ବାଧିକ ପ୍ରଭାବ ପକାଇଥାଏ ବାଲ୍ୟ ବୟସ । ଉପଯୁକ୍ତ ବାତାବରଣ ନ ପାଇଲେ ଶିଶୁମାନଙ୍କର ସଂପୂର୍ଣ୍ଣ ବିକାଶ ହୋଇପାରେ ନାହିଁ । ବାଲ୍ୟ ସମୟରୁ ପିଲାର ସମସ୍ତ ଯତ୍ନ ନେବା ସହ ତା'ର ଆଧ୍ୟାତ୍ମିକ ବିକାଶ ଦିଗରେ କିପରି ପିତାମାତା ପଦକ୍ଷେପ ନେବା ଆବଶ୍ୟକ ତା' ଉପରେ ପୁସ୍ତକଟି ପର୍ଯ୍ୟବସିତ । ଦୋଷଗୁଣକୁ ସମାଲୋଚନା ନ କରି ସନ୍ତାନମାନଙ୍କ ଭିତରେ ଥିବା ଉଜ୍ଜ୍ୱଳ ଭବିଷ୍ୟତର ସମ୍ଭାବନା ଦେଖିବା ପାଇଁ ଲେଖକ ପରାମର୍ଶ ଦେଇଛନ୍ତି । ସତପଥରେ ପରିଚାଳିତ ହେବା ପାଇଁ ପିଲାମାନଙ୍କୁ ପରାମର୍ଶ ଦିଆଯିବା ଆବଶ୍ୟକ । ପୁସ୍ତକଟି ପାଠକୀୟ ଆଦୃତି ଲାଭ କରିବ ବୋଲି ଆଶା କରାଯାଏ ।

## ରାଜ୍ୟସ୍ତରୀୟ ସମାରୋହରେ ଅଗଷ୍ଟ କ୍ରାନ୍ତି ବୀରଙ୍କୁ ଶ୍ରଦ୍ଧାଞ୍ଜଳି

# ସ୍ୱାଧୀନତାର ମୂଲ୍ୟ ଆମେ ସୁରକ୍ଷିତ ରଖିବା: ବାଚସ୍ପତି

ଭୁବନେଶ୍ୱର, ୯।୮ (ସମିସ): ଭାରତବର୍ଷକୁ ସହଜରେ ସ୍ୱାଧୀନତା ମିଳିନାହିଁ। ଆମେ ଏକ କଷ୍ଟଲବ୍ଧ ସ୍ୱାଧୀନତା ପାଇଛେ। ହଜାର ହଜାର ସଂଗ୍ରାମୀଙ୍କ ବଳିଦାନ ଓ ତ୍ୟାଗ ଫଳରେ ଆମକୁ ସ୍ୱାଧୀନତା ମିଳିଛି। ସେହି ସ୍ୱାଧୀନତାର ମୂଲ୍ୟକୁ ଆମକୁ ସୁରକ୍ଷିତ ରଖିବାକୁ ହେବ ବୋଲି ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ ମତବ୍ୟକ୍ତ କହିଛନ୍ତି।



ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ସମିତି ପକ୍ଷରୁ ଭୁବନେଶ୍ୱର ଶହୀଦ ସ୍ମାରକୀ ସ୍ୱାଧୀନତା ସଂଗ୍ରାମୀ ସଦନଠାରେ ଆୟୋଜିତ ରାଜ୍ୟସ୍ତରୀୟ ଅଗଷ୍ଟ କ୍ରାନ୍ତି ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବାଚସ୍ପତି ଅମର ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ୧୯୪୨ ଅଗଷ୍ଟ ୮ ଓ ୯ ତାରିଖର ଇତିହାସକୁ ଅବଲୋକନ କରି ସେଦିନର ସେହି ଭାରତ ଛାଡ଼ ଆହ୍ୱାନ ଶେଷରେ ଇଂରେଜ ସରକାରକୁ ଦେଶ ଛାଡ଼ି ଚାଲିଯିବାକୁ ବାଧ କରିଥିଲା ବୋଲି ସେ କହିଛନ୍ତି। ଏହି ଅବସରରେ ବାଚସ୍ପତି ଓଡ଼ିଶାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଗୋପବନ୍ଧୁ ଚୌଧୁରୀ, ନବକୃଷ୍ଣ ଚୌଧୁରୀ, ହରେକୃଷ୍ଣ ମହତାବ, ଭାଗିରଥ ମହାପାତ୍ର, ବିଶ୍ୱନାଥ ଦାସ, ନିତ୍ୟାନନ୍ଦ କାନୁନଗୋ, ରାଜକୃଷ୍ଣ ବୋଷ, ପ୍ରାଣକୃଷ୍ଣ ପଡ଼ିଆରୀ, ସୁରେନ୍ଦ୍ର ନାଥ ପଟ୍ଟନାୟକ, ଆଚାର୍ଯ୍ୟ ହରିହର, ସଦାଶିବ ତ୍ରିପାଠୀ, ମା' ରମାଦେବୀ, ସରଳା ଦେବୀ ପ୍ରମୁଖଙ୍କୁ ସ୍ମରଣ କରିଥିଲେ। କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂ, ବିରୋଧୀଦଳର ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଘଡ଼ାଇ, ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ, ଦେବୀ ପ୍ରସାଦ ମିଶ୍ର, ଅମର ପ୍ରସାଦ ଶତପଥୀ, ବିଜେପିର ବରିଷ୍ଠ ନେତା କୃଷ୍ଣ ଜଗଦେବ, ସମୀର ମହାନ୍ତି, ଗାନ୍ଧିବାଦୀ ଲେଖକ ପ୍ରହ୍ଲାଦ ସିଂ, ସମାଜସେବୀ ପ୍ରଦ୍ୟୁମ୍ନ ଶତପଥୀ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ରାଜ୍ୟ ସ୍ୱାଧୀନତା ସଂଗ୍ରାମ ସମିତିର ସଭାପତି ବିମ୍ବାଧର ମୁଦୁଲିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାରୋହରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆସିଥିବା ଶହୀଦ ଏବଂ ସ୍ୱାଧୀନତା ସଂଗ୍ରାମୀଙ୍କ ଦାୟାଦମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସମିତିର ସଂଯୋଜକ ପ୍ରଫେସର ଉପେନ୍ଦ୍ର ପାଢ଼ୀ ଓ ବିରୂପାକ୍ଷ ତ୍ରିପାଠୀ ସଂଯୋଜନା କରିଥିବାବେଳେ ଅଭୟ ବଡ଼ଜେନା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଜାତୀୟ ପତାକା ସ୍ତମ୍ଭରେ ରକ୍ଷାବନ୍ଧନ କରାଯାଇଥିଲା। ଅତିଥିମାନେ ଜାତୀୟ ପତାକା ଉତ୍ତୋଳନ କରି ସେହି ସ୍ତମ୍ଭରେ ରାକ୍ଷୀ ବାନ୍ଧିଥିଲେ। ଶାଶ୍ୱତୀ ଅନୁଷ୍ଠାନ ପକ୍ଷରୁ ତନୟା ଗୋସ୍ୱାମୀଙ୍କ ନିର୍ଦ୍ଦେଶନାରେ ରାମଧୂନ୍ ଏବଂ କମିଶନରେଟ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ବାଦ୍ୟଧ୍ୱନି ପରିବେଷଣ କରାଯାଇଥିଲା।

## ଡାକ୍ତର ଆସିଲେନି; ପ୍ରସବ କରାଇଲେ ନର୍ସ

# ନବଜାତକ ମୃତ୍ୟୁରୁ ତୀବ୍ର ଉତ୍ତେଜନା

ବଲାଙ୍ଗିର, ୯।୮ (ସମିସ): ବଲାଙ୍ଗିର ଜିଲ୍ଲା ଲୋଇସିଂହା ଗୋଷ୍ଠୀ ଡାକ୍ତରଖାନାରେ ଚିକିତ୍ସା ଅବହେଳାରୁ ଜଣେ ନବଜାତକର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ବିନା ଡାକ୍ତରଙ୍କ ଉପସ୍ଥିତିରେ ଦୁଇଜଣ ନର୍ସ ଗର୍ଭବତୀଙ୍କ ପ୍ରସବ କରିଥିଲେ। କିନ୍ତୁ ଜନ୍ମ ପରେ ଶିଶୁଟି କୌଣସି ପ୍ରକାର ପ୍ରତିକ୍ରିୟା ଦେଇନଥିଲା। ଫଳରେ ନର୍ସମାନେ ତରବରିଆ ଭାବେ ଉଭୟ ଶିଶୁ ଓ ମହିଳାଙ୍କୁ ବଲାଙ୍ଗିରକୁ ସ୍ଥାନାନ୍ତର କରିଥିବା ବେଳେ ସେଠାରେ ଡାକ୍ତର ଶିଶୁକୁ ମୃତ ଘୋଷଣା କରିଥିଲେ। ବଲାଙ୍ଗିର ଜିଲ୍ଲା ମୁଖ୍ୟାଳୟରୁ ମାତ୍ର ୨୦କିମି ଦୂରରେ ଥିବା ଡାକ୍ତରଖାନାରେ ଏଭଳି ଅବସ୍ଥା ଦେଖିବାକୁ ମିଳିଛି।

ଡାକ୍ତରଖାନାରେ ଉଭୟ ସ୍ତ୍ରୀ ଓ ପ୍ରସୂତି, ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ରହିଥିବା ସତ୍ତ୍ୱେ ଏହିଭଳି ଘଟଣା ଡାକ୍ତରଖାନାରେ ରହିଥିବା ଦୋଷ ତ୍ରୁଟିକୁ ପଦାରେ ପକାଇଛି। କେବଳ ଏତିକି ନୁହେଁ, ସଂପୃକ୍ତ ମହିଳାଙ୍କୁ ଭର୍ତ୍ତି କରିବାଠାରୁ ଆରମ୍ଭ କରି ସ୍ଥାନାନ୍ତର କରିବା ପର୍ଯ୍ୟନ୍ତ ଜଣେ ବିଁ ଡାକ୍ତର ସ୍ୱାସ୍ଥ୍ୟବସ୍ଥା ଯାଞ୍ଚ କରି ନଥିବା ଅଭିଯୋଗ ହୋଇଛି। ବଲାଙ୍ଗିର ଜିଲ୍ଲା ଲୋଇସିଂହା କୁମ୍ଭାରପଡ଼ାର ନବୀନ ରଣା ତାଙ୍କ ସ୍ତ୍ରୀଙ୍କୁ ଲୋଇସିଂହା ବ୍ଲକ୍ ମୁଖ୍ୟାଳୟରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସ୍ତ୍ରୀ ଗର୍ଭବତୀ ଥିବା ବେଳେ ନିୟମିତ ଡାକ୍ତରଙ୍କ ପରାମର୍ଶ ନେଇ ଯତ୍ନ କରିଥିଲେ। ସବୁ କିଛି ଠିକ ଥିବା ବେଳେ ଶୁକ୍ରବାର ପ୍ରସବ ବେଦନା ହୋଇଥିଲା। ଫଳରେ ସେ ସ୍ଥାନୀୟ ଡାକ୍ତରଖାନାକୁ ନେଇ ଭର୍ତ୍ତି କରିଥିଲେ। ଭର୍ତ୍ତି କରିବା ପରେ ଅପରାହ୍ନରେ ଡ୍ୟୁଟିରେ ଥିବା ଦୁଇ ଜଣ ନର୍ସ ଆସି ତାଙ୍କୁ ଲେବର ରୁମ୍‌କୁ ନେଇଥିଲେ। ମହିଳାଙ୍କ ସହ ତାଙ୍କ ସମ୍ପର୍କୀୟ ମହିଳା ଓ ଆଶା କର୍ମୀ ମଧ୍ୟ ରହିଥିଲେ। ତେବେ ସଂପୃକ୍ତ ଦୁଇ ଜଣ ନର୍ସ ଡାକ୍ତରଙ୍କୁ ଅପେକ୍ଷା ନକରି ପ୍ରସବ ଆରମ୍ଭ କରି

### ଚିକିତ୍ସା ଅବହେଳାରୁ ମୃତ୍ୟୁ ଅଭିଯୋଗ

ଦେଇଥିଲେ। ପ୍ରସବ ସମୟରେ ଅଧାରେ ଶିଶୁ ଅଟକି ଯାଇଥିବାରୁ ବହୁ କଷ୍ଟରେ ଜବରଦସ୍ତି ଶିଶୁକୁ ଟାଣି ବାହାର କରିଥିଲେ। ଶିଶୁକୁ ବାହାର କରିବା ପରେ ସେ କୌଣସି ପ୍ରକାର ପ୍ରତିକ୍ରିୟା କରିନଥିଲା। ଫଳରେ ସଂପୃକ୍ତ ଦୁଇ ନର୍ସ ନିଜ ନିଜ ଭିତରେ ଆଲୋଚନା କରି ଶିଶୁକୁ ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନାକୁ ସ୍ଥାନାନ୍ତର କରିବା ପାଇଁ କହିଥିଲେ। ଶିଶୁକୁ ସ୍ଥାନାନ୍ତର କରିବା ପାଇଁ ପ୍ରଥମେ ୧୦୮ ଆମ୍ବୁଲାନ୍ସ ଡକାଯାଇଥିଲା। ପ୍ରଥମେ ଆସିଥିବା ଆମ୍ବୁଲାନ୍ସରେ ଅକ୍ସିଜେନ୍ ବ୍ୟବସ୍ଥା ନଥିବାରୁ ଆଉ ଏକ ଆମ୍ବୁଲାନ୍ସକୁ ଅପେକ୍ଷା କରାଯାଇଥିଲା। ଏହାରି ଭିତରେ ଶିଶୁର ମୃତ୍ୟୁ ହୋଇଥିବା ବେଳେ ଭୀମଭୋଇ ମେଡିକାଲ ଡାକ୍ତରଖାନାରେ ଶିଶୁକୁ ଡାକ୍ତର ମୃତ ଘୋଷଣା କରିଥିବା ନବୀନ ଅଭିଯୋଗ କରିଛନ୍ତି। ଏହାସହ ସଂପୃକ୍ତ ଦୁଇ ନର୍ସ ହିଁ ତାଙ୍କ ଶିଶୁକୁ ମାରିଦେଇଥିବା ସେ ଅଭିଯୋଗ କରିଛନ୍ତି।

ତେବେ ଏଠି ପ୍ରଶ୍ନ ଉଠୁଛି, ବିନା ଡାକ୍ତରଙ୍କ ଉପସ୍ଥିତିରେ ପ୍ରସବ କରିବାକୁ ଦୁଇ ଜଣ ନର୍ସ ସାହସ କଲେ କେମିତି? ସେହି ସମୟରେ ଡ୍ୟୁଟିରେ ଥିବା ଡାକ୍ତର କୁଆଡ଼େ ଯାଇଥିଲେ। ଡାକ୍ତରଖାନାରେ ପ୍ରସୂତି ବିଭାଗ ଡାକ୍ତର ରହିଥିବା ସତ୍ତ୍ୱେ ଦୁଇଜଣ ନର୍ସଙ୍କ ଦ୍ୱାରା ପ୍ରସବ ହେବା କେତେ ଯୁକ୍ତିଯୁକ୍ତ। ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀଙ୍କ ଅବହେଳା ଯୋଗୁଁ ନବୀନ ନିଜ ନବଜନ୍ମିତ ଶିଶୁକୁ ହରାଇବା ପଛରେ ଦାୟୀ କିଏ ? ଜନ୍ମ ହେବା ପରେ ଗୁରୁତର ଶିଶୁଙ୍କ ଚିକିତ୍ସା ପାଇଁ ସ୍ଥାନୀୟ ଡାକ୍ତରଖାନାରେ ନିୟୋଜିତ ଥିବା ଶିଶୁ ରୋଗ ବିଶେଷଜ୍ଞଙ୍କୁ ସୂଚନା ଦିଆଗଲା ନାହିଁ କାହିଁକି? ଏମିତି ଅନେକ ପ୍ରଶ୍ନ ଏବେ ସାଧାରଣରେ ଉଙ୍କି ମାରୁଛି। ଏହି ଘଟଣାରେ ସଂପୃକ୍ତ କର୍ମଚାରୀ ଓ ଡାକ୍ତରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ଏହି ଡାକ୍ତରଖାନା ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀରେ ରହିଛି। ଯଦି ଏହି ଡାକ୍ତରଖାନାରେ ଏହିଭଳି ଅବସ୍ଥା, ତେବେ ଜିଲ୍ଲାର ଅନ୍ୟ ଆଭ୍ୟନ୍ତରୀଣ ଡାକ୍ତରଖାନାଗୁଡ଼ିକର ଅବସ୍ଥା କେମିତି ଥିବ, ତାହା ଏଥିରୁ ସହଜରେ ଅନୁମେୟ। ଏନେଇ ମେଡିକାଲ ଅଫିସରଙ୍କୁ ପଚାରିବାରୁ ସେ କହିଛନ୍ତି, ଏହିଭଳି ହେବା କଥା ନୁହଁ। ଯଦି କିଛି ଏମିତି ହୋଇଛି, ଏହାର ଯାଞ୍ଚ କରାଯିବ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଘର ଭୁଶୁଡ଼ି...

ରହିଥିବାରୁ ଯାତାୟାତ ପ୍ରଭାବିତ ହୋଇଛି। ଅନେକ ଅଣ୍ଡରପାସ ଅଞ୍ଚଳ ବୁଡ଼ି ରହିଥିବା ବେଳେ ବିଭିନ୍ନ ସ୍ଥାନରେ ବର୍ଷାପାଣି ଏକରୁ ଦୁଇ ଫୁଟ୍ ଉଚ୍ଚରେ ଚାଲୁଛି। ଫଳରେ ବିଭିନ୍ନ ରାସ୍ତାରେ ଟ୍ରାଫିକ ଜାମ ଦେଖିବାକୁ ମିଳିଛି। ଆଜି ଦିନ ତମାମ ଦିଲ୍ଲୀରେ ବର୍ଷା ଜାରି ରହିଛି। ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଆଜି ରେଡ୍ ଆଲର୍ଟ ଜାରି କରାଯାଇଥିଲା। ବର୍ଷା ଯୋଗୁଁ ଯମୁନା ନଦୀ ଜଳସ୍ତର ବଢ଼ିବାରେ ଲାଗିଛି। ଦିଲ୍ଲୀ ନିକଟରେ ଯମୁନା ବିପଦ ସଙ୍କେତର ନିକଟତର ହେଉଥିବାରୁ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଲୋକମାନଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଉଛି।

ଆଜି ବର୍ଷା ଯୋଗୁଁ ବିଶେଷ ଭାବେ ବିମାନ ଚଳାଚଳ ଗୁରୁତର ଭାବେ ପ୍ରଭାବିତ ହୋଇଛି। ଇନ୍ଦିରା ଗାନ୍ଧୀ ବାମାନବନ୍ଦରରେ ଆଜି ଅତିକମରେ ୩୦୦ରୁ ଅଧିକ ବିମାନ ଚଳାଚଳ ବାଧାପ୍ରାପ୍ତ ହୋଇଛି। ସେଥିମଧ୍ୟରୁ ଶହେ ବିମାନ ବାତିଲ ହୋଇଥିବା ଜଣାପଡ଼ିଛି। ଏହି ବିମାନବନ୍ଦରରେ ଦୈନିକ ୧୩୦୦ରୁ ଅଧିକ ବିମାନ ଚଳାଚଳ କରୁଛି। ଫଳରେ ଯାତ୍ରୀମାନେ ଘୋର ଅସୁବିଧାର ସମ୍ମୁଖୀନ ହୋଇଛନ୍ତି।

ସେପଟେ ହିମାଚଳ ପ୍ରଦେଶର କୁଲ୍ଲୁରେ ବାଦଲଫଟା ବର୍ଷା ହୋଇଛି। ଫଳରେ ବନ୍ୟା ଆସିଛି। ଭୂସ୍ଖଳନ ଯୋଗୁଁ ଚଣ୍ଡିଗଡ଼- ମାନାଲି ରାଜପଥର ବନ୍ଦ ରହିଛି। ସେହିପରି ଉତ୍ତର ପ୍ରଦେଶରେ ମଧ୍ୟ ସପ୍ତାହ ସାରା ପ୍ରବଳ ବର୍ଷା ଜାରି ରହିଛି।

### ଦେଶକୁ ବର୍‌ବାଦ...

ଶୁଳ୍କ ଯୁଦ୍ଧ ଚାଲିଥିଲା ଏବଂ ପରେ ଚୁକ୍ତି ହୋଇ ଯାଇଥିଲା। ହ୍ୱାଇଟ ହାଉସ୍‌ର ଶୁଳ୍କ ଏବଂ ଅନ୍ୟ ନୀତି ଯୋଗୁଁ ଭାରତ ଚୀନ୍ ପ୍ରତି ନରମ ଆଭିମୁଖ୍ୟ ପୋଷଣ କରୁଛି। ବୋଲ୍ଟଙ୍କ ମତରେ, ଶତ୍ରୁ ଏବଂ ମିତ୍ର ଉପରେ ସମାନ ଶୁଳ୍କ ଲଗାଇବା ଦ୍ୱାରା ଆମେରିକାର ସେହି ଭରସା ଏବଂ ଆତ୍ମବିଶ୍ୱାସ ଦୁର୍ବଳ ହୋଇଯାଇଛି। ଏହାକୁ ବଜାୟ ରଖିବା ପାଇଁ ଦୀର୍ଘ ସମୟ ଲାଗିଥିଲା। ଏହା ବଦଳରେ ବହୁତ ଆର୍ଥିକ ଲାଭ ମିଳିଛି, କିନ୍ତୁ ବଡ଼ କ୍ଷତି ହେବା ଆଶଙ୍କା ବୃଦ୍ଧି ପାଇଛି। ସୂଚନାଯୋଗ୍ୟ ଯେ ବୋଲ୍ଟନ ଟ୍ରମ୍ପଙ୍କ ପୂର୍ବ କାର୍ଯ୍ୟକାଳରେ ଆମେରିକାର ରାଷ୍ଟ୍ରୀୟ ସୁରକ୍ଷା ପରାମର୍ଶଦାତା ଥିଲେ। ସେ ଗତ କିଛି ମାସ ହେଲା ଟ୍ରମ୍ପଙ୍କ ନୀତିକୁ ସମାଲୋଚନା କରି ଆସୁଛନ୍ତି। ସେହିପରି ଆମେରିକା ବିଦେଶ ନୀତି ବିଶେଷଜ୍ଞ କ୍ରିଷ୍ଟୋଫର ପ୍ୟାଡିଲା ମଧ୍ୟ ଟ୍ରମ୍ପ ପ୍ରଶାସନକୁ ଚେତାବନୀ ଦେଇଛନ୍ତି। ଏହି ଶୁଳ୍କ ଭାରତ-ଆମେରିକା ସମ୍ବନ୍ଧ ଉପରେ ଦୀର୍ଘ ଦିନ ପର୍ଯ୍ୟନ୍ତ ପ୍ରଭାବ ପକାଇବ। ଆମେରିକାକୁ ଭାରତ ସନ୍ଦେହ ଦୃଷ୍ଟିରେ ଦେଖିବ ଏବଂ କେବେ ବି ଏହି ଶୁଳ୍କକୁ ଭୁଲିବ ନାହିଁ।

ଅନ୍ୟପକ୍ଷରେ ଟ୍ରମ୍ପ ଦାବି କରିଛନ୍ତି ଯେ ଶୁଳ୍କ ଯୋଗୁଁ ସେୟାର ବଜାରରେ ବଡ଼ ବୃଦ୍ଧି ଦେଖାଦେଇଛି। ପ୍ରତି ଦିନ ନୂଆ ରେକର୍ଡ ସୃଷ୍ଟି ହେଉଛି। ଏହାଦ୍ୱାରା ଶହ ଶହ ବିଲିୟନ ଡଲାର ସରକାରୀ ତହବିଲକୁ ଆସୁଛି।

### 'ଉତ୍କଳ'ରେ ଅଧ୍ୟାପକ...

ଜଣେ ହେଲେ କେହି ଅଧ୍ୟାପକ ନାହାନ୍ତି। ଭାଗବାନ ଭରସାରେ ପାଠପଢ଼ା ଚାଲିଛି। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏ ଦିଗରେ ସଚେତନ ହେବା ସହ ତୁରନ୍ତ ଅଧ୍ୟାପକ ନିଯୁକ୍ତି କରିବା ପାଇଁ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ଏନେଇ ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ଖୁବ୍‌ଶୀଘ୍ର ଆଇନ ବିଭାଗ ସମେତ ଅନ୍ୟ ସମସ୍ତ ବିଭାଗରେ ଆବଶ୍ୟକ ଅତିଥି ଅଧ୍ୟାପକ ନିଯୁକ୍ତ କରାଯିବ।

### ଏମ୍‌ସରେ ଆଖି ବୁଜିଲେ...

ଗତ ମାସ ୧୩ ତାରିଖ ଦିନ କଳ୍ପନା ନର୍ସି କଲେଜରୁ ମାର୍କେଟକୁ ଆସିଥିବା ବେଳେ ଅଚାନକ ସତ୍ୟଜିତ ଆସି କଳ୍ପନାଙ୍କୁ ମାରପିଟ୍ କରିଥିଲେ। ସ୍ଥାନୀୟ ପୁଲିସ ଏହି ଘଟଣା ଦେଖିବା ପରେ ଉଭୟଙ୍କୁ ଥାନାକୁ ନେଇଥିଲେ। ଖବର ପାଇ କଳ୍ପନାଙ୍କ ବାପା ଜୟପୁରରେ ପହଞ୍ଚିଥିଲେ। ପରେ କଳ୍ପନାଙ୍କୁ ଚିକିତ୍ସା ପାଇଁ ମେଡିକାଲ୍ ପଠାଇଥଲା ପୁଲିସ। ପ୍ରାଥମିକ ଚିକିତ୍ସା ପରେ ଝିଅଙ୍କୁ ସେ ନିଜ ଘରକୁ ନେଇ ଆସିଥିଲେ। ୧୫ ତାରିଖ ଦିନ ସେ ଜୟପୁର ଯାଇ ସତ୍ୟଜିତଙ୍କ ନାମରେ ଏତଲା ଦେଇଥିଲେ। କିନ୍ତୁ ଏତଲା ପାଇବା ପରେ ସତ୍ୟଜିତକୁ ପୋଲିସ ଛାଡ଼ି ଦେଇଥିବା ଝିଅର ପରିବାର ଲୋକେ ଅଭିଯୋଗ କରିଥିଲେ।

ସତ୍ୟଜିତ କଳ୍ପନାଙ୍କୁ ଜୟପୁର ବଜାରରେ ମାଡ଼ ମାରିବା ସହ କିଛି ଭିଡିଓକୁ ସୋସିଆଲ ମିଡିଆରେ ଭାଇରାଲ୍ କରିଥିଲା। ଏହା ଜାଣିବା ପରେ ଗତମାସ ୧୭ ତାରିଖରେ କଳ୍ପନା ନିଜ ଘରେ ଥିବା ଘାସ ମରା ବିଷ ପିଇ ଦେଇଥିଲେ। ପରିବାର ଲୋକେ କଳ୍ପନାଙ୍କୁ ପ୍ରଥମେ ଉମରକୋଟ ପରେ ଛତିଶଗଡ଼ର କଣ୍ଡାଗାଁ ଏବଂ ସେଠାରୁ ରାୟପୁରକୁ ଚିକିତ୍ସା ପାଇଁ ନେଇଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଉମରକୋଟ ଉପଖଣ୍ଡ ଚିକିତ୍ସାଳୟ ଏବଂ ପରେ ଭୁବନେଶ୍ୱର ଏମ୍‌ସକୁ ସ୍ଥାନାନ୍ତର କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଆଜି ତାଙ୍କର ମୃତ୍ୟୁ ଘଟିଛି। ଇତିମଧ୍ୟରେ ପରିବାର ଅଭିଯୋଗକୁ ଭିତ୍ତି କରି ପୁଲିସ ସତ୍ୟଜିତ ଏବଂ ଆଉ ଜଣେ ଯୁବକକୁ ଗିରଫ କରିଛି।

### ରାଜ୍ୟବ୍ୟାପୀ ନକଲି...

ଅଙ୍କର ମୁନାଫା ସହ ଆକର୍ଷଣୀୟ ଅଫର୍‌ର ଲୋଭ ଦେଖାଉଛନ୍ତି। ଫଳରେ ବ୍ୟବସାୟୀମାନେ ପ୍ରଲୋଭନର ଶିକାର ହୋଇ ନକଲି ସାର ଚାଷୀଙ୍କୁ ବିକ୍ରି କରୁଛନ୍ତି। ସେହିଭଳି ଦକ୍ଷିଣ ଓ ଉତ୍ତର ଓଡ଼ିଶାର କିଛି ଜିଲ୍ଲାରେ ମଧ୍ୟ ସମାନ ସ୍ଥିତି ଦେଖାଯାଉଛି। ଜିଲ୍ଲା ମୁଖ୍ୟାଳୟରୁ ଦୂରରେ ଥିବା ବ୍ଲକ୍‌ଗୁଡ଼ିକର ଛୋଟ ଛୋଟ ମାର୍କେଟ୍‌ଗୁଡ଼ିକୁ ଟାର୍ଗେଟ୍ କରୁଛନ୍ତି। ଏହି ସ୍ଥାନରେ ବ୍ଲକ୍ କୃଷି ଅଧିକାରୀଙ୍କ ନିଷ୍କ୍ରିୟତା ଓ ଜିଲ୍ଲା କୃଷି ଅଧିକାରୀଙ୍କ ଅଣଦେଖାକୁ ସେମାନେ ସୁଯୋଗରେ ପରିଣତ କରି ଦେଇଛନ୍ତି।

ନକଲି ସାର ର୍‍ୟାକେଟ୍ ରୋକିବାକୁ ମାର୍କଫେଡ୍ ଅଧିକାରୀମାନେ ସଜାଗ ରହିଥିବା ସରକାର କହୁଥିବାବେଳେ ବାସ୍ତବରେ ଉପାନ୍ତ ଅଞ୍ଚଳରେ ଏହା ଶୂନ୍ ବୋଲି ଅଭିଯୋଗ ହେଉଛି। ବର୍ତ୍ତମାନ ଚାଷୀମାନେ କଂପ୍ଲେକ୍ସ ସାରର ଅଧିକ ବ୍ୟବହାର କରୁଛନ୍ତି। ଏହି ସାର ଏବେ ସରକାରୀ ସ୍ୱୀକୃତିପ୍ରାପ୍ତ ଦୋକାନରେ ମିଳୁନି। ଏହାର ଫାଇଦା ଏହି ଅସାଧୁ ବ୍ୟବସାୟୀମାନେ ଉଠାଉଛନ୍ତି। ଏହି ନକଲି ସାର ମାଟିରେ ଠିକ୍ ଭାବରେ ମିଶି ପାରୁ ନ ଥିବାବେଳେ କିଛି ସ୍ଥାନରେ ଟାଣ ହୋଇଯାଉଛି। ଫଳରେ ମୃତ୍ତିକାର ଉର୍ବରତା କମିବା ସହ ପ୍ରଦୂଷଣ ଭୟ ମଧ୍ୟ ବଢୁଛି। ନକଲି ସାର ଯୋଗୁଁ ଚାଷୀ ଖର୍ଚ୍ଚ କରି ମଧ୍ୟ ଏହାର ଲାଭ ପାଇପାରୁ ନାହିଁ। ନକଲି କମ୍ପାନିମାନେ ଡିଲରମାନଙ୍କୁ ବିଭିନ୍ନ ସ୍କିମ ଦେଇ ଆକର୍ଷିତ କରୁଥିବା ବେଳେ ବିଭାଗୀୟ ଅଧିକାରୀମାନଙ୍କୁ ମଧ୍ୟ ବିଭିନ୍ନ ଉପହାର ଓ ଆର୍ଥିକ ପ୍ୟାକେଜ୍ ଦେଉଥିବା ଯୋଗୁଁ ସେମାନଙ୍କ ଉପରେ ଚଢ଼ଉ ମଧ୍ୟ ହେଉ ନ ଥିବା ଅଭିଯୋଗ ହେଉଛି। ସରକାର ତୁରନ୍ତ ହସ୍ତକ୍ଷେପ କରି ମାର୍କଫେଡ୍ ଜରିଆରେ ଚଢ଼ଉ କଲେ ପ୍ରକୃତ ସତ ସାମ୍ନାକୁ ଆସିବ ବୋଲି ଚାଷୀ ମହଲର ଦାବି ହେଉଛି।

ଉଲ୍ଲେଖଥାଉ କି, ରାଜ୍ୟକୁ ଏବେ ସୁଦ୍ଧା ପାଖାପାଖି ୮ ଲକ୍ଷ ମେଟ୍ରିକ୍ ଟନ୍ କେନ୍ଦ୍ରରୁ ମିଳିସାରିଛି। ଆଗକୁ ଆଉ ଦେଢ଼ ଲକ୍ଷ ମେଟ୍ରିକ୍ ଟନ୍ ଆସିବ ବୋଲି କୁହାଯାଉଛି। ପୂର୍ବରୁ ରବି ବେଳର ବଳକା ୪ ଲକ୍ଷ ମେଟ୍ରିକ୍ ଟନ୍ ବିଭିନ୍ନ ଜିଲ୍ଲାରେ ରହିଛି। ମୋଟ ସାରରୁ ପ୍ରାୟ ୬ ଲକ୍ଷ ମେଟ୍ରିକ୍ ଟନ୍ ବିକ୍ରି ଶେଷ ହୋଇଥିବା କୃଷି ବିଭାଗ କହୁଛି। ମାତ୍ର ରାଜ୍ୟବ୍ୟାପୀ ସାରକୁ ନେଇ ଚାଷୀମାନେ ତିରୋଟାଭାବର ସାମ୍ନା କରୁଛନ୍ତି। ସର୍ବାଧିକ ଚାହିଦା ଥିବା କଂପ୍ଲେକ୍ସ ସାର ଚାଷୀଙ୍କୁ ସରକାରୀ ଖୁଚୁରା ଓ ପାଇକାରୀ ବିକ୍ରେତା କେନ୍ଦ୍ରରେ ମିଳୁନି। ସେହି ସାର ଲୋକମାନେ ବାହାରୁ ଉଚ୍ଚା ଦାମ୍‌ରେ କିଣୁଛନ୍ତି। ସେଇଠି ହିଁ ସେମାନେ ନକଲି ସାରର ଶିକାର ହେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ସରକାରୀ ଭାବେ ୫୦ କେଜିର ଡିଏପି ବସ୍ତାର ଦାମ୍ ୧୩ଶହ ଟଙ୍କା ହୋଇଥିବାବେଳେ ଖୋଲାବଜାରରେ ତାହା ୨ହଜାରରୁ ୨୨ଶହ ଟଙ୍କାରେ ବିକ୍ରି ହେଉଛି। ସେହିଭଳି ୧୩୯୦ ଟଙ୍କାର ଗ୍ରୋମୋର ବସ୍ତା ୧୮ ଶହରୁ ୨ହଜାର ଟଙ୍କାରେ ବିକ୍ରି ହେଉଛି।

### ଦୁର୍ଘଟଣାରେ ଗଲା...

ରାସ୍ତା ପାରି ହେଉଥିଲେ। ଗୋଡ଼ାଗୋଡ଼ି ହୋଇ ଯାଉଥିବା ଥାର୍ ଗାଡ଼ି ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ପୂରା ପରିବାର ଏଣେତେଣେ ଛିଟିକି ପଡ଼ିଥିଲେ। ଦୁର୍ଘଟଣାରେ ୩ଜଣ ଯାକ ଗୁରୁତର ହୋଇପଡ଼ିଥିଲେ। ଦୁର୍ଘଟଣା ପରେ ଭୁବନେଶ୍ୱର-ଖୋର୍ଦ୍ଧା ରାସ୍ତାରେ ଯାତାୟାତ ଠପ୍ ହୋଇଯାଇଥିଲା। ସେହି ରାସ୍ତା ଦେଇ ଯାଉଥିବା ଲୋକମାନେ ସେମାନଙ୍କୁ ଉଦ୍ଧାର କରି ଏମ୍‌ସ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ସେଠାରେ ରେଶମାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ।

ମାଆ ରେବତୀଙ୍କ ଚିକିତ୍ସା ଚାଲିଥିବା ବେଳେ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ରହିଛି। ପୁଅ ମାହି ମଧ୍ୟ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ରେଶମାଙ୍କ ମୃତଦେହକୁ ଏମ୍‌ସର ଶବ ସଂରକ୍ଷଣ ଗୃହରେ ରଖାଯାଇଛି। ଆସନ୍ତାକାଲି ବ୍ୟବଚ୍ଛେଦ କରାଯିବ ବୋଲି ପୁଲିସ କହିଛି। ୮ ବର୍ଷର ଝିଅ ମୃତ୍ୟୁବରଣ କରିଥିବା ବେଳେ ମାଆ ଓ ପୁଅ ଡାକ୍ତରଖାନାରେ ସଂଗ୍ରାମ କରୁଛନ୍ତି। ହେଲେ ପୁଲିସ ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଧରିବା ତ ଦୂରରେ ଥାଉ, ଏପର୍ଯ୍ୟନ୍ତ ଚିହ୍ନଟ ମଧ୍ୟ କରିପାରିନାହିଁ।

### ଟ୍ରକ୍ ତଳେ ଚାଲିଗଲା...

ଅନ୍ୟ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ଆଠଗଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ସୁଦାମ ଭୁବନେଶ୍ୱରରେ ରହି କାମ କରନ୍ତି। ଶନିବାର ରକ୍ଷାବନ୍ଧନ ଅବସରରେ ରାକ୍ଷୀ ବାନ୍ଧିବାକୁ ସେ ବାଇକ୍ ଯୋଗେ ଘରକୁ ଫେରୁଥିଲେ। ତେବେ ଲଞ୍ଜାଲ୍ୟାଣ୍ଡ ହୋଟେଲ ସମ୍ମୁଖରେ ଏକ ପଥର ବୋଝେଇ ଗାଡ଼ି ଭାରସାମ୍ୟ ହରାଇ ତାଙ୍କ ଉପରେ ଓଲଟି ପଡ଼ିଥିଲା। ତଳେ ଚାପି ହୋଇ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ଘଟିଛି। ଆଠଗଡ଼ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଟ୍ରକ ଓ ବାଇକ୍ ଜବତ କରି ତଦନ୍ତ ଆରମ୍ଭ କରିଛି।

### ବାଇକ୍ ଧକ୍କାରେ...

ରାକ୍ଷୀ ବାନ୍ଧିବା ପରେ ସ୍ୱାମୀ-ସ୍ତ୍ରୀ ଏକ ବାଇକ୍‌ରେ ଫେରୁଥିଲେ। ଏହି ସମୟରେ ବଡ଼ମ୍ବା ପଟୁ ଆଠଗଡ଼ କଖଡି ଗ୍ରାମର ତିନିଜଣ ଯୁବକ ନିଶା ସେବନ କରି ଯାଉଥିବା ବେଳେ ଉଭୟଙ୍କ ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ଘଟଣାସ୍ଥଳରେ ହିଁ ଲକିଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଅନ୍ୟମାନେ ଆହତ ହୋଇଥିଲେ। ସ୍ଥାନୀୟ ଲୋକ ଆହତମାନଙ୍କୁ ବଡ଼ମ୍ବା ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ଏହି ଦୁର୍ଘଟଣାକୁ ନେଇ ଘଟଣାସ୍ଥଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ମାଣିଆବନ୍ଧ ଥାନାଧିକାରୀ ସଞ୍ଜୟ ଜେନା ଓ ବଡ଼ମ୍ବା ଥାନାଧିକାରୀ ଅରବିନ୍ଦ ମୁଦୁଲି ପହଞ୍ଚି ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

## 'ବ୍ରେନ୍‌ସ ଆଇକନିକ୍ ଟ୍ରଷ୍ଟ' ଲୋକାର୍ପିତ

# ୫ ଆଦିବାସୀ ଜିଲ୍ଲାରେ ଆରମ୍ଭ ହେବ ପାଇଲଟ୍ ପ୍ରୋଜେକ୍ଟ



ଭୁବନେଶ୍ୱର, ୯।୮ (ସମିସ): ରାଜ୍ୟରେ ମହିଳା, ଛାତ୍ର ଓ ଶାରୀରିକ ଭିନ୍ନକ୍ଷମଙ୍କୁ ସାମାଜିକ ଓ ଆର୍ଥିକ ସ୍ତରରେ ସ୍ୱାବଲମ୍ବୀ ଓ ଆତ୍ମନିର୍ଭରଶୀଳ କରିବା ପାଇଁ ରାଜ୍ୟବ୍ୟାପୀ କାର୍ଯ୍ୟ କରିବ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ 'ବ୍ରେନ୍‌ସ ଆଇକନିକ୍ ଚାରିଟେବୁଲ୍ ଟ୍ରଷ୍ଟ'। ଏ ନେଇ ଶନିବାର ଗୀତଗୋବିନ୍ଦ ସଦନଠାରେ ଆନୁଷ୍ଠାନିକ ଭାବେ ଟ୍ରଷ୍ଟର ଲୋଗୋ ଓ ଆଗାମୀ ଦିନର କାର୍ଯ୍ୟପନ୍ଥା ନେଇ ରୋଡ୍‌ମ୍ୟାପ୍ ଲୋକାର୍ପିତ ହୋଇଯାଇଛି। ଟ୍ରଷ୍ଟର ସଭାପତି ଇଂ ଅଶୋକ କୁମାର ଭୂୟାଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ପ୍ରଫେସର ଡା. ଅଶୋକ ମହାପାତ୍ର ଯୋଗଦେଇ ରାଜ୍ୟରେ ଆଦିବାସୀ ଅଞ୍ଚଳରେ ରହୁଥିବା ଭିନ୍ନକ୍ଷମଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଟ୍ରଷ୍ଟ ଗ୍ରହଣ କରିଥିବା ସ୍ୱାଗତଯୋଗ୍ୟ ବୋଲି କହିଥିଲେ।

ଉତ୍ସବରେ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ତଥା ଫକିରମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର କୁମରବର ଦାସ ଏବଂ ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଡା. ବୈରାଗୀ ଚରଣ ପଟ୍ଟନାୟକ ଯୋଗଦେଇ ରାଜ୍ୟର କୋରାପୁଟ, କନ୍ଧମାଳ, ବୌଦ୍ଧ, କେନ୍ଦୁଝର ଏବଂ ଭଦ୍ରକ ଜିଲ୍ଲାରେ ପାଇଲଟ୍ ପ୍ରୋଜେକ୍ଟ ଭାବେ ଟ୍ରଷ୍ଟ ତା' କାମ ଆରମ୍ଭ କରିବ ବୋଲି ସେ ସୂଚନା ଦେଇଛନ୍ତି।

ବରିଷ୍ଠ ପ୍ରଶାସକ ଡ. ଗଣେଶ୍ୱର ଜେନା ଯୋଗଦେଇ ଟ୍ରଷ୍ଟର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିବା ସହିତ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ କହିଥିଲେ। ଉତ୍ସବରେ ମୁଖ୍ୟ ଉପଦେଷ୍ଟା ଡ. ଗିରୀଶ ରଞ୍ଜନ ସାହୁ ଅତିଥି ପରିଚୟ ଓ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସମାଜସେବାରେ ଖ୍ୟାତି ଅର୍ଜନ କରିଥିବା ବ୍ୟକ୍ତିମାନଙ୍କୁ ସମ୍ମାନିତ କରାଯାଇଥିଲା। ଏଭଳି ଏକ ଉଦ୍ୟମ ପାଇଁ ଅନୁଷ୍ଠାନର ସମ୍ପାଦକ ଅଶୋକ କୁମାର ଭୂୟାଁଙ୍କୁ ଧନ୍ୟବାଦ ଜଣାଇଥିଲେ। କହିଥିଲେ ଯେ ସମାଜରେ ଶିକ୍ଷା ଓ ଦକ୍ଷତାକୁ ମିଶାଇ ଯଦି ମାନବସମ୍ବଳର ସଠିକ୍ ଭାବେ ସଦୁପଯୋଗ କରିପାରିବା ତେବେ ସକ୍ଷମ ଓ ଭିନ୍ନକ୍ଷମ ଭିତରେ ଦୂରତା ରହିବ ନାହିଁ।

# ବଇଣ୍ଡାରେ ରହିବ ୪ଟି ଏକ୍ସପ୍ରେସ ଟ୍ରେନ୍

ବଇଣ୍ଡା, ୯।୮ (ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବଇଣ୍ଡା ରେଳ ଷ୍ଟେସନରେ ପୁରୀ-ଦୁର୍ଗ, ଦୁର୍ଗ-ପୁରୀ, ପୁରୀ-ଅହମଦାବାଦ, ଅହମଦାବାଦ-ପୁରୀ ଏକ୍ସପ୍ରେସ ଟ୍ରେନ ରହଣି ହେବ। ଏନେଇ ରେଳ ବିଭାଗ ପକ୍ଷରୁ ଶୁକ୍ରବାର ଘୋଷଣା କରାଯାଇଛି। ଇଷ୍ଟକୋଷ୍ଟ ରେଲୱେ ପକ୍ଷରୁ ଚିଠି ନମ୍ବର ୨୦୯/୨୦୨୫ ଜରିଆରେ ଏ ନେଇ ଅବଗତ କରାଯାଇଛି। ଏହି ଟ୍ରେନଗୁଡ଼ିକ ବଇଣ୍ଡା ଷ୍ଟେସନ ଦେଇ ଯାଉଥିଲେ ମଧ୍ୟ ଏଠାରେ ରହଣି କରୁନାହିଁ। କାରୋନା ପୂର୍ବରୁ ଏହି ବଇଣ୍ଡାରେ ରହୁଥିବା ବେଳେ ପରବର୍ତ୍ତୀ ସମୟରେ ଆଉ ରହୁନଥିଲା। ଏହି ଷ୍ଟେସନ ମାସକୁ ୬ଲକ୍ଷରୁ ଅଧିକ ଟଙ୍କା ରାଜସ୍ୱ ଦେଉଥିବା ବେଳେ ୧୪ଟି ଟ୍ରେନ ରହୁନଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଥିଲା। ପରେ ଏନେଇ ବଇଣ୍ଡା ଅଞ୍ଚଳବାସୀଙ୍କ ପକ୍ଷରୁ ବହୁବାର ସ୍ଥାନୀୟ ବିଧାୟକଙ୍କଠାରୁ ଆରମ୍ଭ କରି କେନ୍ଦ୍ର ଶିକ୍ଷାମନ୍ତ୍ରୀ, ରେଳମନ୍ତ୍ରୀଙ୍କୁ ଦାବିପତ୍ର ଦିଆଯାଇଥିଲା। ଅଞ୍ଚଳବାସୀଙ୍କ ଦାବିକୁ ଦୃଷ୍ଟିରେ ରଖି ଆସନ୍ତା ୧୪ ତାରିଖରୁ ବଇଣ୍ଡାଠାରେ ପ୍ରତ୍ୟେକ ଦିନ ଯାଉଥିବା ପୁରୀ-ଦୁର୍ଗ, ଦୁର୍ଗ-ପୁରୀ ଏକ୍ସପ୍ରେସ ଓ ସାପ୍ତାହିକ ପୁରୀ-ଅହମଦାବାଦ, ଅହମଦାବାଦ-ପୁରୀ ଏକ୍ସପ୍ରେସ ଟ୍ରେନ ରହଣି ପାଇଁ ରେଳ ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏହି ନିଷ୍ପତ୍ତି ପରେ ବଇଣ୍ଡା ଗ୍ରାମବାସୀ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

AFFIDAVIT
I, Pooja Sudhakar Bhosale W/o Amar Bharat Gaikwad, Resident of Flat No-A 602, NBCC Imperia, New Government Colony, PS- Mancheswar, Bhubaneswar, Dist - Khordha, Odisha - 751005, declare by this affidavit No.1526 dtd 08.08.2025 that now onwards I shall be known as **POOJA AMAR GAIKWAD** for all future purposes.

AFFIDAVIT
By virtue of an affidavit sworn before The Notary Public, Bhubaneswar, No. 1530, dated- 01/08/2025, I **Muna Panda,** S/o- Bhaskar Panda, resident of At- Bajarakbati Road, Professorpada, College Chhak, Near Chandraloka Apartment, Cuttack, PO- College Square, Dist- Cuttack, PIN- 753003, Odisha declare that I have changed my daughter's name from **Priyanka Priyadarsni Panda to Priyanka Priyadarshani Panda.** Henceforth, my daughter shall be known as **Priyanka Priyadarshani Panda** for all purposes.
Sd/- Muna Panda

AFFIDAVIT
I, Nisha Pritwani, age about 43 years, W/o- Jeeten Shivani, resident of Plot No. 61, Bhagabanpur Industrial Estate, PO- Patrapada, PS- Tamando, Bhubaneswar, District-Khordha, PIN- 751019, Odisha declared by this affidavit No. 105, dated- 08.08.2025 that now onwards I shall be known as **BHAVIKA SHIVANI** for all future purposes.

AFFIDAVIT
By virtue of Affidavit No 21 dated 06.08.25 (15AA 346860)before the Executive Magistrate, Bhubaneswar, I, Kala Pattnaik, W/o Lalatendu Das Mohapatra, resident of 35, Park Tower Apartment, Unit 6, Bhubaneswar affirm that, my correct name is 'Kala Pattnaik', but wrongly recorded as 'Kala Das Mohapatra' in my husband's passport no Y7008524. That, I and 'Kala Das Mohapatra' is one and same person i.e. myself and I have signed as 'Kala Pattnaik' for all purposes and records. This affidavit is required to be produced before the Regional Passport Office, Bhubaneswar for correcting my name as 'Kala Pattnaik' in my husband's passport.

AFFIDAVIT
By virtue of an affidavit Sl. No.2, dtd.06.08.2025 before the Notary Public, Nuapada, I, Sukanti Mallik of Lachhipur, Po- Sargadi, Dist.- Nuapada have changed my name from Jaksan Mallik to Sukanti Mallik. Henceforth I shall be known as Sukanti Mallik for all purposes.
Sd/- Sukanti Mallik

AFFIDAVIT
I, Sonya Ray W/o Satyajit Ray, Resident of Chunabhati, OMP Square, PO - College Square, PS- Chauliaganj, Dist-Cuttack, Odisha-753003, declare by this affidavit No.7585 dtd 07.08.2025 that now onwards I shall be known as **SONYA LEANNE RAY** for all future purposes.

AFFIDAVIT
I, Rakesh Kuanar, S/o- Late Rajib Kuanr, resident of Plot No. LB-68, Stage-I, B.D.A. Colony, Laxmisagar, Near Laxmisagar Sub Post Office, P.S.- Laxmisagar, Bhubaneswar, Dist- Khordha, Pin- 751006, Odisha declare by this affidavit No. 65, dated 21.06.2025 that now onwards I shall be known as **RAKESH KUANR** for all future purposes.

AFFIDAVIT
I, Parida Biswajit Sanjay, S/o- Sanjaya Kumar Parida, resident of Vill.- Kabisuryanagar (Trinath Nagar), Po./Ps.- Kabisuryanagar, Dist.- Ganjam declare by this affidavit No.384 dtd.- 08/08/2025 that now onwards I shall be known as **BISWAJIT SANJAYA PARIDA** for all future purposes.

AFFIDAVIT
I, Shipra Mandal, H/o- Shivanarayan Mohanty, resident of At- Bankasahi, Po- Bhadrak, Odisha, Pin Code-756100 declared by the affidavit No- 9448, dated- 09/11/2017 that I shall be known as **SHIPRA RAY** for all future purposes.

AFFIDAVIT
By virtue of an affidavit No- 119 sworn before the Executive Magistrate, Deogarh on dtd- 15/05/2025, I **Renubala Naik,** aged 36 years, W/o- Late Bijay Kumar Behera, resident of At/Po-Ballam, Ps- Deogarh, Dist- Deogarh, Odisha I have changed my name from Renubala Behera (old name) to Renubala Naik (new name). My real name is Renubala Naik which is mentioned in my Aadhar bearing no- 6864 1308 5058, My Pass book bearing account no- 5278945822. Henceforth, both the names Renubala Behera and Renubala Naik is one & same person she will be known as Renubala Naik for all future purposes.

Notice (for Minor)
By virtue of an affidavit sworn before Executive Magistrate, Baripada, Mayurbhanj, dated 08.08.2025, I, Santosh Kumar Behera, At- Bardangua, PO/PS- Khunta, Dist- Mayurbhanj, PIN- 757019 declare that I have changed the name of my Son from RONAK KUMAR BEHERA to RANAK KUMAR BEHERA. Henceforth, he shall be known as RANAK KUMAR BEHERA for all purposes.
Santosh Kumar Behera

Notice (for Minor)
By virtue of an affidavit sworn before Notary Public, Udala, Mayurbhanj, dated 07-08-2025 I, Pani Hembram, Address AT- Kudiakhunta, PO- Ranibandh, PS- Khunta, Dist- Mayurbhanj, PIN-757026 declare that I have changed the name of my daughter from Sara Hembram to Sumati Hembram. Henceforth, she shall be known as Sumati Hembram for all purposes.
Pani Hembram

LOST
**I, Mrs. Moutusi Ghosh,** aged about 35 years, W/o.: Rajkumar Ghosh, residing At: Sri Ram Bazar, PO.: Dadhibamanpur, 42 Mouza, PS: Bentkar, Dist.: Cuttack-754112, do hereby solemnly affirm that I have purchased property at Khata No.: 263/717, Plot No.: 1860/3745, measuring an Area: A0.056 dec., Situated at Mouza: Dadhibamanpur from Durjyadhan Behera and Ramesh Chandra Behera, Both are sons of Late Mahendra Behera vide Regd. Sale Deed document No.: 10392402223, dtd.15.03.2024 before the learned registering Authority, Cuttack. That, at the time of execution of the above mentioned sale deed the said Durjyadhan Behera had served me the Original Regd. Sale Deed vide document No.:10391606004, dtd.14.12.2016, which was purchased from Ashok Kumar Das & others as well as original ROR in respect of Khata No.: 263/717 at Mouza: Dadhibamanpur, in the name of Durjyadhan Behera and Ramesh Chandra Behera. That, when I have gone through to Cuttack from Sri Ram Bazar the above mentioned original Regd. Sale deed vide document No.:10391606004, dtd.14.12.2016, as well as Original ROR have been misplaced somewhere on 10.07.2025 after best efforts I unable to trace out the same. I have not deposited the said deed as security by way of equitable mortgage or otherwise with anybody nor I have given it to anybody for any purpose. If somebody found and misuse the said deed, I shall not be held responsible for that. If any one found the above deed, is in possession or have any claim on the same please contact Advocate **Mr. Santosh Behera, Mob No.: 9937180725** within **7 days** of this publication. If no claim received during this period the validity of above mentioned original deeds is null and void.

## ବିଭିନ୍ନ ସ୍ଥାନରେ ଗହ୍ମାଡ଼ିଆଁ ଓ ବଳଭଦ୍ର ଜନ୍ମ ଉତ୍ସବ

# ଭାଇଭଉଣୀ ସମ୍ପର୍କର ଅନନ୍ୟ ପରମ୍ପରା ରକ୍ଷା ବନ୍ଧନ





ଗଣିଆ, ୯।୮ (ସମିସ)

ଗଣିଆରେ ଆଜି ଗହ୍ମା ପୂର୍ଣ୍ଣିମା ଧୁମଧାମରେ ପାଳିତ ହୋଇଯାଇଛି। ସକାଳୁ ଗାଇ ବଳଦମାନଙ୍କୁ ପୂଜାର୍ଚ୍ଚନା କରି ସେମାନଙ୍କୁ ପିଠା, ମିଠା ଖାଇବାକୁ ଦେଇ ଗୋଡ଼ରେ ରାକ୍ଷୀ ବାନ୍ଧିବା ସହିତ ଭାଇ ହାତରେ ଭଉଣୀ ରାକ୍ଷୀ ବାନ୍ଧିଥିଲା। ଭଉଣୀ ମାନେ ନିଜ ନିଜ ଭାଇର ଦୀର୍ଘାୟୁ କାମନା କରି ରାଖି ବାନ୍ଧିଥିଲେ। ଅପରାହ୍ନରେ ଗାଁ ଗାଁରେ ଗହ୍ମାଡିଆ ପର୍ବ ପାଳନ କରାଯାଇଥିଲା। ଏହି ଗହ୍ମାଡିଆରେ ଯୁବକ ଯୁବତୀମାନେ ସାମିଲ ହୋଇଥିଲେ। ଗଣିଆ ବ୍ଲକର ବିଭିନ୍ନ ଗ୍ରାମରେ ଗହ୍ମାଡିଆ ଅତି ଆନନ୍ଦର ସହିତ ପାଳିତ ହୋଇଯାଇଥିବା ଜଣାପଡ଼ିଛି। ଗଣିଆରେ ଥିବା ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ତଥା ଓମ୍ ଶାନ୍ତି ଆଶ୍ରମର ଅନ୍ତେବାସୀମାନେ ସମସ୍ତଙ୍କୁ ରାକ୍ଷୀ ବାନ୍ଧୁଥିବା ଦେଖିବାକୁ ମିଳିଛି।

**ଓଡ଼ଗାଁ:** ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ବାହାଡ଼ାଝୋଲା ଫାଣ୍ଡି ନୂଆଗାଁ ବ୍ଲକର ବାହାଡ଼ାଝୋଲା ପଞ୍ଚାୟତ ସାହିରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱର ବିଶ୍ୱବିଦ୍ୟାଳୟ ଶାନ୍ତି ସରୋବରରେ ରାକ୍ଷୀପୂର୍ଣ୍ଣିମା ପର୍ବ ପାଳିତ ହୋଇଯାଇଛି। ବ୍ରହ୍ମାକୁମାରୀ ଭଉଣୀମାନେ ନୟାଗଡ଼ ଜିଲ୍ଲା ସଦର ମହକୁମାରେ ସମସ୍ତ ପ୍ରଶାସନିକ ଅଧିକାରୀଙ୍କ ଠାରୁ ଆରମ୍ଭ କରି ବ୍ଲକ ଓ ପୁଲିସ୍ ପ୍ରଶାସନ ପର୍ଯ୍ୟନ୍ତ ଅଧିକାରୀ ଓ କର୍ମଚାରୀ ମାନଙ୍କ ହାତରେ ରାକ୍ଷୀ ବାନ୍ଧିବା ସହିତ ଓଡ଼ଗାଁ ଅଦାଲତରେ ଜଜ୍ ଏବଂ ଅଧିବକ୍ତା ଓ କର୍ମଚାରୀ ମାନଙ୍କ ହାତରେ ରାକ୍ଷୀ ବାନ୍ଧିଥିଲେ। ସେହିପରି ନୟାଗଡ଼ ଜେଲ୍ ଓ ସେବାଶ୍ରମରେ ରହୁଥିବା ମାନସିକ ଅନଗ୍ରସର ଭାଇ ମାନଙ୍କ ହାତରେ ମଧ ରାକ୍ଷୀ ବାନ୍ଧିଥିଲେ। ଶନିବାର ବାହାଡ଼ାଝୋଲା ଶାନ୍ତି ସରୋବର ମୁଖ୍ୟ ସଞ୍ଚାଳକ ବ୍ରହ୍ମ କୁମାରୀ ଲକ୍ଷ୍ମୀ ଭଉଣୀ, କଳ୍ପନା, ଜୟନ୍ତୀ, ସସ୍ମିତା ଏବଂ ପ୍ରମୋଦ ଓ କୃଷ୍ଣ ଭାଇଙ୍କ ସହଯୋଗରେ ସକାଳ ୬ଟା ସମୟରୁ ରାଜଯୋଗର ଅଭ୍ୟାସ ତତ୍ ସହିତ ପରମାତ୍ମା ପିତାଙ୍କର ମହାକାବ୍ୟ ଶ୍ରବଣ କରାଯାଇଥିଲା।

**ଭାପୁର:** ଭାଇପ୍ରତି ଭଉଣୀର ଭଲପାଇବାର ଅନନ୍ୟ ପରମ୍ପରା ହେଉଛି ରକ୍ଷା ବନ୍ଧନ। ଭାଇ ହାତରେ ରାକ୍ଷୀ ବାନ୍ଧି ଭାଇର ଦୀର୍ଘ ଓ ସୁସ୍ଥ ଜୀବନ କାମନା କରିବା ସହ ନିଜର ସୁରକ୍ଷା ମଧ ଭଉଣୀ ଆଶାକରିଥାଏ। ଓଡ଼ିଶାର ଗ୍ରାମୀଣ ସଂସ୍କୃତିରେ ଏହି ପର୍ବରେ ଗୋମାତାଙ୍କୁ ପୂଜାର୍ଚ୍ଚନା କରାଯାଇ ପିଠା ଖାଇବାକୁ ଦିଆଯାଇଥିଲା। ବ୍ଲକର ବିଭିନ୍ନ ସ୍ଥାନରେ ଗହ୍ମାଡିଆ ପର୍ବ ଆୟୋଜନ ହୋଇଛି। ଭାପୁର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଯାତ୍ରା ପଡ଼ିଆରେ ଭାପୁର ପାଇକସାହି ମହାବୀର କ୍ଲବର ଯୁବକ ମାନଙ୍କ ଦ୍ୱାରା ଗହ୍ମା ଡିଆ ଆୟୋଜିତ ହୋଇଥିଲା। ଏଥିରେ ବ୍ଲକର ବିଭିନ୍ନ ଗ୍ରାମରୁ ଆସିଥିବା ଯୁବକମାନେ ଗହ୍ମା ଡେଇଁଥିଲେ।

**ଶରଣକୁଳ:** ଶରଣକୁଳ ଅଞ୍ଚଳରେ ରକ୍ଷାବନ୍ଧନ ଉତ୍ସବ ଓ ଗହ୍ମାପର୍ବ ଧୂମଧାମରେ ପାଳିତ ହୋଇଯାଇଛି। ଗୋମାତାଙ୍କୁ ପୂଜାସାରି ଚାଷୀମାନେ ନିଜ ନିଜ ଜମିବାଡ଼ିରେ ମଧ ଫୁଲ, ଦୀପ ଏବଂ ପିଠା ଦାନକରି ଭଲ ଫସଲ ଅମଳ ପାଇଁ ପ୍ରାର୍ଥନା କରିଛନ୍ତି। ଭଉଣୀ ଭାଇ ହାତରେ ରାଖି ବାନ୍ଧି ନିଜ ଭାଇ ପ୍ରତି ଥିବା ପ୍ରେମକୁ ଦର୍ଶାଇଥିବା ବେଳେ ଭାଇ ମଧ ସାରା ଜୀବନ ଭଉଣୀକୁ ସୁରକ୍ଷା ଦେବାକୁ ପ୍ରତିଜ୍ଞା କରିଛି। ଏହି ଅବସରରେ ଭାଇ ଓ ଭଉଣୀମାନେ ପରସ୍ପରକୁ ଉପହାର ଦେଇ ଖୁସି ମନେଇଥିବା ଦେଖିବାକୁ ମିଳିଛି। ବିଭିନ୍ନ ଗ୍ରାମମାନଙ୍କରେ ମନୋରଞ୍ଜନ ପାଇଁ ଗହ୍ମା ଡ଼ିଆଁ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଛୋଟ ପିଲା ଠାରୁ ଯୁବକ ପର୍ଯ୍ୟନ୍ତ ସମସ୍ତେ ଏହି ଉତ୍ସବର ମଜା ନେଉଥିବା ଦେଖିବାକୁ ମିଳିଛି।

**ଖଣ୍ଡପଡ଼ା:** ଚଳିତ ବର୍ଷ ରକ୍ଷା ବନ୍ଧନ ଓ ଗହ୍ମା ଡିଆଁ ପର୍ବ ଖଣ୍ଡପଡ଼ାର ପୁରପଲ୍ଲୀରେ ଖୁବ ଧୁମଧାମରେ ଅନୁଷ୍ଠିତ ହୋଇଥିବା ଜଣାପଡ଼ିଛି। ପ୍ରତ୍ୟେକ ଘରେ ଭାଇ ହାତରେ ଭଉଣୀ ରାକ୍ଷୀ ପିନ୍ଧେଇଥିଲେ। ଏହି ପର୍ବକୁ ଆଉ ଟିକେ ଆଗକୁ ନେବା ପାଇଁ ଖଣ୍ଡପଡ଼ା ଅଞ୍ଚଳର ବିଭିନ୍ନ ଗ୍ରାମରେ ଛୋଟ ପିଲା ଏବଂ ଯୁବକ ମାନଙ୍କୁ ନେଇ ଗହ୍ମାଡିଆଁ ପର୍ବ ଅନୁଷ୍ଠିତ ହୋଇଥିବା ଜଣାପଡ଼ିଛି। ବିଶେଷ କରି ବ୍ଲକ ଅନ୍ତର୍ଗତ ସିଧାମୂଳା ଠାରେ ଡିବିଏସ୍ କ୍ଲବ ଆନୁକୂଲ୍ୟରେ ଗହ୍ମାଡିଆଁ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବକୁ ଦେଖିବା ପାଇଁ ଆଖପାଖ ଅଞ୍ଚଳରୁ ଶତାଧିକ ଲୋକଙ୍କ ଜନସମାଗମ ହୋଇଥିଲା। କଣ୍ଟିଲୋ ଫାଣ୍ଡି ପକ୍ଷରୁ ପୁଲିସ ଯୋଗଦେଇ ଆଇନଶୃଙ୍ଖଳା ରକ୍ଷା କରିଥିଲେ।

## କାରାଗାର ଅନ୍ତେବାସୀଙ୍କୁ ରକ୍ଷା ବନ୍ଧନ



ନୟାଗଡ଼, ୯।୮ (ସମିସ): ନୟାଗଡ଼ ବ୍ଲକ ପାଣିପୋଇଲା ସରସ୍ୱତୀ ଶିଶୁମନ୍ଦିରର କୁନିକୁନି ଛାତ୍ରଛାତ୍ରୀ ଏକ ନିଆରା ଢଙ୍ଗରେ ରକ୍ଷାବନ୍ଧନ ଉତ୍ସବ ପାଳନ କରିଛନ୍ତି। ଏହି ଅବସରରେ ଛାତ୍ରଛାତ୍ରୀମାନେ ଗୁରୁଜୀ, ଗୁରୁମାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଖଣ୍ଡପଡ଼ା ଉପକାରାଗାରରେ ଥିବା ଅନ୍ତେବାସୀଙ୍କ ହାତରେ ରାକ୍ଷୀ ବାନ୍ଧି ମିଠା ଖୁଆଇ ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇ ଆଗାମୀ ଦିନରେ ଭଲ ମଣିଷ ହୋଇ ସମୃଦ୍ଧ ଦେଶ ଗଠନରେ ସହାୟକ ହେବାକୁ ଆହ୍ୱାନ କରିଛନ୍ତି। କିଛି ସମୟ ପାଇଁ କାରାଗାର ପରିସରରେ ଥିବା ଅନ୍ତେବାସୀ ଓ କାରାଗାରର ସମସ୍ତ କାର୍ଯ୍ୟକର୍ତ୍ତା, ଶିଶୁମନ୍ଦିରର କାର୍ଯ୍ୟକର୍ତ୍ତା ଓ ଶିଶୁମାନଙ୍କ ମଧ୍ୟରେ ପରସ୍ପର ଭାଇଚାରା ଭାବ ସୃଷ୍ଟି ହେବା ସହିତ ପରିବେଶ ବେଶ ସୌହାର୍ଦ୍ଦପୂର୍ଣ୍ଣ ଥିବା ଜଣାଯାଇଛି। ବିଦ୍ୟାଳୟ ସମ୍ପାଦକ ମନୋରଞ୍ଜନ ପଣ୍ଡା କୁନିକୁନି ଶିଶୁମାନଙ୍କର ଏହି ଭାବଧାରାକୁ ସ୍ୱାଗତ ଜଣାଇବା ସହିତ କାରାପାଳ ପ୍ରିୟମ୍ବଦା ପଣ୍ଡାଙ୍କ ସହିତ କାରାଗାରର ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ଏହି କାର୍ଯ୍ୟକ୍ରମକୁ ସଫଳ କରାଇବାରେ ସହଯୋଗର ହାତ ବଢ଼ାଇ ଥିବାରୁ ଆନ୍ତରିକ ଧନ୍ୟବାଦ ଦେବା ସହିତ କୃତଜ୍ଞତା ଜଣାଇଛନ୍ତି।

## ସ୍ୱଭାବକବିଙ୍କ ୧୬୩ ତମ ଜୟନ୍ତୀ



ନୟାଗଡ଼, ୯।୮ (ସମିସ): ସ୍ୱଭାବ କବି ଗଙ୍ଗାଧର ମେହେର ଥିଲେ ଜଣେ ସଫଳ କାବ୍ୟକାର। ତାଙ୍କର ସୃଷ୍ଟି ଆଧୁନିକ ଓ ପ୍ରାଚୀନ କାବ୍ୟ କବିତା ମଧ୍ୟରେ ଥିଲା ଏକ ମୁଖ୍ୟ ସେତୁ। ସମାଲୋଚକମାନେ ତାଙ୍କୁ ଭାଷା ଓ ଭାବ ର ସମନ୍ୱୟ କବି ଭାବେ ଅଭିହିତ କରିଥାନ୍ତି। ପ୍ରାଚ୍ୟ ପରମ୍ପରା ଓ ଆଦର୍ଶରେ ଅନୁଗାମୀ ସ୍ୱଭାବ କବି ଗଙ୍ଗାଧର ମେହେର ଆମ ସଂସ୍କୃତି ଓ ସାହିତ୍ୟ କୁ ଆଧାର କରି 'ତପସ୍ୱିନୀ', ''ଇନ୍ଦୁମତୀ', 'କୀଚକ ବଧ', 'ପ୍ରଣୟବଲ୍ଲରୀ' ପରି ଉଚ୍ଚକୋଟିର କାବ୍ୟ କବିତା ରଚନା କରିଥିବା ବେଳେ ଅନେକ ଜାତୀୟ ଚିନ୍ତାଧାରା ଆଧାରିତ ସୃଷ୍ଟି ଯୋଗୁଁ ଓଡ଼ିଆ ସାହିତ୍ୟରେ ଯୁଗ ସ୍ରଷ୍ଟା ଭାବେ ବିବେଚିତ। ୧୮୬୨ ମସିହା ଅଗଷ୍ଟ ୯ରେ ଜନ୍ମଗ୍ରହଣ କରିଥିବା ଏହି ମହାନ କବିଙ୍କ ୧୬୩ ତମ ଜୟନ୍ତୀ ସିଭିଲ ସୋସାଇଟ୍ ନୟାଗଡ଼ ଓ ପୂଜ୍ୟପୂଜା ଅନୁଷ୍ଠାନ ତରଫରୁ ସ୍ଥାନୀୟ ନୀଳମାଧବ କଲ୍ୟାଣ ମଣ୍ଡପ ପରିସରରେ ପାଳିତ ହୋଇଯାଇଛି। ଗୋଦାବରୀ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଧୀରେନ୍ଦ୍ର ପଟ୍ଟନାୟକ ସଂଯୋଜନା କରିଥିବା ବେଳେ ପ୍ରସନ୍ନ କୁମାର ବସନ୍ତିଆ, ଶରତ ଚନ୍ଦ୍ର ଆଚାର୍ଯ୍ୟ, ଭଗବତୀ ଚରଣ ପଟ୍ଟନାୟକ, ନିରଞ୍ଜନ ମିଶ୍ର ପ୍ରମୁଖ ସ୍ୱଭାବ କବିଙ୍କ ଜୀବନୀ ଓ ସାହିତ୍ୟ କୃତି ଉପରେ ଆଲୋକପାତ କରିଥିଲେ। ଆସନ୍ତା ସମୟରେ ମହାପୁରୁଷମାନଙ୍କ ଜୟନ୍ତୀ ଓ ଶ୍ରାଦ୍ଧ ଦିବସ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟରେ ପାଳନ କରିବା ଦିଗରେ ଗୁରୁତ୍ୱ ଦେବାପାଇଁ ନିଷ୍ପତ୍ତି ହୋଇଥିଲା।

## ସାମୂହିକ ବର ଲକ୍ଷ୍ମୀ ବ୍ରତ ଉତ୍ସବ

ଓଡଗାଁ, ୯।୮ (ସମିସ): ନୟାଗଡ଼ ଜିଲ୍ଲା ଓଡଗାଁ ଶ୍ରୀସତ୍ୟସାଇ ଆଧ୍ୟାତ୍ମିକ ଶିକ୍ଷା ଓ ସାମୂହିକ ସେବା କେନ୍ଦ୍ର ଆନୁକୂଲ୍ୟରେ ଶୁକ୍ରବାର ସାମୂହିକ ବର ଲକ୍ଷ୍ମୀ ବ୍ରତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ବ୍ରତ ଶ୍ରୀସତ୍ୟ ସାଇବାବାଙ୍କ ନିର୍ଦ୍ଦେଶିତ ପୂଜା ବିଧାନ ଅନୁସାରେ ବର୍ଷକୁ ଥରେ ଶ୍ରାବଣ ପୂର୍ଣ୍ଣିମା ବା ରାକ୍ଷୀ ପୂର୍ଣ୍ଣିମା ପୂର୍ବ ଶୁକ୍ରବାରରେ ଅନୁଷ୍ଠିତ ହୋଇଆସୁଛି। ଫଳତଃ ଏଥିରେ ସ୍ଥାନୀୟ ଅଞ୍ଚଳର ୩୫ ଜଣ ସାଇ ପ୍ରେମୀ ପରିବାର ମହିଳା ସଦସ୍ୟା ଅଂଶଗ୍ରହଣ କରିବା ସହିତ ବ୍ରତ ପାଳନ ଓ ଧାରଣ କରିଥିଲେ। ସମସ୍ତ ମହିଳାଙ୍କ ଦ୍ୱାରା ପ୍ରସ୍ତୁତ ହୋଇ ଆସିଥିବା ନାନାଦି ବ୍ୟଞ୍ଜନ ପ୍ରସାଦ ଲାଗି ହୋଇ ଶ୍ରଦ୍ଧାଳୁଙ୍କୁ ବିତରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ତହସିଲଦାର ଡ. ମାନସ ରଞ୍ଜନ ଭୋଇ, ଅତିରିକ୍ତ ତହସିଲଦାର ଜି ଶ୍ରୀନୁ, ଏନଏସି ନିର୍ବାହୀ ଅଧିକାରୀ ନିହାର ରଞ୍ଜନ ବେହେରା, ଥାନା ଅଧିକାରୀ ଚକ୍ରଧର ସିଂ, ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ଲକ୍ଷ୍ମୀଧର ସୁବୁଦ୍ଧି, ମେଡିକାଲ ଅଫିସର ଡ. ଦୀପକ କୁମାର ବଳ, ଶିଳ୍ପପତି ରବୀନ୍ଦ୍ର କୁମାର ପାତ୍ରଙ୍କ ସମେତ ଶତାଧିକ ପରିବାର ଅଂଶଗ୍ରହଣ କରିଥିଲେ। ପଣ୍ଡିତ ହେମନ୍ତ କୁମାର ହୋତା, ରୁଦ୍ରନାରାୟଣ ପାଣିଗ୍ରାହୀଙ୍କ ସହିତ ନ୍ୟାୟରଞ୍ଜନ ପୃଷ୍ଟି ବ୍ରତ ପୂଜା ପାଠ କରିବା ସହିତ ପୂଜାକାର୍ଯ୍ୟ ପରିଚାଳନା କରିଥିଲେ। ସେବା କେନ୍ଦ୍ର ଅଧ୍ୟକ୍ଷ ଆଦର୍ଶ କୁମାର ପଟ୍ଟନାୟକ, ସେବା ସଂଗଠକ ପ୍ରସନ୍ନ କୁମାର ଭଟ୍ଟ, ଯୁବ ସଂଯୋଜକ ଚନ୍ଦନ କୁମାର ପାତ୍ର, ବିକାଶ କୁମାର ମହାରଣା, ଲିଙ୍କନ ପୃଷ୍ଟି, ବରିଷ୍ଠ ସଦସ୍ୟ ଚକ୍ରଧର ନାୟକ, କିଶୋର ଚନ୍ଦ୍ର ସାହୁ, ମହିଳା ଆଧ୍ୟାତ୍ମିକ ସଂଯୋଜିକା ମମତା ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସୁଭଦ୍ରାର ୩ୟ କିସ୍ତି ପ୍ରଦାନ କାର୍ଯ୍ୟକ୍ରମ



ନୟାଗଡ଼, ୯।୮ (ସମିସ): ନୟାଗଡ଼ ଜିଲ୍ଲାରେ ସୁଭଦ୍ରା ଯୋଜନାର ୩ୟ କିସ୍ତି ପ୍ରଦାନ ପାଇଁ ଏକ ସଭା ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ. ଦେବାଶିଷ ପଟ୍ଟନାୟକ, ନୟାଗଡ଼ ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ, ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ ପ୍ରମୁଖଯୋଗ ଦେଇଥିଲେ। ପୂର୍ବରୁ ଏହି ଜିଲ୍ଲା ସମଗ୍ର ଭାରତ ବର୍ଷରେ ଏକ ନମ୍ବର ଜିଲ୍ଲା ଭାବେ ଲକ୍ଷପତି ଦିଦି ପାଇଁ ପୁରସ୍କୃତ ହୋଇଛି। ଏହି ଜିଲ୍ଲାର ଉନ୍ନତି ପାଇଁ ଆମେ ସମସ୍ତେ ଦାୟିତ୍ୱବାନ ହେବା ବୋଲି ବିଧାୟକ କହିଥିଲେ। ଜିଲ୍ଲାରେ ଆଜି ପର୍ଯ୍ୟନ୍ତ ୨ ଲକ୍ଷ ୩୮ ହଜାର ହିତାଧିକାରୀ ସୁଭଦ୍ରା ଯୋଜନା ଟଙ୍କା ପାଇଛନ୍ତି। ସରକାରଙ୍କ ମୁଦ୍ରା ଯୋଜନା, ପିଏମ ବିଶ୍ୱକର୍ମା ଯୋଜନା ଭଳି ଅନେକ ଯୋଜନା ରହିଛି। ସୁଭଦ୍ରା ଯୋଜନାରେ ନୂଆରେ ପ୍ରବେଶ କରିବାକୁ ବ୍ଲକରେ ସୁଭଦ୍ରା ସେଲ ଖୋଲିଛି ବୋଲି ଜିଲ୍ଲାପାଳ କହିଥିଲେ। ଏହି କାର୍ଯ୍ୟକ୍ରମରେ ୮ଟି ବ୍ଲକର ହିତାଧିକାରୀ, ଜିଲ୍ଲାସ୍ତରୀୟ ଓ ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ୱାସ୍ଥ୍ୟକର୍ମୀଙ୍କ ଭରସାରେ ସ୍ୱାସ୍ଥ୍ୟକେନ୍ଦ୍ର

ଗଣିଆ, ୯।୮ (ସମିସ): ଗ୍ରାମାଞ୍ଚଳ ତଥା ଅପହଞ୍ଚ ଇଲାକାରେ ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ ସରକାରଙ୍କ ତରଫରୁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯାଇଛି। ମାତ୍ର ଏସବୁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଭଗବାନଙ୍କ ଭରସାରେ ଚାଲିଛି। ଗଣିଆ ବ୍ଲକ ରାସଙ୍ଗଠାରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ପୁରୁଷ ସ୍ୱାସ୍ଥ୍ୟକର୍ମୀଙ୍କ ହାତରେ ଚାଲିଛି ରୋଗୀସେବା। ଏହି ଡାକ୍ତରଖାନାରେ ନାଁ ଅଛନ୍ତି ଡାକ୍ତର ନା ଅଛନ୍ତି ଫାର୍ମାସିଷ୍ଟ। ପ୍ରତିଦିନ ଏହି ଡାକ୍ତରଖାନାକୁ ୩୦ରୁ ଅଧିକ ରୋଗୀ ଆସୁଥିବା ବେଳେ ଉତ୍ତମ ସ୍ୱାସ୍ଥ୍ୟ ସେବା ପାଇ ପାରୁନାହାନ୍ତି। ଦୀର୍ଘ ଦିନ ହେବ ଏହି ସମସ୍ୟା ଲାଗି ରହିଥିଲେ ମଧ ବିଭାଗୀୟ ଅଧିକାରୀଙ୍କ ଠାରୁ ଆରମ୍ଭ କରି ରାଜନେତାଙ୍କ ପର୍ଯ୍ୟନ୍ତ ସମସ୍ତେ ଚୁପ୍ ବସିଛନ୍ତି। ସମସ୍ୟାରେ ଜର୍ଜରିତ ଏହି ସ୍ୱାସ୍ଥ୍ୟ କେନ୍ଦ୍ରର ଆଉ ଗୋଟିଏ ମୁଖ୍ୟ ସମସ୍ୟା ହେଉଛି ବିଦ୍ୟୁତ୍। ଏହି ମେଡିକାଲରେ ସ୍ଥାୟୀ ବିଦ୍ୟୁତ୍ ସଂଯୋଗ ହୋଇନଥିବା ବେଳେ ଅନ୍ଧାରରେ ରୋଗୀ ସେବା ଚାଲିଛି। ପାନୀୟ ଜଳ ସମସ୍ୟା ସବୁବେଳେ ଲାଗି ରହୁଛି। ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ ନିର୍ମାଣ ସରିଥିଲେ ମଧ ବିଦ୍ୟୁତ୍ ନଥିବାରୁ ସେହି ପୁରୁଣା ଘରେ ଚାଲିଛି ସ୍ୱାସ୍ଥ୍ୟସେବା। ଦୀର୍ଘ ଦିନ ହେବ ଜେନେରେଟରଟି ମଧ ଅଚଳ ହୋଇପଡ଼ିଛି। ନେତାଙ୍କ ଠାରୁ ଅଫିସର ବଡ଼ ବଡ଼ କଥା କହୁଥିବା ବେଳେ କୌଣସି କାମ ହୋଇପାରୁନାହିଁ। କହିବାକୁ ଗଲେ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ କରାଯାଇ ଖୁଲମଖୁଲା ରୋଗୀଙ୍କ ଜୀବନ ସହିତ ଖେଳାଯାଉଛି। ଗୋଟିଏ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀସେବା ପାଇଁ ଜଣେ ସ୍ୱାସ୍ଥ୍ୟକର୍ମୀଙ୍କ ହାତରେ ଟେକିଦେବା କେତେଦୂର ଯୁକ୍ତିଯୁକ୍ତ। ରୋଗୀସେବାରେ ଯଦି କିଛି ତ୍ରୁଟି ବା ଅଘଟଣ ଘଟିଲା; ସେଥିପାଇଁ କିଏ ଦାୟୀ ରହିବ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଡାକ୍ତର ଓ ଫାର୍ମାସିଷ୍ଟ ନଥିବାରୁ ଅନେକ ରୋଗୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେବେ ବିଭାଗୀୟ ଅଧିକାରୀ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ଏଠାରେ ଡାକ୍ତର ଏବଂ ଫାର୍ମାସିଷ୍ଟ ନିଯୁକ୍ତି କରିବାକୁ ସାଧାରଣରେ ଦାବି ହେଉଛି।




## ■ ଦେଓଗାଁ ଭାଲିଆଡିହି ରାସ୍ତା

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଧାରଣା ଦେବାକୁ ଚେତାବନୀ

ନୟାଗଡ଼, ୯।୮ (ସମିସ): ନୟାଗଡ଼ ଜିଲ୍ଲା ଓଡଗାଁ ବ୍ଲକ ପାଣ୍ଡେରିପଡ଼ା ଗ୍ରାମ ପଞ୍ଚାୟତ ଦେଓଗାଁଠାରୁ ଭାଲିଆଡିହି ରାସ୍ତା ନିର୍ମାଣରେ ଅହେତୁକ ଅବହେଳା ପ୍ରତିବାଦରେ ଗ୍ରାମବାସୀ ଆନ୍ଦୋଳନ ଚେତାବନୀ ଦେଉଛନ୍ତି। ସ୍ୱାଧୀନତାର ୭୬ ବର୍ଷ ପରେ ବି ଗାଁକୁ ପକ୍କା ରାସ୍ତା ନହେବା ନୟାଗଡ଼ ପାଇଁ ଲଜ୍ଜା ଓ ସରକାର ଅସହାୟକୁ ପରିପ୍ରକାଶ କରିଛି। ରାସ୍ତା ହେବା ନେଇ ଓଡ଼ଗାଁ ତହସିଲଦାର ତାଙ୍କର ଚିଠି ନମ୍ବର ୩୧୩୯, ତା ୯-୬-୨୫ ରିଖ ଉପଯୁକ୍ତ ନକ୍ସା ଏବଂ ରାସ୍ତା ପାଇଁ କାଗଜପତ୍ର ପୂର୍ତ୍ତ ବିଭାଗକୁ ପ୍ରଦାନ କରିଛନ୍ତି। ଏନେଇ ପ୍ରଥମେ ଗତ ୧୮-୦୬-୨୫ ରିଖରେ ପୂର୍ତ୍ତବିଭାଗ, ଅଧୀକ୍ଷଣ ଯନ୍ତ୍ରୀଙ୍କୁ ରାସ୍ତା କରିବା ନେଇ ଲିଖିତ ଅନୁରୋଧ କରାଯାଇଥିଲା। ପୂର୍ତ୍ତବିଭାଗ ଯନ୍ତ୍ରୀ ତାଙ୍କର କାର୍ଯ୍ୟାଳୟ ମେମୋ ନଂ ୧୦୯୧୮ ରେ ଓଡ଼ଗାଁ ପୂର୍ତ୍ତ ବିଭାଗ ଯନ୍ତ୍ରୀଙ୍କୁ ବିଭାଗୀୟ ପଦକ୍ଷେପ ନେବା ପାଇଁ ଚିଠି କରିଥିଲେ। ଏହା ସତ୍ତ୍ୱେ ରାସ୍ତା ନହେବାରୁ ପୁନର୍ବାର ଗତ ୧-୭-୨୫ ରିଖରେ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀପୁଣି ଲିଖିତ ଅନୁରୋଧ କରାଯାଇଛି। ରାସ୍ତା ପାଇଁ ସମସ୍ତ କାଗଜପତ୍ର, ତହସିଲଦାରଙ୍କ ନକ୍ସା ଥିଲେ ମଧ କାର୍ଯ୍ୟାରମ୍ଭ ହେଉନାହିଁ। ଏଣୁ ଗ୍ରାମବାସୀ ଗତ ୭-୭-୨୫ ରିଖ ଦିନ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣିରେ ଦାବିପତ୍ର ପ୍ରଦାନ କରୁଥିଲେ। ତା'ପରେ ମଧ ରାସ୍ତା କାର୍ଯ୍ୟ ଆରମ୍ଭ ନହେବାରୁ ପୁଣି ଗତ ୨୮ ୦୭-୨୫ ରିଖ ଓଡ଼ଗାଁଠାରେ ଜିଲ୍ଲାପାଳଙ୍କ ଜନଶୁଣାଣିରେ ଅଭିଯୋଗ କରି ପୁନର୍ବାର ଦାବିପତ୍ର ପ୍ରଦାନ କରିଥିଲେ। ତଥାପି କୌଣସି ସୁଫଳ ନମିଳିବାରୁ ଆଜି ଗ୍ରାମବାସୀ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ୧୦ ଦିନ ଭିତରେ ଉକ୍ତ ପୂର୍ତ୍ତ ବିଭାଗ ରାସ୍ତା ସମ୍ପୂର୍ଣ୍ଣ କରିବାକୁ ଦାବି ହୋଇଛି। ନଚେତ୍ ଦେଓଗାଁ ଗ୍ରାମବାସୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସାମ୍ନାରେ ଅନିର୍ଦ୍ଦିଷ୍ଟ କାଳ ଧାରଣାରେ ବସିବେ ବୋଲି ଜଣାଇଛନ୍ତି।

## ବିପଦକୁ ଚାହିଁ ରହିଛି ମୁକୁଳା ଟ୍ରାନ୍ସଫର୍ମର

ଓଡ଼ଗାଁ, ୯।୮ (ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଏନ୍ଏସି କଦଳୀ ବନ୍ଧ ମୌଜାର ରାଜ୍ୟ ରାଜପଥ ଆମ୍ବ ବଗିଚା ପାର୍ଶ୍ୱରେ ଦୀର୍ଘଦିନ ଧରି ମୁକୁଳା ଭାବେ ରହିଥିବା ଟ୍ରାନ୍ସଫର୍ମର ଯେପରି ବିପଦ ସୃଷ୍ଟି ପାଇଁ ଚାହିଁ ରହିଛି। ଟ୍ରାନ୍ସଫର୍ମର ଚତୁଃପାର୍ଶ୍ୱରେ ସୁରକ୍ଷା ପ୍ରାଚୀର ନଥିବା ବେଳେ ଖୁଣ୍ଟ ତଳଭାଗରେ ଖୋଲାରେ ଫିୟୁଜ କଟ୍ ପଏଣ୍ଟ ରହିଛି। ଏଥିସହିତ ନିକଟ ଦେଇ ଟ୍ରାନ୍ସଫର୍ମର ପଛକୁ ଯାଇଥିବା ରାସ୍ତା ଠାରୁ ବୃକ୍ଷଲତା ମାଡ଼ି ସେହି ପର୍ଯ୍ୟନ୍ତ ଲାଗିରହିଛି। ଉକ୍ତ ସଙ୍କିର୍ଣ୍ଣ ରାସ୍ତା ଦେଇ ଲୋକମାନେ



ଯିବାଆସିବା କରୁଥିବାରୁ ଯେକୌଣସି ସମୟରେ ସେମାନେ ବିଦ୍ୟୁତ୍ ଆଘାତର ଶିକାର ହେବାର ସମ୍ଭାବନା ରହିଛି। ଏବଂ ଓଡ଼ଗାଁ ଏନ୍ଏସି ଅଞ୍ଚଳରେ ମାଲିକମାନେ ଗୃହପାଳିତ ଗାଇଗୋରୁଙ୍କୁ ଖୋଲାରେ ଛାଡି ଦେଉଥିବାରୁ କୌଣସି ସମୟରେ ସବୁଜ ଘାସଲଟା ଖାଇବାକୁ ମୁହଁ ବଢ଼ାଇଲେ ବିଦ୍ୟୁତ ଆଘାତ ଜନିତ ଦୁର୍ଘଟଣା ନିଶ୍ଚିତ ଘଟିବ। ଏଥିସହିତ ସ୍ଥାନୀୟ ଜଙ୍ଗଲରେ ହାତୀ ବିଚରଣ କରୁଥିବାରୁ ଯେକୌଣସି ସମୟରେ ସେମାନେ ଚାଲିଆସି ଗଛଲତା ଓ କଦଳୀ ପତ୍ର ଖାଇବାକୁ ଚେଷ୍ଟାକଲେ ଦୃଘଟଣାର ଶିକାର ହୋଇ ପାରନ୍ତି। ସୂଚନା ଥାଉକି କଦଳିବନ୍ଧ ଏରିଆକୁ ବିଗତବର୍ଷ ମାନଙ୍କରେ ହାତୀପଲ ଆସି ନିକଟସ୍ଥ ତୋଟାରେ ପହଞ୍ଚିଥିଲେ। ଏଣୁ କୌଣସି ସମୟରେ ସେମାନେ ପସିଆସିଲେ ମୁକୁଳା ଟ୍ରାନ୍ସଫର୍ମର ଜୀବନ୍ତ ଖୋଲା ତାର ସେମାନଙ୍କ ପାଇଁ ବିପଦ ଡାକିଆଣିବ। ସତର୍କତା ଦୃଷ୍ଟିରୁ ବର୍ତ୍ତମାନ ଠାରୁ ବିଦ୍ୟୁତ୍ ବିଭାଗ ଏଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ

# ସାଧାରଣ ସଭାକୁ ବିରୋଧ କରିବାକୁ ସଜବାଜ

ନୟାଗଡ଼, ୯।୮ (ସମିସ)

ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ପରିଚାଳନା ପରିଷଦ ଓ କର୍ମଚାରୀଙ୍କ ମଧ୍ୟରେ ଚାଲିଥିବା ବିବାଦ ମଧ୍ୟରେ ୬୬ ତମ ସାଧାରଣ ସଭା ସଭାପତିଙ୍କ ପକ୍ଷରୁ ଅନୁଷ୍ଠିତ ହୋଇଥିଲା। ଏହି ସାଧାରଣ ସଭା ନିଷ୍ପତ୍ତିକୁ ଉଚ୍ଚ ନ୍ୟାୟାଳୟରେ ପୈଠ କରାଯାଇଥିବା ବେଳେ ପୁଣି ସମ୍ପାଦକ ୬୬ତମ ସାଧାରଣ ସଭା ଆହ୍ୱାନ କରିବାକୁ ନେଇ ପ୍ରଶ୍ନ ଉଠିଛି। କେଉଁ ଭଳି ଭାବେ ଆସନ୍ତା ୧୩ ତାରିଖ ୬୬ତମ ସାଧାରଣ ସଭା ଆହ୍ୱାନ କରାଯାଇଛି, ତାହାକୁ ନେଇ ସଦସ୍ୟଙ୍କ ମଧ୍ୟରେ ଦ୍ୱନ୍ଦ ସୃଷ୍ଟି ହୋଇଛି। ଏଭଳି ସ୍ଥିତିରେ ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କର ସମସ୍ତ ସଦସ୍ୟ ଉକ୍ତ ସାଧାରଣ ସଭାକୁ ଜୋରଦାର ବିରୋଧ କରିବାକୁ ସଜବାଜ ହେଉଥିବା ସୂଚନା ମିଳିଛି। ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କରେ ବିନା ବଜେଟ ଅନୁମୋଦନରେ ବ୍ୟାପକ ଅର୍ଥ ବ୍ୟୟ କରାଯାଇଛି। ଯାହାକୁ ନେଇ ଆଗାମୀ ଦିନରେ ଭୟାବହ ସ୍ଥିତି ସୃଷ୍ଟି ହେବାର ସମ୍ଭାବନା ସୃଷ୍ଟି ହୋଇଛି। ବ୍ୟାଙ୍କର ଅବସ୍ଥା ସୁଧୁରିବା ପରିବର୍ତ୍ତେ ଦିନକୁ ଦିନ ବିବାଦ ବଢ଼ିବାରେ ଲାଗିଛି। ରାଜନୈତିକ ହାତବାରିଶ ସାଜି ବ୍ୟାଙ୍କ ସମ୍ପାଦକଙ୍କ ମନମୁଖୀ କାର୍ଯ୍ୟକୁ ନେଇ ବିଭିନ୍ନ ପ୍ୟାକ୍ସ ସଭାପତି ଅସନ୍ତୁଷ୍ଟ ଅବସ୍ଥାରେ ରହିଛନ୍ତି। ବ୍ୟାଙ୍କ ପକ୍ଷରୁ ସାଧାରଣ ସଭା ପାଇଁ ନୋଟିସ ଅଣାଯାଇଛି। ବ୍ୟାଙ୍କ ପକ୍ଷରୁ ଯେଉଁ ପ୍ରସ୍ତାବ ଗୁଡ଼ିକ ପାରିତ କରିବାକୁ ଯୋଜନା କରାଯାଇଛି, ତାହାକୁ ନେଇ ସଦସ୍ୟଙ୍କ ମଧ୍ୟରେ ଗଭୀର ଉଦ୍‌ବେଗ ସୃଷ୍ଟି ହୋଇଛି। ବ୍ୟାଙ୍କ ବ୍ୟାପକ କ୍ଷତିରେ ଚାଲିଥିବା ବେଳେ ବ୍ୟୟବରାଦକୁ ବହୁ ଗୁଣିତ କରିବାକୁ ଯୋଜନା ପ୍ରସ୍ତୁତ ହୋଇଛି। ଯାହାକୁ ଜୋରଦାର ବିରୋଧ କରାଯିବା ସହ ସାଧାରଣ ସଭା ବାତିଲ କରିବା ପାଇଁ ଦାବି କରାଯିବ ବୋଲି ସୂଚନା ମିଳିଛି।

ଏଠାରେ ପ୍ରକାଶଯୋଗ୍ୟ, ବ୍ୟାଙ୍କରେ ଦେବାଳିଆ ସ୍ଥିତି ସୃଷ୍ଟି ହୋଇଥିବା ନେଇ ବ୍ୟାଙ୍କ ନିର୍ଦ୍ଦେଶକ ତଥା ଓଏସସିବି ନିର୍ଦ୍ଦେଶକ ସନ୍ୟାସୀ ପ୍ରଧାନ ବାରମ୍ବାର ଅଭିଯୋଗ କରି ଆସୁଛନ୍ତି। ଜିଲ୍ଲାରେ ଆଖୁଚାଷ ହୋଇନଥିବା ବେଳେ ବ୍ୟାଙ୍କ ଓଏସ୍‌ସିବିରୁ ଋଣ ଆଣି ୫୨୪ କୋଟି ୫୮ ଲକ୍ଷ ଟଙ୍କା ଋଣ ଲଗାଣ କରିଛି। ବ୍ୟାଙ୍କରେ ନଗଦ ଟଙ୍କା ଅଭାବ ଯୋଗୁଁ ଚାଷୀମାନେ ହଇରାଣ ହେଉଛନ୍ତି। ବ୍ୟାଙ୍କରେ ୧୬୮ କୋଟି ଟଙ୍କାର ଇନବାଲାନ୍ସ ହୋଇଥିବା ବେଳେ ଲୋକଙ୍କ ଜମା ଟଙ୍କା ଏବେ ଅସୁରକ୍ଷିତ ହୋଇପଡ଼ିଛି। ବ୍ୟାଙ୍କ କର୍ମଚାରୀ ମନଇଚ୍ଛା ଦରମା ଓ ବୋନସ ନେବା ଦ୍ୱାରା ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଗତ ୨୦୨୪ ମସିହା ମାର୍ଚ୍ଚ ମାସରେ ବ୍ୟାଙ୍କ କର୍ମଚାରୀମାନେ ବିନା ଆପୃଭାଲରେ ବୋନସ ଦ୍ୱାରା ଲାଭବାନ ହୋଇଥିବା ସୂଚନା ମିଳିଛି। ଅର୍ଥ ଅର୍ଥ ସମସ୍ତ କର୍ମଚାରୀଙ୍କଠାରୁ ରିକଭରୀ ହେବାର ସମ୍ଭାବନା ସୃଷ୍ଟି ହୋଇଛି। ବ୍ୟାଙ୍କରେ ଇନକମ୍ ଟ୍ୟାକ୍ସ ଠକେଇ କରିବା ପାଇଁ ପୂର୍ବରୁ ୪ଟି ପ୍ୟାନକାର୍ଡ କରାଯାଇଛି। ୨୦୨୨-୨୩ ଏବଂ ୨୩-୨୪ ମସିହାରେ ବ୍ୟାଙ୍କର ଲାଭାଂଶ ଶୂନ ରହିଛି। ବ୍ୟାଙ୍କ କେବଳ ୯୮ ଲକ୍ଷ ଟଙ୍କା ସୁଧ ରିହାତି କମିଶନ ପାଉଥିବା ବେଳେ କର୍ମଚାରୀ ଦରମା ଏବଂ ଅନ୍ୟାନ ଖର୍ଚ୍ଚ ବାବଦରେ ୪ କୋଟି ଟଙ୍କାର ବଜେଟ କରାଯାଇଛି। ଏହି ବଜେଟ ଅନୁମୋଦନ ପାଇଁ ସାଧାରଣ ସଭାର ଆବଶ୍ୟକତା ଥିବା ବେଳେ ବ୍ୟାଙ୍କ ସମ୍ପାଦକ ନିଜ ଇଚ୍ଛା ମୁତାବକ ସାଧାରଣ ସଭା ଆହ୍ୱାନ କରି ଲୋକହସା ହେଉଛନ୍ତି।



# ଅନ୍ଧାରରେ ଚିଲିକାର ୫ ଲକ୍ଷ ମତ୍ସ୍ୟଜୀବୀଙ୍କ ଜୀବିକା



ବାଲୁଗାଁ, ୯ ।୮ (ସମିସ) ଏସିଆର ସର୍ବବୃହତ ଲୁଣାହ୍ରଦ ଚିଲିକା ଉପରେ ନିର୍ଭର କରି ଗୁଜୁରାଣ ମେଣ୍ଟାଇ ଆସୁଥିବା ପୁରୀ, ଗଞ୍ଜାମ ଓ ଖୋର୍ଦ୍ଧା ଜିଲ୍ଲାର ପ୍ରାୟ ୫ ଲକ୍ଷ ପାରମ୍ପାରିକ ମତ୍ସ୍ୟଜୀବୀଙ୍କ ଜୀବନଜୀବିକା ଏବେ ଅନ୍ଧକାରମୟ ହୋଇପଡ଼ିଛି। ଦିନକୁ ଦିନ ଚିଲିକାରୁ ମାଛ, ଚିଙ୍ଗୁଡ଼ି ଓ କଙ୍କଡ଼ା ଉତ୍ପାଦନ କମିବାରେ ଲାଗିଥିବା ବେଳେ ପୂର୍ବ ଭଳି ଆଉ ମାଛ ଚିଙ୍ଗୁଡ଼ି କଙ୍କଡ଼ା ମିଳୁ ନ ଥିବାରୁ ମତ୍ସ୍ୟଜୀବୀଙ୍କ ଦାଦନ ଖଟିବା ଏକମାତ୍ର ସାହାରା ହୋଇପଡ଼ିଛି। ଏହାର ସମାଧାନ ପାଇଁ ମତ୍ସ୍ୟଜୀବୀ ସଂଘ ଦୀର୍ଘବର୍ଷ ଧରି ଦାବି କରିଆସୁଥିଲେ ସୁଦ୍ଧା କୌଣସି ସୁଫଳ ମିଳୁନାହିଁ।

ଏହି ପରିପ୍ରେକ୍ଷୀରେ ମତ୍ସ୍ୟଜୀବୀ ନେତା ଭୀମସେନ ବେହେରା ଲୋକସେବା ଭବନରେ ମତ୍ସ୍ୟ ଓ ପଶୁପାଳନ ମନ୍ତ୍ରୀ ଗୋକୁଳାନନ୍ଦ ମଲିକଙ୍କୁ ଭେଟି ମତ୍ସ୍ୟଜୀବୀଙ୍କ ବହୁବିଧ ସମସ୍ୟା ସମ୍ପର୍କିତ ଦାବିପତ୍ର ପ୍ରଦାନ କରିଛନ୍ତି। ୧୯୮୮-୮୯ ମସିହାର ଚିଲିକା ପଲିସି ବିଲ୍ ପୁନଃ ପ୍ରଚଳନ, ଚିଲିକାରୁ ପଙ୍କ ଉଦ୍ଧାର ଓ ପାଲୁର୍ ସାହେବ କେନାଲକୁ ଖୋଲି ଅବରୋଧ ହଟାଇବା, ୪୭ ହଜାର ଏକର ମତ୍ସ୍ୟ ଗୁଡ଼ା ତଥା ସୈରାତକୁ ଆଗରୁ ଯେଭଳି ନିୟମ ଥିଲା ତାକୁ ପୁନଃ ପ୍ରଚଳନ କରିବା ଦ୍ୱାରା କୋଟି କୋଟି ଟଙ୍କା ରାଜସ୍ୱ ସରକାର ତହବିଲକୁ ଆସିବା, ୨୦୧୮ରୁ ବନ୍ଦ କରିଥିବା ଛୋଟ ଜାଲ, ଜିରୋ ନେଟ, ମାଡ଼ିଭିଡ଼, ପାତୁଆ ଆଦି ଜାଲ ପ୍ରଚଳନ ବନ୍ଦ କରିବା, ମାଟି ଘେରିବନ୍ଧ ତଥା ଅବରୋଧ ଘେରି ହଟାଇବା, ପ୍ରଧାନମନ୍ତ୍ରୀ ମତ୍ସ୍ୟ ଯୋଜନାରୁ ଚିଲିକା ମତ୍ସ୍ୟଜୀବୀ ଲାଭବାନ ହେବା ଲାଗି ୨୪୫ ଖଣ୍ଡ ଗ୍ରାମର ୨୦୦ ମତ୍ସ୍ୟ ସମବାୟ ସମିତିକୁ ମତ୍ସ୍ୟଚାଷ ସହିତ ନ ଯୋଡ଼ିବା, ମତ୍ସ୍ୟଜୀବୀ ଚିହ୍ନଟ ପ୍ରକ୍ରିୟାରେ ପୂର୍ବରୁ ଯେପରି ଫିସ ଫେଡ୍ ପରିଚାଳନା ପରିଷଦର ସଭାପତି ପଦ ପଦବୀରେ ଚିଲିକା ମତ୍ସ୍ୟଜୀବୀ ଅଞ୍ଚଳରୁ ରହୁଥିଲେ ତାହାକୁ ପୁନଃ ପ୍ରଚଳନ କରିବା, ମୋଟ ୧୫ ଜଣ ସଦସ୍ୟଙ୍କ ମଧ୍ୟରୁ ୧୦ଜଣ ଚିଲିକା ଅଞ୍ଚଳରୁ ଯାଉଥିବା ବେଳେ ୨୦୦୦ ମସିହାରୁ ସେଥିରୁ ବଞ୍ଚିତ କରି ପାରମ୍ପରିକ ମତ୍ସ୍ୟଜୀବୀଙ୍କୁ ଅନ୍ଧକାରକୁ ଠେଲି ଦେବା, କେନ୍ଦ୍ର ସରକାରଙ୍କ ଫିସ୍ ଫେଡ୍ ଭୁବନେଶ୍ୱର କାର୍ଯ୍ୟାଳୟ ବନ୍ଦ କରାଯାଇ ଥିବା ବେଳେ ତାହାକୁ ପୁନଃ ଚାଲୁ କରବା, ଦୁର୍ଘଟଣାଜନିତ ମୃତ୍ୟୁର ବୀମା ସହାୟତା କାଗଜପତ୍ର ଦିଲ୍ଲୀ ପଠାଯାଉଥିବା ସ୍ଥଳେ ଏବେ ହାଇଦରାବାଦ ଯାଉଛି, ତାହାକୁ ଭୁବନେଶ୍ୱରରେ କାର୍ଯ୍ୟକ୍ଷମ କରାଇବା ଆଦି ବିଭିନ୍ନ ସମସ୍ୟା ସମସ୍ୟା ସମ୍ପର୍କରେ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏ ସବୁର ସମାଧାନ ପାଇଁ ଦାବି କରାଯାଇଛି।

## ‘ସୁଭଦ୍ରା’ର ତୃତୀୟ କିସ୍ତି ପ୍ରଦାନ ସମାରୋହ



ଖୋର୍ଦ୍ଧା, ୯ ।୮ (ସମିସ): ସ୍ଥାନୀୟ ଜୟୀ ରାଜଗୁରୁ ଟାଉନ୍ ହଲ ପରିସରରେ ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ, ଜିଲ୍ଲା ପ୍ରଶାସନ ମିଳିତ ଆନୁକୂଲ୍ୟରେ, ଜିଲ୍ଲା ସମାଜ ମଙ୍ଗଳ ବିଭାଗ ସଂଯୋଜନାରେ ସୁଭଦ୍ରା ଯୋଜନାର ତୃତୀୟ କିସ୍ତି ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ଅମ୍ରିତ୍ ଋତୁରାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜ୍ୟ ସମବାୟ, ବୟନ, ହସ୍ତତନ୍ତ ଏବଂ ହସ୍ତଶିଳ୍ପ ବିଭାଗ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଯୋଗଦେଇ ସମାରୋହକୁ ଉଦଘାଟନ କରିଥିଲେ। ଜିଲ୍ଲାପାଳ ଋତୁରାଜ ସଭାପତିତ୍ୱ ଭାଷଣ ଦେଇଥିବାବେଳେ ସମ୍ମାନିତ ଅତିଥିଭାବେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତିଶଙ୍କର ସାହୁ ଯୋଗଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା ସ୍ୱାଗତ ଭାଷଣ ଦେଇଥିଲେ। ଜିଲ୍ଲାର ୩ ଲକ୍ଷ ୫୧ ହଜାର ୧୯୭ ହିତାଧିକାରୀ ସୁଭଦ୍ରା ତୃତୀୟ କିସ୍ତି ପାଇଥିବା ଅତିଥିମାନେ କହିଥିଲେ।

ଏହି କାର୍ଯ୍ୟକ୍ରମ ଉପଲକ୍ଷେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଅନୁଷ୍ଠିତ ଓଡ଼ିଆ ପ୍ରବନ୍ଧ, ଚିତ୍ରାଙ୍କନ, କୁଇଜ୍ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା କୋରାପୁଟ, ଜୟପୁର ସଭା ମଞ୍ଚରୁ ସୁଭଦ୍ରା ତୃତୀୟ କିସ୍ତି ବଣ୍ଟନ କାର୍ଯ୍ୟକ୍ରମ ଆଭାସୀରେ ସିଧାପ୍ରସାରଣ କରାଯାଇଥିଲା। ଶେଷରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଧନ୍ୟବାଦ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ସହରର ବୁଦ୍ଧିଜୀବୀ, ସୁଭଦ୍ରା ହିତାଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ବିଶ୍ୱ ସଂସ୍କୃତ ଦିବସ ଓ ଶ୍ରାବଣୀ ଉପାକର୍ମ ଉତ୍ସବ ପାଳିତ



ନିରାକାରପୁର, ୯ ।୮ (ସମିସ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ନିକଟ ଶ୍ରୀ ଦେବ୍ୟୈ ଶୁକ୍ଳ ଯଜୁର୍ବେଦ କାଣ୍ଡ ବେଦ ପାଠଶାଳା ଦ୍ୱାରା ବିଶ୍ୱ ସଂସ୍କୃତ ଦିବସ ଓ ଶ୍ରାବଣୀ ଉପାକର୍ମ ଉତ୍ସବ ପାଳନ କରାଯାଇଛି। ବିଧି ଅନୁସାରେ ରାମେଶ୍ୱର ମା' ବନଦୁର୍ଗା ମନ୍ଦିରରେ ମୁଖ୍ୟ ଆଚାର୍ଯ୍ୟ ଡ. କୃପାସିନ୍ଧୁ ପଣ୍ଡାଙ୍କ ଦ୍ୱାରା ଗୋ ପୂଜା, ଗୁରୁ ପୂଜନ, ଋଷି ପୂଜନ, ଦେବଦେବୀଙ୍କୁ ଆବାହନ ପୂଜନ, ଦଶବିଧ ସ୍ନାନ ପୂର୍ବକ ସଂସ୍କାର କର୍ମ ପାରମ୍ପରିକ ରୀତିନୀତିରେ କରାଯାଇଥିଲା। ଆଚାର୍ଯ୍ୟ ଶିଷ୍ୟମାନଙ୍କୁ ଯଜ୍ଞାଦି କର୍ମ କରି ଷଡ଼ଙ୍ଗ ଚତୁର୍ବେଦାରମ୍ଭ ସହ ଶୁକ୍ଳ ଯଜୁର୍ବେଦ ସ୍ୱଶାଖା କାଣ୍ୱଶାଖା ମନ୍ତ୍ର ପ୍ରଦାନ କରିଥିଲେ। ଜଗତର କଲ୍ୟାଣ ପାଇଁ ପରମାତ୍ମାଙ୍କ ଅନବଦ୍ୟ ଦାନ ବେଦ। ହର ଘର ତ୍ରିରଙ୍ଗା, ବୈଦିକ ସଂସ୍କୃତି ଓ ବିଶ୍ୱ ସଂସ୍କୃତ ଦିବସ ଉପଲକ୍ଷେ ସଚେତନତା ଶୋଭାଯାତ୍ରା କରାଯାଇଥିଲା। ଶିକ୍ଷାବିତ୍ ବିଶ୍ୱନାଥ ରଥଙ୍କ ଦିଗ୍‌ଦର୍ଶନରେ ତପନ କୁମାର ମହାପାତ୍ର, ପଣ୍ଡିତ ନଳିନୀକାନ୍ତ ନନ୍ଦ, ପଣ୍ଡିତ ବସନ୍ତ କୁମାର ପଣ୍ଡା, ପଣ୍ଡିତ ସୀତାକାନ୍ତ ଦାଶ, ବିଷ୍ଣୁପ୍ରିୟା ପଟ୍ଟଯୋଷୀ, ପୁରାତନ ଶିଷ୍ୟ ଚନ୍ଦନ ଦାଶ, ସନ୍ତୋଷ ରଥ, ସମାଜସେବୀ ମନମୋହନ ବିଶ୍ୱାଳ, ରବିନାରାୟଣ ମିଶ୍ର, ରାଜୁ ମହାପାତ୍ର, ମାନସ ପାତ୍ର ଓ ରାମେଶ୍ୱର ଗ୍ରାମର ବହୁ ବିଶିଷ୍ଟ ବ୍ୟକ୍ତି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

## ଜାତୀୟସ୍ତରୀୟ ତାଏକ୍ୱୋଣ୍ଡୋରେ ଶ୍ରେୟାଙ୍କ ସଫଳତା

ଜଟଣୀ, ୯ ।୮ (ସମିସ): ଚଳିତ ବର୍ଷ ବେଙ୍ଗାଲୁରୁରେ ଜାତୀୟସ୍ତରୀୟ ତାଏକ୍ୱୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏହା କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ଦ୍ୱାରା ଆୟୋଜନ କରାଯାଇଥିଲା। ଏଥିରେ ବିଭିନ୍ନ ରାଜ୍ୟର ୨୭ଟି କେନ୍ଦ୍ରୀୟ ବିଦ୍ୟାଳୟ ରିଜିୟନରୁ ୧୭ ବର୍ଷରୁ କମ୍ ବାଳିକା ବିଭାଗରେ ୩୫୧ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଭୁବନେଶ୍ୱର ରିଜିୟନରୁ ଓଡ଼ିଶାକୁ ପ୍ରତିନିଧିତ୍ୱ କରି ମୋଟ ୧୩ ଜଣ ଖେଳାଳି ବିଭିନ୍ନ ଓଜନ ବର୍ଗରେ ଅଂଶଗ୍ରହଣ କରିଥିଲେ।



ଖୋର୍ଦ୍ଧା ଜିଲ୍ଲା ତାଏକ୍ୱୋଣ୍ଡୋ ଅନୁଷ୍ଠାନ ଓ ଓଡ଼ିଶା ତାଏକ୍ୱୋଣ୍ଡୋ ଅନୁଷ୍ଠାନରେ ଅନୁବନ୍ଧିତ ହୋଇଥିବା ଏସ୍‌ଏମ୍‌ଏସ୍ ମାର୍ଶଲ ଆର୍ଟ୍ସ ଏକାଡେମୀ ଆଣ୍ଡ ଫିଜିକାଲ ଫିଟନେସ ଟ୍ରେନିଂ ସ୍କୁଲ, ଜଟଣୀରେ ପ୍ରଶିକ୍ଷଣ ନେଉଥିବା ଏବଂ କେନ୍ଦ୍ରୀୟ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଖୋର୍ଦ୍ଧା ଜିଲ୍ଲାର ଏକମାତ୍ର ଛାତ୍ରୀ ଶ୍ରେୟା ମହାନ୍ତି ୫୯-୬୩ ଓଜନ ବର୍ଗରେ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ସେ କାଂସ୍ୟ ପଦକ ହାସଲ କରି ସମ୍ମାନ ଆଣିଛନ୍ତି। ଶ୍ରେୟାଙ୍କ ଏହି ସଫଳତାକୁ ନେଇ ଜିଲ୍ଲା ତାଏକ୍ୱୋଣ୍ଡୋ ଅନୁଷ୍ଠାନ ସମ୍ପାଦକ ଓ ସିନିୟର୍ କୋଚ୍ ମାଷ୍ଟର ଅଜୟ କୁମାର ସାହୁ (ଚତୁର୍ଥ ଡାନ୍ ବ୍ଲାକ୍ ବେଲ୍ଟ, ଜାତୀୟସ୍ତରୀୟ ରେଫରି)ଙ୍କ ସହ ଅନ୍ୟମାନେ ଶୁଭେଚ୍ଛା ଜଣାଇଛନ୍ତି।

• ପୁଲିସ ରିଜର୍ଭ ପଡ଼ିଆରେ ଚାରାରୋପଣ

## ଥାନା ବୁଲିଲେ, ରାକ୍ଷୀ ବାନ୍ଧିଲେ ଛାତ୍ରଛାତ୍ରୀ





ଖୋର୍ଦ୍ଧା, ୯ ।୮ (ସମିସ): ପବିତ୍ର ରକ୍ଷାବନ୍ଧନ ଉତ୍ସବରେ ଖୋର୍ଦ୍ଧା ଜିଲ୍ଲା ପୁଲିସ ପକ୍ଷରୁ ତରତୁଆସ୍ଥିତ ସଂରକ୍ଷିତ ପୁଲିସ କ୍ୟାମ୍ପସ ପରିସରରେ ଶନିବାର ମାଆ ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏସ୍‌ପି ସାଗରିକା ନାଥ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାରା ରୋପଣ କରି ପରିବେଶ ସୁରକ୍ଷା ବାର୍ତ୍ତା ଦେଇଥିଲେ। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରଛାତ୍ରୀ ଯୋଗଦେଇ ଏସ୍‌ପି ଏବଂ ଅନ୍ୟମାନଙ୍କୁ ରାକ୍ଷୀ ବାନ୍ଧିଥିଲେ। ଅତିଥି ପିଲାମାନେ ମିଶି ଚାରାରୋପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଏସ୍‌ପି ଶ୍ରୀନିବାସ ମହାନ୍ତି, ସଦର ଏସ୍‌ଡିପିଓ ନୀହାର ରଞ୍ଜନ ପ୍ରଧାନ, ଆଦର୍ଶ ଥାନା ଅଧିକାରୀ ସଞ୍ଜୟ ନାୟକ, ଭାରପ୍ରାପ୍ତ ଥାନା ଅଧିକାରୀ ବାସୁଦେବ ଜୟସିଂ, ଇନ୍‌ସପେକ୍ଟର ତାରିକ ଅହମ୍ମଦ ପ୍ରମୁଖ ଯୋଗଦେଇଥିଲେ। ରିଜର୍ଭ ଇନ୍‌ସପେକ୍ଟର ମନୋରଞ୍ଜନ ସତ୍ୟକାନ୍ତ ଜେନା, ହାବିଲଦାର ଓ କନଷ୍ଟେବଲ ସଂଘ ସଭାପତି ଗିରିଧାରୀ ସିଂହମାଝୀ, ସମ୍ପାଦକ ସଞ୍ଜୟ ସେନାପତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିସହ ଛାତ୍ରଛାତ୍ରୀମାନେ ଆର୍ଦଶ ଥାନା ବୁଲିଥିଲେ। ସେଠାରେ ଥାନାଧିକାରୀ ସଞ୍ଜୟ ନାୟକ ଏବଂ ଅନ୍ୟ ଅଧିକାରୀ, କର୍ମଚାରୀଙ୍କୁ ପିଲାମାନେ ରାକ୍ଷୀ ବାନ୍ଧିଥିଲେ। ଏହି ଅବସରରେ ଥାନାଧିକାରୀ ନାୟକ ପିଲାଙ୍କୁ ଥାନା ପରିସର ବୁଲାଇ ସେମାନଙ୍କ ସହ ଭାବ ବିନିମୟ କରିଥିଲେ। ପିଲାଙ୍କ ସହ ଶିଶୁ ବିଦ୍ୟାମନ୍ଦିର ଗୁରୁଜୀ, ଗୁରୁମାମାନେ ଉପସ୍ଥିତ ଥିଲେ।

## ଗଛରେ ରାକ୍ଷୀ ବାନ୍ଧି ପ୍ରକୃତି ସହ ବନ୍ଧୁତା ଯୋଡ଼ିଲେ



ଖୋର୍ଦ୍ଧା, ୯ ।୮ (ସମିସ): ପବିତ୍ର ରକ୍ଷାବନ୍ଧନ ଉତ୍ସବରେ ବିଭିନ୍ନ ସାମାଜିକ ଅନୁଷ୍ଠାନ ପକ୍ଷରୁ ପ୍ରକୃତି ସହ ବନ୍ଧୁତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସାମାଜିକ ଅନୁଷ୍ଠାନ ଜାଗୃତି ପକ୍ଷରୁ ଖୋର୍ଦ୍ଧାରେ ନିଆରା ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଛି। ସହରର ବିଭିନ୍ନ ଗଛରେ ସୂତା ରାକ୍ଷୀ ବାନ୍ଧି ଉତ୍ସବ ପାଳନ କରାଯିବା ସହ ପରିବେଶ ସୁରକ୍ଷା ବାର୍ତ୍ତା ଦିଆଯାଇଛି। ବୃକ୍ଷକୁ ଫୁଲ, ଚନ୍ଦନ, ସିନ୍ଦୂର ଦେଇ ବନ୍ଦାପନା ସହ ଶ୍ରୀଜଗନ୍ନାଥଙ୍କ ରାକ୍ଷୀ ବାନ୍ଧିଥିଲେ। ‘ଗଛ ନାହିଁ ତ ମୁଁ ନାହିଁ, ବୃକ୍ଷ ହିଁ ଜୀବନ’ ସ୍ଲୋଗାନ ଦେଇଥିଲେ। ପ୍ରକୃତି ସହ ସମ୍ପର୍କ ରହିଲେ ସୁସ୍ଥ ବାତାବରଣ ସୃଷ୍ଟି ହୋଇପାରିବ ବୋଲି ପ୍ରତିଶ୍ରୁତିର ଆବାହକ ବ୍ରଜକିଶୋର ସାହୁ କହିଥିଲେ। ଜାଗୃତି ସମ୍ପାଦକ ପ୍ରଭାତ ପାଣିଗ୍ରାହୀ କହିଲେ ଯେ ସବୁଜ ପୃଥିବୀର ସୁରକ୍ଷା ପାଇଁ ପ୍ରକୃତିର ସୁରକ୍ଷା ନିତାନ୍ତ ଆବଶ୍ୟକ। ଏଥିରେ ସମସ୍ତଙ୍କ ସହଭାଗିତା ଜରୁରୀ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରତିଷ୍ଠିତ ବ୍ୟବସାୟୀ ତଥା ସମାଜସେବୀ ଶୋଭନ ଘୋଷ, ସମାଜସେବୀ କ୍ଷିତୀଶ ମୋହନ ଦାସ, ସୃଜନ କୁମାର ମିଶ୍ର, ସନ୍ତୋଷ ଶ୍ରୀଚନ୍ଦନ, ଅଭିମନ୍ୟୁ ଘଟୁଆଳ, ଜିତେନ୍ଦ୍ର ବେହେରା, ଗୋପାଳ ଦାସ, ସୁମନ୍ତ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

## ବଳଭଦ୍ର ଜନ୍ମ ଓ ରକ୍ଷାବନ୍ଧନ ଉତ୍ସବ ପାଳିତ

ବାଲୁଗାଁ, ୯ ।୮ (ସମିସ): ସମଗ୍ର ଚିଲିକା ଅଞ୍ଚଳର ପ୍ରତି ପରିବାରରେ ଆନନ୍ଦ ଉଲ୍ଲାସରେ ପାଳିତ ହୋଇଛି ରକ୍ଷାବନ୍ଧନ ଉତ୍ସବ। ସୁରକ୍ଷା ଦେବାର ପ୍ରତିଶ୍ରୁତି ନେଇ ଭାଇ ହାତରେ ରାକ୍ଷୀ ବାନ୍ଧିଛନ୍ତି ଭଉଣୀ। ଏଥିସହ ଗହ୍ମା ପୂର୍ଣ୍ଣିମାରେ ପ୍ରଭୁ ବଳରାମଙ୍କ ଜନ୍ମ ହୋଇଥିବାରୁ ତାଙ୍କ ପ୍ରିୟ ଲଙ୍ଗଳ ଓ ଗୋମାତାଙ୍କ ପୂଜାର୍ଚ୍ଚନା କରାଯାଇଛି। ତେବେ ଗହ୍ମା ପୂର୍ଣ୍ଣିମାରେ ଗହ୍ମାଡିଆଁ ଉତ୍ସବ ପୂର୍ବରୁ ଆନନ୍ଦଉଲ୍ଲାସ ସହକାରେ ପାଳିତ ହୋଇଆସୁଥିବା ବେଳେ ଗତ ପ୍ରାୟ ୧୦ ବର୍ଷ ହେଲା ଅଞ୍ଚଳରେ ଆଉ ଏହି ପରମ୍ପରା ଦେଖିବାକୁ ମିଳୁନାହିଁ।



## ବିଭିନ୍ନ ସ୍ଥାନରେ ରକ୍ଷାବନ୍ଧନ ଉତ୍ସବ





ଖୋର୍ଦ୍ଧା, ୯ ।୮ (ସମିସ): ଶନିବାର ପବିତ୍ର ରକ୍ଷାବନ୍ଧନ ଉତ୍ସବ ବିଭିନ୍ନ ଅନୁଷ୍ଠାନ ତଥା ଘରେ ଘରେ ପାଳିତ ହୋଇଛି। ଭାଇ ହାତରେ ରାକ୍ଷୀ ବାନ୍ଧି ଭଉଣୀ ଦୀର୍ଘାୟୁ କାମନା କରିଛି। ଏହି ଅବସରରେ ସ୍ଥାନୀୟ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ସେବାକେନ୍ଦ୍ର ପରିସରରେ ଶତାଧିକ ବ୍ରହ୍ମକୁମାରୀ ଭାଇ ଭଉଣୀ ପରମାତ୍ମାଙ୍କୁ ସ୍ମରଣ କରି ରାକ୍ଷୀ ବାନ୍ଧିଥିଲେ।

ମୁଖ୍ୟଅତିଥି ଭାବେ ଡା. ଅମିୟ ଚରଣ ଜେନାମଣି ଯୋଗଦେଇଥିଲେ। ଖୋର୍ଦ୍ଧା ଉପକଣ୍ଠରେ ଥିବା ଷଷ୍ଠ ଭାରତ ରିଜର୍ଭ ବାଟାଲିୟନର ସହକାରୀ ଦୁର୍ଗପତିଙ୍କ ସହ ୫୦ଜଣ ପୁଲିସ୍ ଭାଇ, ଆଇଟିବିପିରେ ଡିଆଇଜି ଓ ଦୁର୍ଗପତିଙ୍କ ସହ ଶହେ ଜଣ ଯବାନ ଭାଇ, ଖୋର୍ଦ୍ଧା ଜିଲ୍ଲା କାରାଗାରରେ ୧୫୦ ଅନ୍ତେବାସୀ, ନିଶାନିବାରଣ କେନ୍ଦ୍ର ଜୀବନ ଆଶାରେ ୨୦ ଅନ୍ତେବାସୀ, ପଲ୍ଲାରେ ଥିବା ମୁକ୍ତି ଫାଉଣ୍ଡେସନ୍‌ରେ ୪୦ ଅନ୍ତେବାସୀ, ସାମନ୍ତରାପୁରରେ ଥିବା ନିଉ ଲାଇଫରେ ୩୦ ଅନ୍ତେବାସୀ ଓ ବରିଷ୍ଠ ନାଗରିକ ଆବାସରରେ ରହୁଥିବା ୨୦ ଅନ୍ତେବାସୀଙ୍କ ସହିତ ଆଦର୍ଶ ବିଦ୍ୟାଳୟ, ନବୋଦୟ ବିଦ୍ୟାଳୟ ତଥା ବିଭିନ୍ନ ସରକାରୀ ଓ ବେସରକରୀ କାର୍ଯ୍ୟାଳୟରେ ରାକ୍ଷୀ ବାନ୍ଧିଥିଲେ ବ୍ରହ୍ମାକୁମାରୀ ଅନୁରାଧା ଭଉଣୀ, ରଶ୍ମି ଭଉଣୀ ଓ ବନ୍ଦନା ଭଉଣୀ। ବ୍ରହ୍ମାକୁମାର ଜୟକୃଷ୍ଣ ଭାଇ ରକ୍ଷା ବନ୍ଧନର ଆଧାତ୍ମିକ ରହସ୍ୟ ଶୁଣାଇଥିଲେ।

ସେହିପରି ବିଭିନ୍ନ ଶିକ୍ଷାନୁଷ୍ଠାନ, ଖୋର୍ଦ୍ଧା ଜିଲ୍ଲା ପ୍ରେସ କ୍ଲବ, ତପସ୍ୟା ଅନୁଷ୍ଠାନ ପ୍ରଭୃତି ପକ୍ଷରୁ ରକ୍ଷାବନ୍ଧନ ପାଳନ କରାଯାଇଛି।

## ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା; ଯୁବକ ଗିରଫ

ବାଲୁଗାଁ, ୯ ।୮ (ସମିସ): ବାଲୁଗାଁସ୍ଥିତ ଏକ ଗାଡ଼ି ସୋ’ରୁମରେ ଡ୍ରାଇଭର ଭାବେ କାର୍ଯ୍ୟରତ ଜଣେ ଯୁବକ ଜଣେ ନାବାଳିକାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଦୀର୍ଘଦିନ ସମ୍ପର୍କ ରଖିବା ପରେ ଏବେ ପ୍ରତାରଣା କରିଥିବା ବାଲୁଗାଁ ଥାନାରେ ଅଭିଯୋଗ ହୋଇଛି। ପୁଲିସ ଅଭିଯୁକ୍ତ ଡ୍ରାଇଭର ବେଗୁନିଆ ଥାନା ଅଞ୍ଚଳର ଅମରେଶ ମହାପାତ୍ର (୨୬)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

ଅମରେଶ ବାଲୁଗାଁସ୍ଥିତ ଟାଟା ମୋଟରର୍ସ ସୋ’ରୁମରେ ଡ୍ରାଇଭର ଭାବେ କାର୍ଯ୍ୟ କରୁଛନ୍ତି। ବାଲୁଗାଁ ଥାନା ଅଞ୍ଚଳର ଏହି ନାବାଳିକାଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। ନାବାଳିକାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଅମରେଶ ତାଙ୍କ ସହ ସମ୍ପର୍କ ରଖିଆସୁଥିଲେ। ତେବେ ନାବାଳିକା ବିବାହ କରିବା ପାଇଁ ବାରମ୍ବାର କହିଲେ ମଧ୍ୟ ବିଭିନ୍ନ ବାହାନା ଦେଖାଇ ଅମରେଶ ସମୟ ଗଡ଼ାଇ ଚାଲିଥିଲେ। ଦୁଇଦିନ ପୂର୍ବେ ନାବାଳିକା ବିବାହ ପାଇଁ ଜିଦ ଧରି ବସିବାରୁ ଅମରେଶ ତାଙ୍କୁ ରୋକଠୋକ ମନା କରି ଦେଇଥିଲେ। ଶେଷରେ ନାବାଳିକା ନ୍ୟାୟ ପାଇଁ ବାଲୁଗାଁ ଥାନାରେ ଅଭିଯୋଗ କରିଥିଲେ। ଥାନା ଅଧିକାରୀ ଜୟପ୍ରକାଶ ପରିଡ଼ାଙ୍କ ନିର୍ଦ୍ଦେଶକ୍ରମେ ଏସଆଇ ସୌମ୍ୟରଞ୍ଜନ ପାଣିଗ୍ରାହୀ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ବେଳେ ଶନିବାର ଅମରେଶଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି।

## ବାଲିପାଟପୁରରେ ଗହ୍ମାଡିଆଁ ପ୍ରତିଯୋଗିତା

ଭୁଷଣ୍ଡପୁର, ୯ ।୮ (ସମିସ): ଟାଙ୍ଗୀ ବ୍ଲକ ବାଲିପାଟପୁର ପଞ୍ଚାୟତ ଦୋଳପଡ଼ିଆରେ ୫୬ତମ ଗହ୍ମାଡିଆଁ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏହି ପ୍ରତିଯୋଗିତାର ବିଶେଷତ୍ୱ ହେଲା ଅନେକ ବିଜୟୀ ପ୍ରତିଯୋଗୀ ଭାରତ ସରକାରଙ୍କ ବିଭିନ୍ନ ସାମରିକ ପଦବୀରେ ନିଯୁକ୍ତି ପାଇଛନ୍ତି। ଆଜିର ଉତ୍ସବରେ ସମାଜସେବୀ ଗୋଲଖ ବିହାରୀ ପଟ୍ଟନାୟକ ସଭାପତିତ୍ୱ କରିଥିବା ବେଳେ ସମ୍ମାନିତ ଅତିଥିରୂପେ ପୂର୍ବତନ ସମିତି ସଭ୍ୟ ଭୀମସେନ ବେହେରା, ସମିତି ସଭ୍ୟ ଲକ୍ଷ୍ମୀଧର ବେହେରା, ଅନୁଷ୍ଠାନର ବରିଷ୍ଠ କର୍ମକର୍ତ୍ତା ରବୀନ୍ଦ୍ର ସମସନ୍ତରାୟ, ବିରଞ୍ଚି ନାରାୟଣ ପ୍ରଧାନ, ସାମ୍ବାଦିକ ରଞ୍ଜନ କୁମାର ସାହୁ, ଅଜୟ କୁମାର ମହାରଣା, ୱାର୍ଡ ସଭ୍ୟ ବିକ୍ରମ ଜେନା, ବିଜୟ ସାହୁ, ପ୍ରଦୀପ ପଟ୍ଟନାୟକ, ସୁଶାନ୍ତ ପଟ୍ଟନାୟକ, ଧୀରେନ୍ଦ୍ର ନରେନ୍ଦ୍ର ଉପସ୍ଥିତ ଥିଲେ।

## ମହିଳାଙ୍କୁ ହତ୍ୟା ଅଭିଯୋଗ; ସ୍ୱାମୀ ଅଟକ

ବେଗୁନିଆ, ୯ ।୮ (ସମିସ): ମହିଳାଙ୍କୁ ହତ୍ୟା ଅଭିଯୋଗରେ ବାଘମାରି ଥାନା ପୁଲିସ ତାଙ୍କ ସ୍ୱାମୀଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଅଭିଯୁକ୍ତ ହେଲେ ବାଘମାରି ଥାନା ଅଞ୍ଚଳର ସେକ ସଲିମଙ୍କ ପୁଅ ସେକ ତାଲିମ। ସେକ ତାଲିମ ୮ ମାସ ତଳେ ଭଦ୍ରକ ଅଞ୍ଚଳର ମନାନ ଖାଁଙ୍କ ଝିଅ ରୋହନ ଖାତୁନ (୧୮)ଙ୍କୁ ବିବାହ କରିଥିଲେ। ବିବାହ ସମୟରେ ଦାବି ମୁତାବକ ୨ ଲକ୍ଷ ଟଙ୍କା ଆଣି ନ ଥିବାରୁ ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ଶୁକ୍ରବାର ଘର ଭିତରେ ଓଢ଼ଣିରେ ରୋହନ ଖାତୁନଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଥିଲା। ତେବେ ସେକ ତାଲିମ ତାଙ୍କୁ ହତ୍ୟା କରି ଝୁଲାଇ ଦେଇଥିବା ଅଭିଯୋଗ ହୋଇଛି। ଖବର ପାଇ ପୁଲିସ ସାଇଣ୍ଟିଫିକ ସହ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ କରାଯାଇ ସେକ ତାଲିମଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି। ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟ ପଠାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଥାନା ଅଧିକାରୀ ଶମ୍ଭୁନାଥ ନାୟକ ସୂଚନା ଦେଇଛନ୍ତି।

## ଐତିହ୍ୟରେ ଶ୍ରାବଣ ପୂର୍ଣ୍ଣିମା ଓ ହରିହର ଉପାସନା

ବାଣପୁର, ୯ ।୮ (ସମିସ): ଶ୍ରୀଗୁଣ୍ଡିଚା ଆଧ୍ୟାତ୍ମିକ ଟ୍ରଷ୍ଟ ପୁରୀ, ବାଣପୁର ଗ୍ରାମୀଣ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଉତ୍ସବ-ଏ ହାଉସ୍ ଅଫ୍ ହ୍ୟାଣ୍ଡଲୁମ୍ ପୁରୀ ମିଳିତ ଆନୁକୂଲ୍ୟରେ "ଐତିହ୍ୟରେ ଶ୍ରାବଣ ପୂର୍ଣ୍ଣିମା ଓ ହରିହର ଉପାସନା’ ଶୀର୍ଷକ ଆଧ୍ୟାତ୍ମିକ ଆଲୋଚନାଚକ୍ର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟ ଅଧ୍ୟକ୍ଷ ସର୍ବେଶ୍ୱର ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅତିଥି ଭାବେ ପ୍ରାକ୍ତନ ଅଧ୍ୟକ୍ଷ ଅଭିମନ୍ୟୁ ଭୂୟାଁ, ପ୍ରବଚକ ଡ. ଚନ୍ଦ୍ରଶେଖର ଦାଶ, ଶିକ୍ଷାବିତ୍ ଡ. ଚିନ୍ତାମଣି ମିଶ୍ର, କୈଳାସ ଚନ୍ଦ୍ର ସାହୁ, ରୁଚିସ୍ମିତା ଜଗଦ୍ଦେବ ମହାପାତ୍ର, ଇଂ କେଶବ ଚନ୍ଦ୍ର ପାତ୍ର ପ୍ରମୁଖ ମଞ୍ଚାସୀନ ହୋଇ ଐତିହ୍ୟରେ ପବିତ୍ର ଶ୍ରାବଣ ମାସ ପୂର୍ଣ୍ଣିମାରେ ହରିହର ଉପାସନାର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଶ୍ରୀଗୁଣ୍ଡିଚା ଆଧ୍ୟାତ୍ମିକ ଟ୍ରଷ୍ଟ ସମ୍ପାଦକ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶ୍ରୀଗୁଣ୍ଡିଚା ପତ୍ରିକାର ମୁଖ୍ୟ ସମ୍ପାଦକ ମଦନମୋହନ ମହାପାତ୍ର ସଭାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ବର୍ଣ୍ଣନା କରିଥିଲେ। ଏହି ଅବସରରେ ପ୍ରବଚକ ପଣ୍ଡିତ ଦୟାନିଧି ତ୍ରିପାଠୀ, ସାହିତ୍ୟ ସିନ୍ଦୂରାର ପ୍ରତିଷ୍ଠାତା ଗୋଲଖ ବିହାରୀ ପରିଡ଼ାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ବାଣପୁର ମାଟିର କଥାକାର ଶିବ ମିଶ୍ର, କ୍ୟାପଟେନ ଭବାନୀ ପ୍ରସାଦ ହୋତା, ସମାଜସେବୀ ଅନନ୍ତ ଚରଣ ଖଟେଇ ଓ କଣ୍ଠଶିଳ୍ପୀ ବିଷ୍ଣୁପ୍ରିୟା ବାରିକଙ୍କ ସମେତ ବାଣପୁର ଓ ପୁରୀର ବହୁ ବୁଦ୍ଧିଜୀବୀ, ଶିକ୍ଷାବିତ୍, ସାହିତ୍ୟିକ, ସାମ୍ବାଦିକ ପ୍ରମୁଖ ସାମିଲ ହୋଇଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



## ଗାଁରେ ଶାନ୍ତି ପ୍ରତିଷ୍ଠା ପାଇଁ ଏକାଠି ହେଲେ ଯୁବଗୋଷ୍ଠୀ

ଖୋର୍ଦ୍ଧା, ୯ ।୮ (ସମିସ): ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ଅନ୍ତର୍ଗତ କୁମାରବସ୍ତ ଗ୍ରାମରେ ବିଶୃଙ୍ଖଳା ଏଡ଼ାଇବା ଲାଗି ଅଣ୍ଟା ଭିଡ଼ିଛନ୍ତି ଯୁବଗୋଷ୍ଠୀ। ଗ୍ରାମର ଯୁବକମାନେ ଏକଜୁଟ ହୋଇ ଗ୍ରାମର ଛୋଟବଡ଼ ଘଟଣାକୁ କିପରି ଗାଁ ଭିତରେ ଆପୋସ ସମାଧାନ କରାଯିବ ସେ ନେଇ ଉଦ୍ୟମ ଜାରି ରଖିଥିବାବେଳେ ଅପେରା ଓ ସାମାଜିକ ନାଟକ ମାଧ୍ୟମରେ ଗାଁରେ ଶାନ୍ତି ବଜାୟ ରଖିବାକୁ ଆରମ୍ଭ କରିଛନ୍ତି ପ୍ରୟାସ। ଏହି କ୍ରମରେ ରବିବାରଠାରୁ ଗ୍ରାମରେ ୪ଦିନ ବ୍ୟାପୀ ଅପେରା କାର୍ଯ୍ୟକ୍ରମ କରାଯାଇଛି। ଏହାକୁ ଗ୍ରାମର ୫୦୦ରୁ ଉର୍ଦ୍ଧ୍ୱ ଯୁବକ ଏକତ୍ରିତ ହୋଇ ପରିଚାଳନା କରୁଥିବା ପ୍ରକାଶ କରିଛନ୍ତି। ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତିମାନେ ଯୁବଗୋଷ୍ଠୀଙ୍କ ଏଭଳି ପଦକ୍ଷେପକୁ ପ୍ରଶଂସା କରିବା ସହ ଆଖାପାଖ ଅଞ୍ଚଳ ପାଇଁ କୁମାରବସ୍ତ ଆଗକୁ ଉଦାହରଣ ସାଜିବ ବୋଲି କହିଛନ୍ତି।

# ଭାଇ-ଭଉଣୀ 'ବନ୍ଧନ' ଆଗରେ ଫିକା ପଡ଼ିଲା ଜେଲ୍‌ର ବନ୍ଧନ

## ବ୍ରହ୍ମପୁର ଜେଲ୍‌ରେ ଭାଇ ହାତରେ ରାକ୍ଷୀ ବାନ୍ଧିଲେ ୭୨ ଭଉଣୀ

ବ୍ରହ୍ମପୁର, ୯।୮ (ସମିସ): ଝରକା ଆରପଟୁ ବଢ଼ାଇ ଦେଇଥିବା ହାତରେ ରାକ୍ଷୀ ବାନ୍ଧୁବାନ୍ଧୁ ଭଉଣୀ ଆଖିରୁ ଛଳଛଳ ହୋଇ ବୋହି ଆସୁଥିଲା ଅମାନିଆ ଲୁହ। ଭାଇର ମନ ବି କୋଉ ସମ୍ଭାଳ ପଡୁଥିଲା। ମନରେ ଅଜସ୍ର କୋହକୁ ଚାପି ଧରି ଭଉଣୀ ମୁଣ୍ଡରେ ଆଶୀର୍ବାଦଭରା ହାତ ବୁଲାଇ ଦେଉଥିଲା। ଆଜି ବ୍ରହ୍ମପୁର ମଣ୍ଡଳ କାରାଗାରର ଏ ଭାବବିହ୍ୱଳର ଦୃଶ୍ୟ ମୂକସାକ୍ଷୀ ଭଳି ଜେଲ୍ ଚାରିକାନ୍ଥ, ଲୁହାବାଡ଼ ଦେଖି ଚାଲିଥିଲେ। ହେଲେ, ଅନ୍ୟ ଦିନ ଭଳି ଭାଇ-ଭଉଣୀର ଅତୁଟ ସଂପର୍କରେ ସେମାନେ ବାଧା ସାଜି ନଥିଲେ।

ଆଜି ହାତରେ ହଳଦୀ, ସିନ୍ଦୂର, ଚନ୍ଦନ ଓ ରାକ୍ଷୀ ଧରି କାରାଗାର ପରିସରକୁ ଆସିଥିଲେ ୭୨ଜଣ ଭଉଣୀ। କଏଦୀମାନେ ବିଭିନ୍ନ ମାମଲାରେ ଗିରଫ ହୋଇ ଜେଲରେ ସଜା କାଟୁଛନ୍ତି। ଭିତରେ ୬ଜଣ ଭଉଣୀ ସେମାନଙ୍କ ଭାଇଙ୍କୁ ରାକ୍ଷୀ ବାନ୍ଧିଥିବା ବେଳେ ବାହାରୁ ୭୨ଜଣ ଭଉଣୀ ଜେଲ ଭିତରେ ଥିବା ଭାଇଙ୍କୁ ରାକ୍ଷୀ ବାନ୍ଧିଥିଲେ। ଏଥିପାଇଁ ଶନିବାର ସକାଳୁସକାଳୁ ବ୍ରହ୍ମପୁର ମଣ୍ଡଳ କାରାଗାର ସମ୍ମୁଖରେ ଭଉଣୀମାନଙ୍କର ଭିଡ଼ ଜମିଥିଲା। ସେହିପରି ବିଭିନ୍ନ ସଂଗଠନର ସଦସ୍ୟମାନେ ବ୍ରହ୍ମପୁର ଜେଲକୁ ଯାଇ ଜେଲ ଅଧୀକ୍ଷକଙ୍କ ସମେତ କର୍ମଚାରୀଙ୍କୁ ରାକ୍ଷୀ ବାନ୍ଧିଥିଲେ। ଜେଲ୍‌ର ବରିଷ୍ଠ ଅଧୀକ୍ଷକ ଧୀରେନ୍ଦ୍ରନାଥ ବାରିକ, ଜେଲର୍ ଲକ୍ଷ୍ମୀକାନ୍ତ ଧାଙ୍ଗଡ଼ାମାଝୀଙ୍କ ସମେତ ବହୁ କର୍ମଚାରୀ ଉପସ୍ଥିତ ଥିଲେ।

## ପଟ୍ଟାମୁଣ୍ଡାଇ ଛାତ୍ରୀ ଆତ୍ମଦାହ ଘଟଣା

# ବଢୁଛି ରହସ୍ୟ; ହଟୁନି ପରଦା

- ପୁଣି ଘଟଣାସ୍ଥଳରେ ଏସ୍‌ପି ଓ ସାଇଣ୍ଟିଫିକ ଟିମର ତନାଘନା
- ଆଉ ଏକ ଏତଲା ଦେଲେ ଛାତ୍ରୀଙ୍କ ବାପା
- ମୃତ ଛାତ୍ରୀଙ୍କ ବାପା-ଭାଇକୁ ପଚରାଉଚରା

ପଟ୍ଟାମୁଣ୍ଡାଇ, ୯।୮ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ୍ ବଡ଼ପଡ଼ା ପଞ୍ଚାୟତ କାଠିଆପଡ଼ା ଗାଁରେ କଲେଜ ଛାତ୍ରୀଙ୍କ ଆତ୍ମଦାହ ଘଟଣା ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି। ଘଟଣାର ୪ ଦିନ ପରେ ଏହା ଉପରୁ ରହସ୍ୟ ଉନ୍ମୋଚନ ହୋଇପାରୁନାହିଁ। ପୁଲିସ ଟିମ୍ ଜୋରଦାର ତନାଘନା ଚଳାଇଥିଲେ ମଧ୍ୟ ଆତ୍ମଦାହର କାରଣ ଏବେ ବି ରହସ୍ୟଘେରରେ ରହିଛି।

ଦୁଇ ଦିନ ଧରି କେନ୍ଦ୍ରାପଡ଼ା ଏସପି ସିଦ୍ଧାର୍ଥ କଟାରିଆ ପୁଲିସ ଓ ସାଇଣ୍ଟିଫିକ ଟିମ ଧରି ଘଟଣାର ତନାଘନା କରୁଛନ୍ତି। ଛାତ୍ରୀ ପୋଡ଼ି ହୋଇଥିବା ଶିଡ଼ି ଘର, ଶିଡ଼ି ଘର ନିକଟ ରୋଷେଇଘର, ଛାତ ଉପର ଗ୍ରିଲ ଓ ଛାତ୍ରୀ




ମୃତ୍ୟୁବେଳେ ଭିତରୁ ବନ୍ଦ ଥିବା ଘରର ମୁଖ୍ୟ କବାଟ ଖୋଲି ଛାନଭିନ୍ କରିଛନ୍ତି। ଭିତରୁ କବାଟ ବନ୍ଦ ଥିବା ଓ ଏବଂ ବାପା ମା' ଶାବଳ ଦ୍ୱାରା ପ୍ରବେଶ ଦ୍ୱାର ମୁଖ୍ୟ କବାଟ ତାଡ଼ି ଘର ଭିତରେ ପଶିଥିଲେ ମଧ୍ୟ କବାଟରେ ଲାଗିଥିବା ଡମଣି ଓ ଲକର ଅକ୍ଷତ ରହିଛି। ନିଆଁରେ ପୋଡ଼ି ମୃତ୍ୟୁବରଣ କରିଥିବା ଛାତ୍ରୀଙ୍କ ମୃତ୍ୟୁସ୍ଥଳ ପୂର୍ବବତ୍ ପରିଷ୍କାର ରହିବା ପୁଲିସର ସନ୍ଦେହ ବଢ଼ାଇ ଦେଇଛି।

ଆଜି ରାକ୍ଷୀ ପୂର୍ଣ୍ଣିମାରେ କାଠିଆପଡ଼ା ଗାଁ ଶୂନଶାନ ଥିବା ବେଳେ ମୃତ ଛାତ୍ରୀଙ୍କ ଘର ଆଗରେ ଭିଡ଼ ଲାଗି ରହିଥିଲା। ଉକ୍ତ ଛାତ୍ରୀଙ୍କ ପୁରୁଷ ବନ୍ଧୁଙ୍କ ବ୍ଲାକମେଲ ଓ ଅଶ୍ଳୀଳ ଭିଡିଓ ଭାଇରାଲ ଧମକ ଯୋଗୁଁ ଛାତ୍ରୀ ଓ ପରିବାର ଅତିଷ୍ଠ ହୋଇ ଗତ ୬ ମାସ ତଳେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ କରିଥିଲେ। ଏବେ ପୁରୁଷ ବନ୍ଧୁଙ୍କୁ ଚେନାଇରୁ ଉଠାଇ ଆଣି ଜେରା କରାଯାଉଛି। ଏପଟେ, ମୃତ ଛାତ୍ରୀଙ୍କ ବାପା ବାରମ୍ବାର ବୟାନ ବଦଳାଇବା ଓ ପୂର୍ବ ଏତଲା ଅସ୍ପଷ୍ଟ ଥିବାରୁ ଶନିବାର ପୁଣି ଏକ ସାନି ଏତଲା ଦେଇଛନ୍ତି। ଆଜି ଆଇଜି ପ୍ରବୀଣ କୁମାରଙ୍କ ସହ ଏସପି ଭିନ୍ନ ଭିନ୍ନ ସ୍ଥାନରେ ପ୍ରତ୍ୟକ୍ଷ ଭାବେ ତନାଘନା କରିଥିଲେ। ସ୍ଥାନୀୟ ଲୋକଙ୍କ ସହ ଆଲୋଚନା ମଧ୍ୟ କରି ଘଟଣାର କିଛି ସୁରାକ ଖୋଜିବାକୁ ଚେଷ୍ଟା କରିଥିଲେ। ଏନେଇ ଆଇଜି ଏସ୍‌ପିଙ୍କ ସହ ଏକ ସମୀକ୍ଷା ବୈଠକ କରିଥିବା ଜଣାପଡ଼ିଛି। କିଛି ପ୍ରମାଣ ହସ୍ତଗତ ହୋଇଥିବା ଜଣାପଡିଛି। ପୁଲିସ ମୃତ ଛାତ୍ରୀଙ୍କ ମୋବାଇଲକୁ ଜବତ କରି ଗୁରୁତ୍ୱର ସହ ଯାଞ୍ଚ ଜାରି ରଖିଥିବା ବେଳେ ସିସିଟିଭି ଫୁଟେଜକୁ ମଧ୍ୟ ଯାଞ୍ଚ କରି ମୃତ୍ୟୁ ରହସ୍ୟ ଉନ୍ମୋଚନ କରିବାକୁ ଉଦ୍ୟମ ଜାରି ରଖିଛି।

ତଦନ୍ତ ପ୍ରକ୍ରିୟାକୁ ଚୂଡ଼ାନ୍ତ କରିବା ପାଇଁ ଆଜି ସନ୍ଧ୍ୟାରେ ପୁଲିସ ଉକ୍ତ କଲେଜ ଛାତ୍ରୀ ପିଡି ସଂଗୀତାଙ୍କ ବାପା ଶଶିକାନ୍ତ ପରିଡ଼ା ଓ ଏକମାତ୍ର ଭାଇ ପିଡି ସାଗର ଓରଫ ସୋନୁଙ୍କୁ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାକୁ ଡାକି ଜେରା କରିଛି। ତଥାପି ପୋଷ୍ଟମର୍ଟମ ରିପୋର୍ଟ ଉପରେ ଏହି ତଦନ୍ତ ପ୍ରକ୍ରିୟା ନିର୍ଭର କରୁଥିବା ଏସପି ସୂଚନା ଦେଇଛନ୍ତି। ଖୁବଶୀଘ୍ର ମାମଲାର ଫର୍ଦ୍ଦାଫାସ ସହ ବଡ଼ କାର୍ଯ୍ୟାନୁଷ୍ଠାନ ହେବାର ସ୍ପଷ୍ଟ ସୂଚନା ମିଳୁଛି।

## ଯବାନଙ୍କୁ ମହଙ୍ଗା ପଡ଼ିଲା ପ୍ରେମିକାକୁ ଚାପୁଡ଼ା

# ନିର୍ଧୁମ୍ ଛେଚିଲେ ମହିଳା କନଷ୍ଟେବଲ

ବ୍ରହ୍ମପୁର, ୯।୮ (ସମିସ): ମହିଳା ପୁଲିସ୍ ବାରାକ୍‌ରେ ପଶି ପ୍ରେମିକାକୁ ମାରପିଟ୍ କରିବା ଜଣେ ଯବାନଙ୍କୁ ମହଙ୍ଗା ପଡ଼ିଛି। ଏକାଧିକ ପୁଲିସ୍ କନେଷ୍ଟବଳ ତାଙ୍କୁ ନିର୍ଧୁମ୍ ମାଡ଼ ମାରିବା ସହ ପୁଲିସ୍ ଜିମା ଦେଇଛନ୍ତି। ଆମ୍ବପୁଆସ୍ଥିତ ପୁଲିସ ବାରାକ୍‌ରେ ଆଜି ଏହି ଘଟଣା ଘଟିଛି। ମାଡ଼ ଖାଇଥିବା ଯବାନଜଣଙ୍କ ହେଲେ, ପୁରୁଷୋତ୍ତମପୁର ଶାହାପୁର କେଉଟସାହିର ପ୍ରଭଞ୍ଜନ ବେହେରା। ପୁଲିସ ଏନେଇ ଏକ ମାମଲା ରୁଜୁ କରିବା ସହ ଯବାନଙ୍କୁ ଅଟକ ରଖି ପଚରାଉଚରା କରୁଛି।

ସୂଚନାନୁଯାୟୀ, ପ୍ରଭଞ୍ଜନ ବିବାହିତ। କିଛି ବର୍ଷ ତଳେ ତାଙ୍କର ଛାଡ଼ପତ୍ର ହୋଇଛି। ସେ ବ୍ରହ୍ମପୁର ପୁଲିସ ଜିଲ୍ଲାର ୨୦୨୩ ବ୍ୟାଚ୍‌ର ଜଣେ ମହିଳା କନେଷ୍ଟବଳଙ୍କୁ ପ୍ରେମ କରୁଥିଲେ। କିଛି ଦିନ ତଳେ ପ୍ରେମିକା ଛୁଟିରେ ଗାଁକୁ ଯାଇଥିବା ବେଳେ ଗତକାଲି ଡ୍ୟୁଟିରେ ଯୋଗ ଦେଇଥିଲେ। ଆଜି ସକାଳୁ ବୁଲିବାକୁ ଯିବା ଲାଗି ଗତକାଲି ଉଭୟ ସ୍ଥିର କରିଥିଲେ। ପ୍ରଭଞ୍ଜନ ଆଜି ସକାଳେ ରିଜର୍ଭ ଅଫିସ ନିକଟରେ ଥିବା ଏକ ମନ୍ଦିରରେ ଅପେକ୍ଷା କରିଥିଲେ। ଦୀର୍ଘ ଦେଢ଼ଘଣ୍ଟାରୁ ଅଧିକ ଅପେକ୍ଷା କରିବା ପରେ ମଧ୍ୟ ପ୍ରେମିକା ଆସିନଥିଲେ। ଏଥିରେ



ରାଗିଯାଇ ପ୍ରଭଞ୍ଜନ ମଦ ପିଇ ମହିଳା ପୁଲିସ ବାରାକ୍‌ରେ ପଶି ଯାଇଥିଲେ। ସେଠାରେ ପ୍ରେମିକାଙ୍କୁ ପଛପଟୁ ଭିଡ଼ି ଧରିବା ସହ ଗାଳିଗୁଲଜ କରି ମାଡ଼ ମାରିଥିଲେ। ନିକଟରେ ଥିବା ଅନ୍ୟ ପୁଲିସ କର୍ମଚାରୀମାନେ ଏହା ଦେଖି ପ୍ରଭଞ୍ଜନଙ୍କୁ କାବୁ କରି ମାଡ଼ ମାରି ପୁଲିସରେ ଜିମା ଦେଇଥିଲେ। ଏନେଇ ଅସଦାଚରଣ ଶିକାର ହୋଇଥିବା ମହିଳା କନେଷ୍ଟବଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ୍ ଏକ ମାମଲା ରୁଜୁ କରି ସମ୍ପୃକ୍ତ ଯବାନଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି।

## ରାଜ୍ୟ ପୁଲିସର ପ୍ରଦର୍ଶନ ରିପୋର୍ଟ

# ପ୍ରଥମରେ ୪୨ ମୌଜା, ଦ୍ୱିତୀୟରେ ବଡ଼ଗଡ଼ ଥାନା

ଭୁବନେଶ୍ୱର, ୯।୮ (ସମିସ):ଗତ ୭ ମାସ ମଧ୍ୟରେ ରାଜ୍ୟ ପୁଲିସର ପ୍ରଦର୍ଶନ ରିପୋର୍ଟ ପ୍ରକାଶ ପାଇଛି। ରାଜ୍ୟ ଅପରାଧ ନଥି ସଂସ୍ଥା (ଏସସିଆରବି) ଓ ସିସିଟିଏନ୍‌ଏସ୍ ପକ୍ଷରୁ ସ୍ଥିର ହୋଇଥିବା ଉପୋରକ୍ତ ପରିମାପକ ଅନୁସାରେ ଗତ ୭ ମାସର ପ୍ରଦର୍ଶନ ରିପୋର୍ଟ ପ୍ରକାଶ ପାଇଛି। ଥାନା ଅଧିକାରୀମାନେ କରୁଥିବା ଏସ୍‌ଆର୍ କେସ୍, ନନ୍ ଏସ୍‌ଆର୍ କେସର ତଦନ୍ତ, ସୁପରଭିଜନ୍ ନୋଟ୍ ଓ ବିଭିନ୍ନ ମାମଲା ତଦାରଖ କାର୍ଯ୍ୟକୁ ନେଇ ଏହି ରିପୋର୍ଟ ପ୍ରକାଶ ପାଇଛି। କମିସନରେଟ ପୁଲିସ କଟକ ସହରାଞ୍ଚଳ ପୁଲିସ ଜିଲ୍ଲାର ୪୨ମୌଜା ଥାନା ରାଜ୍ୟରେ ଏକ ନମ୍ବର ସ୍ଥାନ ହାସଲ କରିଥିବାବେଳେ ଭୁବନେଶ୍ୱର ସହରାଞ୍ଚଳ ପୁଲିସ ଜିଲ୍ଲାର ବଡ଼ଗଡ଼ ଥାନା ଦ୍ୱିତୀୟ ସ୍ଥାନରେ ରହିଛି। ସେହିପରି ଶ୍ରୀ ଲିଙ୍ଗରାଜ ଥାନା ରାଜ୍ୟରେ ୮ମ ସ୍ଥାନ ହାସଲ କରିଛି। ସଫଳତା ପାଇଁ ପୁଲିସ କମିସନର ସୁରେଶ ଦେବଦତ୍ତ ସିଂ ୪୨ ମୌଜା ଥାନା ଅଧିକାରୀ ଗିରିଶ ଚନ୍ଦ୍ର ମହାରଣା ଓ ବଡ଼ଗଡ଼ ଥାନା ଅଧିକାରୀ ତୃପ୍ତି ରଞ୍ଜନ ନାୟକଙ୍କୁ ପ୍ରଶଂସା କରିବା ସହ ସମ୍ମାନିତ କରିଛନ୍ତି।

# ବିଶ୍ୱ ବାଣିଜ୍ୟ

## ଆଇସିଆଇସିଆଇ ବ୍ୟାଙ୍କର ନୂଆ ନିୟମ

# ସଞ୍ଚୟ ଖାତାରେ ୫୦ ହଜାର ରଖିବା ଜରୁରୀ

ନୂଆଦିଲ୍ଲୀ, ୯।୮ (ଏଜେନ୍ସି): ଆଇଆଇସିଆଇ ବ୍ୟାଙ୍କର ଖାତାଧାରକଙ୍କୁ ନିଜ ଖାତାରେ ଏଥର ୫୦ ହଜାର ଟଙ୍କା ଲେଖାଏଁ ରଖିବାକୁ ପଡ଼ିବ। ଏହାଠାରୁ କମ୍ ଟଙ୍କା ରହିଲେ ଗ୍ରାହକଙ୍କୁ ଜୋରିମାନା ଦେବାକୁ ପଡ଼ିବ। ତେବେ ଏହି ନିୟମ କେବଳ ଚଳିତ ମାସ ୧ ତାରିଖ ପରଠାରୁ ଖୋଲା ଯାଇଥିବା ଖାତା ପାଇଁ କାର୍ଯ୍ୟକାରୀ ହେବ। ଖାତାରେ ସର୍ବନିମ୍ନ ବାଲାନ୍ସ ରଖିବାର ନିୟମ ସହର, ଗାଁ ଏବଂ ମେଟ୍ରୋ ସିଟି ଗୁଡିକ ପାଇଁ ଅଲଗା ଅଲଗା ରହିଛି। ବ୍ୟାଙ୍କ ସବୁ କ୍ଷେତ୍ରର ଜମା ସୀମା ବୃଦ୍ଧି କରିଛି। ଏବେ ମେଟ୍ରୋ ସହରଗୁଡ଼ିକରେ ଅତିକମରେ ୫୦ ହଜାର ଟଙ୍କା, ସେମି-ଅର୍ବାନ (ଅର୍ଦ୍ଧ-ସହରୀ) ଅଞ୍ଚଳରେ ୨୫ ହଜାର ଲେଖାଏଁ ଏବଂ ଗ୍ରାମାଞ୍ଚଳରେ ଖୋଲା ଯାଇଥିବା ଖାତାରେ ୧୦ ହଜାର ଟଙ୍କା ରଖିବାକୁ ହେବ। ଏହା ପୂର୍ବରୁ ମେଟ୍ରୋ ଏବଂ ସହରରେ ଅତିକମ୍‌ରେ ୧୦ ହଜାର ଟଙ୍କା, ସେମି-ଅର୍ବାନରେ ୫ ହଜାର ଟଙ୍କା, ଗାଁ ପାଇଁ ୨୫୦୦ ଟଙ୍କା ରଖିବାର ବ୍ୟବସ୍ଥା ଥିଲା। ଏହି ନିୟମ ସହିତ ଘରୋଇ ବ୍ୟାଙ୍କରେ ସର୍ବାଧିକ ଟଙ୍କା ରଖିବାର ସୀମା ଆଇସିଆଇସିଆଇ ବ୍ୟାଙ୍କ ନାମରେ ହୋଇଛି। ଏହି ବ୍ୟାଙ୍କ ୧୦ ବର୍ଷ ପରେ ସର୍ବନିମ୍ନ ଟଙ୍କା ରଖିବା ନିୟମ ପରିବର୍ତ୍ତନ କରିଛି।

## ଦିନ ଦ୍ୱିପହରେ ଲୁଟ୍‌ର ଖେଳ; ନିୟମ ପ୍ରତି ନିଘା ନାହିଁ

# 'ନର୍ମାଲ' ନାହିଁ କହି ସ୍ପିଡ୍ ପେଟ୍ରୋଲରେ ଲୁଟୁଛନ୍ତି ୭ ଟଙ୍କା

ଭୁବନେଶ୍ୱର, ୯।୮ (ସମିସ)

ପ୍ରତ୍ୟେକ ଦିନ ଲୋକେ ତେଲ ଟାଙ୍କିକୁ ଯାଇ ପେଟ୍ରୋଲ ପକାଉଛନ୍ତି। କେଉଁ ପ୍ରକାରର ପେଟ୍ରୋଲ ଦିଆଯାଉଛି ତାହା ବି ଅନେକ ଦେଖନ୍ତି ନାହିଁ। ଜାଣିବାକୁ ବି ପ୍ରୟାସ କରନ୍ତି ନାହିଁ। ଲୋକଙ୍କ ଏହି ଅବହେଳା ସେମାନଙ୍କ ପକେଟକୁ ଖାଲି କରିଦେଉଛି। ଅଜାଣତରେ ଲୋକେ ପେଟ୍ରୋଲ ପିଛା ଅଧିକ ୭ ଟଙ୍କା ଦେଉଛନ୍ତି। ଆଉ ଏହା ଅସାଧୁ ମାଲିକ ତଥା କର୍ମଚାରୀଙ୍କୁ ସୁହାଉଛି। ସେମାନଙ୍କ ପକେଟ ଗରମ ହେଉଥିବାବେଳେ ଲୋକଙ୍କର ଖାଲି ହେବାରେ ଲାଗିଛି। ପେଟ୍ରୋଲ ଆଳରେ ଲୋକଙ୍କଠାରୁ ଲକ୍ଷାଧିକ ଟଙ୍କା ଲୁଟି ନିଆଯାଉଛି। ପ୍ଲାଷ୍ଟିକ ବୋତଲରେ ତେଲ ଦେବାକୁ ସରକାର ମନା କରିଦେଇଛନ୍ତି। ଏହି ଅଜବ ନିୟମକୁ ନେଇ ସଡ଼କଠାରୁ ସାମାଜିକ ଗଣମାଧ୍ୟମ ପର୍ଯ୍ୟନ୍ତ ଚର୍ଚ୍ଚା ଜାରି ରହିଥିବାବେଳେ ବଡ଼ ଠକେଇ ଦୃଷ୍ଟି ଆଢୁଆଳରେ ରହିଯାଉଛି। ଦିନେ ଅଧେ ପେଟ୍ରୋଲ ପକାଇବାକୁ ଟାଙ୍କି ଯାଉ ନ ଥିବା ଲୋକ ବି ଏବେ ଗାଡ଼ି ଲଦି ଧାଉଁଥିବା ଦେଖାଯାଉଛି। କିନ୍ତୁ ଏପରି ସମୟରେ ନିୟମ ବି ପାଳନ କରାଯାଉନାହିଁ।

ଖୋଦ୍ ରାଜ୍ୟର ରାଜଧାନୀ ଭୁବନେଶ୍ୱରର ଏହି ଠକେଇର ଖେଳ ବେଶି ଚାଲିଛି। ପେଟ୍ରୋଲ ପମ୍ପକୁ ପେଟ୍ରୋଲ ପକାଇବାକୁ ଯାଉଥିବା ଲୋକଙ୍କୁ ସ୍ପିଡ୍ କି ନର୍ମାଲ ପକାଇବେ ନ କହି ସିଧା ସ୍ପିଡ୍ ପକାଇ ଦିଆଯାଉଛି। ଅନେକ ଲୋକେ ଏହି ଲୁଟ୍ ପ୍ରତି ଦୃଷ୍ଟି ଦେଉନାହାନ୍ତି। କିନ୍ତୁ ଯିଏ ଟିକେ ସଚେତନ ହୁଅନ୍ତି ସେ ଅନ୍ୟ ଟାଙ୍କିରେ ପେଟ୍ରୋଲ ପକାଇବାକୁ ପଳାନ୍ତି। ନର୍ମାଲ ପେଟ୍ରୋଲ କଥା ପଚାରିଲେ ସରି ଯାଇଛି ବୋଲି କହୁନ୍ତି। ଆଉ କିଛି ଲୋକେ ବାଧ୍ୟବାଧ୍ୟକତାରେ ଏହି ଲୁଟ୍‌ର ଖେଳର ଶିକାର ହେଉଛନ୍ତି। ଗାଡ଼ିରେ ପେଟ୍ରୋଲ ସରିଯିବା ସ୍ଥିତିରେ ଲୋକେ ସ୍ପିଡ୍ ପକାଉଛନ୍ତି। ଲୋକଙ୍କ ଏହି ପରିସ୍ଥିତିର ଫାଇଦା ନେଉଛନ୍ତି ପେଟ୍ରୋଲ ପମ୍ପ ମାଲିକମାନେ। ସିଧା ଲିଟର ପିଛା ୭ ଟଙ୍କା ଲେଖାଏଁ ଲୁଟି ନେଇଯାଉଛନ୍ତି। ଏବେ ଭୁବନେଶ୍ୱରରେ ନର୍ମାଲ ପେଟ୍ରୋଲ ଲିଟର ୧୦୧.୨୯ ଟଙ୍କା ଏବଂ ସ୍ପିଡ୍ ପେଟ୍ରୋଲ ୧୦୮.୩୦ ଟଙ୍କା ରହିଛି। ଏଭଳି ସ୍ଥିତିରେ ଜଣେ ବ୍ୟକ୍ତି ଗାଡ଼ିରେ ୧୦ ଲିଟର ସ୍ପିଡ୍ ପେଟ୍ରୋଲ ପକାଇଲେ ସିଧା ୭୦ ଟଙ୍କା କ୍ଷତି ସହୁଛି। ସେହିପରି ଭାବେ ଯଦି ଗୋଟିଏ ଦିନରେ ଲକ୍ଷେ ଲିଟର ସ୍ପିଡ୍ ପେଟ୍ରୋଲ ବିକ୍ରି




ହୁଏ ତେବେ ୭ ଲକ୍ଷ ଟଙ୍କା ଲୁଟ୍ ହେଲାଣି। ସରକାର ଯାଞ୍ଚକୁ ନେଇ ବଡ଼ ବଡ଼ କଥା କହୁଛନ୍ତି, କିନ୍ତୁ ଏଭଳି ଲୁଟ୍ ପ୍ରତି କାହାର ଦୃଷ୍ଟି ପଡୁନାହିଁ ତାହା ପ୍ରଶ୍ନବାଚୀ ପାଲିଟିଛି। ଭୁବନେଶ୍ୱରରେ ଥିବା ଅନେକ ପେଟ୍ରୋଲ ପମ୍ପରେ ଏଭଳି ଲୁଟ୍ ଖୁଲମ୍‌ଖୋଲା ଚାଲିଛି। ଗତ ୫ ତାରିଖରେ ଭୁବନେଶ୍ୱର ପାତ୍ରପଡ଼ା ସ୍ଥିତ ଏକ ପେଟ୍ରୋଲ ପମ୍ପରେ ଏଭଳି ସ୍ଥିତି ସୃଷ୍ଟି ହୋଇଥିଲା। କେହି କିଛି ନ ପଚାରିଲେ ସ୍ପିଡ୍ ପେଟ୍ରୋଲ ଦିଆଯାଉଥିଲା। ଆଉ ଯିଏ ନିଜ ଆଡୁ ପଚାରିଲା ନାହିଁ କହି ଦିଆଯାଉଥିଲା। ଯାହାର ଜରୁରୀ ହୋଇଥାଏ ସେ ଶେଷରେ ବାଧ୍ୟ ହୋଇ ସ୍ପିଡ୍ ପେଟ୍ରୋଲ ପକାଇ ଯାଇଥାନ୍ତି। ଏ ଦିଗରେ ପ୍ରଶାସନ ଏବଂ ପେଟ୍ରୋଲିୟମ ବିଭାଗ ଦୃଷ୍ଟି ଦେବ ବୋଲି ଆଶା।

# ଓଡ଼ିଶାର ବିକାଶ ପାଇଁ ଶିଳ୍ପ-ସଂସଦ ଆଲୋଚନା




ନୂଆଦିଲ୍ଲୀ ୯।୮ (ସମିସ)

ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ, ଓଡ଼ିଶା) ରାଜ୍ୟର ସାଂସଦଙ୍କ ସହିତ ଏକ ପାରସ୍ପରିକ ଆଲୋଚନା ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦର ସଦସ୍ୟଙ୍କ ସହିତ ରାଜ୍ୟର ବିଭିନ୍ନ ନିର୍ବାଚନମଣ୍ଡଳୀରୁ ପ୍ରତିନିଧିତ୍ୱ କରୁଥିବା ୧୪ ସାଂସଦ ଅଂଶଗ୍ରହଣ କରିଥିଲେ। ଏହି ଅଧିବେଶନରେ ଶିଳ୍ପ ଏବଂ ସରକାରୀ ସହଯୋଗ ମାଧ୍ୟମରେ ଓଡ଼ିଶାର ସାମାଜିକ-ଆର୍ଥିକ ଅଭିବୃଦ୍ଧିକୁ ଆଗକୁ ବଢ଼ାଇବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଆଲୋଚନାରେ ଚାରୋଟି ପ୍ରମୁଖ ପ୍ରାଥମିକତା ଉପରେ ଆଲୋକପାତ କରାଯାଇଥିଲା। ଐତିହ୍ୟ ଏବଂ ପ୍ରାକୃତିକ ସମ୍ପତ୍ତିର ଉପଯୋଗ କରି ପର୍ଯ୍ୟଟନକୁ ବୃଦ୍ଧି, ମୂଲ୍ୟ ଯୁକ୍ତ ଅଭିବୃଦ୍ଧି ଏବଂ ଗ୍ରାମୀଣ ଆୟ ବୃଦ୍ଧି ପାଇଁ କୃଷିଭିତ୍ତିକ ଶିଳ୍ପକୁ ପ୍ରୋତ୍ସାହନ, ଅର୍ଥ ଏବଂ ପ୍ରଯୁକ୍ତିବିଦ୍ୟା ପ୍ରବେଶ ମାଧ୍ୟମରେ ଏମଏସଏମଇ ଗୁଡ଼ିକୁ ସମର୍ଥନ, ନିବେଶ ସୁଯୋଗ ସୃଷ୍ଟି କରିବା ଏବଂ ସନ୍ତୁଳିତ ଆଞ୍ଚଳିକ ଅଭିବୃଦ୍ଧିକୁ ଆଗେଇ ନେବା ପାଇଁ ଜିଲ୍ଲାଭିତ୍ତିକ ଶିଳ୍ପ ସମ୍ଭାବନାର ନକ୍ସା ପ୍ରସ୍ତୁତ କରିବା।

ଆଲୋଚନାରେ ସରକାର, ଶିଳ୍ପ ଏବଂ ସ୍ଥାନୀୟ ସମ୍ପ୍ରଦାୟ ମଧ୍ୟରେ ସମନ୍ୱିତ ପ୍ରୟାସର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବୈଠକରେ ସାଂସଦ, ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦ ସଦସ୍ୟ ଏବଂ ବରିଷ୍ଠ ଶିଳ୍ପ ମୁଖ୍ୟଙ୍କ ସକ୍ରିୟ ଯୋଗଦାନ ଦେଖିବାକୁ ମିଳିଥିଲା ଏବଂ ଅଧିବେଶନକୁ ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦର ଅଧ୍ୟକ୍ଷ ସୁନୀଲ ଗୁପ୍ତା ପରିଚାଳନା କରିଥିଲେ। ଓଡ଼ିଶାର ଅର୍ଥନୈତିକ ପ୍ରାଥମିକତାକୁ ତ୍ୱରାନ୍ୱିତ କରିବା ଏବଂ ଏକ ସହାୟକ ନିବେଶ ପରିବେଶକୁ ପ୍ରୋତ୍ସାହନ ପାଇଁ ନୀତି ନିର୍ଦ୍ଧାରକମାନଙ୍କ ସହିତ ଘନିଷ୍ଠ ଭାବରେ କାର୍ଯ୍ୟ କରିବାକୁ ସିଆଇଆଇ ଏହାର ପ୍ରତିବଦ୍ଧତାକୁ ପୁନଃ ଦୋହରାଇଛି।

## ପ୍ରତିରକ୍ଷା ଉତ୍ପାଦନରେ ଭାରତର ରେକର୍ଡ

# ୧.୫ ଲକ୍ଷ କୋଟିର ସାମଗ୍ରୀ ପ୍ରସ୍ତୁତ

ନୂଆଦିଲ୍ଲୀ, ୯।୮(ଏଜେନ୍ସି): ପ୍ରତିରକ୍ଷା ଉତ୍ପାଦନରେ ଭାରତ କ୍ରମାଗତ ଭାବେ ରେକର୍ଡ ସୃଷ୍ଟି କରିଚାଲିଛି। ୨୦୨୪- ୨୫ ଆର୍ଥିକ ବର୍ଷରେ ଭାରତର ଉତ୍ପାଦନ ୧, ୫୦, ୫୯୦ କୋଟି ଟଙ୍କା ରହିଛି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଶନିବାର ଏ ନେଇ ସୂଚନା ଦେଇଛନ୍ତି। ଗତ ଆର୍ଥିକ ବର୍ଷରେ ଏହା ୧.୨୭ ଲକ୍ଷ କୋଟି ଟଙ୍କା ଥିଲା। ଏବର୍ଷ ଏଥିରେ ୧୮ ପ୍ରତିଶତ ବୃଦ୍ଧି ହୋଇଛି। ୨୦୧୯-୨୦ରେ ଏହା ୭୯, ୦୭୧ କୋଟି ଟଙ୍କା ଥିଲା ଓ ଏଥର ୯୦ ପ୍ରତିଶତ ବୃଦ୍ଧି ହୋଇଛି। ସେହିପରି ପ୍ରତିରକ୍ଷା ରପ୍ତାନୀରେ ମଧ୍ୟ ଭାରତ ରେକର୍ଡ କରିଛି। ୨୦୨୪-୨୫ରେ ଏହା ରେକର୍ଡ ୨୩, ୬୨୨ କୋଟି ଟଙ୍କା ଥିଲା। କିନ୍ତୁ ଗତ ବର୍ଷ ଏହା ୨୧, ୦୮୩ କୋଟି ଟଙ୍କାରେ ପହଞ୍ଚିଛି। ଅର୍ଥାତ ଏଥିରେ ୧୨.୦୪ ପ୍ରତିଶତ ବୃଦ୍ଧି ହୋଇଛି। ପ୍ରତିରକ୍ଷା ରପ୍ତାନୀରେ ଭାରତ ସାରା ବିଶ୍ୱରେ ନୂଆ ସମ୍ଭାବନା ସୃଷ୍ଟି କରିଛି। ଏ କ୍ଷେତ୍ରରେ ଭାରତର ସ୍ଥିତି ଦିନକୁ ଦିନ ଦୃଢ ହେବାରେ ଲାଗିଛି। ଭାରତର ପ୍ରତିରକ୍ଷା ଉତ୍ପାଦନରେ ରେକର୍ଡ ବୃଦ୍ଧିକୁ ଦେଖି ଆମେରିକା ଓ ପାକିସ୍ତାନ ଭଳି ଦେଶ ଇର୍ଷାନ୍ୱିତ ହୋଇଛନ୍ତି। ଏବେ ବିଭିନ୍ନ ଦେଶ ଭାରତଠାରୁ ଅସ୍ତ୍ରଶସ୍ତ୍ର କ୍ରୟ କରୁଛନ୍ତି। ଏହା ନିଶ୍ଚିତ ଭାବେ ଭାରତ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ଡିଆରଡିଓ ତରଫରୁ କୁହାଯାଇଛି।

# ୧୩ ରେ କଟକରେ ଖୋଲିବ ଜୟଆଲୁକ୍କାସର ପ୍ରଥମ ଶୋ'ରୁମ୍

କଟକ, ୯।୮ (ସମିସ): ବିଶ୍ୱର ପ୍ରସିଦ୍ଧ ଅଳଙ୍କାର ବିକ୍ରେତା ଜୟଆଲୁକ୍କାସ୍ କଟକରେ ପ୍ରଥମ ଶୋ'ରୁମ୍ ଖୋଲିବାକୁ ଯାଉଛି। ଆସନ୍ତା ୧୩ ତାରିଖ ସନ୍ଧ୍ୟା ୫ଟାରେ ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହା ସମଗ୍ର ଅଞ୍ଚଳର କ୍ରେତାଙ୍କୁ ଆକୃଷ୍ଟ କରିବା ବୋଲି ଆଶା। ଏହି ବିଶେଷ ଅବସରରେ ଜୟଆଲୁକ୍କାସ୍ ଡାଇମଣ୍ଡ ଏବଂ ଅନ୍‌କଟ୍ ଡାଇମଣ୍ଡ ଅଳଙ୍କାର ଉପରେ ୨୫% ରିହାତି ଏବଂ ଲକ୍ଷେ ଟଙ୍କା ଓ ତାଠାରୁ ଅଧିକ ମୂଲ୍ୟର ସୁନା ଏବଂ ମୂଲ୍ୟବାନ ଷ୍ଟୋନ୍‌ର ଅଳଙ୍କାର ଉପରେ ୫ ଗ୍ରାମ ରୂପା ବିସ୍କୁଟ (ବାର) ପ୍ରଦାନ କରାଯାଉଛି। କେବଳ ସେତିକି ନୁହେଁ, ପ୍ରତ୍ୟେକ କ୍ରେତା ଅଫର ଅବଧି ମଧ୍ୟରେ ପ୍ରତି କ୍ରୟ ସହିତ ଏକ ସୁନିଶ୍ଚିତ ମାଗଣା ଉପହାର ପାଇବେ। ନୂତନ ଜୟଆଲୁକାସ୍ ଶୋ'ରୁମ ମିଲେନିୟମ୍ ସିଟିରେ ଏକ ବିଶ୍ୱସ୍ତରୀୟ ଏବଂ ବିଳାସପୂର୍ଣ୍ଣ ସପିଂ ଅଭିଜ୍ଞତା ଆଣିଛି। ବିସ୍ତୃତ ଆଭ୍ୟନ୍ତରୀଣ ସାଜସଜ୍ଜା ଏକ ସମସାମୟିକ ଲେଆଉଟ ଏବଂ ଆମର ବିଶ୍ୱସ୍ତରୀୟ ଆତିଥ୍ୟ ସହିତ କ୍ରେତାମାନେ ପାରମ୍ପରିକ ସୁନା ଏବଂ ବିବାହ ଅଳଙ୍କାରଠାରୁ ଆରମ୍ଭ କରି ଚମତ୍କାର ଡାଇମଣ୍ଡ ଏବଂ ମୂଲ୍ୟବାନ ଷ୍ଟୋନ୍ ଖଣ୍ଡ ପର୍ଯ୍ୟନ୍ତ ଚକ୍ରମିକିଆ ସଂଗ୍ରହର ଏକ ବିସ୍ତୃତ ସମ୍ଭାର ରହିଛି। ଜୟଆଲୁକ୍କାସ୍ ଗ୍ରୁପ୍‌ର ଅଧ୍ୟକ୍ଷ ଡକ୍ଟର ଜୟ ଆଲୁକ୍କାସ୍ କହିଛନ୍ତି ଯେ ପରମ୍ପରାରେ ପରିପୂର୍ଣ୍ଣ, ସୂକ୍ଷ୍ମ କାରିଗରୀର ସହର କଟକରେ ନୂଆ ଶୋ'ରୁମ ଆଣି ଆମେ ବହୁତି ଖୁସି। ସମସ୍ତଙ୍କୁ ଜୟଆଲୁକ୍କାସକୁ ଆମେ ସ୍ୱାଗତ କରୁଛୁ।

## ଖାଦ୍ୟରୁ ସାମଗ୍ରୀ, ସବୁ ମହଙ୍ଗା

# ଆମେରିକା ଭୋଗୁଛି 'ଟ୍ରମ୍ପ ଟାରିଫ୍'ର ପରିଣତି

ୱାସିଂଟନ, ୯।୮ (ଏଜେନ୍ସି): ବିଶ୍ୱରେ ଶୁଳ୍କ ଯୁଦ୍ଧ ଆରମ୍ଭ କରିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଅର୍ଥନୀତିଜ୍ଞମାନେ ଚେତାବନୀ ଦେଇଛନ୍ତି। ଟ୍ରମ୍ପ ନିଜେ ନିଜକୁ ଧ୍ୱଂସ କରୁଛନ୍ତି ବୋଲି ଆମେରିକା ଅର୍ଥଶାସ୍ତ୍ରୀ ତଥା ଜନ୍ ହପ୍‌କିନ୍ସ ୟୁନିଭର୍ସିଟିର ପ୍ରାଧ୍ୟାପକ ଷ୍ଟିଭେ ହାନ୍‌କେ କହିଛନ୍ତି। ତାଙ୍କ ମତରେ ଟ୍ରମ୍ପଙ୍କ ଶୁଳ୍କ ନିଷ୍ପତ୍ତି ସବୁଠୁ ଖରାପ ଏବଂ ଏହା ସବୁ କିଛି ଧୂଳିସାତ କରିଦେବ। ଅର୍ଥନୀତି ହିଁ ଭୁଲ୍ ହୋଇଯାଇଛି। ଟ୍ରମ୍ପ ନିଜେ ନିଜକୁ ହିଁ ଧ୍ୱଂସ କରୁଛନ୍ତି। ନିଜେ ନିଜକୁ ଧ୍ୱଂସ କରୁଥିବା ଶତ୍ରୁର କାର୍ଯ୍ୟରେ ହସ୍ତକ୍ଷେପ କରିବା ଅନୁଚିତ। ଆମେରିକା ରାଷ୍ଟ୍ରପତି ଭାରତ ଉପରେ ୫୦ ପ୍ରତିଶତ ଶୁଳ୍କ ଲଗାଇଥିବାବେଳେ ହାନ୍‌କେ ଏଭଳି ମନ୍ତବ୍ୟ ଦେଇଛନ୍ତି। ହାନ୍‌କେ ଭାରତକୁ ନେଇ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ବିଦେଶମନ୍ତ୍ରୀ ଏସ୍ ଜୟଶଙ୍କର ଶୁଳ୍କ ଉପରେ ତୀକ୍ଷଣ ଦୃଷ୍ଟି ରଖି କିଛି ସମୟ ଅପେକ୍ଷା କରିବେ। କାରଣ ଟ୍ରମ୍ପଙ୍କ ତାସର ଘର ଭୁଶୁଡ଼ି ପଡ଼ିବ। ଶୁଳ୍କ ପାଇଁ ହେଉଥିବା ଆର୍ଥିକ କମ୍ପନ ବାଲିଘର ଉପରେ ଛିଡ଼ା ହୋଇଛି। ହାନକେ କହିଛନ୍ତି ଯେ ଆମେରିକାର ବାଣିଜ୍ୟ କ୍ଷତି ବହୁତ ଅଧିକ ରହିଛି। କାରଣ ଆମେରିକୀୟଙ୍କ ବ୍ୟୟ ମୋଟ ଜାତୀୟ ଉତ୍ପାଦଠାରୁ ଅଧିକ। ଏଥିପାଇଁ ଅର୍ଥଶାସ୍ତ୍ର ସମ୍ପୂର୍ଣ୍ଣ ଭୁଲ୍ ହୋଇଯାଇଛି। ଅନ୍ୟପକ୍ଷରେ ଟ୍ରମ୍ପଙ୍କ ନୀତିର ଖରାପ ପ୍ରଭାବ ଦେଶ ଉପରେ ପଡ଼ିବା ଆରମ୍ଭ ହୋଇଯାଇଛି।

ଦେଶରେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ମୂଲ୍ୟ ବୃଦ୍ଧି ପାଉଛି। ଏଥିରେ ବିଚଳିତ ହୋଇ ଆମେରିକୀୟ ଲୋକମାନେ ସେମାନଙ୍କର କିଣାକିଣି ଅଭ୍ୟାସ ପରିବର୍ତ୍ତନ କରୁଛନ୍ତି। ସେମାନେ ଏବେ ଅର୍ଥନୀତିକୁ ନେଇ ଚିନ୍ତିତ। ଟ୍ରମ୍ପଙ୍କ ଶୁଳ୍କର ପ୍ରଭାବ ସାରା ବିଶ୍ୱରେ ଦେଖିବାକୁ ମିଳୁଛି। ଏହା ସହିତ ସେମାନଙ୍କ ନିଜ ଘର ମଧ୍ୟ ତାପ ଅନୁଭବ କରୁଛି। ରିପୋର୍ଟ ଅନୁଯାୟୀ, ଏକ ସାମ୍ପ୍ରତିକ ସର୍ଭେରୁ ଜଣାପଡିଛି ଯେ ଅଧାରୁ ଅଧିକ ଆମେରିକୀୟ ଖାଦ୍ୟ ସାମଗ୍ରୀର ମୂଲ୍ୟକୁ ନେଇ ଚିନ୍ତିତ। ୫୩% ଲୋକ କହିଛନ୍ତି ଯେ ଦୈନନ୍ଦିନ ସାମଗ୍ରୀର ମୂଲ୍ୟ ସେମାନଙ୍କର ସବୁଠାରୁ ବଡ଼ ଚିନ୍ତା। ସର୍ଭେରୁ ଜଣାପଡ଼ିଛି ଯେ ଆମେରିକୀୟ ଲୋକମାନେ ଖାଦ୍ୟ ସାମଗ୍ରୀର ଉଚ୍ଚ ମୂଲ୍ୟ ଏବଂ ଅର୍ଥନୀତିର ଅବସ୍ଥାକୁ ନେଇ ଚିନ୍ତିତ। ବିଶେଷକରି ଅଣ୍ଡା, ମାଂସ, କମଳା ରସ ଏବଂ ଅନ୍ୟାନ୍ୟ ଜିନିଷର ମୂଲ୍ୟ ବହୁତ ବୃଦ୍ଧି ପାଇଛି। ଟ୍ରମ୍ପଙ୍କ ଶୁଳ୍କ ଯୋଗୁଁ ବିଦେଶରୁ ଆସୁଥିବା ଫଳ, କ୍ୟାନ ସାମଗ୍ରୀ, କଫି ଏବଂ ଅନ୍ୟାନ୍ୟ ଜିନିଷର ମୂଲ୍ୟ ବୃଦ୍ଧି ପାଉଛି। ଲୋକେ ବାହାରେ ଖାଇବାପିଇବା ମଧ୍ୟ ବନ୍ଦ କରିଦେଇଛନ୍ତି।

# ପରିଚୟ ଦେଇଛି ଫୁଲକରୀ

ଆଧୁନିକତାର ଯୁଗରେ ଲୋକେ ଏବେ ହାତ ତିଆରି ଜିନିଷ ପିନ୍ଧିବାକୁ ପସନ୍ଦ କରୁଛନ୍ତି । ବିଶେଷ କରି ଫୁଲକରୀ ଡିଜାଇନ ପ୍ରତି ମହିଳାଙ୍କର ସଉକ୍ ରହିଥାଏ । ଏହା ପଞ୍ଜାବର ଏକ ପାରମ୍ପରିକ ଏମ୍ବ୍ରୋଡରୀ କଳା । ଅବଶ୍ୟ ମେସିନ୍ ନିର୍ମିତ ପୋଷାକ ପରିଧାନ ହେତୁ, ଫୁଲକରୀ ଧୀରେ ଧୀରେ ଲୁପ୍ତ ହେବାକୁ ବସିଲାଣି ; କିନ୍ତୁ ଏହି କଳାକୁ ଜୀବନ୍ତ ରଖି, ଭଳିକି ଭଳି ଫୁଲକରୀ ସୁଟ୍ , ଟପ୍ସ, ଜ୍ୟାକେଟ୍, ଓଢ଼ଣୀ ପ୍ରସ୍ତୁତ କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି, ପଞ୍ଜାବ ପଟିଆଲାର ଲାଜବନ୍ତୀ ଛାବଡ଼ା । ଏହାଦ୍ୱାରା ସେ ଫୁଲକରୀ କଳାକୁ ଦେଶ ବିଦେଶରେ ପ୍ରଚାର ପ୍ରସାର, କରିବା ସହ ଗାଁ ମହିଳାଙ୍କୁ ସଶକ୍ତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି ।



୬୫ ବର୍ଷୀୟା ଲାଜବନ୍ତୀ ଫୁଲକରୀ କଳାକାର ଭାବେ ପ୍ରସିଦ୍ଧି ଲାଭ କରିଛନ୍ତି । ସେ ନିଜର କାରୁକାର୍ଯ୍ୟ ମାଧ୍ୟମରେ ଫୁଲକରୀକୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଛନ୍ତି । ମାତ୍ର ଛଅବର୍ଷ ବୟସରେ ସେ ଫୁଲକରୀ ଏମ୍ବ୍ରୋଡୋରୀ ଆରମ୍ଭ କରିଥିଲେ । ୧୯୪୭ ମସିହା ବିଭାଜନ ସମୟରେ ଲାଜବନ୍ତୀଙ୍କ ପରିବାର ପାକିସ୍ତାନ ମୁଲତାନରୁ ଭାରତ ଆସିଥିଲେ। ସେବେଠୁ ଏହି ପାରମ୍ପରିକ ଫୁଲକରୀ କଳା ତାଙ୍କ ପରିବାରରେ ରହିଥିଲା । ଘରେ ସେ ଜେଜେ ମାଆଙ୍କୁ ଏହି କାର୍ଯ୍ୟ କରିବାର ଦେଖିଥିଲେ । ଧୀରେ ଧୀରେ ଏହି କଳା ଶିଖିଥିଲେ । ଏଥିପାଇଁ ସେ କୌଣସି ସ୍ଥାନରୁ ପ୍ରଶିକ୍ଷଣ ନେଇ ନଥିଲେ । ପ୍ରଥମେ ପରିବାରରେ ଏହାକୁ ସଉକ୍ ଭାବେ ତିଆରି କରୁଥିଲେ, କିନ୍ତୁ ପରବର୍ତ୍ତୀ ସମୟରେ ଏହା ତାଙ୍କ ଜୀବିକା ପାଲଟିଥିଲା ।

ଫୁଲ୍କରୀ ପଞ୍ଜାବର ଏକ ପ୍ରସିଦ୍ଧ ପାରମ୍ପରିକ ଏମ୍ବ୍ରୋଡୋରୀ କଳା । ଏହା ଦୁଇଟି ଶବ୍ଦରୁ ତିଆରି ହୋଇଛି । 'ଫୁଲ' ଏବଂ 'କରୀ' । ଏହାର ଅର୍ଥ 'ଫୁଲର କାର୍ଯ୍ୟ' । ଏଥିରେ ସୂତା କପଡ଼ାରେ ରଙ୍ଗିନ୍ ସୂତାକୁ ବ୍ୟବହାର କରି ଭଳିକି ଭଳି ଫୁଲ, ପତ୍ର, ସହ ଅନ୍ୟାନ୍ୟ ଆକର୍ଷଣୀୟ ଚିତ୍ର ଏମ୍ବ୍ରୋଡୋରୀ କରାଯାଇଥାଏ । ଏହି କଳା ପଞ୍ଜାବ ସାଂସ୍କୃତିକ ଐତିହ୍ୟର ପ୍ରତୀକ ଭାବେ ଜଣାଯାଏ । ପଞ୍ଜାବରେ ବିବାହରେ ଏହାକୁ ଉପହାର ସ୍ୱରୂପ ଝିଅକୁ ଦିଆଯାଏ ।



ସେ ଫୁଲ୍କରୀରୁ ଭଳିକି ଭଳି ସୁଟ୍, ଶାଢ଼ି, ଓଢ଼ଣୀ ଆଦି ତିଆରି କରନ୍ତି । ଏହାକୁ ବିଭିନ୍ନ ହସ୍ତତନ୍ତ ପ୍ରଦର୍ଶନୀରେ ବିକ୍ରି କରିଥାନ୍ତି । ଏଥିସହ ଅନଲାଇନ ମାଧ୍ୟମରେ ମଧ୍ୟ ସେ ନିଜର ବ୍ୟବସାୟ ଜାରି ରଖିଛନ୍ତି । ତାଙ୍କ କହିବାନୁଯାୟୀ, ମହିଳାମାନେ ଫୁଲକରୀ ନିର୍ମିତ ସୁଟ୍ ଶାଢ଼ି ଆଦି ପିନ୍ଧିବାକୁ ସେତେ ପସନ୍ଦ କରନ୍ତିନି । କିନ୍ତୁ ଏଥିରୁ ନିର୍ମିତ ସାର୍ଟ, ଟପ୍ସ, କୁର୍ତ୍ତୀ ପିନ୍ଧିବାକୁ ପସନ୍ଦ କରନ୍ତି । ତେଣୁ ସେ ଫୁଲକରୀରୁ ଭଳିକି ଭଳି ଡିଜାଇନର ପୋଷାକ ତିଆରି କରନ୍ତି । ପ୍ରଥମେ କେବଳ ରେଶମ ସୂତାରେ ଏହି ଫୁଲକରୀ କଳାକୃତି ହେଉଥିଲା, କିନ୍ତୁ ସମୟ ଅନୁସାରେ ଏଥିରେ ପରିବର୍ତ୍ତନ ଦେଖାଯାଇଛି । ଏହି କଳାକୃତି ଦ୍ୱାରା ସେ ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟ ମହିଳାଙ୍କୁ ତାଲିମ୍ ପ୍ରଦାନ କରୁଛନ୍ତି । ଏହାଦ୍ୱାରା ଗାଁର ମହିଳାମାନେ ରୋଜଗାରକ୍ଷମ ହେବା ସହ ସେମାନଙ୍କ ପରିବାର ପ୍ରତିପୋଷଣ କରୁଛନ୍ତି । ବିଦେଶୀ ମହିଳାମାନେ ମଧ୍ୟ ଏହି କଳାକୁ ପସନ୍ଦ କରୁଛନ୍ତି, ବୋଲି ଲାଜବନ୍ତୀ କୁହନ୍ତି । ସେହିପରି ବଲିଉଡ ଅଭିନେତ୍ରୀଙ୍କ ମଧ୍ୟରେ ଏହି ଫୁଲକରୀର ଚାହିଦା ରହିଛି । ଫୁଲକରୀ ଭାରତୀୟ ହସ୍ତତନ୍ତରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ଯୋଗୁ ୨୦୨୧ ମସିହାରେ ସେ ଭାରତ ସରକାରଙ୍କ ଦ୍ୱାରା ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ହୋଇଛନ୍ତି ।

# ବିନା ଫାଉଣ୍ଡେସନ୍‌ରେ ଚମକିବ ଚେହେରା



ମହିଳାମାନେ ସୁନ୍ଦର ଦେଖାଯିବା ପାଇଁ ଚାହାନ୍ତି । ଏଥିପାଇଁ ଫାଉଣ୍ଡେସନ, ସିରମ, ଆଦି ମେକ୍ଅପ୍ ପ୍ରସାଧନ ଲଗାଇଥାନ୍ତି । କିନ୍ତୁ ଅନେକ ସମୟରେ ବାହାରକୁ ଯିବାବେଳେ ଫାଉଣ୍ଡେସନ୍ ସରିଯାଏ । ଏପରିସ୍ଥଳେ, ଘରେ ଥିବା ଜିନିଷକୁ ଲଗାଇ ଏକ ଚମକଯୁକ୍ତ ଚେହେରା ପାଇପାରିବେ ।

- ମେକ୍ଅପ୍ ପୂର୍ବରୁ ତ୍ୱଚାକୁ ପରିଷ୍କାର କରି ଧୁଅନ୍ତୁ । ପରେ ଏକ ଟୋନର୍ କିମ୍ବା ଗୋଲାପଜଳ ଲଗାଇ ତ୍ୱଚାର ପିଏର୍ ସେଟ୍ କରନ୍ତୁ । ଏହାପରେ ଏକ ହାଲୁକା ମଏଶ୍ଚରାଇଜର୍ ଲଗାଇ ମୁହଁକୁ କୋମଳ କରନ୍ତୁ ।
- ଫାଉଣ୍ଡେସନ ଆବଶ୍ୟକତା ପୁରା କରିବା ପାଇଁ ତ୍ୱଚା ଅନୁଯାୟୀ, ଅଳ୍ପ କନସିଲର୍, ବିବି, ସିସି କ୍ରିମ୍ ଲଗାଇପାରିବେ । ଏହା ନଥିଲେ ଏକ କମ୍ପାକ୍ଟ ପାଉଡର୍‌ରେ ଅଳ୍ପ ମଏଶ୍ଚରାଇଜର୍ ମିଶାଇ ଏକ କ୍ରିମ୍ ପ୍ରସ୍ତୁତ କରନ୍ତୁ । ଏହାକୁ ତ୍ୱଚାରେ ଫାଉଣ୍ଡେସନ୍ ଭଳି ଲଗାନ୍ତୁ । ଏହି ଉପାୟ ମୁହଁରେ ଏକ ଉଜ୍ଜ୍ୱଳତା ଆଣିଥାଏ ।
- ଏଥିସହ ଚାହିଁଲେ, ଲିକୁଇଡ୍ ହାଇଲାଇଟର୍ କିମ୍ବା ଆଲୋଭେରା ଜେଲ୍‌ରେ ସାମାନ୍ୟ ହଳଦୀ ପକାଇ ଏହାକୁ ତ୍ୱଚାରେ ଲଗାଇପାରିବେ, ଏହାଦ୍ୱାରା ତ୍ୱଚାରେ ଏକ ପ୍ରାକୃତିକ ଚମକ ଆସିଥାଏ ।
- ସେହିପରି ଉଜ୍ଜ୍ୱଳ ତ୍ୱଚା ପାଇଁ ବ୍ଲଶ୍ ବ୍ୟବହାର କରିପାରିବେ । ବ୍ଲଶ୍ ନଥିଲେ, ଲିପ୍ଷ୍ଟିକ୍‌କୁ ହାଲୁକା ଗାଲରେ ଲଗାଇ ଏହାକୁ ବ୍ଲେଣ୍ଡ କରନ୍ତୁ । ଏହା ତ୍ୱଚାକୁ ଏକ ଫ୍ରେଶ୍ ଲୁକ୍ ଦେଇଥାଏ ।

ମୋ ହାଣ୍ଡିଶାଳରୁ...

# ପଣସମଞ୍ଜି ତରକାରି

### ଆବଶ୍ୟକ ସାମଗ୍ରୀ

ପଣସମଞ୍ଜି- ୨୦୦ ଗ୍ରାମ, ବେସନ – ଅଧା କପ୍, କାଜୁ-ପାଞ୍ଚ, ଛଅଟି, ରସୁଣ ବୁଦା - ଗୋଟିଏ, ଅଦା – ଖଣ୍ଡେ, କଟା ଟମାଟୋ- ଅଧା କପ୍, କଟା ପିଆଜ – ଏକ କପ୍, ତେଜପତ୍ର– ଦୁଇଟି, କଞ୍ଚାଲଙ୍କା – ଦୁଇଟି, ରାଶି – ଏକ ଚାମଚ, ଜିରା – ଅଧା ଚାମଚ, ଗରମ ମସଲା– ଏକ ଚାମଚ, ହଳଦୀଗୁଣ୍ଡ –ଅଧା ଚାମଚ, କସୁରୀ ମେଥି –ଅଳ୍ପ, ଦନିଆ ପତ୍ର – ଅଳ୍ପ, ଗୋଟା ଗରମ ମସଲା – ଅଳ୍ପ, ଲୁଣ – ସ୍ୱାଦାନୁସାରେ, ତେଲ – ଆବଶ୍ୟକତା ଅନୁସାରେ ।



### ପ୍ରସ୍ତୁତି ପ୍ରଣାଳି

ପ୍ରଥମେ ପଣସ ମଞ୍ଜିରୁ ଚୋପା ଚଢ଼ାଇ ଧୋଇ ରଖନ୍ତୁ । ଏହାକୁ ଏକ ଜାର୍‌ରେ ଦେଇ ସେଥିରେ ବେସନ, କାଜୁ, ରସୁଣ, ଅଦା, କଞ୍ଚାଲଙ୍କା, କସୁରୀମେଥି, ଗରମମସଲା, ଲୁଣ ଓ ଅଳ୍ପ ପାଣି ଦେଇ ଗ୍ରାଇଣ୍ଡିଂ କରି ଦିଅନ୍ତୁ । ଏହାପରେ ଗ୍ୟାସ୍ ଲଗାଇ କଡ଼େଇ ବସାନ୍ତୁ । କଡ଼େଇ ଗରମ ହୋଇଯିବା ପରେ ସେଥିରେ ପଣସମଞ୍ଜି ବଟାକୁ ଦେଇ ଅଳ୍ପ ସମୟ ଜନ୍ତନ୍ତୁ । ବହଳିଆ ହୋଇଗଲେ ଗ୍ୟାସ୍ ବନ୍ଦ କରି ଏହାକୁ ଥାଳିରେ କାଢ଼ିଦିଅନ୍ତୁ । ଥଣ୍ଡା ହୋଇଗଲେ ଛୋଟ, ଛୋଟ ଖଣ୍ଡରେ ଏହାକୁ କାଟନ୍ତୁ । ଆଉ ଗୋଟେ କଡ଼େଇରେ ତେଲ ଦେଇ କାଟି ରଖିଥିବା ପଣସମଞ୍ଜି ବଟାକୁ ପକାଇ ଛାଣନ୍ତୁ । ଏହାପରେ ଏକ ପ୍ୟାନରେ ଅଳ୍ପ ତେଲ ଦେଇ ସେଥିରେ ଜୀରା, ତେଜପତ୍ର, ଲବଙ୍ଗ ପିଆଜ ପକାଇ ଭାଜନ୍ତୁ । ଏହାପରେ ଟମାଟୋ, ଅଦା ରସୁଣ ପେଷ୍ଟ ଦେଇ କଷନ୍ତୁ । ଏଥିରେ ହଳଦୀଗୁଣ୍ଡ, ଲଙ୍କାଗୁଣ୍ଡ, ଧନିଆ ଗୁଣ୍ଡ, ଜୀରା ଗୁଣ୍ଡ ଦେଇ ପିଠାଖଡ଼ିକାରେ ଗୋଳାଇ ଦିଅନ୍ତୁ । ଏହାପରେ ଛାଣି ରଖିଥିବା ପଣସମଞ୍ଜିକୁ ଦେଇ ମସଲାରେ ମିଶାନ୍ତୁ । ପରେ ଏଥିରେ ଅଳ୍ପ ପାଣି ଦେଇ ପାଞ୍ଚମିନିଟ୍ ଫୁଟାନ୍ତୁ । ଫୁଟିଗଲା ପରେ ଗରମ ମସଲା, ଧନିଆ ପତ୍ର ପକାଇ ପରଷନ୍ତୁ 'ପଣସ ମଞ୍ଜି ତରକାରି' ।

# ବାଥ୍ରୁମ୍ ପାଇଁ ଡିଜାଇନର୍ ମିରର୍



ସାଧାରଣତଃ ଘର ସଜାଇବାକୁ ସମସ୍ତେ ଚାହାନ୍ତି । ଏଥିପାଇଁ ଲୋକେ ବିଭିନ୍ନ ଇଣ୍ଟେରିୟର ଡିଜାଇନ୍ କରିଥାନ୍ତି । ଘର ପରି ବାଥ୍ରୁମ୍ ସାଜସଜ୍ଜା ପ୍ରତି ଧ୍ୟାନ ଦେବା ଆବଶ୍ୟକ । ବାଥ୍ରୁମ୍‌ର ସୌନ୍ଦର୍ଯ୍ୟ ବୃଦ୍ଧି କରି ଆକର୍ଷଣୀୟ କରିବାକୁ ଚାହୁଁଥିଲେ, ବଜାରରେ ମିଳୁଥିବା ଡିଜାଇନର୍ ମିରର୍ ଲଗାଇପାରିବେ ।

### ବ୍ରାସ ମିରର୍

ବାଥ୍ରୁମ୍‌କୁ ରାଜକୀୟ ଲୁକ୍ ଦେବାକୁ ଚାହୁଁଥିଲେ, ବ୍ରାସ ମିରର୍ ଲଗାଇପାରିବେ । ଏହା ବାଥ୍ରୁମ୍‌କୁ ଗୋଲ୍ଡ ରୟାଲ୍ ଲୁକ୍ ଦେଇଥାଏ । ଏଥିସହ ଗାଢ଼ ରଙ୍ଗ ଟାଇଲ କିମ୍ବା ୱାଲ୍‌ପେପର୍ ମଧ୍ୟ ଲଗାଇପାରିବେ । ଏହା ବାଥ୍ରୁମ୍‌କୁ ସୁନ୍ଦର କରିଥାଏ ।

### ଛାଡ଼ନ୍ତୁ ଆକାରର ଚିନ୍ତା

ବାଥ୍ରୁମ୍ ଡିଜାଇନ୍‌କୁ ଭିନ୍ନ କରିବାକୁ ଚାହୁଁଥିଲେ, ଏହାକୁ କାନ୍‌ଭାସ ଷ୍ଟାଇଲ୍‌ରେ ସଜାନ୍ତୁ । ଏଥିରେ ଦୁଇ କିମ୍ବା ଅଧିକ ମିରର ବ୍ୟବହାର କରିପାରିବେ । ବାଥ୍ରୁମ୍ ଆକାର ଅନୁସାରେ ମିରର୍ ଚୟନ କରନ୍ତୁ । ଏଥିସହ ଚାହିଁଲେ, ବଲ୍‌ବ ଲଗାଇପାରିବେ ।

### ଭିନ୍‌ଟେଜ୍ ଲୁକ୍

ବାଥ୍ରୁମ୍‌କୁ ଅଧିକ ଆକର୍ଷଣୀୟ କରିବାକୁ ଚାହୁଁଥିଲେ, ଭିନ୍‌ଟେଜ୍ ମିରର ବ୍ୟବହାର କରିପାରିବେ । ବାଥ୍ରୁମ୍ ଟାଇଲ୍ସ ଗାଢ଼ ହେଉ କିମ୍ବା ଫିକା ଏହା ସବୁଥିରେ ସୁନ୍ଦର ଦିଶିଥାଏ । ବାଥ୍ରୁମ୍ ଆକାର ଅନୁସାରେ ମିରର୍ ଲଗାଇବା ଆବଶ୍ୟକ । ଅବଶ୍ୟ ବଡ଼ ମିରର ବାଥରୁମକୁ ସୁନ୍ଦର କରିଥାଏ ।

### ମଲ୍‌ଟିପଲ୍ ମିରର୍

ବାଥରୁମ୍ ଛୋଟ ଥିଲେ ଏହାକୁ ବଡ଼ ଆକାର ଦେବାପାଇଁ, ମଲ୍‌ଟିପୁଲ୍ ମିରର୍ ପାଟର୍ଣ୍ଣ ବ୍ୟବହାର କରିପାରିବେ । ଏଥିରେ ଏକା ସହିତ ଦୁଇ ବା ତାଠୁ ଅଧିକ ମିରର ଲଗାଯାଇଥାଏ । ଏଥିପାଇଁ ଛୋଟ ବାଥ୍ରୁମ୍ ବଡ଼ ଦେଖାଯାଏ । ଏହା ଷ୍ଟାଇଲିଶ୍ ସାଙ୍ଗକୁ ଏକ ମଡର୍ଣ୍ଣ ଲୁକ୍ ଦେଇଥାଏ ।

# ବୟସ ଅନୁସାରେ ଲଗାନ୍ତୁ ସନ୍‌ସ୍କ୍ରିନ୍


ତ୍ୱଚା ପାଇଁ ସନ୍‌ସ୍କ୍ରିନ୍ ବେଶ ଜରୁରୀ ହୋଇଥାଏ । ଏହାକୁ ସଭିଏଁ, ଘରେ ଓ ବାହାରକୁ ଯିବା ସମୟରେ ଲଗାଇଥାନ୍ତି । ସାଧାରଣତଃ ତେଲିଆ, ଶୁଷ୍କ, ତ୍ୱଚା ଅନୁସାରେ ମହିଳାମାନେ ଏହାକୁ ଲଗାଇଥାନ୍ତି । କିନ୍ତୁ ଏହା ତ୍ୱଚା ପାଇଁ ଯଥେଷ୍ଟ ହୋଇ ନଥାଏ । ବୟସ ବଢ଼ିବା ସହ ତ୍ୱଚାରେ ନାନା ପରିବର୍ତ୍ତନ ଦିଶିଥାଏ, ତେଣୁ ବୟସ ଅନୁସାରେ ସନ୍‌ସ୍କ୍ରିନ୍ ଲଗାଇବା ଆବଶ୍ୟକ ।

### ୧୩ ରୁ ୧୯ ବର୍ଷ

ସାଧାରଣତଃ କିଶୋରବସ୍ଥାରେ ପିଲାଙ୍କଠାରେ ହରମୋନ୍ ପରିବର୍ତ୍ତନ ହୋଇଥାଏ । ଏପରିସ୍ଥଳେ ତ୍ୱଚାର ଯତ୍ନ ପାଇଁ ଜେଲ୍ କିମ୍ବା ୱାଟର୍ ବେସ୍‌ଡ ସନ୍‌ସ୍କ୍ରିନ୍ ଲଗାଇବା ଆବଶ୍ୟକ । ବାହାରକୁ ଯିବାର ୨୦ ମିନିଟ୍ ପୂର୍ବରୁ ଏହାକୁ ଲଗାଇପାରିବେ । ଧ୍ୟାନ ରଖିବେ ସର୍ବଦା ଫେସ୍‌ୱାସ୍ ପରେ ସନ୍‌ସ୍କ୍ରିନ୍ ଲଗାଇବା ଆବଶ୍ୟକ ।

### ୨୦ ରୁ ୩୦ ବର୍ଷ

ଏହି ସମୟରେ ତ୍ୱଚାରେ ପିଗ୍‌ମେଣ୍ଟସନ୍, ଟ୍ୟାନିଂ, ଚର୍ମ କୁଞ୍ଚନ, ଆଦି ସମସ୍ୟା ରହିଥାଏ । ଏଥିପାଇଁ ହାଇଡ୍ରେଟିଂ ସନ୍‌ସ୍କ୍ରିନ୍ ଲଗାଇପାରିବେ । ଏଥିରେ ଏସ୍‌ପିଏଫ୍ ୫୦ ଥିବା ଆବଶ୍ୟକ । ଏଥିସହ ସହ ଚାହିଁଲେ, କ୍ରିମ୍ କିମ୍ବା ଜେଲ୍ ସନ୍‌ସ୍କ୍ରିନ୍ ଲଗାଇପାରିବେ । ଏହାକୁ ଆଖି ତଳେ ଲଗାଇବା ଆବଶ୍ୟକ । ସେହିପରି ଏହାକୁ ଭିଟାମିନ୍ ସି ସିରମ ସହ ଲଗାଇଲେ ଦ୍ୱିଗୁଣା ଲାଭ ମିଳିଥାଏ ।



### ୪୦-୫୦ ବର୍ଷ

ଏହି ସମୟରେ ତ୍ୱଚାର ଇଲାଷ୍ଟିସିଟି କମିଯାଏ । କଳାଦାଗ ଆଦି ସମସ୍ୟା ବଢ଼ିଥାଏ । ତେଣୁ ଏହି ବୟସରେ ଆଣ୍ଟି ଏଜିଙ୍ଗ ଗୁଣଥିବା ମଏଶ୍ଚରାଇଜିଙ୍ଗ୍ ସନ୍‌ସ୍କ୍ରିନ୍ ଲଗାଇ ଭଲ ।

# ପାଦକୁ ସୁନ୍ଦର ସରୁ ପାଉଁଞ୍ଜି

ବ୍ୟସ୍ତବହୁଳ ଜୀବନ ମଧ୍ୟରେ ମହିଳାମାନେ ସାଧା ଓ ଆକର୍ଷଣୀୟ ଅଳଙ୍କାର ପିନ୍ଧିବାକୁ ପସନ୍ଦ କରୁଛନ୍ତି । ଏହାକୁ ଧ୍ୟାନ ଦେଇ ଏବେ ବଜାରରେ ମିନିମାଲିଷ୍ଟ ଡିଜାଇନର ପାଉଁଞ୍ଜି ଓ ଆଙ୍କ୍‌ଲେଟ୍ ମିଳୁଛି । ଏହା ଦେଖିବାକୁ ସିମ୍ପଲ ଓ ଆକର୍ଷଣୀୟ ହୋଇଥାଏ । କେବଳ ସେତିକି ନୁହେଁ, ଏହା ଫେଶନ ଷ୍ଟେଟ୍‌ମେଣ୍ଟ ହେବା ସହ ପିନ୍ଧିବାକୁ ଆରାମଦାୟକ ଲାଗିଥାଏ । ଏଥି ସହ ଏହା ବିଭିନ୍ନ ଆଉଟ୍‌ଫିଟ୍‌କୁ ମାନିଥାଏ ।



### ସାଧା ଚେନ୍

ସାଧା ସହ ପାଦକୁ ଏକ କ୍ଲାସି ଲୁକ୍ ଦେବାକୁ ଚାହୁଁଥିଲେ, ପତଳା ଚେନ୍ ପାଉଞ୍ଜି ପିନ୍ଧିପାରିବେ । ଏହାକୁ ଅଫିସ୍, ସ୍କୁଲ୍, ଯିବା ସହ ନିତିପିନ୍ଧା ମଧ୍ୟ କରିପାରିବେ । ଏହା ପାଦକୁ ସୁନ୍ଦର କରିଥାଏ ।

### ବିଡସ୍

ଷ୍ଟାଇଲିସ ସହ ରଙ୍ଗିନ ମାଳି ଚାହୁଁଥିଲେ, ବିଡ୍‌ସ ପାଉଞ୍ଜି କିଣିପାରିବେ । ଏଥିରେ ଚେନ୍ ସାଙ୍ଗକୁ ଛୋଟ ମାଳି ରହିଥାଏ । ଏହା ସିମ୍ପୁଲ ସହ ଅଧିକ ଷ୍ଟାଇଲିଶ୍ ଲାଗିଥାଏ । ଏଥିନିକ୍‌ରୁ ନେଇ ୱେଷ୍ଟର୍ଣ୍ଣ ଏହା ସବୁ ଆଉଟ୍‌ଫିଟ୍‌କୁ ମାନିଥାଏ ।

### ଡବଲ୍ ଲେୟାର୍ଡ

ଏହି ପାଉଞ୍ଜି ଦେଖିବାକୁ ଖୁବ୍ ସୁନ୍ଦର ହୋଇଥାଏ । ଏଥିରେ ଦୁଇଟି ପତଳା ଚେନ୍ ଲାଗିଥାଏ । ଏହା ଚାଲିବା ସମୟରେ ପାଦରେ ଝୁଲି ରହିଥାଏ । ଏହା ପାଦ ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଥାଏ । ପୂଜା ପର୍ବରେ ଏ ପ୍ରକାର ପାଉଞ୍ଜି ପିନ୍ଧିଲେ ଏହା ଖୁବ୍ ସୁନ୍ଦର ଦେଖାଯାଏ ।

■ ଭାରତରେ ଡୋପ୍ ଟେଷ୍ଟ

## ୨୦୨୪ରେ ଧରାପଡ଼ିଛନ୍ତି ୨୬୦

ନୂଆଦିଲ୍ଲୀ, ୯।୮ (ଏଜେନ୍ସି): ଭାରତରେ ଅନୁବନ୍ଧିତ ଡ୍ରଗ୍ସ ସେବନକାରୀ ଆଥ୍ଲେଟଙ୍କ ସଂଖ୍ୟା ବୃଦ୍ଧି ପାଇଛି। ଏହା ମଧ୍ୟରେ ୨୦୨୪ରେ ନ୍ୟାସନାଲ ଆଣ୍ଟି ଡୋପିଙ୍ଗ ଏଜେନ୍ସି (ନାଡା) ଦ୍ୱାରା କରାଯାଇଥିବା ୭,୪୬୬ଟି ଡୋପ୍ ଟେଷ୍ଟରୁ ୨୬୦ଟି କେସ ପଜିଟିଭ୍ ହୋଇଛନ୍ତି। ଭାରତରେ ଅନୁଷ୍ଠିତ ଡୋପ୍ ଟେଷ୍ଟରେ ଏହା ସର୍ବାଧିକ କେସ୍। ୨୦୧୯ରେ ଏହି ସଂଖ୍ୟା ୨୨୪ ଥିଲା। ଏ ସମ୍ପର୍କରେ କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟସଭାରେ ଦିଆଯାଇଥିବା ତଥ୍ୟରୁ ଏହା ଜଣାଯାଇଛି। ଏ ସମ୍ପର୍କରେ କ୍ରୀଡ଼ା ବିଭାଗ ଅବଗତ ଅଛନ୍ତି ଓ କ୍ରୀଡ଼ାବିତ୍‌ଙ୍କୁ ଡ୍ରଗ୍ସମୁକ୍ତ କରିବାକୁ ବଦ୍ଧ ପରିକର ଅଛନ୍ତି ବୋଲି କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ କହିଛନ୍ତି।

■ ଜାତୀୟ ଜୁନିଅର ମହିଳା ହକି

## ପୁଣି ଓଡ଼ିଶାକୁ କ୍ୱାର୍ଟର ଝଟ୍‌କା

ଭୁବନେଶ୍ୱର, ୯।୮ (ସମିସ): ଆନ୍ଧ୍ର ପ୍ରଦେଶରେ ଚାଲିଥିବା ଜାତୀୟ ଜୁନିଅର ମହିଳା ହକି (ଡିଭିଜନ-ଏ)ରେ ଓଡ଼ିଶା ଦଳ କ୍ୱାର୍ଟରରେ ନିରାଶ କରିଛି। ଶନିବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ଓଡ଼ିଶା ମହିଳା ଦଳ ୧-୪ ଗୋଲରେ ହରିୟାଣା ନିକଟରୁ ହାରି ଅଭିଯାନ ଶେଷ କରିଛି। ଓଡ଼ିଶା ପକ୍ଷରୁ ଅମିଶା ଏକ୍କା ୪୭ତମ ମିନିଟ୍‌ରେ ଏକମାତ୍ର ଗୋଲଟି ଦେଇଥିଲେ। ଅନ୍ୟ ୩ଟି କ୍ୱାର୍ଟର ଫାଇନାଲରେ ଝାଡ଼ଖଣ୍ଡ, ଚଣ୍ଡିଗଡ଼ ଓ ଉତ୍ତର ପ୍ରଦେଶ ବିଜୟୀ ହୋଇ ସେମିଫାଇନାଲକୁ ଉଠିଛନ୍ତି। ଉଲ୍ଲେଖଯୋଗ୍ୟ, ଏଥିପୂର୍ବରୁ ନିକଟରେ ତାମିଲନାଡୁରେ ଶେଷ ହୋଇଥିବା ୧୫ତମ ଜାତୀୟ ସବ୍‌ଜୁନିଅର ବାଳକ ହକିରେ ମଧ୍ୟ ଓଡ଼ିଶା କ୍ୱାର୍ଟରଫାଇନାଲରେ ହାରି ଅଟକି ଯାଇଥିଲା।

■ ଭାରତ-ଏ' ବିପକ୍ଷ ଟି-୨୦ ସିରିଜ୍

## ଅଷ୍ଟ୍ରେଲିଆ ଆଗୁଆ ବିଜୟୀ

ମ୍ୟାକୟ, ୯।୮ (ଏଜେନ୍ସି): ଅନ୍ତର୍ଜାତୀୟ ତାରକା ଅଲିଶା ହିଲି (୪୪ ବଲରେ ୭୦ ରନ୍)ଙ୍କ ଅର୍ଦ୍ଧଶତକ ଓ କିମ୍ ଗାର୍ଥ (୭ ରନ୍‌ରେ ୪ ୱିକେଟ୍)ଙ୍କ ଘାତକ ବୋଲିଂ ବଳରେ ଏଠାରେ ଶନିବାର ଅନୁଷ୍ଠିତ ଦ୍ୱିତୀୟ ଅନ୍‌ଅଫିସିଆଲ ମହିଳା ଟି-୨୦ରେ ଅଷ୍ଟ୍ରେଲିଆ-ଏ ୧୧୪ ରନ୍‌ର ବିଶାଳ ବ୍ୟବଧାନରେ ଭାରତ-ଏ'କୁ ପରାସ୍ତ କରିଛି। ଏହା ଫଳରେ ଦୁଇ ଦେଶ ମଧ୍ୟରେ ଚାଲିଥିବା ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ରେ ଆଉ ଗୋଟିଏ ମ୍ୟାଚ୍ ବାକିଥାଇ ଅଷ୍ଟ୍ରେଲିଆ ଆଗୁଆ ଜିତିନେଇଛି। ସିରିଜ୍‌ର ପ୍ରଥମ ମ୍ୟାଚ୍‌କୁ ଅଷ୍ଟ୍ରେଲିଆ-ଏ' ୧୩ ରନ୍‌ରେ ଜିତିଥିଲା। ସିରିଜ୍‌ର ତୃତୀୟ ତଥା ଶେଷ ମ୍ୟାଚ୍ ଆସନ୍ତାକାଲି ରବିବାର ଖେଳାଯିବ। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ-ଏ' ୪ ୱିକେଟରେ ୧୮୭ ରନ୍‌ର ବଡ଼ ସ୍କୋର କରିଥିଲା। ଜବାବରେ ଭାରତ-ଏ ୧୫.୧ ଓଭରରେ ମାତ୍ର ୭୩ ରନ୍ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ କେବଳ ଦୁଇଜଣ ବ୍ରିନ୍ଦା ଦିନେଶ ୨୧ ଓ ମିନୁ ମାନି ୨୦ ରନ୍ କରି ଦୁଇ ଅଙ୍କରେ ପହଞ୍ଚିଥିଲେ। ଅଧିନାୟିକା ରାଧା ଯାଦବଙ୍କୁ ପ୍ରତିପକ୍ଷ ଇନିଂସରେ ୨ଟି ୱିକେଟ ମିଳିଥିଲା।

## ପ୍ରଥମ ଦିନିକିଆରେ ପାକିସ୍ତାନ ବିଜୟୀ

ତାରୋବା, ୯।୮ (ଏଜେନ୍ସି): ଅଧିନାୟକ ମହମ୍ମଦ୍ ରିଜୱାନ୍ ଓ ହାସନ ନୱାଜ୍‌ଙ୍କ ଅର୍ଦ୍ଧଶତକ ବଳରେ ଏଠାରେ ଶୁକ୍ରବାର ରାତିରେ ଅନୁଷ୍ଠିତ ପ୍ରଥମ ଦିନିକିଆ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ପାକିସ୍ତାନ ଘରୋଇ




ୱେଷ୍ଟଇଣ୍ଡିଜ୍‌କୁ ୫ ୱିକେଟରେ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ୱେଷ୍ଟଇଣ୍ଡିଜ୍ ୪୯ ଓଭରରେ ୨୮୦ ରନ୍ କରି ଅଲଆଉଟ ହୋଇଥିଲା। ଦଳ ପକ୍ଷରୁ ଏଭିନ ଲୁଇସ୍ ସର୍ବାଧିକ ୬୦, ଅଧିନାୟକ ସାଇ ହୋପ୍ ୫୫ ଓ ରୋଷ୍ଟୋନ ଚେଜ୍ ୫୩ ରନ୍ କରିଥିଲେ। ଭ୍ରମଣକାରୀ ଦଳ ପକ୍ଷରୁ ସାହିନ୍ ଆଫ୍ରିଦୀ ୪ଟି ଓ ନସୀମ ଶାହ ୩ଟି ୱିକେଟ ପାଇଥିଲେ। ଜବାବରେ ପାକିସ୍ତାନ ୪୮.୫ ଓଭରରେ ୫ ୱିକେଟ ହରାଇ ବିଜୟୀ ହୋଇଥିଲା। ନୱାଜ୍ ୫୪ ବଲ୍‌ରେ ଅପରାଜିତ ୬୩, ହୁସେନ ତଲତ ଅପରାଜିତ ୪୧, ଅଧିନାୟକ ରିଜୱାନ୍ ୫୩ ଓ ବାବର ଆଜମ ୪୭ ରନ୍ କରିଥିଲେ। ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌ରେ ପାକିସ୍ତାନ ୧-୦ରେ ଆଗୁଆ ରହିଛି। ସେହିପରି ପୂର୍ବରୁ ଖେଳାଯାଇଥିବା ଟି-୨୦ ସିରିଜ୍‌କୁ ପାକିସ୍ତାନ ୨-୧ ବ୍ୟବଧାନରେ ଜିତିନେଇଥିଲା।




ଆଜି ୱାର୍ଲ୍ଡ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ବ୍ରୋଞ୍ଜ୍

# କଳିଙ୍ଗରୁ ଟୋକିଓକୁ ଯୋଗ୍ୟତା ଲକ୍ଷ୍ୟ

ଭୁବନେଶ୍ୱର, ୯।୮ (ସମିସ):

ଭାରତୀୟ କ୍ରୀଡ଼ା ଇତିହାସରେ ରବିବାର ଆଉ ଏକ ନୂଆ ଅଧ୍ୟାୟ ଯୋଡ଼ି ହେବାକୁ ଯାଉଛି। ପ୍ରଥମଥର ଲାଗି ବିଶ୍ୱସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା ୱାର୍ଲ୍ଡ ଆଥ୍ଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ (ବ୍ରୋଞ୍ଜ ଲେଭଲ୍) ଭାରତରେ ଆୟୋଜିତ ହେବାକୁ ଯାଉଛି। ଆଇକନିକ କଳିଙ୍ଗ ଷ୍ଟାଡିୟମ ଏହି ମେଗା ଇଭେଣ୍ଟ ଆୟୋଜନ କରିବାର ସୌଭାଗ୍ୟ ଲାଭ କରିଛି। ପୂର୍ବରୁ ଦୁଇ ଦୁଇଥର ଏଫ୍‌ଆଇଏଚ୍ ହକି ବିଶ୍ୱକପ୍ (୨୦୧୮ ଓ ୨୦୨୩), ଏସିଆନ ଆଥ୍ଲେଟିକ୍ସ ଚାମ୍ପିଅନସିପ୍ (୨୦୧୭), ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍ (୨୦୨୨) ଭଳି ବିଶ୍ୱସ୍ତରୀୟ ଇଭେଣ୍ଟ ଆୟୋଜନ କରିଥିବା କଳିଙ୍ଗ କ୍ରୀଡ଼ା ଇତିହାସରେ ମଧ୍ୟ ଆଉ ଏକ ନୂଆ ଫର୍ଦ୍ଦ ଯୋଡ଼ି ହେବ।

ରବିବାର ଅପରାହ୍ଣରେ ଆରମ୍ଭ ହେବାକୁ ଥିବା ୱାର୍ଲ୍ଡ ଆଥ୍ଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍‌କୁ ବିଶ୍ୱ ଆଥ୍ଲେଟିକ, ଭାରତୀୟ ଆଥଲେଟିକ ମହାସଂଘ ଓ ଓଡ଼ିଶା ସରକାର ମିଳିତ ଭାବେ ଆୟୋଜନ କରୁଛନ୍ତି। ସାଢ଼େ ୩ ଘଣ୍ଟାର ଏହି ଦୌଡ଼କୁଦ ପ୍ରତିଯୋଗିତାରେ ବିଶ୍ୱର ୧୭ ଦେଶର ୧୫୬ଜଣ ଆଥଲେଟ ଭାଗନେବେ। ଯେଉଁଥିରେ ଆୟୋଜକ ଭାରତରୁ ସର୍ବାଧିକ ୯୩ଜଣ ରହିଛନ୍ତି। ୧୯ଟି ମେଡାଲ ଇଭେଣ୍ଟରେ ପ୍ରତିଯୋଗିତା ହେବ। ପୁରୁଷ ଓ ମହିଳାରେ ୯ଟି ଲେଖାଏ କ୍ରୀଡ଼ା ଇଭେଣ୍ଟ ରହିଥିବାବେଳେ ଗୋଟିଏ ମିକ୍ସଡ ରିଲେ ରେସ୍ ରହିଛି। ଆଥ୍ଲେଟଙ୍କ ପାଇଁ ଏହା କେବଳ ଯେ ଏକ ପଦକ ପ୍ରତିଯୋଗିତା ନୁହେଁ, ବରଂ କଳିଙ୍ଗରେ ଭଲ ପ୍ରଦର୍ଶନ କରି ଆସନ୍ତା ମାସରେ ଜାପାନର ଟୋକିଓରେ ହେବାକୁ ଥିବା ବିଶ୍ୱ ଚାମ୍ପିଅନସିପକୁ ଯୋଗ୍ୟତା ଅର୍ଜନ କରିବାକୁ ଆଥଲେଟଙ୍କ ଲାଗି ଏକ ସୁବର୍ଣ୍ଣ ସୁଯୋଗ ସୃଷ୍ଟି କରିଛି। ଏହି ଯୋଗ୍ୟତା ସିଧାସଳଖ ଧାର୍ଯ୍ୟ ଟାଇମିଂ ମାଧ୍ୟମରେ ହୋଇପାରେ କିମ୍ବା ୱାର୍ଲ୍ଡ ର୍‍ୟାଙ୍କିଂ ପଏଣ୍ଟରେ ଉନ୍ନତି ଆଣି ବିଶ୍ୱ ଚାମ୍ପିଅନସିପ୍ ଟିକଟ୍ ହାସଲ କରିପାରିବେ।

### ଅନିମେଶଙ୍କ ଉପରେ ନଜର

ଦୁଇଥରର ଅଲିମ୍ପିକ ପଦକ ବିଜେତା ନୀରଜ ଚୋପ୍ରା ଏହି ଇଭେଣ୍ଟରୁ ଓହରିଯାଇଛନ୍ତି। ସେ ବିଶ୍ୱ ଚାମ୍ପିଅନସିପ୍‌କୁ ଆଗୁଆ ଯୋଗ୍ୟତା ଅର୍ଜନ କରିଥିବାରୁ ଏବେ ୟୁରୋପରେ ତାଙ୍କ ପ୍ରସ୍ତୁତି ଚଳାଇଛନ୍ତି। ନୀରଜ ଭାଗନେଉ ନ ଥିବାରୁ ଏବେ ସମସ୍ତଙ୍କ ଫୋକସରେ ରହିଛନ୍ତି ଦେଶ ତଥା ରାଜ୍ୟର ତାରକା ସ୍ପ୍ରିଣ୍ଟର



ଅନିମେଶ କୁଜୁର। ଭୁବନେଶ୍ୱରରେ ଦୀର୍ଘ ବର୍ଷ ଧରି ପ୍ରଶିକ୍ଷଣ ନେଉଥିବା ଅନିମେଶ ଘରୋଇ ପଡ଼ିଆ ଓ ଦର୍ଶକଙ୍କ ସାମ୍ନାରେ କିଭଳି ପ୍ରଦର୍ଶନ କରୁଛନ୍ତି ତାହା ଉପରେ ସମସ୍ତ ନଜର ରହିଛି। ଅନିମେଶ ବର୍ତ୍ତମାନ ଉଭୟ ୧୦୦ ଓ ୨୦୦ ମିଟରରେ ଜାତୀୟ ରେକର୍ଡର ଅଧିକାରୀ ରହିଛନ୍ତି। ଉଭୟ ରେକର୍ଡକୁ ସେ ଚଳିତ ବର୍ଷ ହାସଲ କରିଛନ୍ତି। ୧୦୦ ମିଟରକୁ ସେ ୧୦.୧୮ ସେକେଣ୍ଡରେ ଓ ୨୦୦ ମିଟରକୁ ୨୦.୩୨ ସେକେଣ୍ଡରେ ଫିନିଶ କରି ଶ୍ରେଷ୍ଠତ୍ୱ ଦେଇଛନ୍ତି। ଆଗାମୀ ଟୋକିଓ ବିଶ୍ୱ ଚାମ୍ପିଅନସିପ୍ ଲାଗି ୧୦୦ ମିଟରରେ ୧୦ ସେକେଣ୍ଡ ଓ ୨୦୦ ମିଟରରେ ୨୦.୧୬ ସେକେଣ୍ଡ ଯୋଗ୍ୟତା ଟାଇମିଂ ରହିଛି। ଅନିମେଶ ଏହାକୁ ଏଠାରେ ହାସଲ କରି ଟୋକିଓକୁ ଯୋଗ୍ୟତା ଅର୍ଜନ କରନ୍ତୁ ବୋଲି ଓଡ଼ିଶା କ୍ରୀଡ଼ାପ୍ରେମୀ ଆଶା ରଖିଛନ୍ତି। ଅନିମେଶଙ୍କ ବ୍ୟତୀତ ଓଡ଼ିଶାରୁ ଶ୍ରାବଣୀ ନନ୍ଦ, ଲାଲୁପ୍ରସାଦ ଭୋଇ, ପ୍ରଜ୍ଞା ପ୍ରଶାନ୍ତି ସାହୁ ମଧ୍ୟ ଏଥିରେ ଭାଗନେବେ।

### ଦର୍ଶକଙ୍କ ଲାଗି ୩ଟି ପ୍ରବେଶ ପଥ

ଏହି ମେଗା ଇଭେଣ୍ଟ ଲାଗି ଦର୍ଶକଙ୍କ ପାଇଁ ମାଗଣା ପ୍ରବେଶ ବ୍ୟବସ୍ଥା କରାଯାଇଛି। ୩ଟି ଫାଟକ ଦେଇ ଦର୍ଶକ କଳିଙ୍ଗ ଷ୍ଟାଡିୟମକୁ ଯାଇପାରିବେ। ଯେଉଁମାନେ ବିନା ଗାଡ଼ିରେ ଆସିଥିବେ ସେମାନେ ଫାଟକ ନଂ-୩, ଦୁଇ ଚକିଆ ଓ ଚାରି ଚକିଆରେ ଆସିଥିବା ଦର୍ଶକ ଯଥାକ୍ରମେ ଗେଟ୍ ନଂ-୪ ଓ ଗେଟ୍ ନଂ-୮ ବି'ରେ ପ୍ରବେଶ କରିବେ।

### ୱାର୍ଲ୍ଡ ଆଥଲେଟିକ କଣ୍ଟିନେଣ୍ଟାଲ ଟୁର୍ କ'ଣ

ୱାର୍ଲ୍ଡ ଆଥଲେଟିକ୍ସ ପକ୍ଷରୁ ୨୦୨୦ରେ ପ୍ରଥମେ 'ୱାର୍ଲ୍ଡ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍' ଆରମ୍ଭ କରାଯାଇଥିଲା। ଇଣ୍ଟରନ୍ୟାସନାଲ ଟ୍ରାକ୍ ଆଣ୍ଡ ଫିଲ୍ଡର ଏକାଧିକ ଇଭେଣ୍ଟକୁ ନେଇ ଏହା ଆୟୋଜିତ ହୋଇଥାଏ। ଏହା ଏକ ଏକଦିବସୀୟ ଇଭେଣ୍ଟ। ଡାଇମଣ୍ଡ ଲିଗରୁ ଏହାର ର୍‍ୟାଙ୍କ ନିମ୍ନ। କଣ୍ଟିନେଣ୍ଟାଲ ଟୁର୍ ୪ଟି ସ୍ତରରେ ଅନୁଷ୍ଠିତ ହୋଇଥାଏ। ଯଥା ଗୋଲ୍ଡ, ସିଲଭର, ବ୍ରୋଞ୍ଜ ଓ ଚ୍ୟାଲେଞ୍ଜର। ଭୁବନେଶ୍ୱରରେ ଅନୁଷ୍ଠିତ ହେଉଥିବା ବ୍ରୋଞ୍ଜ ଲେଭଲ୍‌ରେ ମୋଟ୍ ୨୫ ହଜାର ଡଲାର (ପାଖାପାଖି ୨୨ ଲକ୍ଷ ଟଙ୍କା) ପୁରସ୍କାର ରାଶି ରହିଛି। ପୋଡିୟମର ପ୍ରଥମ ୪ଟି ସ୍ଥାନରେ ରହିଥିବା ଖେଳାଳିଙ୍କୁ ଅର୍ଥରାଶି ପ୍ରଦାନ କରାଯିବ। ପ୍ରଥମ ସ୍ଥାନରେ ରହିଥିବା ଖେଳାଳି ୭୦ ହଜାର ଟଙ୍କା ପାଇବେ।

---

୧୩ ବର୍ଷରୁ କମ୍ ଚେସ୍

## ଓପନ୍‌ରେ ୩, ବାଳିକାରେ ୪ ଆଗୁଆ

ପୁରୀ, ୯।୮ (ସମିସ): ଓଡ଼ିଶା ରାଜ୍ୟ ଓ ପୁରୀ ଜିଲ୍ଲା ଚେସ ସଂଘର ମିଳିତ ଆନୁକୂଲ୍ୟରେ ପୁରୀ କ୍ରିକେଟ ଷ୍ଟାଡିୟମ୍ ପରିସରରେ ଚାଲିଥିବା ରାଜ୍ୟ ୧୩ ବର୍ଷରୁ କମ୍ ଚେସ୍‌ର ୪ର୍ଥ ରାଉଣ୍ଡ ଶନିବାର ଶେଷ ହୋଇଛି। ୪ର୍ଥ ରାଉଣ୍ଡ ଶେଷରେ ଓପନ ବିଭାଗରେ ୩ଜଣ ଖେଳାଳି ୪ ପଏଣ୍ଟ ସହ ପ୍ରଥମ ସ୍ଥାନରେ ରହିଛନ୍ତି। ଏହି ଖେଳାଳିମାନେ ହେଲେ ଶିୟାମ ସତ୍ୟାଂଶ, ଆର୍ଯ୍ୟନ ବେହେରା ଓ ସ୍ୱସ୍ତିକ ଶୁଭ ପଟ୍ଟନାୟକ। ଏମାନଙ୍କ ପଛକୁ ଆଦିତ୍ୟ ଜେନା, ଆଦର୍ଶ କୁମାର ବେରିହା, ବିନୀତ ନାୟକ ଓ ରାଘବ ବିଶ୍ୱାଳ ୩.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରି ମିଳିତଭାବେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ବାଳିକା



ବିଭାଗରେ ନିଭ୍ରିତା ପଟ୍ଟନାୟକ, ଲବ୍ଧି ସ୍ୱାଇଁ, ଶୁଭସ୍ମିତା ପ୍ରିୟଦର୍ଶିନୀ, ଅନିଶା ଆଚାର୍ଯ୍ୟ ଓ ନୟନିକା ସାହୁ ୩.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରି ମିଳିତଭାବେ ପ୍ରଥମ ସ୍ଥାନରେ ରହିଛନ୍ତି। ଆର୍ଣ୍ଣିକା ଦାଶ, ଅଦିତି ମହାରଣା, ଇଶାନୀ ଦାସ ଓ ୟେଶସ୍ୱୀ ବିବେକ ବାରଢ଼େ ୩ ପଏଣ୍ଟ ଲେଖାଏଁ ସଂଗ୍ରହ କରି ମିଳିତଭାବେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ୮ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ ୧୪ଟି ଜିଲ୍ଲାରୁ ମୋଟ ୧୨୮ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଓପନରରେ ୮୮ ଓ ବାଳିକାରେ ୪୦ଜଣ ପ୍ରତିଯୋଗୀ ରହିଛନ୍ତି। ଏଥିରେ ମୋଟ ୫୨ଟି ଟ୍ରଫି ସହ ୨୦,୦୦୦ ଟଙ୍କାର ପୁରସ୍କାର ପ୍ରଦାନ କରାଯିବ।

## ୧୦ ବର୍ଷରୁ କମ୍ ଓପନ୍ ଚେସରେ ଆୟୁଷ ଚାମ୍ପିଅନ




ଭୁବନେଶ୍ୱର, ୯।୮ (ସମିସ): ଓଡ଼ିଶା ଷ୍ଟେଟ୍ ଚେସ୍ ଆସୋସିଏସନ ଆନୁକୂଲ୍ୟରେ ଏକଦିବସୀୟ ୧୦ ବର୍ଷରୁ କମ୍ ଓପନ ଚେସ୍ ଅନୁଷ୍ଠିତ ହୋଇଯାଇଛି। ବଡ଼ଗଡ଼ସ୍ଥିତ ଓମ୍ ଗୁରୁକୂଳ ପବ୍ଲିକ ସ୍କୁଲରେ ଆୟୋଜିତ ଏହି ୪ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ଆୟୁଷ ଦାସ (ସେଣ୍ଟ ଜାଭିଅର ସ୍କୁଲ, ଭୁବନେଶ୍ୱର) ଚାମ୍ପିଅନ ହୋଇଛନ୍ତି। ସେହିଭଳି ଅର୍ନବ ଦାଶ, ସତଭିକ ମହାନ୍ତି, ସନ୍ଦୀପ ବେହେରା ଓ ଆୟୁଷମାନ ମହାନ୍ତି ଯଥାକ୍ରମେ ୨ୟରୁ ୫ମ ସ୍ଥାନ ମଧ୍ୟରେ ରହିଛନ୍ତି। ବିଭିନ୍ନ ବୟସବର୍ଗରେ ଭେଦିକା ସିଂ, ଆଦିତ୍ୟ ନାରାୟଣ ମହାପାତ୍ର, ପ୍ରଣତୀ ଦାସ, ସାଏଶ ସାହୁ ଓ ଶ୍ରାଗଭି ସାହୁ ପ୍ରଥମ ସ୍ଥାନ ହାସଲ କରିଛନ୍ତି।

## ଜାତୀୟ ମାଷ୍ଟର ଶକ୍ତିଉତ୍ତୋଳନରେ ଓଡ଼ିଶାକୁ ଆଉ ୩ ପଦକ



ଭୁବନେଶ୍ୱର, ୯।୮ (ସମିସ): କେରଳରେ ଚାଲିଥିବା ଜାତୀୟ ମାଷ୍ଟର ଶକ୍ତିଉତ୍ତୋଳନ ପ୍ରତିଯୋଗିତାରେ ଓଡ଼ିଶାକୁ ଆଉ ୩ଟି ପଦକ ମିଳିଛି। ଶନିବାର ଗୋଟିଏ ସ୍ୱର୍ଣ୍ଣ ଓ ୨ଟି କାଂସ୍ୟ ସହ ମୋଟ ୩ଟି ପଦକ ଜିତିଛି। ୯୩ କିଗ୍ରା ଓଜନବର୍ଗରେ ବାବୁଲା ସାମଲ ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେହିଭଳି ୬୩ କିଗ୍ରାରେ ନିହତି ବର୍ମନ ନାୟକ ଓ ୭୬ କିଗ୍ରା ମୌସୁମୀ ତର୍କି କାଂସ୍ୟ ପଦକ ହାସଲ କରିଛନ୍ତି। ପୂର୍ବରୁ ଓଡ଼ିଶା ଗୋଟିଏ ସ୍ୱର୍ଣ୍ଣ ଓ ୪ଟି ରୌପ୍ୟ ପଦକ ବିଜୟୀ ହୋଇଥିଲା। ଫଳରେ ଏହି ପ୍ରତିଯୋଗିତାରେ ଓଡ଼ିଶାର ପଦକ ସଂଖ୍ୟା ୮ରେ ପହଞ୍ଚିଛି। ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ୧୮ ଜଣ ଅଂଶଗ୍ରହଣ କରିଛନ୍ତି।

## ଓସିଏର ସ୍କୋରର୍ ପ୍ରଶିକ୍ଷଣ ଶିବିରରେ ଭାଗନେଲେ ୬୮

ଭୁବନେଶ୍ୱର, ୯।୮ (ସମିସ): ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ବାରବାଟୀ ଷ୍ଟାଡିୟମ ପରିସରରେ ଏକ ସ୍କୋରର୍ ପ୍ରଶିକ୍ଷଣ କର୍ମଶାଳ ଅନୁଷ୍ଠିତ ହୋଇଯାଇଛି। ଏଥରେ ରାଜ୍ୟର ୬୮ଜଣ ସ୍କୋରର୍ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରେ ୪୦ଜଣ ନବାଗତ ସ୍କୋରର୍ ରହିଥିଲେ। ଓସିଏର ଆଗାମୀ ଘରୋଇ ସିଜନରେ ଏମାନେ ସ୍କୋରିଂରେ ସହାୟତା କରିବେ। ବିସିସିଆଇ ସ୍ୱିକୃତୀପ୍ରାପ୍ତ ସ୍କୋରର୍ ସିଡି ସୁନିଲଙ୍କ ତତ୍ତ୍ୱାବଧାନରେ ଏହି କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଓସିଏର ଡାଟା ମ୍ୟାନେଜମେଣ୍ଟ ମୁଖ୍ୟ ଗଣେଶ କର, ସିଇଓ ସୁବ୍ରତ ବେହେରା ପ୍ରମୁଖ ଏହି ଅବସରରେ ଉପସ୍ଥିତ ରହିଥିଲେ।

---

ଏସିଆନ୍ ସର୍ଫିଂ ଚାମ୍ପିଅନସିପ୍

## ଫାଇନାଲରେ ରମେଶ ବୁଦ୍ଧିଲାଲ୍

ଚେନ୍ନଇ, ୯।୮ (ଏଜେନ୍ସି):

ସର୍ଫିଂ‌ରେ ବିରାଟ ଢେଉକୁ ସାମ୍ନା କରିବା ଓ ବିପୁଳ ଅର୍ଥବ୍ୟୟ କରିବା ଭାରତୀୟଙ୍କ ପକ୍ଷେ ସମ୍ଭବ ନୁହେଁ। କିନ୍ତୁ ଏହାକୁ ସଫଳତାର ସହ ମୁକାବିଲା କରିବାରେ ସମର୍ଥ ହୋଇଛନ୍ତି ଜଣେ ଭାରତୀୟ ରମେଶ ବୁଦ୍ଧିଲାଲ। ମହାବଳିପୁରମରେ ଚାଲିଥିବା ଏସିଆନ୍ ସର୍ଫିଂ ଫାଇନାଲରେ ପ୍ରବେଶ କରି ରମେଶ ଭାରତୀୟମାନେ ଏଭଳି କରିପାରିବେ ବୋଲି ବିଶ୍ୱାସ ଜନ୍ମାଇବାରେ ସମର୍ଥ ହୋଇଛନ୍ତି। ଏହି ରେସ୍‌ରେ ଇଣ୍ଡୋନେସିଆର ପାଜାର ଆରିୟାନା ପ୍ରଥମ ସ୍ଥାନରେ ରହିଥିଲେ। ଏଥିରେ ଦ୍ୱିତୀୟ ସ୍ଥାନିତ ଖେଳାଳି ମଧ୍ୟ ଫାଇନାଲରେ ପ୍ରବେଶ କରିପାରିବେ। ଚୀନ୍‌ର ଶିଡୋଙ୍ଗ ଊ ଓ ଭାରତର କିଶୋର କୁମାରଙ୍କୁ ପଛରେ ପକାଇ ରମେଶ ଦ୍ୱିତୀୟ ସ୍ଥାନ ଅଧିକାର କରି ପାଜାରଙ୍କ ସହ ଫାଇନାଲରେ ପ୍ରବେଶ କରିଛନ୍ତି। କେରଳ କୋଭାଲାମ୍‌ରେ ଏକ ଗରିବ ପରିବାରରେ ଜନ୍ମଗ୍ରହଣ କରିଥିବା ରମେଶ କୋଭାଲାମ




ସର୍ଫିଂ କ୍ଲବ୍ ଓ ବେଲଜିୟମ ସରକାରଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିବା ସେବାଷ୍ଟିଆନ୍ ଇଣ୍ଡିଆନ୍ ସୋସିଆଲ ପ୍ରୋଜେକ୍ଟରେ ସର୍ଫିଂ ଅଭ୍ୟାସ କରିଥିଲେ। ଭାରତରେ ସର୍ଫିଂ ଲାଗି ବିଶେଷ ପ୍ରାୟୋଜକ ନାହାନ୍ତି କିମ୍ବା କୌଣସି ବେସରକାରୀ ଓ ସରକାରୀ ସଂଗଠନ ସହାୟତା ଯୋଗାଇ ନ ଥାନ୍ତି। ଏଭଳି ସ୍ଥିତିରେ ସର୍ଫିଂ ଲାଗି ଆବଶ୍ୟକ ସର୍ଫବୋର୍ଡ, ୱେଟସୁଇଟ୍ସ ଓ ବିଭିନ୍ନ ସ୍ଥାନକୁ ଯାତ୍ରା କରିବା ଲାଗି ଆବଶ୍ୟକ ଅର୍ଥ ମିଳି ନ ଥାଏ। ଏହା ସତ୍ତ୍ୱେ ଅନେକ ବଦାନ୍ୟ ବ୍ୟକ୍ତିଙ୍କ ସହାୟତାରେ ଏହି କ୍ରୀଡ଼ା ଭାରତରେ ତିଷ୍ଠି ରହିଛି।

ରମେଶ ଫାଇନାଲରେ ପ୍ରବେଶ କରିବା ପରେ ଭାରତୀୟଙ୍କ ଲାଗି ଇତିହାସ ସୃଷ୍ଟି କରିଛନ୍ତି। ଜାପାନରେ ହେବାକୁ ଥିବା ପରବର୍ତ୍ତୀ ଏସିଆଡ୍‌ରେ ସର୍ଫିଂ କ୍ରୀଡ଼ା ଏକ ଇଭେଣ୍ଟ ଭାବେ ଖେଳାଯିବ। ଏଥିଲାଗି ଭାରତରୁ ୨ଟି କୋଟା ସଂରକ୍ଷିତ ରହିଛି। ଏସିଆଡ୍ ଗେମ୍ସ ଆରମ୍ଭ ହେଲାବେଳକୁ ଆହୁରି କିଛି ସ୍ଥାନ ଭାରତୀୟଙ୍କୁ ମିଳିବ। ଏଠାରେ କିନ୍ତୁ ରମେଶ ଇଣ୍ଡୋନେସିଆର ମେଗା ଆର୍ଟାନା, ଆରିଆନା, ଦକ୍ଷିଣ କୋରିଅରୀ କାନୋଆ ହିଜାଏଙ୍କ ବିପକ୍ଷରେ ପଦକ ଜିତିବା ଲାଗି ଜୋରଦାର ଲଢ଼େଇ କରିବାକୁ ହେବ। ସେ ପଦକ ଜିତନ୍ତୁ କି ନାହିଁ, ସର୍ଫିଂ ଇତିହାସରେ ଭାରତ ଯେ ଇତିହାସ ସୃଷ୍ଟି କରିବାକୁ ଯାଉଛି ଏଥିରେ ସନ୍ଦେହ ନାହିଁ।

## ୟୁପି ଟି-୨୦ ଲିଗ୍‌ରୁ ଦୟାଲ ବାସନ୍ଦ

ଲକ୍ଷ୍ନୌ, ୯।୮ (ଏଜେନ୍ସି): ଆଇପିଏଲ୍ ଟ୍ରଫି ବିଜୟୀ ରୟାଲ୍ସ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଦ୍ରୁତ ବୋଲର ୟଶ ଦୟାଲଙ୍କ ପାଇଁ ଅଡୁଆ ବଢ଼ିବାରେ




ଲାଗିଛି। ଦୁଷ୍କର୍ମ ମାମଲାରେ ଛନ୍ଦି ହୋଇପଡ଼ିଥିବା ଦୟାଲଙ୍କୁ ଆଗାମୀ ୟୁପି ଟି-୨୦ ଲିଗ୍‌ରେ ଖେଳିବାରୁ ବାସନ୍ଦ କରାଯାଇଛି। ଉତ୍ତର ପ୍ରଦେଶ କ୍ରିକେଟ ଆସୋସିଏସନ (ୟୁପିସିଏ) ଏହି ବାସନ୍ଦାଦେଶ ଲଗାଇଛି। ୟୁପି ଟି-୨୦ ଲିଗ୍‌ରେ ଗୋରଖପୁର ଲାୟନ୍ସ ଦଳ ଦୟାଲ୍‌ଙ୍କୁ ୭ ଲକ୍ଷ ଟଙ୍କାରେ କ୍ରୟ କରିଥିଲା। ଉଲ୍ଲେଖଯୋଗ୍ୟ, ଗତ ଜୁଲାଇରେ ଜଣେ ୧୭ ବର୍ଷୀୟା ନାବାଳିକା ଜୟପୁରର ସାଙ୍ଗନର ସଦର ପୁଲିସ ଷ୍ଟେସନରେ ଦୟାଲଙ୍କ ନାମରେ ଦୁଷ୍କର୍ମ ଅଭିଯୋଗ କରିଥିଲେ। ଏହି ମାମଲାର ଶୁଣାଣି ଅଗଷ୍ଟ ୨୨ରେ ହେବାର ରହିଛି।

ମ୍ୟାଚ୍‌ରେ କନୱେ, ସିରିଜ୍‌ରେ ହେନରୀ ଶ୍ରେଷ୍ଠ

## ନ୍ୟୁଜିଲାଣ୍ଡର ଟେଷ୍ଟ କ୍ଲିନ୍ ସ୍ୱିପ୍




ବୁଲାୱାୟୋ, ୯।୮ (ଏଜେନ୍ସି): ଘରୋଇ ଜିମ୍ବାୱେ ଦଳକୁ ଏକ ଇନିଂସ ଓ ୩୫୯ ରନ୍‌ରେ ପରାସ୍ତ କରି ଭ୍ରମଣକାରୀ ନ୍ୟୁଜିଲାଣ୍ଡ ଏଠାରେ ଶନିବାର ଶେଷ ହୋଇଥିବା ଦ୍ୱିତୀୟ ଟେଷ୍ଟରେ ବୃହତ୍ ବିଜୟ ହାସଲ କରିଛି। ଏହା ଫଳରେ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌କୁ ନ୍ୟୁଜିଲାଣ୍ଡ କ୍ଲିନ୍ ସ୍ୱିପ୍ କରିଛି। ପୂର୍ବରୁ ଏଠାରେ ଅନୁଷ୍ଠିତ ପ୍ରଥମ ଟେଷ୍ଟକୁ ନ୍ୟୁଜିଲାଣ୍ଡ ୯ ୱିକେଟରେ ଜିତିଥିଲା। ଦ୍ୱିତୀୟ ଟେଷ୍ଟରେ ୧୫୩ ରନ୍ କରିଥିବା ନ୍ୟୁଜିଲାଣ୍ଡ ଓପନର ଡେଭନ କନୱେଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ୨ଟି ଟେଷ୍ଟରେ ୧୬ଟି ୱିକେଟ ନେଇଥିବା ଫାଷ୍ଟ ବୋଲର ମ୍ୟାଟ୍ ହେନରୀଙ୍କୁ ପ୍ଲେୟର ଅଫ୍ ଦି ସିରିଜ୍ ବିବେଚିତ କରାଯାଇଛି। ଦ୍ୱିତୀୟ ଟେଷ୍ଟରେ ପ୍ରଥମେ ବ୍ୟାଟିଂ କରି ଜିମ୍ବାୱେ ୧୨୫ ରନ୍ କରିଥିଲା। ଜବାବରେ ନ୍ୟୁଜିଲାଣ୍ଡ ୩ ୱିକେଟରେ ୬୦୧ ରନ୍ କରି ପାଳି ସମାପ୍ତି ଘୋଷଣା କରିଥିଲା। ୪୭୬ ରନ୍‌ରେ ପଛୁଆ ଥିବା ଜିମ୍ବାୱେ ଦ୍ୱିତୀୟ ଇନିଂସରେ ୧୧୭ ରନ୍ କରିଥିଲା। ନିକ୍ ୱେଲଚ ୪୭ ରନ୍ କରି ଶେଷଯାଏ ଅପରାଜିତ ରହିଥିଲେ। ନ୍ୟୁଜିଲାଣ୍ଡ ପେସ୍ ବୋଲରଙ୍କୁ ସମସ୍ତ ୧୦ଟି ଯାକ ୱିକେଟ ମିଳିଥିଲାବେଳେ ଡେବ୍ୟୁଟାଣ୍ଟ ଜାକାରି ଫୋଲ୍କସ ସର୍ବାଧିକ ୫ଟି ୱିକେଟ ପାଇଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS